୫୧

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୮/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 8/2024 | Page 16 | ₹ 7.00 | BALASORE

୫୧ଶ ଭାଗ ୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 15 | ମୂଲ୍ୟ ₹୭/-



# ବିଦ୍ରୋହୀଙ୍କ ଦଖଲରେ ଦାରା

## ସିରିଆର ୪ର୍ଥ ସହର ପରେ ଏବେ ଡାମାସ୍କସ୍ ଅଭିମୁଖେ ଅଗ୍ରସର

ଡାମାସ୍କସ୍,୭।୧୨

ସିରିଆର ବିଦ୍ରୋହୀ ଯୋଦ୍ଧାମାନେ ଶନିବାର ଦକ୍ଷିଣ ଭାଗରେ ଥିବା ଦାରା ସହରକୁ ଦଖଲ କରିଛନ୍ତି। ଏହାକୁ ମିଶାଇ ବିଦ୍ରୋହୀମାନେ ବର୍ତ୍ତମାନ ସୁଦ୍ଧା ୪ଟି ସହରକୁ ନିଜ ଅକ୍ତିଆରକୁ ନେବା ପରେ ରାଜଧାନୀ ଡାମାସ୍କସ୍ ଅଭିମୁଖେ ଅଗ୍ରସର ହେଉଛନ୍ତି। ଶୁକ୍ରବାରର ଆକ୍ରମଣରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୨,୮୦,୦୦୦ରୁ ଅଧିକ ବିସ୍ଥାପିତ ହେଲେଣି। ସେମାନେ ରାଷ୍ଟ୍ରପତି ବଶର ଅଲ୍-ଅସାଦଙ୍କୁ କ୍ଷମତାରୁ ହଟାଇବା ପାଇଁ ପ୍ରତିଜ୍ଞା କରିଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ହାତମୁଠା ଦୁର୍ବଳ ହେଉଥିବାବେଳେ ସେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ), ଇଜିପ୍ଟ ଏବଂ ଇରାକ୍‌ର ସହାୟତା ଲୋଡ଼ିଛନ୍ତି।

ଅସାଦଙ୍କ ବିରୋଧରେ ୨୦୧୧ରେ ସୃଷ୍ଟି ହୋଇଥିବା ଗୃହଯୁଦ୍ଧର ଉତ୍ପତ୍ତି ସ୍ଥଳ ଥିଲା ଦାରା ସହର। ଏହି ସହରର ପତନ ବିଦ୍ରୋହୀମାନଙ୍କ ପାଇଁ ଏକ ବଡ଼ ସଫଳତା। ଜୋର୍ଡାନ ସୀମାକୁ ଲାଗିଥିବା ଏହି ପ୍ରାଦେଶିକ ରାଜଧାନୀ ସହରରେ ପ୍ରାୟ ୧୦ ଲକ୍ଷ ଲୋକ ବସବାସ କରୁଛନ୍ତି। ଖବର ଅନୁଯାୟୀ ଅସାଦଙ୍କ ସରକାର ୟୁଏଇ, ଇଜିପ୍ଟ, ଜୋର୍ଡାନ ଏବଂ ଇରାକ୍‌ରୁ ଅସ୍ତ୍ରଶସ୍ତ୍ର ଓ ଗୋଇନ୍ଦା ସହାୟତା ଚାହୁଁଛନ୍ତି। ଦେଶର ବୃହତ୍ କେନ୍ଦ୍ରଗୁଡ଼ିକରେ ସେନା ବିଦ୍ରୋହୀଙ୍କ ନିକଟରେ ଆତ୍ମସମର୍ପଣ କରିସାରିଲାଣି। ଅସାଦଙ୍କୁ ଦେଶ ଛାଡ଼ି ପଳାଇଯିବାକୁ କେତେଜଣ ଆରବ ଅଧିକାରୀ ପରାମର୍ଶ ଦେଇଥିବା ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି।

ଇସ୍‌ଲାମୀୟ ଆତଙ୍କବାଦୀ ସଂଗଠନ ହୟାତ୍ ତହରିର୍ ଅଲ୍-ଶାମ୍ (ଏଚ୍‌ଟିଏସ୍) ନେତୃତ୍ୱରେ ସିରିଆ ବିଦ୍ରୋହୀମାନେ ନଭେମ୍ବର ୨୭ରୁ ଅତର୍କିତ ଆକ୍ରମଣ ଆରମ୍ଭ କରିଥିଲେ। ସେମାନେ ଉତ୍ତରପଶ୍ଚିମ ଭାଗରେ ଥିବା ନିଜ ଗଡ଼ରୁ ଅଗ୍ରସର ହୋଇ ଉତ୍ତର ଓ କେନ୍ଦ୍ରୀୟ ସିରିଆର ଅନେକ ଅଞ୍ଚଳକୁ ଦଖଲ କରିସାରିଲେଣି। ଦେଶର ପ୍ରମୁଖ ସହର ଆଲେପ୍ପୋ, ହମା ଏବଂ ଡେଇର୍ ଇଜୋର ଏବେ ସେମାନଙ୍କ ଅକ୍ତିଆରରେ। ବିଦ୍ରୋହୀମାନେ ଦେଶର ତୃତୀୟ ବୃହତ୍ ସହର ହୋମ୍ସର ନିକଟତର ହୋଇଛନ୍ତି। କେବଳ ଶୁକ୍ରବାରର ଆକ୍ରମଣରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଆକ୍ରମଣ ଯୋଗୁ ୧୫ ଲକ୍ଷ ଲୋକ ଘରଦ୍ୱାର ହରାଇପାରନ୍ତି ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି। ସିରିଆ ସ୍ଥିତିର ରାଜନୈତିକ ସମାଧାନ ପାଇଁ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ତୁର୍କୀ ପ୍ରତିପକ୍ଷ ହାକନ ଫିଦାଁଙ୍କ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ସିରିଆ ସହ ତୁର୍କୀର ୯୧୧ କିଲୋମିଟର ସୀମା ରହିଥିବାବେଳେ ଏହି ଦେଶ ଅସାଦଙ୍କ ବହିଷ୍କାର ପାଇଁ ୨୦୧୧ ଗୃହଯୁଦ୍ଧ ଆରମ୍ଭ ସମୟରୁ ବିଦ୍ରୋହୀ ସଂଗଠନକୁ ସମର୍ଥନ କରିଆସୁଛି। ଆମେ ଅସାଦ ସରକାରଙ୍କୁ କ୍ଷମତାଚ୍ୟୁତ କରି ନୂଆ ସରକାର ଗଢ଼ିବାକୁ ଚାହୁଁ ବୋଲି ଏଚ୍‌ଟିଏସ୍ ନେତା ଅବୁ ମହମ୍ମଦ ଅଲ୍-ଜୱାନି କହିଛନ୍ତି। ବିଦ୍ରୋହୀଙ୍କ ସହ ସିରିଆ ନ୍ୟାଶନାଲ ଆର୍ମି କୁହାଯାଉଥିବା ତୁର୍କୀ ସମର୍ଥିତ ମିଲିସିଆମାନେ ରହିଛନ୍ତି।


ସିରିଆ ବିଦ୍ରୋହୀମାନେ ହୋମ୍ସ ସହରରେ ପ୍ରବେଶ କରୁଛନ୍ତି।

### ସିରିଆ ନ ଯିବାକୁ ଭାରତର ପରାମର୍ଶ

ନୂଆଦିଲ୍ଲୀ,୭।୧୨

ସିରିଆ ବିଦ୍ରୋହୀମାନେ ଆକ୍ରମଣ ଜାରି ରଖିବା ସହ ଗୋଟିଏ ପରେ ଗୋଟିଏ ସହର ଦଖଲକୁ ନେଉଥିବାବେଳେ ଭାରତ ଏହାର ନାଗରିକମାନଙ୍କୁ ସେଠାକୁ ନ ଯିବା ଲାଗି ପରାମର୍ଶ ଦେଇଛି। ସେଠାରେ ରହିଥିବା ଭାରତୀୟମାନଙ୍କୁ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ଏବଂ ଯଥାସମ୍ଭବ ଘରେ ରହିବାକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଡଭାଇଜରିରେ କୁହାଯାଇଛି। ଏଥିସହିତ ସେମାନେ ଯଥାଶୀଘ୍ର ଉପଲବ୍ଧବ୍ୟବସାୟିକବିମାନରେଭାରତ ଫେରିଆସିବାକୁ ପରାମର୍ଶ ଦିଆଯାଇଛି।

## ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ଧମକ

ମୁମ୍ବାଇ, ୭।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହତ୍ୟା ନେଇ ଶନିବାର ମୁମ୍ବାଇ ପୋଲିସକୁ ଏକ ଧମକ ହସ୍ତଗତ ହୋଇଛି। ଘଟଣା ସମ୍ପର୍କରେ ମୁମ୍ବାଇ ପୋଲିସର ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ମୁମ୍ବାଇ ଟ୍ରାଫିକ୍ ପୋଲିସର ହେଲ୍‌ପଲାଇନ ନମ୍ବରକୁ ହ୍ୱାଟ୍ସଆପ୍ ଯୋଗେ ଏହି ଧମକଭରା ମେସେଜ୍ ଆସିଛି। ତେବେ ଏହି ଧମକ ଯେଉଁ ନମ୍ବରରୁ ଆସିଛି, ତାହାର ଠିକଣା ରାଜସ୍ଥାନର ଅଜ୍‌ମେରରୁ ହୋଇଥିବା ସେ କହିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ମୁମ୍ବାଇ ପୋଲିସର ଏକ ଟିମ୍ ଅଜମେର ଗସ୍ତ କରିଛି। ଏହି ଧମକ ଅନୁଯାୟୀ, ୨ ଜଣ ଆଇଏସ୍‌ଆଇ ଏଜେଣ୍ଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରି ବୋମା ବିସ୍ଫୋରଣ କରିବା ପାଇଁ ଷଡ଼ଯନ୍ତ୍ର ରଚୁଛନ୍ତି। ତେବେ ଉକ୍ତ ଧମକଭରା ବାର୍ତ୍ତା ପଠାଇଥିବା ବ୍ୟକ୍ତି ଜଣକ ମାନସିକ ସ୍ତରରେ ସୁସ୍ଥ ନ ଥିବା କିମ୍ବା ମଦ ନିଶାରେ ଏପରି କରିଥିବା ନେଇ ପୋଲିସ ସନ୍ଦେହ କରୁଛି। ଘଟଣାକୁ ନେଇ ମୁମ୍ବାଇ ପୋଲିସ ନିଜ ଆଡୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଗତ କିଛିଦିନ ମଧ୍ୟରେ ମୁମ୍ବାଇ ଟ୍ରାଫିକ୍ ପୋଲିସର ହେଲପ୍‌ଲାଇନ ନମ୍ବରକୁ ଅନେକ ହତ୍ୟା ଧମକ ହସ୍ତଗତ ହୋଇଛି, ଯାହା ପରେ ଗୁଜବ ପ୍ରମାଣିତ ହୋଇଛି। ପ୍ରାୟ ୧୦ ଦିନ ତଳେ ଅନୁରୂପ ଭାବେ ଅଭିନେତା ସଲମାନ ଖାନ୍‌ଙ୍କୁ ହତ୍ୟା ନେଇ ଧମକ ଆସିଥିଲା।

## ସଂକ୍ଷେପରେ

### ବାଂଲାଦେଶରେ ଇସ୍କନ ମନ୍ଦିର ଜାଳିଲେ କଠୋରପନ୍ଥୀ

ଢାକା, ୭।୧୨

ବାଂଲାଦେଶରେ କଠୋରପନ୍ଥୀ ସମୁଦାୟ ପକ୍ଷରୁ ହିନ୍ଦୁ ଓ ସେମାନଙ୍କ ମନ୍ଦିର ଉପରେ ଆକ୍ରମଣ ଜାରି ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ଢାକାର ଇସ୍କନ ନମହଟ୍ଟା ମନ୍ଦିରକୁ ଟାର୍ଗେଟ କରି କଠୋରପନ୍ଥୀମାନେ ଆକ୍ରମଣ କରିଥିଲେ। ସେମାନେ ମନ୍ଦିରରେ ଭଙ୍ଗାରୁଜା କରିବା ପରେ ସେଠାରେ ଥିବା ମୂର୍ତ୍ତିରେ ନିଆଁ ଲଗାଇ ଦେଇଥିଲେ। କୋଲକାତା ଇସ୍କନର ଉପାଧ୍ୟକ୍ଷ ରାଧାରମଣ ଦାସ୍ ଏନେଇ ଏକ୍ସ'ରେ ଲେଖିଛନ୍ତି, କଠୋରପନ୍ଥୀମାନେ ଢାକାର ଇସ୍କନ ନମହଟ୍ଟା ମନ୍ଦିରର ଟିଣ ଓ ଛାତକୁ ପ୍ରଥମେ ହଟାଇ ଦେଇଥିଲେ। ପରେ ସେମାନେ ଦେବଦେବୀଙ୍କ ମୂର୍ତ୍ତିରେ ପେଟ୍ରୋଲ ଢାଳି ଜାଳିଦେଇ ଦେଇଥିଲେ।

### ମହାଦେବ ଆପ୍ ବେଟିଂ ମାମଲା

### ୩୮୮ କୋଟିର ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

ନୂଆଦିଲ୍ଲୀ,୭।୧୨(ପି.ଟି.)

ମହାଦେବ ଅନ୍‌ଲାଇନ ବେଟିଂ ଆପ୍ ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ୩୮୮ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଛି। ଏହି ଦୁର୍ନୀତିରେ ଛତିଶଗଡ଼ର ବହୁ ଉଚ୍ଚପାହ୍ୟାର ରାଜନେତା ଓ ଅଧିକାରୀ ସମ୍ପୃକ୍ତ। ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟରେ ରହିଛି ମରିସସ୍ କମ୍ପାନୀ ଟାନୋ ଇନ୍‌ଭେଷ୍ଟମେଣ୍ଟ ଅପର୍ଚୁନିଟିଜ୍ ଫଣ୍ଡ ଦ୍ୱାରା ଏଫ୍‌ପିଆଇ ଏବଂ ଏଫ୍‌ଡିଆଇ ଜରିଆରେ ଦୁବାଇର ହାୱାଲା ଅପରେଟର ହରିଶଙ୍କର ଟିବ୍ରେୱାଲରେ ହୋଇଥିବା ନିବେଶ ଏବଂ ଛତିଶଗଡ଼, ମୁମ୍ବାଇ ଓ ମଧ୍ୟପ୍ରଦେଶରେ ବେଟିଂ ଆପ୍‌ର ପ୍ରମୋଟରମାନଙ୍କ ନାଁରେ ଥିବା ସମ୍ପତ୍ତି। ମନିଲଣ୍ଡରିଂ ପ୍ରତିକାର ଆଇନ ଅନୁଯାୟୀ ମୋଟ ୩୮୭.୯୯ କୋଟି ଟଙ୍କାର ସମ୍ପତ୍ତି ଜବତ କରିବାକୁ ଗତ ୫ ତାରିଖରେ ନିର୍ଦ୍ଦେଶନାମା ଜାରି ହୋଇଥିଲା।

## ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ଭୋଟ ଅଟକିଲା

ସିଓଲ,୭।୧୨

ଦକ୍ଷିଣ କୋରିଆରେ ରାଜନୈତିକ ଅଚଳାବସ୍ଥା ଜାରି ରହିଥିବାବେଳେ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲଙ୍କ ବିରୋଧରେ ବିପକ୍ଷ ଦଳ ଆଣିଥିବା ମହାଭିଯୋଗ ଉପରେ ଶନିବାର ଭୋଟ ହୋଇପାରି ନାହିଁ। ପାର୍ଲାମେଣ୍ଟରୁ ଶାସକ ଦଳର ସଦସ୍ୟମାନେ କକ୍ଷତ୍ୟାଗ କରିବାରୁ ଭୋଟଗ୍ରହଣ ଅଟକି ରହିଛି।

ବିରୋଧୀ ସଦସ୍ୟମାନେ ପାର୍ଲାମେଣ୍ଟକୁ ନିୟନ୍ତ୍ରଣକୁ ନେବା ସହ ସରକାରକୁ ଅଚଳ କରିଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ କରି ରାଷ୍ଟ୍ରପତି ୟୁନ୍ ମଙ୍ଗଳବାର ଦେଶରେ 'ଜରୁରିକାଳୀନ ସାମରିକ ଆଇନ' ଘୋଷଣା କରିଥିଲେ। ପାର୍ଲାମେଣ୍ଟରେ ଏହା ବିରୋଧରେ ପ୍ରସ୍ତାବ ଗୃହୀତ ହେବା ପରେ ବୁଧବାର ସରକାର ଉକ୍ତ ଆଇନକୁ ପ୍ରତ୍ୟାହାର କରିନେଇଥିଲେ। ଏହା ପରେ ମୁଖ୍ୟ ବିରୋଧୀ ଦଳ ଡେମୋକ୍ରାଟିକ୍ ପାର୍ଟି ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିଥିଲା। ଏହା ଉପରେ ଭୋଟକୁ ନେଇ ଗୃହରେ ଉତ୍ତେଜନା ଏବଂ ମତଭେଦ ଦେଖାଦେଇଥିଲା। ମହାଭିଯୋଗ ଗୃହୀତ କରାଇବା ପାଇଁ ବିରୋଧୀ ଶାସକ ଦଳର ଅନ୍ୟୂନ ୮ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ କରୁଥିଲେ। ଅନ୍ୟପକ୍ଷରେ ଫାଷ୍ଟ ଲେଡି କିମ୍ କେଓନ୍-ହି'ଙ୍କ ବିରୋଧରେ ତଦନ୍ତ ପାଇଁ ସ୍ୱତନ୍ତ୍ର ଓକିଲ ନିଯୁକ୍ତି ନିମନ୍ତେ ଅଣାଯାଇଥିବା ଅନ୍ୟ ଏକ ପ୍ରସ୍ତାବ ପାର୍ଲାମେଣ୍ଟରେ ଖାରଜ ହୋଇଯାଇଛି।



ଫ୍ରାନ୍ସର ପ୍ୟାରିସ୍ ସହରରେ ଥିବା ୮୬୧ ବର୍ଷର ପୁରାତନ ନୋଟ୍ରେ ଡାମ୍ କାଥେଡ୍ରାଲ୍ ୨୦୧୯ର ପ୍ରଳୟଙ୍କରୀ ଅଗ୍ନିକାଣ୍ଡରେ ଧ୍ୱଂସ ହୋଇଯାଇଥିଲା। ୫ ବର୍ଷ ମଧ୍ୟରେ ଏହାର ପୂର୍ବ ସୌନ୍ଦର୍ଯ୍ୟ ଫେରାଇ ଅଣାଯାଇଛି। ଶନିବାର ସନ୍ଧ୍ୟାରେ ଏହି ନବନିର୍ମିତ କାଥେଡ୍ରାଲ୍‌କୁ ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁଙ୍କ ସହ ବହୁ ବିଶ୍ୱନେତା, ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ୧,୫୦୦ ଅତିଥି ଯୋଗ ଦେଇଛନ୍ତି।

## ଭାରତକୁ ଅସ୍ଥିର କରାଉଥିବା ଅଭିଯୋଗକୁ ଆମେରିକାର ଖଣ୍ଡନ

ନୂଆଦିଲ୍ଲୀ,୭।୧୨

ଏକ ନ୍ୟୁଜ୍ ପୋର୍ଟାଲ ଜରିଆରେ ଆମେରିକାର ପରରାଷ୍ଟ୍ର ବିଭାଗ ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରୁଥିବା ଭାଜପା ଅଭିଯୋଗ ଆଣିଥିଲା। ଆମେରିକା ଦୂତାବାସ ଶନିବାର ଏଭଳି ଅଭିଯୋଗକୁ ଖଣ୍ଡନ କରିଛି। ଭାରତର ଶାସକ ଦଳ ଏଭଳି ଅଭିଯୋଗ ଆଣିବା ଦୁଃଖଦାୟକ ବୋଲି ନୂଆଦିଲ୍ଲୀସ୍ଥିତ ଆମେରିକା ଦୂତାବାସ ପକ୍ଷରୁ କୁହାଯାଇଛି। ଦୂତାବାସ ମୁଖ୍ୟପାତ୍ର କହିଛନ୍ତି, ଆମେରିକା ସରକାର ସାମ୍ବାଦିକମାନଙ୍କ ପେସାଦାରି ବିକାଶ ଏବଂ ସାମର୍ଥ୍ୟ ନିର୍ମାଣ ପ୍ରଶିକ୍ଷଣକୁ ସହାୟତା କରୁଥିବା ପ୍ରୋଗ୍ରାମିଂ ପାଇଁ ସ୍ୱାଧୀନ ସଂଗଠନଗୁଡ଼ିକ ସହ କାର୍ଯ୍ୟ କରୁଛନ୍ତି। ଏହି ପ୍ରୋଗ୍ରାମିଂଗୁଡ଼ିକ ସମ୍ପାଦକୀୟ ନିଷ୍ପତ୍ତି କିମ୍ବା ସଂଗଠନଗୁଡ଼ିକର ନିର୍ଦ୍ଦେଶକୁ ପ୍ରଭାବିତ କରେନାହିଁ।

ଆମେରିକା ସରକାରଙ୍କ ପ୍ରଭାବଶାଳୀ ବ୍ୟକ୍ତିମାନେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କେତେଜଣ ଖବରଦାତାଙ୍କ ସହ ଭିତିରି ସମ୍ପର୍କ ରଖି ଭାରତର ଅଭିବୃଦ୍ଧିର ଗାଥାକୁ ଭୁଲ୍ ଦର୍ଶାଇବା ପାଇଁ ପ୍ରମାଣ ନ ଥିବା ଭିତ୍ତିହୀନ ଅଭିଯୋଗ ଆଣୁଥିବା ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ଏସବୁ ଆମେରିକା ପରରାଷ୍ଟ୍ର ବିଭାଗ ସହଯୋଗରେ ହେଉଥିବା ସେ ଅଭିଯୋଗ କରିଥିଲେ। ଆମେରିକାର ନ୍ୟାୟ ବିଭାଗ ଏବଂ ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ ଭାରତୀୟ ବ୍ୟବସାୟୀ ଗୌତମ ଆଦାନୀ ଓ ତାଙ୍କ ପୁତୁରାଙ୍କ ନାଁରେ ଲାଞ୍ଚ ଅଭିଯୋଗ ଦାଏର କରିବା ପରେ ସମ୍ବିତ୍ ଏଭଳି ମନ୍ତବ୍ୟ ଦେଇଥିଲେ। ବିଦେଶୀ ୱେବ୍ ପୋର୍ଟାଲ ଅର୍ଗାନାଇଜଡ୍ କ୍ରାଇମ୍ ଆଣ୍ଡ କରପ୍‌ଶନ୍ ରିପୋର୍ଟିଂ ପ୍ରୋଜେକ୍ଟର ରିପୋର୍ଟକୁ ଦର୍ଶାଇ ରାହୁଲ ଗାନ୍ଧୀ ଆଦାନୀ ଗ୍ରୁପ୍‌କୁ ଟାର୍ଗେଟ କରିବା ସହ ଭିତ୍ତିହୀନ ଅଭିଯୋଗ ଆଣି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମାଲୋଚନା କରିଥିଲେ। ଉକ୍ତ ପୋର୍ଟାଲକୁ ଆମେରିକାର ଏକ ସଂସ୍ଥା ଓ ଜର୍ଜ ସୋରୋସ୍‌ଙ୍କ ଭଳି ପ୍ରଭାବଶାଳୀ ବ୍ୟକ୍ତି ପାଣ୍ଠି ଯୋଗାଉଥିବା ସମ୍ବିତ୍ କହିଥିଲେ।

## ଉପାସନା ସ୍ଥଳ ଆଇନକୁ ଚ୍ୟାଲେଞ୍ଜ

## ସ୍ୱତନ୍ତ୍ର ଖଣ୍ଡପୀଠରେ ହେବ ଶୁଣାଣି

ନୂଆଦିଲ୍ଲୀ,୭।୧୨(ପି.ଟି.)

୧୯୯୧ର ଉପାସନା ସ୍ଥଳ ଆଇନର କେତେକ ବ୍ୟବସ୍ଥାର ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ପାଇଁ ସୁପ୍ରିମକୋର୍ଟ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିଛନ୍ତି। ଉକ୍ତ ଆଇନ ଅନୁଯାୟୀ, କୌଣସି ଉପାସନା ସ୍ଥଳ ଉପରେ ଦାବି ଜଣାଇ କିମ୍ବା ୧୯୪୭ ଅଗଷ୍ଟ ୧୫ବେଳେ ପ୍ରଚଳିତ ଧାର୍ମିକ ସ୍ୱରୂପରେ ପରିବର୍ତ୍ତନ ନିମନ୍ତେ ମାମଲା ଦାଏର କରିବାକୁ ନିଷେଧ କରାଯାଇଛି। ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ଆସନ୍ତା ୧୨ ତାରିଖ ଅପରାହ୍ନରେ ଉକ୍ତ ପିଟିଶନଗୁଡ଼ିକର ଶୁଣାଣି କରିପାରନ୍ତି।

ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଉପାସନା ସ୍ଥଳ(ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନର ଧାରା ୨, ୩ ଏବଂ ୪କୁ ଖାରଜ କରାଯିବାକୁ ନିବେଦନ କରିଥିଲେ। କୌଣସି ବ୍ୟକ୍ତି ବା ଧର୍ମୀୟ ସଂଗଠନର ଉପାସନା ସ୍ଥଳ ନିମନ୍ତେ ପୁନଃ ଦାବି କରିବାର ନ୍ୟାୟିକ ସମାଧାନ ଅଧିକାର ଉକ୍ତ ବ୍ୟବସ୍ଥା ଛଡ଼ାଇ ନେଇଥିବା ସେ ଦର୍ଶାଇଛନ୍ତି।

ପୁରାତନ ମନ୍ଦିରଗୁଡ଼ିକୁ ଭଙ୍ଗାଯାଇ ସେହି ସ୍ଥାନରେ ବାରାଣସୀର ଜ୍ଞାନବାପି ମସ୍‌ଜିଦ, ମଥୁରାର ଶାହି ଇଦ୍‌ଗା ମସ୍‌ଜିଦ ଏବଂ ସମ୍ବଲର ଶାହି ଜାମା ମସ୍‌ଜିଦ ଆଦି ନିର୍ମାଣ ହୋଇଥିବା ଅଭିଯୋଗ କରି ସେଠାରେ ହିନ୍ଦୁମାନଙ୍କୁ ପୂଜା କରିବା ପାଇଁ ଅନୁମତି ଦେବା ନିମନ୍ତେ ବିଭିନ୍ନ ଅଦାଲତରେ ମାମଲା ବିଚାରାଧୀନ ରହିଛି। ଏଭଳି ଆବେଦନ ବିଚାରଯୋଗ୍ୟ ନୁହେଁ ବୋଲି ଅଧିକାଂଶ ମାମଲାରେ ମୁସଲମାନ ପକ୍ଷଗୁଡ଼ିକ ଯୁକ୍ତି ଦର୍ଶାଇବା ସହ ଏଥିପାଇଁ ୧୯୯୧ର ଆଇନର ଅବତାରଣା କରୁଛନ୍ତି। ଏଭଳି ସମୟରେ ଉପାସନା ସ୍ଥଳ ଆଇନରେ ଥିବା ବିଭିନ୍ନ ବ୍ୟବସ୍ଥାର ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ୬ଟି ପିଟିଶନ୍‌ର ଶୁଣାଣି ସ୍ୱତନ୍ତ୍ର ଖଣ୍ଡପୀଠରେ ହେବାକୁ ଯାଉଛି।

ଆବେଦନକାରୀମାନଙ୍କ ଯୁକ୍ତି ଅନୁଯାୟୀ ୧୯୯୧ର ଉକ୍ତ ଆଇନ ହିନ୍ଦୁ, ଶିଖ୍, ବୌଦ୍ଧ ଓ ଜୈନମାନଙ୍କ ଧର୍ମୀୟ ଅଧିକାରକୁ କ୍ଷୁଣ୍ଣ କରୁଛି। ସେମାନଙ୍କ ପୂଜାସ୍ଥଳ ବା ତୀର୍ଥସ୍ଥଳକୁ ପୂର୍ବରୁ ଆକ୍ରମଣକାରୀମାନେ ନଷ୍ଟ କରିଦେଇଥିବାବେଳେ, ସେଗୁଡ଼ିକୁ ପୁନଃ ପ୍ରାପ୍ତି କରିବାରେ ଉକ୍ତ ଆଇନ ରୋକୁଛି। ଏହା ଧର୍ମନିରପେକ୍ଷତା ଏବଂ ଆଇନଗତ ଶାସନର ସିଦ୍ଧାନ୍ତର ଉଲ୍ଲଂଘନ ବୋଲି ସେମାନେ ଦର୍ଶାଇଛନ୍ତି। ସେମାନଙ୍କୁ କୋର୍ଟ ଯିବା ଏବଂ ଆଇନଗତ ପଦକ୍ଷେପ ନେବା ଅଧିକାରରୁ ଉପାସନା ସ୍ଥଳ ଆଇନ ବଞ୍ଚିତ କରୁଛି। ରାଜ୍ୟ ସଭାର ପୂର୍ବତନ ସଦସ୍ୟ ସୁବ୍ରମଣ୍ୟମ୍ ସ୍ୱାମୀ ୧୯୯୧ ଆଇନର ବ୍ୟବସ୍ଥା ବିରୋଧରେ ଏକ ପିଟିଶନ୍ ଦାଏର କରିଥିଲେ। ଶୀର୍ଷ ଅଦାଲତ ଉକ୍ତ ଆଇନର ନିର୍ଦ୍ଦିଷ୍ଟ ବ୍ୟବସ୍ଥାଗୁଡ଼ିକର ଆଇନଗତ ବ୍ୟାଖ୍ୟା କରନ୍ତୁ, ଯେପରି ତାହା ହିନ୍ଦୁମାନଙ୍କୁ ଜ୍ଞାନବାପି ମସ୍‌ଜିଦ ଏବଂ ଶାହି ଉଦ୍‌ଗା ମସ୍‌ଜିଦରେ ସେମାନଙ୍କ ଦାବି ଉପସ୍ଥାପନ ନିମନ୍ତେ ସମର୍ଥ କରାଇବ ବୋଲି ସୁବ୍ରମଣ୍ୟମ ଚାହିଁଥିଲେ। ଅନ୍ୟପକ୍ଷରେ ଉପାଧ୍ୟାୟ ଉକ୍ତ ଆଇନର ସମ୍ପୂର୍ଣ୍ଣ ନିୟମାବଳୀ ଅସାମ୍ବିଧାନିକ ଦର୍ଶାଇ ଏହାର ବ୍ୟାଖ୍ୟା କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ଦାବି କରିଥିଲେ।

## ଫୁର୍‌ସତ୍

### ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ମିଳୁଛି ସ୍ମୋକିଂ ବ୍ରେକ୍




ବ୍ରିସ୍‌ବେନ

ଅଷ୍ଟ୍ରେଲିଆର କୁଇନ୍ସଲ୍ୟାଣ୍ଡସ୍ଥିତ ଆରେଥୁସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଜବ ନିୟମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ବିଦ୍ୟାଳୟ ନିଜ ଛାତ୍ରୀଛାତ୍ରମାନଙ୍କୁ ଧୂମପାନ କରିବାକୁ ଅନୁମତି ପ୍ରଦାନ କରିଛି। ଉକ୍ତ ବିଦ୍ୟାଳୟର କ୍ୟାମ୍ପସ୍ ମଧ୍ୟରେ ସିଗାରେଟ ଟାଣିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ବିରତି ମିଳିଥାଏ। ,ଅଷ୍ଟ୍ରେଲୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଆରେଥୁସା ବିଦ୍ୟାଳୟରେ ପିଲାମାନଙ୍କୁ ସ୍ମୋକିଂ ବ୍ରେକ୍ ପ୍ରଦାନ କରାଯାଇଥାଏ। ଏହି ବ୍ରେକ୍ ସମୟରେ ବିଦ୍ୟାଳୟ ପରିସରରେ ନିର୍ମିତ ସ୍ୱତନ୍ତ୍ର ଧୂମପାନ ଜୋନ୍‌ରେ ଏକସଙ୍ଗେ ପ୍ରାୟ ୫୦ ପିଲା ସିଗାରେଟ୍ ଟାଣିପାରନ୍ତି। ଛାତ୍ରୀଛାତ୍ରଙ୍କ ଉପରେ ପଡୁଥିବା ଚାପର ସ୍ତରକୁ ହ୍ରାସ କରିବା ଏବଂ ସେମାନଙ୍କ ମଧ୍ୟରେ ପ୍ରକାଶ ପାଉଥିବା ହିଂସ୍ର ଆଚରଣକୁ କମାଇବା ପାଇଁ ବିଦ୍ୟାଳୟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କଠାରୁ ଅନୁମତି ନିଆଯାଇଛି ବୋଲି ଆରେଥୁସା ବିଦ୍ୟାଳୟ ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ବିଦ୍ୟାଳୟ ପ୍ରଶାସନ ଅନୁଯାୟୀ, ଏନେଇ ତଦନ୍ତକାରୀ ଏଜେନ୍ସିଠାରୁ ଆରମ୍ଭ କରି ମେଡିକାଲ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇଛି। ଏ ବିଷୟରେ ଆରେଥୁସା ବିଦ୍ୟାଳୟ ପକ୍ଷରୁ କିଛି ଲୁଚା ଯାଇନାହିଁ। ଏହି ନୀତିକୁ ଖୋଲାଖୋଲି ଭାବେ ସମସ୍ତଙ୍କ ସାମ୍ନାରେ ରଖାଯାଇଥିବା ନେଇ ବିଦ୍ୟାଳୟ ପରିଚାଳନା କମିଟି କହିଛି। ତେବେ ସେମାନଙ୍କ ପ୍ରତ୍ୟାଖ୍ୟାନ ସତ୍ତ୍ୱେ ମଧ୍ୟ ସ୍କୁଲ୍ ପ୍ରଶାସନ ପକ୍ଷରୁ ପିଲାମାନଙ୍କୁ ସିଗାରେଟ ଟାଣିବାକୁ ଅନୁମତି ଦିଆଯାଇଛି ବୋଲି କେତେଜଣ ଅଭିଭାବକ ଅଭିଯୋଗ ଆଣିଛନ୍ତି। ସ୍କୁଲରେ ଏପରି ଅଜବ ନିୟମ ଯୋଗୁ ସେମାନଙ୍କର ପିଲାମାନେ ସିଗାରେଟ ଟାଣିବା ଆରମ୍ଭ କରି ଦେଇଛନ୍ତି ବୋଲି କେତେଜଣ ଅଭିଭାବକ କହିଛନ୍ତି।

### ପାସ୍‌ପୋର୍ଟ ଡିଜାଇନ୍‌ର ବିବାହ ନିମନ୍ତ୍ରଣ କାର୍ଡ




ନୂଆଦିଲ୍ଲୀ

ପାସପୋର୍ଟ ଡିଜାଇନ୍‌ର ଏକ ବିବାହ କାର୍ଡ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ବିବାହ କାର୍ଡକୁ ଯେ କେହିବି ପାସ୍‌ପୋର୍ଟ ଭାବି ଭୁଲ୍‌ରେ ଧୋକା ଖାଇଯାଉଛନ୍ତି। ଏହି କାର୍ଡର ପ୍ରଥମ ପୃଷ୍ଠାରେ କନ୍ୟା ଏବଂ ବରଙ୍କ ଫଟୋ ଏବଂ ସେମାନଙ୍କର ନାମ ଲେଖାଯାଇଛି। ବିବାହର ତାରିଖ ଏବଂ ସମାରୋହର ଅନ୍ୟାନ୍ୟ ତଥ୍ୟ ଏହି ନିମନ୍ତ୍ରଣ କାର୍ଡର ଭିତର ପୃଷ୍ଠାରେ ରହିଛି।

### ତୁଲସୀ ସବୁଠୁ ଧନୀ ଗାୟିକା


ତୁଲସୀ କୁମାର

ମୁମ୍ବାଇ: ଇଣ୍ଡିଆ ଟାଇମ୍ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ ପ୍ଲେବ୍ୟାକ୍ ସିଙ୍ଗର, ରେଡିଓ ଜକି ତଥା ମ୍ୟୁଜିସିଆନ ତୁଲସୀ କୁମାର(୩୪) ହେଉଛନ୍ତି ଭାରତର ସବୁଠୁ ଧନୀ ଗାୟିକା। ତୁଲସୀ ୨୧୦ କୋଟି ଟଙ୍କାର ମାଲିକାଣୀ ହୋଇଥିବା ନେଇ ଏହି ରିପୋର୍ଟ କହିଛି। ପ୍ରସିଦ୍ଧ ମ୍ୟୁଜିକ ପ୍ଲାଟ୍‌ଫର୍ମ ତଥା ଫିଲ୍ମ ନିର୍ମାତା କମ୍ପାନୀ' 'ଟି-ସିରିଜ'ର ପ୍ରତିଷ୍ଠାତା ଗୁଲ୍‌ଶନ କୁମାରଙ୍କ ଝିଅ ହେଉଛନ୍ତି ତୁଲସୀ। ସେ ଟି-ସିରିଜର ୟୁଟ୍ୟୁବ ଚ୍ୟାନେଲ୍ 'କିଡ୍ସ ହଟ୍'ର ମାଲିକାଣୀ ମଧ୍ୟ। ନିଜର ପ୍ରତ୍ୟେକ ଗୀତ ପାଇଁ ତୁଲସୀ ୭ରୁ ୧୦ ଲକ୍ଷ ଟଙ୍କା ଚାର୍ଜ କରିଥାନ୍ତି ବୋଲି ଉକ୍ତ ରିପୋର୍ଟ କହିଛି।

ତୁଲସୀ ଅନେକ ଭେଟେରାନ୍ ଗାୟିକାଙ୍କୁ ପଛରେ ପକାଇ ଭାରତର ସବୁଠୁ ଧନୀ ଗାୟିକା ହୋଇପାରିଛନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ, ତୁଲସୀଙ୍କ ପରେ ଶ୍ରେୟା ଘୋଷାଲ ହେଉଛନ୍ତି ଦେଶର ଦ୍ୱିତୀୟ ସବୁଠୁ ଧନୀ ଗାୟିକା। ତାଙ୍କର ୧୮୦ରୁ ୧୮୫ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ରହିଛି। ୧୦୦ରୁ ୧୧୦ କୋଟି ଟଙ୍କାର ସମ୍ପତ୍ତି ସହ ସୁନିଧି ଚୌହାନ ଏହି ତାଲିକାର ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି ୮୦ରୁ ୧୦୦ କୋଟି ଟଙ୍କାର ସମ୍ପତ୍ତି ସହ ଭେଟେରାନ ଗାୟିକା ଆଶା ଭୋଁସ୍‌ଲେ ଉକ୍ତ ତାଲିକାର ଚତୁର୍ଥ ସ୍ଥାନରେ ରହିଛନ୍ତି।

୫୧

# ଧରିତ୍ରୀ

DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୮/୨୦୨୪ | Bhubaneswar, Sunday, December 8/2024 | ପୃଷ୍ଠା-୧


# ୧୬୨୨ ପାଇଁ ଜଣେ ଡାକ୍ତର

ସରକାରୀ ବ୍ୟବସ୍ଥା ଅନୁଯାୟୀ ପ୍ରତି ୧,୦୦୦ ଜନସଂଖ୍ୟାରେ ଜଣେ ଡାକ୍ତର ରହିବା କଥା। କିନ୍ତୁ ଓଡ଼ିଶାରେ ୧,୬୨୨ ଲୋକଙ୍କ ପାଇଁ ଜଣେ ଡାକ୍ତର ରହିଛନ୍ତି। ଅର୍ଥାତ୍ ଜଣେ ଡାକ୍ତରଙ୍କ ଉପରେ ଅତିରିକ୍ତ ୬୨୨ ଲୋକଙ୍କ ବୋଝ ରହିଛି। ଏଥିରୁ ସ୍ୱାଭାବିକ ସ୍ୱାସ୍ଥ୍ୟସେବା ମିଳିବା କଷ୍ଟକର ହୋଇପଡ଼ିଛି। ଏଭଳି ବିଷୟ ବିଧାନସଭାରେ ଶନିବାର ଉପସ୍ଥାପିତ ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ(ସିଏଜି)ଙ୍କ ରିପୋର୍ଟରୁ ଜଣାପଡ଼ିଛି। ସେହିପରି ରାଜ୍ୟରେ ୪୯% ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ସହ ଜନସଂଖ୍ୟା ଓ ନର୍ସ ଅନୁପାତ ମଧ୍ୟ ଚିନ୍ତାଜନକ ରହିଥିବା ଏହି ରିପୋର୍ଟ ଦର୍ଶାଇଛି। ପ୍ରତି ୩୦୦ ଲୋକଙ୍କ ପାଇଁ ଜଣେ ନର୍ସ ରହିବାକୁ ଧାର୍ଯ୍ୟ ହୋଇଛି। ହେଲେ ଷ୍ଟାଫ୍ ନର୍ସ ନିଯୁକ୍ତି ଆବଶ୍ୟକତା ଅନୁଯାୟୀ ହୋଇ ନ ଥିବାରୁ ଜଣେ ନର୍ସଙ୍କ ଉପରେ ୩,୮୨୯ ଲୋକଙ୍କ ଚିକିତ୍ସା ବୋଝ ପଡୁଛି। ସିଏଜିଙ୍କ ଏହି ତଥ୍ୟ ସରକାରୀ ଚିକିତ୍ସା ବ୍ୟବସ୍ଥାର ଚିତ୍ରକୁ ପଦାରେ ପକାଇଛି।



## ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପିତ

ଭୁବନେଶ୍ୱର,୭।୧୨ (ଅନିଲ ଦାସ)

ରାଜ୍ୟ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ଡାକ୍ତର ଅଭାବ ସାଙ୍ଗକୁ ଦୁର୍ବଳ ଭିତ୍ତିଭୂମି ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ବିରାଟ ଅନ୍ତରାୟ ସୃଷ୍ଟି କରିଛି। କେବଳ ସେତିକି ନୁହେଁ, ଜରୁରିକାଳୀନ ସେବା ପାଇବାରୁ ମଧ୍ୟ ଲୋକେ ବଞ୍ଚିତ ହେଉଛନ୍ତି। ରାଜ୍ୟର ମେଡିକାଲ କଲେଜ ଗୁଡ଼ିକରେ ଭିତ୍ତିଭୂମି ଅଭାବ ଯୋଗୁ ଡାକ୍ତରୀ ପାଠପଢ଼ାରେ ମଧ୍ୟ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ଷ୍ଟାଫ୍ ନର୍ସ ଓ ପାରାମେଡିକାଲ ଷ୍ଟାଫ୍, ହସ୍ପିଟାଲରେ ବେଡ୍, ଔଷଧ ଯୋଗାଣ ଏବଂ ଆନୁଷଙ୍ଗିକ ଯନ୍ତ୍ରପାତି ଅଭାବ ରାଜ୍ୟ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ରକୁ ଦର୍ଶାଉଛି। ଶନିବାର ବିଧାନସଭାରେ ଉପସ୍ଥାପିତ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି)ଙ୍କ ଅଡିଟ୍ ରିପୋର୍ଟରେ ରାଜ୍ୟ ସ୍ୱାସ୍ଥ୍ୟସେବାର ଏଭଳି ଫୁଲାଫୁଲା ଅବ୍ୟବସ୍ଥାର ପର୍ଦ୍ଦାଫାଶ ହୋଇଛି। ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ନିୟମ ଅନୁଯାୟୀ ପ୍ରତି ୧ ହଜାର ଜନସଂଖ୍ୟାରେ ଜଣେ ଡାକ୍ତର ରହିବାକୁ ଥିବା ବେଳେ ରାଜ୍ୟରେ ପ୍ରତି ୧୬୨୨ରେ ଜଣେ ଡାକ୍ତର ରହିଛନ୍ତି। ସେହିପରି ୩୦୦ ରୋଗୀଙ୍କ ପାଇଁ ଜଣେ ଷ୍ଟାଫ୍‌ନର୍ସ ରହିବା ନିୟମ ଥିବାବେଳେ ରାଜ୍ୟରେ ୩୮୨୯ରେ ଜଣେ ଷ୍ଟାଫ୍‌ନର୍ସ ଅଛନ୍ତି। ମଞ୍ଜୁରିପ୍ରାପ୍ତ ପଦବୀରୁ ରାଜ୍ୟରେ ବିଶେଷଜ୍ଞ ଡାକ୍ତରଙ୍କ ସଂଖ୍ୟା ୪୯ ପ୍ରତିଶତ କମ୍ ଥିବାବେଳେ ମେଡିକାଲ ଅଫିସର ୪୦ ଓ ଷ୍ଟାଫ୍‌ନର୍ସ/ନର୍ସିଂ ଅଫିସର ପଦବୀ ୩୦ ପ୍ରତିଶତ ଖାଲିପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯଥାକ୍ରମେ ୪୦ ଓ ୫୮ ପ୍ରତିଶତ ଡାକ୍ତର ପଦବୀ ଖାଲି ରହିଛି। ସେହିପରି ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ☞ପୃଷ୍ଠା-୨

# ଆଜିଠାରୁ ଚାଷୀଙ୍କୁ ମିଳିବ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି

ଭୁବନେଶ୍ୱର, ୭।୧୨ (ଅନିଲ ଦାସ)

ରାଜ୍ୟ ସରକାର ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୮ ଶହ ଟଙ୍କାର ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଚାଷୀଙ୍କୁ ଧାନର ଇନ୍‌ପୁଟ ସହାୟତା ରାଶି ବଣ୍ଟନ କରିବେ। ବରଗଡ଼ ସୋହେଲାର ଇଛାପାଲି ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ଏ ନେଇ ସୂଚନା ଦିଆଯାଇଛି। କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୨୩୦୦ ଟଙ୍କା ଘୋଷଣା କରିଛନ୍ତି। ଏମ୍‌ଏସ୍‌ପି ସହ ଚାଷୀଙ୍କୁ ରାଜ୍ୟ ସରକାର ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ଦେବେ। ରାଜ୍ୟ ସରକାର ଚାଷୀଙ୍କଠାରୁ ମୋଟ ୩୧୦୦ ଟଙ୍କାରେ ଧାନ କିଣିବେ। ଧାନ କିଣାଯିବାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ଯିବ। ପୁରୀ, ସମ୍ବଲପୁର, ଖୋର୍ଦ୍ଧା, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ବାଲେଶ୍ୱର, ମୟୂରଭଞ୍ଜ, କନ୍ଧମାଳ, ଜଗତ୍‌ସିଂହପୁର, ଭଦ୍ରକ ଜିଲାରେ ସମାବେଶ କରି ଇନ୍‌ପୁଟ ସବ୍‌ସିଡି ବଣ୍ଟନ କରାଯିବ।

**ଆଜିର ସମ୍ପାଦକୀୟ** ବିଶ୍ୱାସର ଅଭାବ

**ଆଜିର ମନ୍ତବ୍ୟ**

ମୋଦି ସରକାର ସାଧାରଣ ଲୋକଙ୍କ ଉପରେ ଅଧିକ ଟିକସ କଷି ଅତି ଧନୀମାନଙ୍କୁ ରିହାତି ଦେଉଛନ୍ତି। ସରକାର ଲୋକଙ୍କ ବୋଝ ବଢ଼ାଇବା ପାଇଁ ସାମଗ୍ରୀ ଓ ସେବା କର (ଜିଏସ୍‌ଟି)ର ଆଉ ଏକ ସ୍ଲାବ୍ ଆଣିବାକୁ ଯାଉଛନ୍ତି।
-ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା

# ୧୧,୭୧୦ ପିଲା ଅତି ଅପପୁଷ୍ଟିର ଶିକାର

ଭୁବନେଶ୍ୱର, ୭।୧୨ (ପି.ଟି.)

ଓଡ଼ିଶାର ମୋଟ ୧୧,୭୧୦ ପିଲା ଅତି ଅପପୁଷ୍ଟି (ଏସ୍‌ଏମ୍)ର ଶିକାର ହୋଇଥିବା ନେଇ ଶନିବାର ବିଧାନସଭାକୁ ରାଜ୍ୟ ସରକାର ଅବଗତ କରାଇଛନ୍ତି। ଭାଜପା ସଦସ୍ୟ ଲକ୍ଷ୍ମଣ ବାଗ୍‌ଙ୍କ ଏକ ପ୍ରଶ୍ନର ଉତ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହା କହିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ବିବୃତି ଅନୁସାରେ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୧,୪୬୦ ଶିଶୁ ଅତି ଅପପୁଷ୍ଟିର ଶିକାର ହୋଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜିଲା କେନ୍ଦୁଝରରେ ଦ୍ୱିତୀୟ ସର୍ବାଧିକ ୧,୨୬୯ ପିଲା ଅତି ଅପପୁଷ୍ଟିରେ ପୀଡ଼ିତ। ନବରଙ୍ଗପୁର ଜିଲାରେ ୭୬୦, ରାୟଗଡ଼ା ୬୪୫, କଳାହାଣ୍ଡି ୬୩୬, ମାଲକାନଗିରି ୫୭୦, ଗଞ୍ଜାମ ୫୫୮ ଓ ବାଲେଶ୍ୱର ଜିଲାରେ ୫୩୬ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି। ଅନ୍ୟପକ୍ଷେ ଜଗତସିଂହପୁର ଜିଲାରେ ସର୍ବନିମ୍ନ ୫୦ ପିଲା ଅପପୁଷ୍ଟିର ଶିକାର ହୋଇଥିବା ନେଇ ପରିଡ଼ା ସୂଚନା ଦେଇଛନ୍ତି। ପରିଡ଼ା କହିଛନ୍ତି, ପିଲାଙ୍କଠାରେ ଅପପୁଷ୍ଟି ☞ପୃଷ୍ଠା-୨

# ମଧ୍ୟାହ୍ନଭୋଜନ ଖାଇ ୧୦୪ ଅସୁସ୍ଥ

ମୁରିବାହାଲ (ଶ୍ରୀବତ୍ସ ବେହେରା)/ଦାରିଙ୍ଗବାଡ଼ି (ଅରୁଣ ସାହୁ), ୭।୧୨

ରାଜ୍ୟର ଦୁଇ ବିଦ୍ୟାଳୟରେ ଶନିବାର ମଧ୍ୟାହ୍ନଭୋଜନ ଖାଇ ୧୦୪ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ୬୮ଜଣ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ମାଲିସିରା ଗ୍ରାମପଞ୍ଚାୟତର ଡେଙ୍ଗପଦର ପ୍ରାଥମିକ ବିଦ୍ୟାଳୟର। ସେମାନଙ୍କୁ ଚିକିତ୍ସା ନିମନ୍ତେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟ ୩୬ ଜଣ ହେଉଛନ୍ତି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର। ସେମାନଙ୍କୁ ସିମନବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତନ୍ମଧ୍ୟରୁ ୧୧ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

ମିଳିଥିବା ସୂଚନାନୁଯାୟୀ, ବଲାଙ୍ଗୀରର ଡେଙ୍ଗପଦର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୮୦ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଶନିବାର ୩ ଜଣ ରାନ୍ଧୁଣିଆ ମଧ୍ୟାହ୍ନଭୋଜନ ରୋଷେଇ କରିଥିଲେ। କିନ୍ତୁ ତରକାରିରେ ଲୁଣ ବଦଳରେ ଭୁଲ୍‌ବଶତଃ ଡିଟରଜେଣ୍ଟ ପକାଇ ଦେଇଥିଲେ। ☞ପୃଷ୍ଠା-୨








ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ଲଙ୍ଗ୍‌ଜମ୍ପରେ ଅଂଶଗ୍ରହଣ କରିଥିବା ଜଣେ ପ୍ରତିଯୋଗୀ। (ଫଟୋ: ବିକାଶ ନାୟକ)।

# ଦୁବାଇରୁ ଆସି ବର ଶିଶୁପାଳ

## ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରେମ

ଚଣ୍ଡିଗଡ଼, ୭।୧୨


ଇନ୍‌ଷ୍ଟାଗ୍ରାମରେ ପ୍ରେମ ହେବା ଏବଂ ବିବାହ ସ୍ଥିର ହେବା ପରେ ସୁଦୂର ଦୁବାଇରୁ ଆସିଥିବା ଜଣେ ବରଙ୍କୁ ଶିଶୁପାଳ ହେବାକୁ ପଡ଼ିଛି। ଦୀପକ କୁମାର (୨୪) ବିବାହ କରିବା ପାଇଁ ଦୁବାଇରୁ ଭାରତ ଆସି ପ୍ରେମିକାଙ୍କ ଦ୍ୱାରା ଠକାମିର ଶିକାର ହୋଇଛନ୍ତି। ୩ ବର୍ଷ ଧରି ସେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ମନପ୍ରୀତ କୌର ନାମ୍ନୀ ଯୁବତୀଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ସେମାନଙ୍କ ମଧ୍ୟରେ ବିବାହ ସ୍ଥିର ହୋଇଥିଲା। ମନପ୍ରୀତଙ୍କୁ ବିବାହ କରିବା ପାଇଁ ଗତ ସପ୍ତାହରେ ଦୀପକ ନିଜ ଗାଁ ପଞ୍ଜାବର ଜଳନ୍ଧର ଜିଲା ମାଣ୍ଡିଆଲିକୁ ଆସିଥିଲେ। ସେ ଶୁକ୍ରବାର ପରିବାରବର୍ଗ, ସମ୍ପର୍କୀୟ, ବନ୍ଧୁ ବାନ୍ଧବ ଆଦି ୧୫୦ ଜଣ ବରଯାତ୍ରୀଙ୍କ ସହ ସୁସଜ୍ଜିତ କାର୍‌ରେ ପଞ୍ଜାବର



ଦୀପକ କୁମାର

ମୋଗା ସହରରେ ପହଞ୍ଚିଥିଲେ। ତେବେ ବିବାହ ସ୍ଥଳ ଭାବେ ମନପ୍ରୀତଙ୍କ ପକ୍ଷରୁ ଦିଆଯାଇଥିବା ରୋଜ୍ ଗାର୍ଡେନ ପ୍ୟାଲେସ୍‌କୁ ସେମାନେ ଖୋଜି ପାଇ ନ ଥିଲେ। ଫଳରେ ଦୀପକ ମନପ୍ରୀତଙ୍କୁ କଲ୍ କରି ବିବାହ ସ୍ଥଳ ସମ୍ପର୍କରେ ପଚାରିଥିଲେ। ମନପ୍ରୀତ କିଛି ସମୟ ଅପେକ୍ଷା କରିବାକୁ ଦୀପକଙ୍କୁ ଅନୁରୋଧ କରିଥିଲେ। ବରଯାତ୍ରୀମାନେ ୫ ଘଣ୍ଟା ଅପେକ୍ଷା କରି ରହିଥିଲେ ମଧ୍ୟ ମନପ୍ରୀତଙ୍କ କେହି ସମ୍ପର୍କୀୟ ଆସି ନ ଥିଲେ। ପରେ ମନପ୍ରୀତ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ଶେଷରେ ଠକାମିର ଶିକାର ହୋଇଥିବା ଜାଣି ଦୀପକ ଓ ତାଙ୍କର ପରିବାର ମୋଗା ସିଟି ସାଉଥ୍ ଥାନାରେ ଏତଲା ଦେଇଛନ୍ତି।

ଦୀପକ କହିଛନ୍ତି, ଗତ ୩ ବର୍ଷ ଧରି ସେ ମନପ୍ରୀତଙ୍କ ସହ ଇନ୍‌ଷ୍ଟାଗ୍ରାମରେ ଚାଟିଂ କରି ଆସୁଥିଲେ। ମନପ୍ରୀତ ନିଜକୁ ଫିରୋଜପୁରର ଜଣେ ଯୁବ ଆଇନଜୀବୀ ଭାବେ ପରିଚୟ ଦେଇଥିଲେ। ସେ ମନ୍‌ପ୍ରୀତଙ୍କୁ ବ୍ୟକ୍ତିଗତ ଭାବେ କେବେ ଭେଟି ନ ଥିଲେ ମଧ୍ୟ ଇନ୍‌ଷ୍ଟାଗ୍ରାମରେ ତାଙ୍କର ଫଟୋ ଦେଖିଥିଲେ। ତେବେ ଉକ୍ତ ଫଟୋ ଏବଂ ନାମ ପ୍ରକୃତ ଥିଲା ନା ନକଲି ସେନେଇ ଏବେ ସେ ସନ୍ଦେହରେ ରହିଥିବା ଦୀପକ କହିଛନ୍ତି। ମୋଗା ସହରରେ ରୋଜ୍ ଗାର୍ଡେନ ପ୍ୟାଲେସ୍ ନାମରେ କୌଣସି ସ୍ଥାନ ନ ଥିବା ସ୍ଥାନୀୟ ଲୋକ କହିଛନ୍ତି। ତେଣୁ ସେ ଧୋକାର ସମ୍ମୁଖୀନ ହୋଇଛନ୍ତି ଏବଂ ତାଙ୍କୁ ନ୍ୟାୟ ଦରକାର ବୋଲି ଦୀପକ ପୋଲିସକୁ ଅନୁରୋଧ କରିଛନ୍ତି। କିଛିଦିନ ତଳେ ଦୀପକ ମନପ୍ରୀତଙ୍କୁ ୫୦ ହଜାର ଟଙ୍କା ମଧ୍ୟ ପ୍ରଦାନ କରିଥିଲେ। ବିବାହ ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା କରିବାକୁ ମନପ୍ରୀତ ଅନୁରୋଧ କରିବାରୁ ସେ ଏହି ଟଙ୍କା ଦେଇଥିଲେ ବୋଲି ଦୀପକ କହିଛନ୍ତି। ପୋଲିସ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଜାରି ରଖିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଜେଡି ଏମ୍ ବସମ୍ପ ପକ୍ଷରୁ ବନ୍ଧୁତ୍ୱ, ସ୍ଥାନ: ଝୁମୁକା ଗ୍ରୀନ ଗାର୍ଡେନ, ସମୟ: ସକାଳ ୮ଟା।
- ସାପ୍ତାହିକ ଖବରକାଗଜ 'ପ୍ରତିଜ୍ଞା'ର ୧୫ତମ ବାର୍ଷିକୋତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସକାଳ ୧୦ଟା।
- ସାପ୍ତାହିକ ଓଡ଼ିଆ ଖବରକାଗଜ 'ବୀର କଳିଙ୍ଗ'ର ୨୦ତମ ସ୍ୱନକ୍ଷତ୍ର ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଉପନ୍ୟାସ 'କାହାଣୀ ଅତୀତ ଓ ବର୍ତ୍ତମାନର' ଲୋକାର୍ପଣ, ସ୍ଥାନ: ଓଡ଼ିଶା ପ୍ରାଣୀ ପରିଷଦ ସମ୍ମିଳନୀ କକ୍ଷ, ଶହୀଦ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭିଏଲ୍‌ସିସି ଷ୍ଟେଟ-ଅଫ୍-ଦି-ଆର୍ଟ କ୍ଲିନିକ୍ ଉଦ୍‌ଘାଟନ, ସ୍ଥାନ: ଭିଏଲ୍‌ସିସି ହେଲ୍‌ଥ କେୟାର ଲିମିଟେଡ୍, ଚନ୍ଦ୍ରମାଳି ବୁଟିକ୍, ଜାଗମରା, ସମୟ: ମଧ୍ୟାହ୍ନ ୧୨ଟା।
- ସ୍କୁଲ ପିଲାଙ୍କ ପାଇଁ ଚିତ୍ରାଙ୍କନ ଓ ପୋଷ୍ଟର ପ୍ରତିଯୋଗିତା, ସ୍ଥାନ: ଇନ୍ଦିରା ଗାନ୍ଧୀ ପାର୍କ, ସମୟ: ପୂର୍ବାହ୍ନ ୧ଟା ୩୦।

## କଟକ

- ନିଆଳୀ-କଣ୍ଟାପଡ଼ା ଆଞ୍ଚଳିକ 'ସ୍ୱସ୍ତିତପା' ମହୋତ୍ସବ, ସ୍ଥାନ: ଦେବୀ କନ୍ଦଳ ସତ୍‌ସଙ୍ଗ ବିହାର, ବ୍ରାହ୍ମଣବାଟି, ସମୟ: ସକାଳ ୬ଟାରୁ ସନ୍ଧ୍ୟା୭ଟା।
- ଗ୍ଲୋବାଲ ଇଣ୍ଡିଆନ୍ ମଡେଲ ପକ୍ଷରୁ ବିଜ୍ଞାନ ମେଳା, ସ୍ଥାନ: ବିଦ୍ୟାଳୟ ପରିସର, ବିଦ୍ୟାଧରପୁର, ସମୟ: ସକାଳ ୯ଟା।
- ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ମୁଖପତ୍ର 'ସଂଗ୍ରାମର ବାର୍ତ୍ତା'ର ୪୬ତମ ଜନ୍ମୋତ୍ସବ, ସ୍ଥାନ: ମାଛୁଆ ବଜାରସ୍ଥିତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସିଡିଏ ବରିଷ୍ଠ ନାଗରିକ ମହାସଂଘ(ସିବନାମ)ପକ୍ଷରୁ ସାଇବର କ୍ରାଇମ୍ ସଚେତନତା ଶିବିର, ସ୍ଥାନ: ଅମୃତାୟନ ପ୍ଲଟ୍ ନମ୍ବର-୧ବି/୯୬, ସେକ୍ଟର-୯, ସିଡିଏ, ସମୟ: ଅପରାହ୍ନ ୪ଟା।

## ପୁରୀ

- ୪ର୍ଥ ଟୁବୁଲି ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ବାରବାଟି ମିନି ଷ୍ଟାଡିୟମ, ନିମାପଡ଼ା, ସମୟ: ସକାଳ ୯ଟା।
- ଆଦର୍ଶ କଲ୍‌ଚରାଲ ଏଡୁକେଶନ ଟ୍ରଷ୍ଟ ପକ୍ଷରୁ ୧୪ତମ ବାର୍ଷିକୋତ୍ସବ, ସ୍ଥାନ: ଟାଉନହଲ୍, ନିମାପଡ଼ା, ସମୟ: ସକାଳ ୯ଟା।
- ନିମାପଡ଼ା ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ୫ମ ବାର୍ଷିକ ମହୋତ୍ସବ ଓ ସ୍ୱେଚ୍ଛାସେବୀ ସମ୍ମାନ ସମାରୋହ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ ଗଜଲକ୍ଷ୍ମୀ ମଣ୍ଡପ, ସମୟ: ଅପରାହ୍ନ ୫ଟା ।

## ଖୋର୍ଦ୍ଧା

- ସତ୍‌ସଙ୍ଗର ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ନିରାକାରପୁର ଶୁଭାଗମନ,ସ୍ଥାନ: କେବିଡିଏଭି କଲେଜ,ସମୟ:ସକାଳ ୯ଟା।
- ପାଇକ ସ୍ମାରକୀ ଶିଳାନ୍ୟାସ ୫ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ବରୁଣେଇ ପାହାଡ଼ ପାଦଦେଶ, ସମୟ: ସକାଳ ୯ଟା।
- ଧାନର ସହାୟକ ମୂଲ୍ୟ ସହାୟତା ଜିଲାସ୍ତରୀୟ ଶୁଭାରମ୍ଭ ସମାବେଶ, ସ୍ଥାନ: ହାବେଳି ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ରକ୍ତଦାନ ଶିବିର, ସ୍ଥାନ: ରାଜବାଟୀ ଛକ, ମାଣିଖମ୍ବ, ବାଲେଶ୍ୱର, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଭଗବାନପୁର ପ୍ରାଥମିକ ବିଦ୍ୟାଳୟ, ରୂପସା, ସମୟ-ପୂର୍ବାହ୍ନ ୧୦ଟା।
- ରୂପସା ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ପୋଡ଼ାଡ଼ିହା ଆମ ଗାଁ ନର୍ସରୀ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ନର୍ଥ ଓଡ଼ିଶା ମିଡ଼ିଆ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀମଦ୍ ଭାଗବତ କଥା ପ୍ରବଚନ ସଭା, ସ୍ଥାନ: ଆଇଟିଆଇ ସ୍କୋୟାର, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଖବରକାଗଜ ସୋସାଇଟିର ରାଜ୍ୟ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ବାଲେଶ୍ୱର ଉତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୫ଟା।
- କବିତା ପାଠୋତ୍ସବ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।
- ତ୍ରିଦିବସୀୟ ଧର୍ମ ପ୍ରବଚନ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଟାଉନହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସକ୍ଷମ କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଧାନର ଏମ୍‌ଏସ୍‌ପି ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ପ୍ରଦର୍ଶନୀ, ସ୍ଥାନ: ଆର୍‌ଏମ୍‌ସି ପରିସର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଭଣ୍ଡାରିପୋଖରୀ ସତ୍‌ସଙ୍ଗ କେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ସତ୍‌ସଙ୍ଗ କେନ୍ଦ୍ର, କହରାପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ଚରମ୍ପାସ୍ଥିତ ମାରୱା ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଭଣ୍ଡାରିପୋଖରୀ ମହୋତ୍ସବର ଲୋଗୋ ଉନ୍ମୋଚନ, ସ୍ଥାନ: ଭଣ୍ଡାରିପୋଖରୀ କଲେଜ, ସମୟ: ଅପରାହ୍ନ ୪ଟା।
- ଉତ୍କଳ ଫାଉଣ୍ଡେଶନ ଟ୍ରଷ୍ଟର ବାର୍ଷିକୋତ୍ସବ ଓ ରକ୍ତଦାନ ଶିବିର, ସ୍ଥାନ: ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ତ୍ୟାଗଭୂମି ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଚାରିଘରିଆ ରୋଟାରୀ କ୍ଲବ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ବାଣିଜ୍ୟ ମେଳାର ତୃତୀୟ ସନ୍ଧ୍ୟା, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ସତ୍ୟସାଇ ସମିତି ତରଫରୁ ବାଲ ବିକାଶ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଆଧାତ୍ମିକ ଆଲୋଚନା, ଭଜନ, ସ୍ଥାନ:ମର୍ଚ୍ଚେଇଗାଁ, ଡ଼ୁଅଁର,ହାଟଡିହୀ,ସମୟ:ସକାଳ ୭ ଏବଂ ସନ୍ଧ୍ୟା ୬ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବରଗଡ଼ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟଙ୍କାର ଅତିରିକ୍ତ ଇନପୁଟ ସହାୟତା ପ୍ରଦାନ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ସିଧା ପ୍ରସାରଣ, ସ୍ଥାନ: ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆ, କେନ୍ଦୁଝର, ସମୟ: ସକାଳ ୧୦ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ ଏବଂ ସତସଙ୍ଗ, ସ୍ଥାନ, କାନପୁର, ହାଟଡିହୀ, ସମୟ :ସନ୍ଧ୍ୟା ୬ ଟା।
- ଦ୍ୱିତୀୟ ରାହାସ ମହାମଞ୍ଚ, ସ୍ଥାନ: ଯୋଡ଼ା ବ୍ଲକ ରୋଇଡା ପଦା ରାସ ମଣ୍ଡପ, ସମୟ :ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ରାଜ୍ୟସ୍ତରୀୟ ରତିକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ,ସ୍ଥାନ: ଉଦଳା ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା।
- ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ରାଶି ପ୍ରଦାନର ସିଧା ପ୍ରସାରଣ, ସ୍ଥାନ: ଜିଲା କୃଷି କାର୍ଯ୍ୟାଳୟ ନିକଟସ୍ଥ ଆର୍‌ଏମ୍‌ସି ପଡ଼ିଆ, ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ଅପରାହ୍ନ ୫ଟାରୁ ରାତି ୧୦ଟା।
- ବରିଷ୍ଠ ଅଧିବକ୍ତା ସ୍ୱର୍ଗତଃ ନିରାକାର ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ:ଗୋପବନ୍ଧୁ ନଗର କଲ୍ୟାଣ ମଣ୍ଡପ,ସମୟ: ଅପରାହ୍ନ ୩ଟା।
- ମୟୂରଭଞ୍ଜ ମହୋତ୍ସବରେ ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ କଳା ପ୍ରଦର୍ଶନ, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସନ୍ଧ୍ୟା:୬ଟା।
- ଇରା ମହାନ୍ତିଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ ବାରିପଦା,ସମୟ:ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଆହ୍ୱାନ ଫାଉଣ୍ଡେଶନ ପକ୍ଷରୁ ୧୧ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଜଳବାୟୁ ପରିବର୍ତ୍ତନ ଉପରେ ବିତର୍କ କର୍ମଶାଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- କେନ୍ଦ୍ରାପଡ଼ା କ୍ରିକେଟ ସୁପରଲିଗ୍ ମ୍ୟାଚ୍, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ:ସକାଳ ୯ଟା।

## ରାୟଗଡ଼ା

- ଶ୍ରୀମଦ୍ ଭଗବତ ଗୀତା ପ୍ରତିଯୋଗିତା, ସ୍ଥାନ: ଗୁଣପୁର ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ଲୋକ ମହୋତ୍ସବ ଚଇତି-୨୦୨୪ ଶୁଭାରମ୍ଭ, ସ୍ଥାନ: ମରିଚଗୁଡାସ୍ଥିତ ଅକ୍ଷର ବ୍ରହ୍ମ ମନ୍ଦିର, ପଦ୍ମପୁର, ସମୟ: ସକାଳ ୯ଟା ।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନଗର ସମ୍ମିଳନୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବତୋଟା, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀମାନଙ୍କୁ ଇନ୍‌ପୁଟ ସହାୟତା ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିସିଡ଼ି ଖେଳ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଧନ ମଣ୍ଡି ପ୍ରଚାର ରଥ ଶୁଭାରମ୍ଭ, ସ୍ଥାନ: ନବରଙ୍ଗପୁର ଆର୍‌ଏମ୍‌ସି, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମଣ୍ଡେଇ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ମଣ୍ଡେଇ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ପରବ ଉପଲକ୍ଷେ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: କୋରାପୁଟ ସ୍ପୋର୍ଟସ କମ୍ପ୍ଲେକ୍ସ, ସମୟ : ସକାଳ ୯ଟା।
- ଇଗ୍ନୋ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ଉତ୍ସବ, ସ୍ଥାନ: କୋଟସ ସଭାଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଭର୍ଚ୍ଚୁଆଲ ମୋଡରେ ଘୋଷଣା କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ପୋଲିସ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଜାତୀୟ ସମ୍ବଲପୁରୀ ସମ୍ମିଳନୀ, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ବଲଣ୍ଡା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- କବି ଗୁରୁପ୍ରସାଦ ମହାନ୍ତିଙ୍କ ଜନ୍ମତିଥିରେ କବି ସମ୍ମିଳନୀ, ସ୍ଥାନ: କୁଚିଣ୍ଡା ବ୍ଲକ ଅର୍ଡାବାହାଲ ସରକାରୀ ଯୁକ୍ତ ୨ ବାଳିକା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲିଟିଲ ମିସ୍ ପ୍ରତିଯୋଗିତା, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୩ଟା।
- ନବମ ଶ୍ରୀରଙ୍ଗ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ବଲପୁର କଳାକେନ୍ଦ୍ର, ସମୟ: ଅପରାହ୍ନ ୫ଟା।
- ଶୀତ ମହୋତ୍ସବ, ସ୍ଥାନ: ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ଲନ୍ ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର,ସମୟ: ସକାଳ ୬ଟା।
- ଜେଏସ୍‌ଏମ୍ ଇଣ୍ଟର କଲେଜ କ୍ରିକେଟ ମ୍ୟାଚ, ସ୍ଥାନ: ଏଫସିଆଇ ଗୋଦାମ ପାଖ ଖେଳପଡିଆ, ଖୁଜେନପାଲି, ସମୟ: ସକାଳ ୭ଟା ।
- ଜିନ୍ଦାବାଦ୍ ସଙ୍ଗଠନ ପକ୍ଷରୁ ଗନ୍ଧମାର୍ଦ୍ଦନ- ଆମ ସ୍ୱାଭିମାନ ଓ ଅସ୍ମିତାର ପ୍ରତୀକ ଆଲୋଚନାଚକ୍ର, ସ୍ଥାନ: ହରିଶଙ୍କର କଲେଜ, ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଧାନର ଇନ୍‌ପୁଟ୍ ସହାୟତା କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭର ସିଧା ପ୍ରସାରଣ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ବଡ଼କିରାସିରା କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ: ବଡ଼କିରାସିରା, ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୪ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଟୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ:ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ମୁଖ୍ୟମନ୍ତ୍ରୀଙ୍କ ସୋହେଲା ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ: ଇଚ୍ଛାପାଲି ପଡ଼ିଆ, ସୋହେଲା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଝାରସୁଗୁଡ଼ା

- ଷୋଳ ପ୍ରହରୀ ନାମଯଜ୍ଞ ଉଦ୍‌ଯାପନ ଓ ନଗର କୀର୍ତ୍ତନ, ସ୍ଥାନ: ବଡ଼ମାଲ, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ତରେଇକେଲା ସରସ୍ୱତୀ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ: ୧୦ଟା ୩୦।
- ଗାୟତ୍ରୀ ପରିବାର ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଲଖନପୁର ବ୍ଲକର ପାଣ୍ଡ୍ରି, ସମୟ: ପୂର୍ବାହ୍ନ ୧୧ ଟା।
- ଝାରସୁଗୁଡା ଚାଷୀମାନଙ୍କୁ ଇନ୍‌ପୁଟ ସହାୟତା ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ମନମୋହନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ସମୟ: ପୂର୍ବାହ୍ନ: ୧୧ଟା ୩୦।

## ସୁନ୍ଦରଗଡ଼

- ଜିଲାସ୍ତରୀୟ ଯୁବ ଉତ୍ସବ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ କଥା ଦେଇ କଥା ରଖିଲେ କାର୍ଯ୍ୟକ୍ରମ,ସ୍ଥାନ:ମାଡ୍ରିକାଲୋ ଭବନ ପଡିଆ,ସୁନ୍ଦରଗଡ,ସମୟ: ପୂର୍ବାହ୍ନ୧୦ଟା।
- ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଜିଲା ସ୍ତରୀୟ ଯୁବ ମହୋତ୍ସବ,ସ୍ଥାନ:ସୁନ୍ଦରଗଡ ସରକାରୀ ମହିଳା ମହବିଦ୍ୟାଳୟ,ସମୟ:ପୂର୍ବାହ ୧୦ ଟା।
- ବଡ଼ଗାଁ ବ୍ଲକ ଅନ୍ତର୍ଗତ ଡୁଡାଲଗା ଗ୍ରାମରେ କିସାନ (କୁଣହା) ସମାଜର ସମ୍ମିଳନୀ,ସ୍ଥାନ:ବସଷ୍ଟାଣ୍ଡ ନିକଟ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା୩୦।
- ବଡ଼ଗାଁ ବ୍ଲକ ସାଲବିରା ଗ୍ରାମରେ ଫୁଟବଲ ଟୁର୍ନାମେଣ୍ଟ ଉଦଯାପନୀ କାର୍ଯ୍ୟକ୍ରମ,ସ୍ଥାନ:ସ୍ଥାନୀୟ ଖେଳ ପଡିଆ, ସମୟ:ଅପରାହ୍ନ ୪ଟା।

## ରାଉରକେଲା

- ଦଶରୀ ମୁରଲି କ୍ରିଷ୍ଣା ଫାଉଣ୍ଡେଶନ ପକ୍ଷରୁ କାରିୟର କାଉନସେଲିଂ କର୍ମଶାଳା, ସ୍ଥାନ: ଭଞ୍ଜଭବନ, ସେକ୍ଟର- ୫, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ବିଜ୍ଞାନ ମେଳା, ସ୍ଥାନ: ଇଣ୍ଡୋ ଇଂଲିଶ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ରେସିଡେନ୍ସିଆଲ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୯ ସ୍କୁଲ ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ରାଜ୍ୟ ଭାଜପା ସଭାପତିଙ୍କ ଦଳୀୟ ନେତାଙ୍କ ସହ ଆଲୋଚନା, ସ୍ଥାନ: ସେକ୍ଟର-୩ ଭାଜପା ଜିଲ୍ଲା କାର୍ଯ୍ୟାଳୟ,ସମୟ: ସନ୍ଧ୍ୟା ୬।
- ନାଟ୍ୟ ମହୋତ୍ସବର ସପ୍ତମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ଦେବଗଡ଼ ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ପ୍ରଦାନର ଜିଲାସ୍ତରୀୟ ଶୁଭାରମ୍ଭ, ସ୍ଥାନ: ଦେବଗଡ଼ ଇନଡୋର ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ଆଦିବାସୀ ମହାସଂଘ ପକ୍ଷରୁ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ନିର୍ବେଣି ସାହି ବାଇପାସ ଛକ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ଶ୍ରୀଗୋପାଳଜୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲାସ୍ତରୀୟ ଇନ୍‌ପୁଟ ସହାୟତା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ସତ୍ୟସାଇ ବାବାଙ୍କ ଜନ୍ମ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀସତ୍ୟସାଇ ମନ୍ଦିର ଯୁବାମାଲପଡ଼ା କରଙ୍ଗାମାଲ, ସମୟ: ସକାଳ ୮ଟା।
- କୋଶଲୀ ସାଂସ୍କୃତିକ ମହୋତ୍ସବ ତୃତୀୟ ରଜନୀ, ସ୍ଥାନ: ସାଂସ୍କୃତିକ ରଙ୍ଗମଞ୍ଚ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ବୌଦ୍ଧ ପୁସ୍ତକ ମେଳାର ଷଷ୍ଠ ଦିବସ, ସ୍ଥାନ: କଚେରି ଖେଳପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ, ସଙ୍ଗୀତାଦି ରୁଚିବର୍ଦ୍ଧକ ହେବ। ମାତ୍ର ଈର୍ଷାପରାୟଣ ଆତ୍ମୀୟ ଅସୁବିଧାରେ ପକାଇବାକୁ ଚେଷ୍ଟା କରିବେ। ଅଶ୍ୱିନୀ ନକ୍ଷତ୍ର ସକାଶେ ଦୂରଯାତ୍ରା ପାଇଁ ପ୍ରସ୍ତୁତିରେ ସମସ୍ୟା ଦେଖାଦେଇପାରେ। ପାରିବାରିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବା ସହ ବୈଷୟିକ ଅଭିବୃଦ୍ଧି ଘଟିବ।

**ବୃଷ** ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ଭଲ ; ମାତ୍ର ବିବାଦୀୟ ପରିସ୍ଥିତିରେ ସମସ୍ୟା ବୃଦ୍ଧି ପାଇବ। ପଡ଼ୋଶୀଙ୍କ ପ୍ରରୋଚନାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଉପରିସ୍ଥଙ୍କ ଅନୁକମ୍ପାରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶତ୍ରୁତା କରୁଥିବା ବ୍ୟକ୍ତି ବିଶେଷଙ୍କ ନିକଟରୁ ଦୂରେଇ ରହିବା ଭଲ ହେବ।

**ମିଥୁନ** ଶୁକ୍ରଙ୍କ ସୁପ୍ରଭାବରେ ବିଳାସ ଉପକରଣ, ଯାନବାହନାଦି କ୍ରୟ ସକାଶେ ଅନୁକୂଳ ସ୍ଥିତି ଉତ୍ପନ୍ନ କରିବ। ଶିକ୍ଷା, ପରୀକ୍ଷାରେ ଉନ୍ନତି ସାଙ୍ଗକୁ ସନ୍ତାନ ହେତୁକ ଗୌରବ ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସତ୍‌ସଙ୍ଗ, ଜମିଜମା ସମ୍ପର୍କୀୟ ଫଳପ୍ରଦ ଆଲୋଚନା ମଧ୍ୟ କରିପାରିବେ।

**କର୍କଟ** ଶନି ସହ ଚନ୍ଦ୍ରଙ୍କ ସଂଯୋଗ ଆଧାତ୍ମିକତା, ଭ୍ରମଣସୁଖ, ବ୍ୟବସାୟରେ ପୁଞ୍ଜିଲଗାଣ ପାଇଁ ଭଲ ରହିବ। ଶୁକ୍ରଙ୍କ ପ୍ରଭାବରୁ ମନ ପ୍ରଫୁଲ୍ଲ ରହିବ ଓ ବନ୍ଧୁମିଳନ ସାଙ୍ଗକୁ ମନୋରଞ୍ଜନର ମଉକା ପାଇବେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କରିବ। ଆଜି ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ।

**ସିଂହ** ବନ୍ଧୁଙ୍କ ଦ୍ୱାରା ଆହୂତ କୌଣସି ପାର୍ଟି କିମ୍ବା ଆନୁଷ୍ଠାନିକ ବନ୍ଧୁ ସମାଗମରେ ଯୋଗଦେବେ। ବୁଧାଦିତ୍ୟ ଯୋଗ ପ୍ରଭାବରୁ ସହକର୍ମୀଙ୍କ ସହ ସଂପର୍କ ଯୋଡିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ସୂଚନା ପାଇପାରନ୍ତି। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** ଏକାଦଶସ୍ଥ ମଙ୍ଗଳଙ୍କ ପ୍ରଭାବରେ ସମସ୍ୟା ମଧ୍ୟରେ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିପାରନ୍ତି। ସମ୍ପର୍କରେ ଅବନତି, ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିପାରେ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା** ନିଜ ଲୋକମାନେ ଈର୍ଷାପରାୟଣ ହୋଇ ଅସହଯୋଗ କରିପାରନ୍ତି। କେନ୍ଦ୍ରସ୍ଥ ଶୁକ୍ରଜନିତ ନୂତନ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ, ମାତ୍ର ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିବେ। ଋଣ ପରିଶୋଧର ଚିନ୍ତା ଓ ପୁରାତନ ରୋଗପୀଡାରେ କଷ୍ଟ ପାଇବେ।

**ବିଛା** ରାଶି ପ୍ରତି ଶନିଙ୍କ ଦୃଷ୍ଟି କାରଣରୁ ମନକଥା ମନରେ ରହିଯିବ ସିନା, କାର୍ଯ୍ୟତଃ ସଫଳତା ପାଇବା କଷ୍ଟକର ହେବ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ମୁକାବିଲା କରି ସଫଳତା ହାତେଇବେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପଦକ୍ଷେପ ନେବେ। କଳା ସାହିତ୍ୟରେ ସମସ୍ୟା ସମାଧାନ ସାଙ୍ଗକୁ ଗଠନମୂଳକ ପରାମର୍ଶ ପାଇ ଖୁସି ହେବେ।

**ଧନୁ** କର୍ମାରମ୍ଭର ପ୍ରାଥମିକ ସ୍ତରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅର୍ଥ ସାହାଯ୍ୟର ଆଶା ନେଇ ବନ୍ଧୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରି ହଇରାଣ ହେବେ। ଦୁର୍ବଳ ମଙ୍ଗଳଙ୍କ ଯୋଗୁ ସନ୍ତାନଙ୍କ ବିବାହ ସକାଶେ ବନ୍ଧୁ ପ୍ରସ୍ତାବ ଖୋଜି ନୟାନ୍ତ ହେବେ। ଶତ୍ରୁତାରୁ ନିର୍ମାଣ ତଥା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ସୂଚନା ଦେଖାଯାଏ।

**ମକର** ଶନି କ୍ଷେତ୍ରରେ ଶୁକ୍ର ହେତୁ ଆଶା ସମ୍ପୂର୍ଣ୍ଣ ପୂରଣ ନ ହେବାରୁ ଦୁଃଖିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ। ଅର୍ଥ ସଂକଟକୁ ବନ୍ଧୁ ସମାଧାନ କରିବାରେ ସଫଳ ହେବେ।

**କୁମ୍ଭ** ପୂର୍ବ ବିବାଦକୁ କେନ୍ଦ୍ର କରି ମିତ୍ରମାନେ ଶତ୍ରୁ ପାଲଟି ଯାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସହ ପାରିବାରିକ, ସାମାଜିକ ଜୀବନରେ ଖୁସି ରହିବେ। କେନ୍ଦ୍ରସ୍ଥ ବୃହସ୍ପତିଙ୍କ ଯୋଗୁ ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପର ହେବେ। ଅଧିକ ବୁଲାବୁଲି କାରଣରୁ ଶିରପୀଡ଼ାଜନିତ ଅସୁସ୍ଥତା ଦେଖାଦେଇପାରେ।

**ମୀନ** ନବମ ସ୍ଥାନରେ ରବି ଓ ବୁଧଙ୍କ ସମ୍ପର୍କରୁ ସକାଳୁ ସକାଳୁ ଖୁସି ଖବରଟିଏ ପାଇବେ। ଆଜିର କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମାନସିକ ଶାନ୍ତି ବୃଦ୍ଧିପ୍ରାପ୍ତ ହେବ। ସାଧାରଣ କଥାକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି।

ଆଜି ଡିସେମ୍ବର ୮ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ବିଜୟା ସପ୍ତମୀଯୁକ୍ତ ଅଷ୍ଟମୀ ରବିବାର, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୬ମି. ଗତେ ଘ.୦୯।୦୬ ମଧ୍ୟେ, ଘ.୧୨।୫୯ମି. ଗତେ ଘ.୦୨।୫୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୨ମି. ଗତେ ଘ.୦୫।୦୩ମି. ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ମଧ୍ୟାହ୍ନଭୋଜନ ଖାଇ ...

ଫଳରେ ମଧ୍ୟାହ୍ନଭୋଜନ ଖାଇବା ପରେ ଅନେକ ଛାତ୍ରୀଛାତ୍ରଙ୍କ ପେଟ ବ୍ୟଥା ହେବା ସହ ମୁଣ୍ଡବୁଲାଇ ବାନ୍ତି ହୋଇଥିଲା। ଅଭିଭାବକଙ୍କ ହସ୍ତକ୍ଷେପ ପରେ ଅଟୋ ଓ ଆମ୍ବୁଲାନ୍ସ ଯୋଗେ ଅସୁସ୍ଥ ଛାତ୍ରୀଛାତ୍ରମାନଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛି। ଏହି ଖବର ପ୍ରଚାରିତ ହେବା ପରେ ଗାଁକୁ ଏକ ଡାକ୍ତରୀ ଦଳ ଯାଇ ଅନ୍ୟ ଛାତ୍ରୀଛାତ୍ରୀଙ୍କ ଚିକିତ୍ସା କରିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢ଼ିଆରୀ ଓ ମୁରିବାହାଲ ଥାନା ଅଧିକାରୀ ସିପରୋ ସୁରିଆ ଲୁଗୁନ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକମାନଙ୍କ ସହ ଆଲୋଚନା କରିଛନ୍ତି। ଟିଟିଲାଗଡ଼ ଉପଜିଲାପାଳ ରୋହନ ଖେତ୍ରୀ, ମୁରିବାହାଲ ତହସିଲଦାର ଜଗଦୀଶ କର୍ଣ୍ଣାମି ଡାକ୍ତରଖାନାରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱହୀନତା ପାଇଁ ଏହି ଅଘଟଣ ଘଟିଲା ବୋଲି ଅଭିଭାବକମାନେ ଅଭିଯୋଗକରି ଘଟଣାର ଅଧିକ ତଦନ୍ତ ଦାବି କରିଛନ୍ତି।

ସେହିପରି ସିମନବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଇବା ପରେ ୩୬ ଛାତ୍ରୀଛାତ୍ରଙ୍କ ପେଟବ୍ୟଥା ଏବଂ ପରେ କେତେଜଣଙ୍କ ବାନ୍ତିହୋଇଥିଲା। ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରଧାନଶିକ୍ଷକ ବିଦେଶୀ ନାୟକ ଓ ସହକାରୀ ଶିକ୍ଷୟିତ୍ରୀ, ସିଆରସିସି ଶିବ ଶଙ୍କର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆରକେଲ ପ୍ରଧାନ ପ୍ରମୁଖ ସିମନବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ, ମଧ୍ୟାହ୍ନଭୋଜନରେ ଭାତ ଏବଂ ଅଣ୍ଡା ଖାଇବାକୁ ଦିଆଯାଇଥିଲା। କିନ୍ତୁ ଭାତ ଖଟା ଲାଗୁଥିଲା। ଫଳରେ କେତେଜଣ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନକୁ ଫୋପାଡ଼ି ଦେଇଥିଲେ। ତେବେ ପ୍ରାଥମିକ ଚିକିତ୍ସା ପରେ ୨୫ ଛାତ୍ରୀଛାତ୍ରଙ୍କୁ ଘରକୁ ପଠାଇଦିଆଯାଇଛି। ଖାଦ୍ୟ ବିଷାକ୍ତ ହୋଇଥାଇପାରେ ବୋଲି ଛାତ୍ରୀଛାତ୍ରଙ୍କୁ ଚିକିତ୍ସା କରିଥିବା ସିମନବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଅବିନାଶ ମଲିକ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡା.ଜାକେଶ ସାମନ୍ତରାୟ କହିଛନ୍ତି। ବିଡିଓ ପ୍ରୀତିରଞ୍ଜନ ରଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଛାତ୍ରୀମାନେ ସୁସ୍ଥ ଥିବା କହିଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୨୬୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣ ଶନିବାର ଅନୁପସ୍ଥିତ ରହିଥିଲେ। କେଉଁ ପରିସ୍ଥିତିରେ ମଧ୍ୟାହ୍ନଭୋଜନ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି କୁହାଯାଇଛି। ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦୀର୍ଘ ଦିନ ହେଲା ଉକ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ କରିବା ଦାୟିତ୍ୱ ନେଇଥିବାବେଳେ ଏହାର ତଦାରଖ କରିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ, ସିଆରସିସି, ବିଇଓ, ଏବିଇଓଙ୍କ ଦାୟିତ୍ୱ ରହିଛି। ଏଥିରେ ଅହେତୁକ ଅବହେଳା କରାଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

## ୧୧,୭୧୦ ପିଲା ଅତି ...

ଦୂରକରିବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତନ୍ମଧ୍ୟରେ ରହିଛି ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା(ଏମ୍‌ଏସ୍‌ପିୱାଇ), ପଢ଼ା ପୁଷ୍ଟି କାର୍ଯ୍ୟକ୍ରମ (ପିପିକେ) ଏବଂ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ମମତା ଦିବସ-ଭିଏଚ୍‌ଏନ୍‌ଡି (ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୋଷଣ ଦିବସ)। ସେହିପରି ନିମ୍ନମାନର ଛତୁଆ ବଣ୍ଟନକୁ ନେଇ ଆସିଥିବା ଅଭିଯୋଗ ଉପରେ ୧୨୫ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ କାରଣ ଦର୍ଶାଅ ନୋଟିସ କରାଯାଇଥିବା ଉପମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି। ବିଜେଡି ସଦସ୍ୟ କଳିକେଶ ନାରାୟଣ ସିଂଦେଓଙ୍କ ଏକ ପ୍ରଶ୍ନର ଉତ୍ତରରେ ପରିଡ଼ା କହିଛନ୍ତି, ସପ୍ଲିମେଣ୍ଟ ନ୍ୟୁଟ୍ରିଶନ୍ ପ୍ରୋଗ୍ରାମ ଅଧୀନରେ ନିମ୍ନମାନର ଟେକ୍ ହୋମ୍ ରାଶନ୍ (ଟିଏଚ୍‌ଆର୍) ଛତୁଆ ପ୍ରସ୍ତୁତ କରୁଥିବା ଏସ୍‌ଏଚ୍‌ଜିଗୁଡ଼ିକ ବିରୋଧରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମ୍ପୃକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ୍ ୪୨ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ଏବଂ ୧୫ ମହିଳା ସୁପରଭାଇଜର (କୋରାପୁଟର ୧୧ ଓ ଗଜପତିର ୪)ଙ୍କୁ ମଧ୍ୟ ନୋଟିସ କରାଯାଇଛି। ସୁବର୍ଣ୍ଣପୁର ସିଡିପିଓଙ୍କ ଦରମା ବନ୍ଦ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ୧୬୨୨ ପାଇଁ ଜଣେ ...

୨୮ ପ୍ରତିଶତ ଡାକ୍ତରଙ୍କ ଅଭାବ ରହିଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ମେଡିକାଲ କଲେଜରେ ଶିକ୍ଷକ ଓ କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ରାଜ୍ୟରେ ଥିବା ସ୍ୱାସ୍ଥ୍ୟସେବା ଭାରତୀୟ ଜନସ୍ୱାସ୍ଥ୍ୟ ଷ୍ଟାଣ୍ଡାର୍ଡ(ଆଇପିଏସ୍‌ଏସ୍)ଠାରୁ ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି। ଏଥିଯୋଗୁ କେନ୍ଦ୍ର ସରକାର ରାଜ୍ୟର ୭୨ଟି ସ୍ୱାସ୍ଥ୍ୟାନୁଷ୍ଠାନର ନିର୍ମାଣ ଓ ନବୀକରଣ ବାବଦ ଖର୍ଚ୍ଚ ଦେବାକୁ ମନାକରି ଦେଇଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଓଡ଼ିଶାରେ ୧୬୫.୯୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଡାକ୍ତରଖାନା କୋଠା ଓ ଅନ୍ୟାନ୍ୟ ଭିତ୍ତିଭୂମି ଦୀର୍ଘ ୫ ବର୍ଷ ପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଷ୍ଟାଫ୍ କ୍ୱାର୍ଟର୍ସ ଅଭାବରୁ ମେଡିକାଲ କଲେଜଗୁଡ଼ିକରେ ଡାକ୍ତର, ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ କୋଠାରେ ରହିବାକୁ ବାଧ୍ୟ ହୋଇଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟର ଡାକ୍ତରଖାନାଗୁଡ଼ିକରେ ରୋଗୀଙ୍କ ପାଇଁ ବେଡ୍‌ର ଘୋର ସଙ୍କଟ ରହିଛି। ଜାତୀୟ ସ୍ୱାସ୍ଥ୍ୟନୀତି- ୨୦୧୭ ଅନୁଯାୟୀ ରାଜ୍ୟରେ ମୋଟ ୯୧ ହଜାର ୩୯୨ ବେଡ୍ ବ୍ୟବସ୍ଥା କରିବାକୁ ଥିବାବେଳେ ମାତ୍ର ୩୨,୭୬୭ ବେଡ୍ ରହିଛି ; ଯାହା କି ୬୪ ପ୍ରତିଶତ କମ୍। ଏଥିଯୋଗୁ ରୋଗୀ ଆଡ୍‌ମିଶନ, ହସ୍ପିଟାଲର ଜରୁରିକାଳୀନ ସେବା ଓ ଅସ୍ତ୍ରୋପଚାର ବାତିଲ କରିବାକୁ ପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯଥାକ୍ରମେ ୪୨ ଓ ୪୯ ପ୍ରତିଶତ ବେଡ୍‌ର ଅଭାବ ରହିଛି। ସେହିପରି ଅଧିକାଂଶ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରିକାଳୀନ ସେବାରେ ମୋବାଇଲ ଏକ୍ସ, ଓଟିର ଘୋର ଅଭାବ ରହିଛି। ଜରୁରିକାଳୀନ ସେବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ସଂରକ୍ଷଣ ୟୁନିଟ୍‌ର ମଧ୍ୟ ଅଭାବ ରହିଛି। ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରୁ ନ ଥିବାରୁ ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର ଉଦ୍‌ବେଗଜନକ ରହିଛି। ଜାତୀୟସ୍ତରରେ ନବଜାତକ ଶିଶୁ ମୃତ୍ୟୁହାର ୨୪.୯ ଥିବାବେଳେ ରାଜ୍ୟରେ ୨୭ ପ୍ରତିଶତ ରହିଛି। କେବଳ ସେତିକି ନୁହେଁ, ରୋଗୀଙ୍କ ପାଇଁ ପ୍ରତିବର୍ଷ କ୍ରୟ କରାଯାଉଥିବା ଔଷଧକୁ ମଧ୍ୟ ଠିକ୍ ଢଙ୍ଗରେ ବଣ୍ଟନ ହେଉ ନ ଥିବାରୁ ବହୁ କୋଟି ଟଙ୍କାର ଔଷଧ ପାଣିରେ ପଡୁଛି। ୨୦୧୬-୧୭ ରୁ ୨୦୨୦-୨୧ ମଧ୍ୟରେ ୧୧.୬୮ କୋଟି ଟଙ୍କାର ଔଷଧ ରୋଗୀଙ୍କୁ ବଣ୍ଟନ କରା ନ ଯିବାରୁ ତାହା ନଷ୍ଟ ହୋଇଛି। ଡାକ୍ତରଖାନାରୁ ବାହାରୁଥିବା ବର୍ଜ୍ୟଗୁଡ଼ିକୁ ମଧ୍ୟ ପରିଚାଳନା କରିବାରେ ସ୍ୱାସ୍ଥ୍ୟ ବିଭାଗ ବିଫଳ ହୋଇଛି। ରାଜ୍ୟର ୧୦ରୁ ୫୦ ପ୍ରତିଶତ ସ୍ୱାସ୍ଥ୍ୟ ଅନୁଷ୍ଠାନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଅନୁମତି ନେଇ ନ ଥିଲେ। ଏପରି କି ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୫୨.୬୪ କୋଟି ଟଙ୍କାରେ କ୍ରୟ କରାଯାଇଥିବା ଯନ୍ତ୍ରପାତି ଭିତ୍ତିଭୂମି ଅଭାବରୁ ଖତ ଖାଉଛି। ବୟସ୍କ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜାତୀୟ କାର୍ଯ୍ୟକ୍ରମରେ ଉପଲବ୍ଧ ଅର୍ଥରୁ ମାତ୍ର ୯ରୁ ୨୦ ପ୍ରତିଶତ ଖର୍ଚ୍ଚ କରାଯାଇଥିବା ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

# ୩ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

■ ମାଟିର ଆବଶ୍ୟକତାକୁ ଅନୁଭବ କରିଛି: ରାଷ୍ଟ୍ରପତି
■ ମୟୂରଭଞ୍ଜରେ ପ୍ରତିଷ୍ଠା ହେବ ଶିଳ୍ପ: ମୁଖ୍ୟମନ୍ତ୍ରୀ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବାଙ୍ଗିରିପୋଷି (ସଞ୍ଜୟ ଅଗ୍ରୱାଲ), ୭।୧୨



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରିମୋଟ୍ ଟିପି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି। ପାଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରାଜ୍ୟ ଗୃହ ଏବଂ ସହର ବିକାଶ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଅଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିଠାରେ ୩ ନୂତନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁଢ଼ାମରା-ଚାକୁଲିଆ ଓ ବାଦାମପାହାଡ଼-କେନ୍ଦୁଝରଗଡ଼କୁ ସଂଯୋଗ କରିବାକୁ ଥିବା ଏହି ରେଳ ପ୍ରକଳ୍ପଗୁଡ଼ିକ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ଅର୍ଥନୈତିକ ପ୍ରଗତିରେ ବେଶ୍ ସହାୟକ ହେବ। ସେହିଭଳି ଭିଡିଓ କନ୍‌ଫରେନ୍ସ ଦ୍ୱାରା ରାଇରଙ୍ଗପୁରସ୍ଥିତ ଦାଣ୍ଡବୋଷ ବିମାନବନ୍ଦରର ପୁନରୁଦ୍ଧାର, ଜନଜାତି ଗବେଷଣା ଓ ବିକାଶ କେନ୍ଦ୍ର ପ୍ରତିଷ୍ଠା, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ୧୦୦ ଶଯ୍ୟା ବିଶିଷ୍ଟ କୋଠା ଆଦି ୬୪୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରି ମାଟିର ଆବଶ୍ୟକତା ଅନୁଭବ କରିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି ମାଟିର ଝିଅ ବୋଲି ସବୁବେଳେ ଗର୍ବ ଅନୁଭବ କରେ। ଜିଲାର ଆବଶ୍ୟକତା କ'ଣ ଜାଣିଛି। ଏ ମାଟିର ଗଳିକନ୍ଦିକୁ ଚିହ୍ନିଛି। ଅଞ୍ଚଳର ପ୍ରତ୍ୟେକ ଲୋକଙ୍କ ସୁବିଧା ଅସୁବିଧାକୁ ଉପଲବ୍ଧି କରିଛି ବୋଲି ରାଷ୍ଟ୍ରପତି ଭାଷଣ ପ୍ରସଙ୍ଗରେ କହିଛନ୍ତି।

ବାଙ୍ଗିରିପୋଷି ଷ୍ଟେଶନଠାରେ ଆୟୋଜିତ ଜନସଭାରେ ରାଷ୍ଟ୍ରପତି ଯୋଗଦେଇ ଦାୟିତ୍ୱ ଏବଂ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ କେବେ ବି ଜନ୍ମସ୍ଥାନ ଏବଂ ଜନ୍ମମାଟିର ଲୋକଙ୍କଠାରୁ ଦୂରେଇ ରଖିପାରିବ ନାହିଁ, ବରଂ ଲୋକଙ୍କ ସ୍ନେହ, ପ୍ରେମ ଆକର୍ଷିତ କରିବ ବୋଲି କହିଛନ୍ତି। ଦେଶ ବିଦେଶରେ ବିଭିନ୍ନ ସ୍ଥାନକୁ ଗସ୍ତ କରିବା ସମୟରେ ଗାଁ କଥା ମନେପଡୁଛି। ଯେଉଁ ସ୍ଥାନରେ ପହଞ୍ଚିଛି ତାହା କେବଳ ଆପଣମାନଙ୍କ ସ୍ନେହ, ସଦିଚ୍ଛା ଓ ଆଶୀର୍ବାଦ ଯୋଗୁ ସମ୍ଭବ ହୋଇପାରିଛି ବୋଲି କହିଛନ୍ତି। ରେଳପ୍ରକଳ୍ପ ଏବଂ ବିମାନବନ୍ଦର ଅଞ୍ଚଳର ପରିବହନ, ବାଣିଜ୍ୟ ଏବଂ ବ୍ୟବସାୟକୁ ବୃଦ୍ଧି କରିବ। ୧୦୦ଶଯ୍ୟା ବିଶିଷ୍ଟ ନୂତନ ଡାକ୍ତରଖାନା କୋଠା ସ୍ଥାନୀୟ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସୁବିଧା ଯୋଗାଇଦେବ ବୋଲି ମଧ୍ୟ ରାଷ୍ଟ୍ରପତି କହିଛନ୍ତି।

ଦେଶର ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକରେ ବିଜୁଳି ସଂଯୋଗ ସହ ଦୁର୍ଗମ ଅଞ୍ଚଳରେ ୪-ଜି ନେଟ୍‌ୱର୍କ ବ୍ୟବସ୍ଥା କରାଯାଉଛି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଭାରେ ଉପସ୍ଥିତ ରହି ରାଜ୍ୟର ବିକାଶରେ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। କେବଳ ଯାଜପୁର କିମ୍ବା କେନ୍ଦୁଝର ନୁହେଁ ମୟୂରଭଞ୍ଜ ଜିଲାରେ ମଧ୍ୟ ଶିଳ୍ପ ପ୍ରତିଷ୍ଠା କରାଯିବ ବୋଲି କହିଛନ୍ତି। ଜିଲାରେ ପର୍ଯ୍ୟାପ୍ତ ପରିମାଣରେ ଖଣିଜ ଭରପୂର ରହିଥିବା ବେଳେ ଖୁବ୍ ଶୀଘ୍ର ନୂତନ ଶିଳ୍ପ ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରେଳପଥ ବ୍ୟତୀତ ସଡ଼କପଥର ବିକାଶ ପାଇଁ ୨୦ ହଜାର କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଭାରତର ପୂର୍ବୋଦୟର ବିକାଶ କ୍ଷେତ୍ରରେ ଓଡ଼ିଶାକୁ ସ୍ୱତନ୍ତ୍ର ଦୃଷ୍ଟିଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଦେଇଥିଲେ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉପସ୍ଥିତ ରହି ଆଦିବାସୀଙ୍କ ବିକାଶ ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ ତଥା ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ଗୃହ ଏବଂ ସହରୀ ବିକାଶ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ପ୍ରମୁଖ ମଞ୍ଚାସୀନ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦିବାସୀ ଉନ୍ନୟନ ନିମନ୍ତେ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଦକ୍ଷିଣ-ପୂର୍ବ ରେଳପଥର ଡିଆର୍‌ଏମ୍ ଅନିଲ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ।

## ଆଜି ମୁଖ୍ୟମନ୍ତ୍ରୀଙ୍କ ନବରଙ୍ଗପୁର ଗସ୍ତ

ନବରଙ୍ଗପୁର,୭।୧୨(ସଦାଶିବ ପ୍ରହରାଜ)

**ଜିଲାସ୍ତରୀୟ ମଣ୍ଡେଇର ଉଦ୍‌ଯାପନୀ ଦିବସରେ ଅତିଥିଭାବେ ଯୋଗଦେବେ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ନବରଙ୍ଗପୁର ଲୋକ ମହୋତ୍ସବ ମଣ୍ଡେଇ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ପୋଲିସ ରିଜର୍ଭ ପଡ଼ିଆସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅପରାହ୍ନ ୩ଟା୨୫ରେ ପହଞ୍ଚିବେ। ସେଠାରୁ ସର୍କିଟ ହାଉସ୍ ଯାଇ ୩ଟା ୫୦ ମିନିଟ୍‌ରେ ମଣ୍ଡେଇ ପଡ଼ିଆ ଅଭିମୁଖେ ଯିବେ। ରାତି ୧୦ରେ ମଣ୍ଡେଇ ପଡ଼ିଆରୁ ବାହାରି ୧୦ଟା ୧୦ରେ ସର୍କିଟ ହାଉସ୍‌ରେ ପହଞ୍ଚିବେ। ସେଠାରେ ରାତ୍ରିଯାପନ ପରେ ୯ ତାରିଖ ପୂର୍ବାହ୍ନ ୧୦ଟା ୩୦ରେ ବାହାରି ରିଜର୍ଭ ପୋଲିସ ପଡ଼ିଆ ହେଲିପ୍ୟାଡ୍‌କୁ ଯିବେ। ୧୦ଟା ୪୫ରେ ହେଲିକପ୍ଟର ଯୋଗେ ଜୟପୁର ବିମାନବନ୍ଦରକୁ ଯାଇ ସେଠାରୁ ଭୁବନେଶ୍ୱର ଯାତ୍ରା କରିବେ ବୋଲି ସୂଚନା ମିଳିଛି।

LIC ଏଲଆଇସି ଗୋଲ୍ଡେନ୍ ଜୁବିଲୀ ସ୍କଲାର୍‌ଶିପ୍ ସ୍କିମ୍ 2024 ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ
ସ୍କଲାର୍‌ଶିପ୍‌ସ ବଢ଼ିଛି
LIC GOLDEN JUBILEE FOUNDATION

ଏଲଆଇସି ଗୋଲ୍‌ଡେନ୍ ଜୁବିଲୀ ଫାଉଣ୍ଡେଶନ୍ ସହର୍ଷେ ଘୋଷଣା କରୁଛି ସ୍କଲାର୍‌ଶିପ୍‌ସ ଅଖିଳ ଭାରତୀୟ ସ୍ତରରେ ସେ ସମସ୍ତ ଛାତ୍ରଙ୍କୁ, ଯେଉଁମାନେ 10ମ/12ଶ/ଡିପ୍ଲୋମା ବା ତତ୍‌ସମ ପରୀକ୍ଷା ଅତି କମରେ 60% ବା ତତ୍‌ସମ ସିଜିପିଏ ଗ୍ରେଡ୍ ଶିକ୍ଷା ବର୍ଷ 2021-22, 2022-23 ବା 2023-24 ରେ ପାସ୍ କରିଥିବେ ଏବଂ ଶିକ୍ଷା ବର୍ଷ 2024-25 ରେ ପ୍ରଥମ ବର୍ଷରେ ଆଡ୍‌ମିଶନ୍ ନେଇଥିବେ ।

- ଜେନେରାଲ୍ ସ୍କଲାର୍‌ଶିପ୍‌ସ ସେହି ଛାତ୍ର-ଛାତ୍ରୀଙ୍କ ପାଇଁ, ଯିଏ ଉଚ୍ଚ ଅଧ୍ୟୟନ କରୁଥିବେ ଏଥିରେ;
  (i) ମେଡିସିନ, ଇଞ୍ଜିନିଅରିଙ୍ଗ, ଯେକୌଣସି ପାଠ୍ୟକ୍ରମରେ ଗ୍ରାଜୁଏଶନ୍, ଯେକୌଣସି କ୍ଷେତ୍ରରେ ଡିପ୍ଲୋମା କୋର୍ସ ବା ଇଣ୍ଟିଗ୍ରେଟେଡ୍ କୋର୍ସେସ୍ ।
  (ii) ସରକାରୀ ମାନ୍ୟତାପ୍ରାପ୍ତ କଲେଜେସ୍/ଇନ୍‌ଷ୍ଟିଚ୍ୟୁଟ୍‌ସ ଜରିଆରେ ଭୋକେଶନାଲ୍ କୋର୍ସ କିମ୍ବା ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍‌ସ (ଆଇଟିଆଇ) ରେ କୋର୍ସେସ୍
- କନ୍ୟା ସନ୍ତାନ ପାଇଁ ସ୍ପେଶାଲ୍ ସ୍କଲାର୍‌ଶିପ୍‌ସ ଦୁଇ ବର୍ଷ ସକାଶେ, ଯିଏ ଅଧ୍ୟୟନ କରୁଥିବେ ଏଥିରେ;
  (i) କ୍ଲାସ୍ 11ଶ ଓ 12ଶ/10+2 ପ୍ୟାଟର୍ନ ଅନ୍ତର୍ଗତ ଇଣ୍ଟରମିଡିଏଟ୍ ।
  (ii) 10ମ ପରେ ଯେକୌଣସି କ୍ଷେତ୍ରରେ ଦୁଇ ବର୍ଷ ସକାଶେ ଡିପ୍ଲୋମା କୋର୍ସ ।

ଅନ୍‌ଲାଇନ୍ ଆବେଦନ, ଅନ୍ୟାନ୍ୟ ଯୋଗ୍ୟତା ସର୍ତ୍ତ ଏବଂ ସ୍କିମ୍'ର ବିଶଦ ବିବରଣୀ ପାଇଁ ଦେଖନ୍ତୁ https://licindia.in
ଅନ୍‌ଲାଇନ୍ ଆବେଦନ ପଇଠ କରିବାର ଅନ୍ତିମ ଦିନାଙ୍କ 22.12.2024

## ବାଲେଶ୍ୱର ଷ୍ଟେଶନରେ ନୂତନ ଫୁଟ୍ ଓଭରବ୍ରିଜ୍ ଉଦ୍‌ଘାଟନ କଲେ ରେଳମନ୍ତ୍ରୀ



ଅତିଥିଙ୍କ ଦ୍ୱାରା ଫୁଟ୍ ଓଭରବ୍ରିଜ୍ ଉଦ୍‌ଘାଟନ କରାଯାଉଛି।

ବାଲେଶ୍ୱର,୭।୧୨(ବାଞ୍ଛାନିଧି ଦେ)

■ ରେଳପଥରେ ଖୁବ୍‌ଶୀଘ୍ର ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା
■ ଜଗନ୍ନାଥ ମନ୍ଦିର କଳାକୃତିରେ ହେବ ବାଲେଶ୍ୱର ରେଳଷ୍ଟେଶନ

ଓଡ଼ିଶାର ଜନଜୀବନରେ ପରିବର୍ତ୍ତନ ଆସିବ। ୫ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍, ଗମନାଗମନ କ୍ଷେତ୍ରରେ ବିକାଶ ହେବା ସହ କାର୍ଯ୍ୟକାରୀ ହେବ ବହୁ ନୂତନ ପ୍ରକଳ୍ପ। ଓଡ଼ିଶାରେ ରେଳ କ୍ଷେତ୍ରରେ ୭୩ହଜାର କୋଟି ଟଙ୍କା ବିନିଯୋଗ ହୋଇଛି। କେବଳ ନିର୍ବାଚନର ୬ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରେ ରେଳର ବିକାଶ ପାଇଁ ୨୦ହଜାର କୋଟି ଟଙ୍କା ଅନୁଦାନ ରାଶି ପ୍ରଦାନ କରିଛନ୍ତି। ପୁରୀ ଜଗନ୍ନାଥ ମନ୍ଦିରର କଳାକୃତି ଭଳି ବାଲେଶ୍ୱର ରେଳଷ୍ଟେଶନର ଆକୃତି ହେବ। ଏଥିପାଇଁ ପ୍ରାୟ ୨ଶହ କୋଟି ଟଙ୍କା ବ୍ୟୟ ହେବ। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାରେ ଜାତୀୟ ରାଜପଥ ନିର୍ମାଣ ହେବା ଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁବ୍‌ଶୀଘ୍ର ରେଳପଥରେ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା କାର୍ଯ୍ୟକାରୀ କରିବେ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।


ମୁଖ୍ୟଅତିଥି ଭାବେ ରେଳମନ୍ତ୍ରୀ ବୈଷ୍ଣବ ବାଲେଶ୍ୱର ରେଳଷ୍ଟେଶନର ନବନିର୍ମିତ ଫୁଟ୍ ଓଭରବ୍ରିଜ୍‌କୁ ଶନିବାର ଉଦ୍‌ଘାଟନ କରିଛନ୍ତି। ରେଳପଥରେ ଓଡ଼ିଶା, ଚେନ୍ନାଇ, ଦିଲ୍ଲୀ ଓ ମୁମ୍ବାଇକୁ ଚାରିଲାଇନ୍ ସଂଯୋଗ ହେବ। ଏଥିସହ ଜିଲାରେ ଜଳେଶ୍ୱରରୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ରେଳଲାଇନ୍ ନିର୍ମାଣ ହେବ। ପଶ୍ଚିମବଙ୍ଗ ସରକାର ଜମି ଦେବା ପରେ ଚନ୍ଦନେଶ୍ୱରରୁ ଦୀଘାକୁ ରେଳ ସଂଯୋଗ ହେବ। ଏଥିପାଇଁ ରେଳ ମନ୍ତ୍ରଣାଳୟ ତରଫରୁ ୯୪୦ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ନିଧିପଣ୍ଡା ପୋଲ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ସେ କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଦକ୍ଷିଣ-ପୂର୍ବ ରେଳପଥର ଜିଏମ୍ ଅନିଲ ମିଶ୍ରା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ ଦତ୍ତ ମଞ୍ଚାସୀନ ରହି ରେଳ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ହେଉଛି। ପ୍ରଧାନମନ୍ତ୍ରୀଙ୍କ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ପ୍ରୟାସ ଯୋଗୁ ସମଗ୍ର ଭାରତବର୍ଷ ସମେତ ଓଡ଼ିଶାରେ ବିକାଶର ଧାରା ତ୍ୱରାନ୍ୱିତ ହେଉଛି ବୋଲି ବକ୍ତବ୍ୟରେ କହିଥିଲେ। ଭାରପ୍ରାପ୍ତ ଡିଆର୍‌ଏମ୍ ପରମାନନ୍ଦ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜପ୍ରସାଦ, ରେଳ ବିଭାଗ ଏଜିଏମ୍ ସୌମିତ୍ର ମଜୁମଦାର, ପ୍ରିନ୍ସିପାଲ ଚିଫ୍ ଇଞ୍ଜିନିୟର ବିଜୟ କୁମାର ପାଣ୍ଡିଆର, ଡେପୁଟି ସିସିଏମ୍ ଅର୍ଜୁନ ମଜୁମଦାର, ଆର୍‌ପିଏଫ୍ ଆଇଜି ସଞ୍ଜୟ ମିଶ୍ରାଙ୍କ ସମେତ ବିଭାଗୀୟ ଅଧିକାରୀ, ପ୍ରଶାସନିକ ଅଧିକାରୀ, ବରିଷ୍ଠ ଭାଜପା ନେତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଚାକିରି କାଳରେ ପାଚିକାଙ୍କ ମୃତ୍ୟୁ ହେଲେ ପରିବାର ସଦସ୍ୟଙ୍କୁ ମିଳିବ ଲକ୍ଷେ ଟଙ୍କା

ଭୁବନେଶ୍ୱର,୭।୧୨ (ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧୀନରେ କାର୍ଯ୍ୟରତ ମଧ୍ୟାହ୍ନଭୋଜନ ପାଚିକାଙ୍କ ପାଇଁ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଚାକିରି କାଳରେ ପାଚିକାଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାର ସଦସ୍ୟଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ (ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ) ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପୋଷଣ ସ୍ଥିତିରେ ସୁଧାର ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ପାଇଁ ବିଦ୍ୟାଳୟରେ ପାଚିକାଙ୍କୁ ନିୟୋଜିତ କରାଯାଇ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହାରରେ ପାରିତୋଷିକ ଦିଆଯାଉଛି। ପାଚିକାଙ୍କ ସାମାଜିକ ସୁରକ୍ଷା ନିମନ୍ତେ ଏକ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ଥିଲା। ଏହାକୁ ଦୃଷ୍ଟିରେ ରଖି ମୃତ୍ୟୁକାଳୀନ ସହାୟତା ଆକାରରେ ୧ ଲକ୍ଷ ଟଙ୍କା ପରିବାର ସଦସ୍ୟଙ୍କୁ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏ ବାବଦ ଖର୍ଚ୍ଚ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ପାଇଁ ଉଦ୍ଦିଷ୍ଟ ବଜେଟରୁ ବହନ କରାଯିବ। ଏହି ସହାୟତା ପାଇବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ମୃତ ପାଚିକାଙ୍କ ମୃତ୍ୟୁ ପ୍ରମାଣପତ୍ରର ନକଲ, ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ମୃତ ପାଚିକାଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ରର ନକଲ, ମୃତ ପାଚିକା ଓ ଦାବିଦାରଙ୍କ ଆଧାର କାର୍ଡର ନକଲ, ଦାବିଦାରଙ୍କ ବ୍ୟାଙ୍କ ଖାତାର ପ୍ରଥମ ପୃଷ୍ଠାର ନକଲ, ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କଠାରୁ ଆବଶ୍ୟକ ସୁପାରିସ ଆଦି କାଗଜପତ୍ର ଆବଶ୍ୟକ। ସହାୟତା ରାଶି ସିଧାସଳଖ ଦାବିଦାରଙ୍କ ବ୍ୟାଙ୍କ ଖାତାକୁ ପଠାଯିବ ବୋଲି ସୂଚନା ଦିଆଯାଇଛି।



ଆମ ପକ୍ଷରେ ଆଉ କୌଣସି ଆଧ୍ୟାତ୍ମିକ ପୁନରାବୃତ୍ତିର ପ୍ରଶ୍ନ ନାହିଁ। କାରଣ ସେ ସବୁ ଆମର ପୂର୍ବସୂରୀମାନେ କରି ଯାଇଛନ୍ତି। ଆମର ଆଧ୍ୟାତ୍ମିକ ଅଭିଯାନ ତାହା ପରଠାରୁ ଆରମ୍ଭ ହେବ। ଏହା ଏକ ନୂତନ ସର୍ଜନାର ପ୍ରଶ୍ନ। –ଶ୍ରୀମା



# ବିଶ୍ୱାସର ଅଭାବ



ଆକାର ପଟେଲ

ଭାଜପା ନେତା ରାମ ମାଧବଙ୍କର ଏକ ପ୍ରବନ୍ଧ ପ୍ରକାଶ ପାଇଛି। 'ଦକ୍ଷିଣ ଏସିଆର ଅଭିବୃଦ୍ଧି ପାଇଁ ସାମ୍ପ୍ରଦାୟିକତା ସମାପ୍ତ ହେବା ଦରକାର' ଶୀର୍ଷକ ଏହି ପ୍ରବନ୍ଧ ମୁଖ୍ୟତଃ ଦୁଇଟି ବିଷୟକୁ ଇଙ୍ଗିତ କରେ। ପ୍ରଥମଟି ହେଉଛି ଦକ୍ଷିଣ ଏସିଆ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅଞ୍ଚଳ ହେବାକୁ ଯାଉଛି। ପୂର୍ବରୁ ହିନ୍ଦୁସ୍ଥାନର ଅଙ୍ଗ ରହିଥିବା ବାଂଲାଦେଶ ଏବଂ ପାକିସ୍ତାନରେ ଅବ୍ୟବସ୍ଥା ସତ୍ତ୍ୱେ ବି ସେମାନଙ୍କ ଅଭିବୃଦ୍ଧି ୬ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିବ। ମାଧବ ଦର୍ଶାଇଥିବା ଦ୍ୱିତୀୟ ବିଷୟ ହେଉଛି, ସମୃଦ୍ଧି ପାଇଁ ଦକ୍ଷିଣ ଏସିଆ ସାମ୍ପ୍ରଦାୟିକତାଠାରୁ ଦୂରେଇ ରହିବା ଜରୁରୀ। ଏହା ଏକ ଉଚିତ ପରାମର୍ଶ। ପ୍ରଶ୍ନ ହେଉଛି, ଜଣେ ଏହାକୁ କିପରି ହାସଲ କରେ? ମୋ ସିଦ୍ଧାନ୍ତ ହେଉଛି, ଦକ୍ଷିଣ ଏସିଆ ପାଇଁ ଆଭ୍ୟନ୍ତରୀଣ ସ୍ତରରେ ସାମ୍ପ୍ରଦାୟିକତା ହ୍ରାସ କରି ସ୍ୱାଭାବିକ ହେବା ସମ୍ଭବ ନୁହେଁ, ଅର୍ଥାତ୍ ଅଖଣ୍ଡ ଭାରତର ଅନ୍ୟ ଭାଗରେ ସ୍ଥିତି ସ୍ୱାଭାବିକ ନ ହେବା ଯାଏ ଏହା ସମ୍ଭବ ହେବ ନାହିଁ। ବର୍ତ୍ତମାନ ଆମ ଅଞ୍ଚଳର ସ୍ଥିତି ଭିନ୍ନ। ସୀମା ସେପାଖରେ ଆମେ ତାଙ୍କ ସହ କ୍ରିକେଟ ଖେଳୁନାହୁଁ, ଭିଜା ଦେଉନାହୁଁ। ଏହାସହ ବାଂଲାଦେଶରେ ଆମର କୂଟନୈତିକ ଉପସ୍ଥିତିକୁ ହ୍ରାସ କରିଛୁ। କିନ୍ତୁ ଜଣେ ବାହାରକୁ କିପରି ସ୍ୱାଭାବିକ ହେବ? ଏହାର ଉତ୍ତର ଖୋଜିବା ପାଇଁ ଆମକୁ ଅତୀତରେ ଶତ୍ରୁତା କମାଇବା ଲାଗି ବିଶ୍ୱର ଅନ୍ୟ ଦେଶଗୁଡ଼ିକ କ'ଣ କରିଥିଲେ ତାହା ଦେଖିବାକୁ ପଡ଼ିବ। ଜର୍ମାନୀ ଏବଂ ଫ୍ରାନ୍ସ ଦୁଇଟି ବିଶ୍ୱଯୁଦ୍ଧରେ ପରସ୍ପର ବିରୋଧରେ ଲଢ଼ିଥିଲେ। ପ୍ରଥମ ବିଶ୍ୱଯୁଦ୍ଧର ପ୍ରାୟ ସମଗ୍ର ପାଶ୍ଚାତ୍ୟ ଫ୍ରଣ୍ଟ ଫ୍ରାନ୍ସ ମାଟିରେ ଯୁଦ୍ଧ ଲଢ଼ିଥିଲେ। ହିଟଲରଙ୍କ ଅଧୀନରେ ଜର୍ମାନୀ ଫ୍ରାନ୍ସ ଦଖଲ କରିଥିଲା। ହେଲେ ଏବେ ସେହି ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ରହିଛି। ସେମାନଙ୍କ ମଧ୍ୟରେ କୌଣସି ମିଶ୍ରଣ ଘଟିନାହିଁ ଏବଂ ଫ୍ରାନ୍ସ ଫ୍ରାନ୍ସ ହୋଇ ରହିଛି ଏବଂ ଜର୍ମାନୀ ମଧ୍ୟ ଏକ ସ୍ୱାଧୀନ ରାଷ୍ଟ୍ର ଭାବରେ ଅଛି, କିନ୍ତୁ ବାଣିଜ୍ୟ ଏବଂ ବିକାଶ ଦୃଷ୍ଟିରୁ ସେମାନଙ୍କ ସ୍ଥିତି ସ୍ୱାଭାବିକ ଅଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇସ୍ପାତ ଏବଂ କୋଇଲା ଶିଳ୍ପଗୁଡ଼ିକର ମିଶ୍ରଣ ସହିତ ୟୁରୋପୀୟ ସଂଘ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରର ସଙ୍ଗଠନ (ଆସିଆନ)ର ମଧ୍ୟ ଶତ୍ରୁତାର ଏକ ଇତିହାସ ରହିଛି। ସିଙ୍ଗାପୁରରେ ଆତଙ୍କବାଦ ବିସ୍ଫୋରଣରେ ଦୋଷୀ ସାବ୍ୟସ୍ତ ହେବା ପରେ ଇଣ୍ଡୋନେସିଆ ମେରାଇନ୍ସର ଦୁଇ ଜଣଙ୍କୁ ଫାଶୀ ଦେଇଥିଲା। ଆଜି ଏହା ହେଉଛି ବିଶ୍ୱର ସବୁଠୁ ବଡ଼ ବାଣିଜ୍ୟ କ୍ଷେତ୍ର। ଏଠାରେ ବୌଦ୍ଧ, ମୁସଲମାନ, ହିନ୍ଦୁ, କମ୍ୟୁନିଷ୍ଟ ସହିତ ସମସ୍ତ ପ୍ରକାରର ଲୋକ ଏକାଠି ରହୁଛନ୍ତି ଏବଂ ପାରସ୍ପରିକ ଭିଜା ମୁକ୍ତ ଯାତ୍ରା ପ୍ରଦାନ କରୁଛି। ଚାଇନା ଅନେକ ଦଶନ୍ଧି ଧରି ଭିଏତ୍‌ନାମକୁ ଦଖଲ କରିଥିଲା। କିନ୍ତୁ ତାହା ସେମାନଙ୍କୁ ଚାଇନା ସହିତ ବାଣିଜ୍ୟରେ ବାଧା ଦେଇନାହିଁ। ସେହି ସମାନ ଦଶନ୍ଧିରେ ଜାପାନ ଚାଇନାକୁ ଦଖଲ କରିଥିଲେ ମଧ୍ୟ ପରେ ତା'ସହ ବାଣିଜ୍ୟ ବନ୍ଦ କରିନାହିଁ। ଉଭୟ ୟୁରୋପ ଏବଂ ଆସିଆନ୍ ଆମକୁ ଆଗକୁ ବଢ଼ିବାକୁ ମାର୍ଗ ଦେଖାନ୍ତି ବୋଲି ମାଧବ ଯାହା କହୁଛନ୍ତି ତାହା ହିଁ ଦରକାର। ପ୍ରଶ୍ନ ହେଉଛି, ସମାଧାନ ପାଇଁ କିପରି ଆଗେଇବା। ମାଧବ ସେ ବିଷୟକୁ ଯାଇ ନାହାନ୍ତି, କିନ୍ତୁ ମୋ ପୁସ୍ତକରେ ତାହା ରହିଛି। ବିଶ୍ୱବ୍ୟାଙ୍କ କହିଛି ଯେ, ବାଣିଜ୍ୟ ଏବଂ ପାରସ୍ପରିକ ନାଗରିକ ଯୋଗାଯୋଗ ଦୃଷ୍ଟିରୁ ଦକ୍ଷିଣ ଏସିଆ ବିଶ୍ୱର ସବୁଠାରୁ କମ୍ ସମନ୍ୱିତ ଅଞ୍ଚଳ। ବାଂଲାଦେଶ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମନ୍ୱିତ ବାଣିଜ୍ୟ ଆମ ମୋଟ ବାଣିଜ୍ୟର ମାତ୍ର ୫%। ଦକ୍ଷିଣ-ପୂର୍ବ ଏସିଆରେ ଏହା ୫ ଗୁଣ ଅଧିକ। ଦକ୍ଷିଣ ଏସିଆରେ ବାର୍ଷିକ ବାଣିଜ୍ୟ ପରିମାଣ ୨୩ ବିଲିୟନ ଡଲାର, ଯଦିଓ ଏହା ୧୦୦ ବିଲିୟନରୁ ଅଧିକ ହେବା ଉଚିତ; ତେବେ ହେଉନାହିଁ କାହିଁକି? ଏହି ସମସ୍ୟା ସମ୍ପୂର୍ଣ୍ଣ ମନୁଷ୍ୟକୃତ। ବିଶ୍ୱବ୍ୟାଙ୍କ କହିଛି ଯେ, ସୀମାପାର ବାଣିଜ୍ୟରେ ସମସ୍ୟା ଯୋଗୁ ଏହା ସମ୍ଭବ ହେଉନାହିଁ। ଅର୍ଥାତ୍ ପଡ଼ୋଶୀ ଦକ୍ଷିଣ ଏସୀୟ ଦେଶ ପରିବର୍ତ୍ତେ ବ୍ରାଜିଲ ସହିତ ବାଣିଜ୍ୟ କରିବା ଭାରତର ଏକ କମ୍ପାନୀ ପାଇଁ ପ୍ରାୟ ୨୦ ପ୍ରତିଶତ ଶସ୍ତା ହେଉଛି। ଦକ୍ଷିଣ ଏସୀୟ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟ ପାଇଁ ପରିବହନ ଏବଂ ଉତ୍ପାଦ ନେବା ଆଣିବା ଖର୍ଚ୍ଚ ଓଇସିଡି ଦେଶଗୁଡ଼ିକର ମୂଲ୍ୟ ତୁଳନାରେ ୫୦ ପ୍ରତିଶତ ଅଧିକ।

ମୁଖ୍ୟ ସମସ୍ୟା ହେଉଛି ସମଗ୍ର ଅଞ୍ଚଳରେ ଏକ ବ୍ୟାପକ ବିଶ୍ୱାସର ଅଭାବ। ବିଶ୍ୱବ୍ୟାଙ୍କ କହିଛି ଯେ, ପାରମ୍ପରିକ ଚିନ୍ତାଧାରାରୁ ଦୂରେଇ ରହି ମିଳିତ ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ସୀମାପାର ଭାଗୀଦାରି ସମସ୍ୟାର ସମାଧାନ ହୋଇପାରିବ, ଆଞ୍ଚଳିକ ଅନୁଷ୍ଠାନକୁ ମଜଭୁତ କରାଯାଇପାରିବ, ଭିତ୍ତିଭୂମି ଏବଂ ସଂଯୋଗୀକରଣରେ ଉନ୍ନତି ଏବଂ ବାଣିଜ୍ୟ ନୀତିର ବିକାଶ ହୋଇପାରିବ। ତେବେ ପାରମ୍ପରିକ ଚିନ୍ତାଧାରାଗୁଡ଼ିକ ହେଉଛି, ଏକାଠି ହେବାକୁ ଅନିଚ୍ଛା, ଲୋକ ତଥା ପୁଞ୍ଜିର ସୀମାପାର ଗତିବିଧିକୁ ଶେଷ କରିଥିବା ଶତ୍ରୁତା, ନାଗରିକମାନଙ୍କୁ ଏକ ମିଳିତ ଭବିଷ୍ୟତ ବିଷୟରେ ଭାବିବାକୁ ବାରଣ କରିବା ଏବଂ ସର୍ବୋପରି ରାଜନୈତିକ ଭାବନାର ଅନୁପସ୍ଥିତି। ମିଳିତ ପଦକ୍ଷେପର ଲାଭସବୁ ଅତ୍ୟନ୍ତ ସ୍ପଷ୍ଟ। ଦକ୍ଷିଣ ଏସିଆର ସମସ୍ତ ଦେଶରେ ଆଞ୍ଚଳିକ ସହଯୋଗର ଅତ୍ୟଧିକ ଲାଭ କରିବାର ସାମର୍ଥ୍ୟ ରହିଛି। ଏହା ହିଁ ସମାଧାନ। ଆମକୁ ପରସ୍ପର ସହିତ ଅଧିକ ବାଣିଜ୍ୟ କରିବାକୁ ପଡ଼ିବ, ପରିଦର୍ଶକମାନଙ୍କ ଦୃଷ୍ଟିରୁ ପରସ୍ପର ପ୍ରତି ଅଧିକ ଖୋଲା ହେବାକୁ ପଡ଼ିବ ଏବଂ ଜଳବାୟୁ ପରିବର୍ତ୍ତନ ପରି ବୃହତ୍ ଆହ୍ୱାନଗୁଡ଼ିକ ଉପରେ ଏହିସବୁ ଦେଶ ଏକତ୍ର କାର୍ଯ୍ୟ କରିପାରିବ ବୋଲି ବିଚାର କରିବାକୁ ପଡ଼ିବ। ଏଥିପାଇଁ ଏକ ବୃହତ୍ତମ ଦେଶର ନେତୃତ୍ୱ ଆବଶ୍ୟକ। ଆମର ଉତ୍ପାଦନ ଆଧାରକୁ ଦେଖିଲେ ଏକମାତ୍ର ଦେଶ ଭାବେ ଆମେ ସବୁଠୁ ଅଧିକ ଲାଭବାନ୍ ହେବାର ସମ୍ଭାବନା ଅଛି। ମୁଁ ଗତ ସପ୍ତାହରେ ଏହି ସ୍ତମ୍ଭରେ ଲେଖିଥିଲି, ଭାରତକୁ ଆସୁଥିବା ସମସ୍ତ ଡାକ୍ତରୀ ପର୍ଯ୍ୟଟକଙ୍କ ମଧ୍ୟରୁ ଅଧା ବାଂଲାଦେଶର। ସମ୍ପର୍କ ବନ୍ଦ ହେବା କାରଣରୁ କୌଣସି ପାକିସ୍ତାନୀ ଆସିପାରନ୍ତି। ଜଣାପଡୁଛି, ଏହାର ସମାଧାନ ସରଳ। କିନ୍ତୁ ବାସ୍ତବରେ ଏହାକୁ ଆଭ୍ୟନ୍ତରୀଣ ଜାତୀୟତାବାଦ ଦ୍ୱାରା ବନ୍ଦ କରି ଦିଆଯାଉଛି। ଅନେକେ ଏହାର ସମାଧାନ ଚାହାନ୍ତି ନାହିଁ, କାରଣ ସେମାନେ ସମସ୍ୟାଟି ଠିକ୍ ଭାବରେ ବୁଝିପାରନ୍ତି ନାହିଁ।

Email:aakar.patel@gmail.com

# ମହିଳାଙ୍କ ପାଇଁ ନିରାପଦ ସ୍ଥାନ କେଉଁଠି



ବିଚିତ୍ର ବିଶ୍ୱାଳ

ମହିଳାଙ୍କ ପାଇଁ ନିରାପଦ ସ୍ଥାନ କେଉଁଠି? ଏମିତି ପ୍ରଶ୍ନ ପଚରାଗଲେ, ଏହାର ଉତ୍ତରରେ ଆମେ ସମସ୍ତେ ନିଶ୍ଚିତ ଭାବେ କହିବା 'ଘର'। ଏହି ପ୍ରଶ୍ନକୁ ଯଦି ଓଲଟେଇ ପଚରାଯାଏ, ମହିଳାଙ୍କ ପାଇଁ ବିପଜ୍ଜନକ ସ୍ଥାନ କେଉଁଠି? ଯଦି ଆପଣ ଏହାର ଉତ୍ତର ଦେବାକୁ ଚାହୁଁଛନ୍ତି 'ବାହାର' ବା 'ଅପରିଚିତ ସ୍ଥାନ', ତେବେ ଆପଣ ସମ୍ପୂର୍ଣ୍ଣଭାବେ ଭୁଲ୍ କହୁଛନ୍ତି। ଅସଲରେ ତଥ୍ୟ ଅନୁସାରେ ମହିଳାଙ୍କ ପାଇଁ ସବୁଠାରୁ ବିପଜ୍ଜନକ ସ୍ଥାନ ହେଉଛି ଘର ତଥା ପରିବାର ଓ ବିପଦପୂର୍ଣ୍ଣ ମଣିଷ ହେଉଛନ୍ତି ଘନିଷ୍ଠ ସହଯୋଗୀ ଓ ସମ୍ପର୍କୀୟ ମଣିଷ।

ଜାତିସଂଘର ଡ୍ରଗ୍ସ ଓ କ୍ରାଇମ୍ କାର୍ଯ୍ୟାଳୟ ଦ୍ୱାରା ମିଳିତ ଭାବେ ଜାରି କରାଯାଇଥିବା ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଦୈନିକ ୧୪୦ ଜଣ ମହିଳା ଓ ଝିଅ ନିଜର ଘନିଷ୍ଠ ସହଯୋଗୀ କିମ୍ବା ପରିବାର ସଦସ୍ୟଙ୍କ ଦ୍ୱାରା ହତ୍ୟାର ଶିକାର ହେଉଛନ୍ତି। ଏହି ରିପୋର୍ଟ ଅନୁସାରେ ୨୦୨୩ରେ ସାରା ବିଶ୍ୱରେ ୫୧,୦୦୦ ମହିଳା ଓ ଝିଅ ନିଜ ପରିବାର ଏବଂ ଘନିଷ୍ଠ ସହଯୋଗୀଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି। ୨୦୨୨ରେ ଏହି ଆକଳନ ୪୮,୮୦୦ ଥିବାବେଳେ ୨୦୨୩ରେ ଏହା ୪.୫% ବୃଦ୍ଧି ପାଇଛି। ସାରା ବିଶ୍ୱରେ ଆଫ୍ରିକାରେ ସର୍ବାଧିକ ୨୧,୭୦୦ ମହିଳା ଓ ଝିଅଙ୍କର ହତ୍ୟା ନିଜ ଘର ଭିତରେ ହୋଇଛି। ଜନସଂଖ୍ୟା ହିସାବରେ ଆଫ୍ରିକାରେ ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୨.୯ଜଣ ନିଜ ପରିବାର ଓ ଘନିଷ୍ଠ ସହଯୋଗୀଙ୍କ ଦ୍ୱାରା ମୃତ୍ୟୁବରଣ କରିଛନ୍ତି। ଆମେରିକାରେ ପ୍ରତି ୧ ଲକ୍ଷ ମହିଳାରେ ୧.୬ ଜଣ ମହିଳା ଏହିପରି ହତ୍ୟାର ଶିକାର ହେଉଥିବାବେଳେ ଏସିଆରେ ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୦.୮ ଜଣ ମହିଳା ନିଜ ପରିବାର ଓ ସମ୍ପର୍କୀୟଙ୍କ ଦ୍ୱାରା ମୃତ୍ୟୁବରଣ କରିଛନ୍ତି। ୟୁରୋପରେ ଏହି ହାର ସବୁଠାରୁ କମ୍, ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୦.୬ ଜଣ ନିଜ ପରିବାର ଲୋକ ଓ ଘନିଷ୍ଠ ସହଯୋଗୀଙ୍କ ଦ୍ୱାରା ହତ୍ୟାର ଶିକାର ହେଉଛନ୍ତି। ଜାତିସଂଘ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନରେ ୨୦୨୩ରେ ନିଜ ସମ୍ପର୍କୀୟ ଓ ପରିବାର ଲୋକଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଥିବା ୫୧,୦୦୦ ମହିଳା ହେଉଛନ୍ତି ସମୁଦାୟ ମହିଳାଙ୍କ ହତ୍ୟାର ୬୦ ପ୍ରତିଶତ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁସାରେ ସାରା ଦୁନିଆରେ ପ୍ରତି ତିନିଜଣରେ ଜଣେ ଅର୍ଥାତ ୩୫% ମହିଳା ନିଜ ଅନ୍ତରଙ୍ଗ ତଥା ଘନିଷ୍ଠ ସହଯୋଗୀଙ୍କ ଦ୍ୱାରା ହିଂସାର ଶିକାର ହେଉଛନ୍ତି। ଭାରତ ଓ ଦକ୍ଷିଣ ପୂର୍ବ ଏସିଆରେ ଏହି ହାର ୩୭.୭ ପ୍ରତିଶତ। ନ୍ୟାଶନାଲ କ୍ରାଇମ୍ ରେକର୍ଡ଼ ବ୍ୟୁରୋର ତଥ୍ୟ ଅନୁସାରେ ୨୦୨୨ରେ ଭାରତରେ ୪,୪୪,୨୫୬ଟି ମହିଳା ବିରୋଧୀ ଅପରାଧ ହୋଇଥିବା ବେଳେ ୨୦୨୧ରେ ୪,୨୮,୨୭୮ଟି ମହିଳା ବିରୋଧୀ ହିଂସା ଓ ୨୦୨୦ରେ ୩,୭୧,୫୦୩ଟି ମହିଳା ବିରୋଧୀ ହିଂସା ଘଟଣା ପଞ୍ଜୀକୃତ ହୋଇଛି। ୨୦୨୨ରେ ହୋଇଥିବା ମହିଳା ବିରୋଧୀ ହିଂସା ମଧ୍ୟରୁ ୩୧.୪% ସ୍ୱାମୀ କିମ୍ବା ପରିବାର ଲୋକଙ୍କ ଦ୍ୱାରା ହୋଇଛି ବୋଲି ରିପୋର୍ଟରୁ ଜଣାପଡ଼ିଛି। ୨୦୨୨ରେ ଭାରତରେ ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୬୬.୪ ଜଣ ଏବଂ ୨୦୨୧ରେ ୬୪.୫ ଜଣ ହିଂସାର ଶିକାର ହୋଇଛନ୍ତି। ଏହି ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି। ଭାରତରେ କ୍ରମାଗତ ଭାବେ ବଢୁଥିବା ମହିଳା ବିରୋଧୀ ହିଂସା ଓ ପରିବାର ତଥା ଘନିଷ୍ଠ ସହଯୋଗୀଙ୍କ ଦ୍ୱାରା ବଢୁଥିବା ମହିଳା ହତ୍ୟାର କାରଣଗୁଡ଼ିକ ମଧ୍ୟରୁ ପ୍ରମୁଖ ହେଉଛି, ପୁରୁଷପ୍ରଧାନ ସମାଜ, ମହିଳା ସୁରକ୍ଷାକୁ ନେଇ ଦୁର୍ବଳ ଆଇନ ତଥା ଆଇନର ପ୍ରଣୟନ ଏବଂ ଆମ ସାମାଜିକ ବ୍ୟବସ୍ଥା। ପୁରୁଷପ୍ରଧାନ ମାନସିକତା ଯୋଗୁ ପୁରୁଷମାନେ ମହିଳାମାନଙ୍କ ବିରୋଧରେ ହିଂସା କିମ୍ବା ଅପରାଧ ଘଟେଇବାକୁ ପଛାଉ ନାହାନ୍ତି। ଯଦିଓ ମହିଳାଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ଆମ ଦେଶରେ ଏକାଧିକ ଆଇନ ବଳବତ୍ତର ରହିଛି, କିନ୍ତୁ ସେସବୁ ଏବେବି ପୁରୁଷତାନ୍ତ୍ରିକ ମାନସିକତା ଦ୍ୱାରା ପରିଚାଳିତ। ଏଥିସହିତ ଯାହା ଆଇନ ଆମ ଦେଶରେ ଅଛି, ତାହାକୁ କଡ଼ାକଡ଼ି ଭାବେ ପାଳନ କରିବାରେ ଆମ ଦେଶ ଏବେ ବି ବହୁତ ପଛରେ। ଏହା ମହିଳା ବିରୋଧୀ ବାତାବରଣକୁ ବଳ ଯୋଗାଉଛି। ଏଥି ସହିତ ଆମ ସମାଜର ପରମ୍ପରା ଅନେକାଂଶରେ ମହିଳାଙ୍କ ଅଧିକାର ଓ ସ୍ୱାଧୀନ ଜୀବନଯାପନ ବିରୋଧୀ। ୨୦୨୨ରେ ହୋଇଥିବା ସମୁଦାୟ ମହିଳା ବିରୋଧୀ



ହିଂସା ଘଟଣା ମଧ୍ୟରୁ ୧୩,୪୭୯ଟି ଯୌତୁକଜନିତ ହିଂସା ହୋଇଥିବାବେଳେ ୧,୪୦,୦୦୦ଟି କେସ୍ ସ୍ୱାମୀ କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ନିଷ୍ଠୁର ଆଚରଣ ହୋଇଥିବାର ପଞ୍ଜୀକୃତ ହୋଇଛି। ନ୍ୟାଶନାଲକ୍ରାଇମ୍ ରେକର୍ଡ଼ ବ୍ୟୁରୋ ଦ୍ୱାରା ଭାରତର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ତଥ୍ୟକୁ ନେଇ କରାଯାଇଥିବା ଏହିରିପୋର୍ଟଅନୁସାରେ ଦିଲ୍ଲୀରେ ୧୪,୧୫୮ଟି କେସ୍ ପଞ୍ଜୀକୃତ ହୋଇଥିବାବେଳେ ମୁମ୍ବାଇରେ ୬,୧୭୬ଟି ଓ ବେଙ୍ଗାଲୁରୁରେ ୩,୯୨୪ଟି ମହିଳା ବିରୋଧୀ ହିଂସା ଘଟଣା ଘଟିଛି। ଏସବୁ ସଂଖ୍ୟା ହେଉଛି ପଞ୍ଜୀକୃତ ହୋଇଥିବା ହିଂସାଘଟଣା। ଅସଲରେ ପଞ୍ଜୀକୃତ ହୋଇପାରୁନଥିବା ଆହୁରି ଅନେକ ମହିଳାବିରୋଧୀ ହିଂସା ଲୋକଲୋଚନକୁ ଆସିପାରୁନାହିଁ।

କୋଲକାତାର ଆର୍.ଜି.କର ଡାକ୍ତରଖାନାର ବଳାତ୍କାର ଓ ହତ୍ୟାଘଟଣା ମହିଳାଙ୍କ ସୁରକ୍ଷା ପରିସ୍ଥିତିକୁ ନେଇ ପୁନଶ୍ଚ ବିଶ୍ଳେଷଣ କରିବାକୁ ସମସ୍ତଙ୍କୁ ବାଧ୍ୟ କରିଛି। ଏଥିସହିତ ସମ୍ପ୍ରତି ଜାତିସଂଘର ରିପୋର୍ଟ ଯେତେବେଳେ ବଖାଣୁଛି ଯେ, ମହିଳାମାନଙ୍କ ଉପରେ ସବୁଠାରୁ ଅଧିକ ହିଂସା ପରିବାର ଓ ଘନିଷ୍ଠ ସହଯୋଗୀମାନଙ୍କ ଦ୍ୱାରା ହେଉଛି, ସେତେବେଳେ ଆମେ ଚିନ୍ତାକରିବା କଥା ଜନସଂଖ୍ୟାର ଅଧା ଭାଗ ମହିଳାମାନଙ୍କ ପାଇଁ ପ୍ରକୃତ ନିରାପଦ ସ୍ଥାନ କେଉଁଠି!

ଆଜିର ସମୟରେ ମହିଳାମାନେ ଯଦି ନିଜ ଘର ଭିତରେ ବା ପରିବାରରେ ନିରାପଦ ନୁହନ୍ତି, ତାହେଲେ ଆମେ ବାହାରେ ତାଙ୍କର ସୁରକ୍ଷାକୁ ନିଶ୍ଚିତ କରିପାରିବା କିପରି? ଯେତେଦିନ ଯାଏ ସମାଜରେ ପୁରୁଷତାନ୍ତ୍ରିକ ମାନସିକତା ତଥା ଲିଙ୍ଗଗତ ବିଭେଦତା ବଳବତ୍ତର ଥିବ, ସେତେବେଳ ଯାଏ ମହିଳାମାନଙ୍କ ଜୀବନ ଉପରେ ବିପଦ ସର୍ବଦା ରହିଥିବ। ଏଥିପାଇଁ କେବଳ ସରକାରଙ୍କ ତରଫରୁ ନୁହେଁ, ସମାଜ ସ୍ତରରେ ଆମକୁ ଲିଙ୍ଗଗତ ସମାନତାର ଅଭ୍ୟାସ କରିବାକୁ ହେବ। ଏହି ଅଭ୍ୟାସ ପ୍ରଥମେ ଆମ ପରିବାରରୁ ଆରମ୍ଭ କରିବାକୁହେବ। ପରିବାର ସ୍ତରରେ ଝିଅପୁଅଙ୍କର ଲାଳନପାଳନ କରିବା ସମୟରେ ଆମକୁ ଉଭୟଙ୍କୁ ସମାନ ଦୃଷ୍ଟି ଦେବା ସହିତ ପୁଅମାନଙ୍କୁ ମଧ୍ୟ ଲିଙ୍ଗଗତ ସମାନତାର ଶିକ୍ଷା ଓ ଅଭ୍ୟାସ କରାଇବାକୁ ହେବ, ଯାହାଫଳରେ ସେମାନେ ବଡ଼ହେଲେ ସେମାନଙ୍କ ଜୀବନରେ ଆସୁଥିବା ମହିଳାମାନଙ୍କ ପ୍ରତି ସମ୍ମାନଜନକ ବ୍ୟବହାର କରିବେ। ଲିଙ୍ଗଗତ ସମାନତାର ଶିକ୍ଷା ଆଜିର ସମୟରେ ଝିଅମାନଙ୍କ ଅପେକ୍ଷା ପୁଅମାନଙ୍କୁ ଅଧିକ ଦେବାର ଆବଶ୍ୟକତା ଅଛି। ଏହା ଏପରି ଏକ ସମସ୍ୟା ଯେ, ଏହାକୁ ରାତାରାତି ସମାଧାନ କରିହେବ ନାହିଁ। ଏଥିପାଇଁ ସାମୂହିକ ଭାବେ ପଦକ୍ଷେପ ନେବା ସହିତ ଅଭ୍ୟାସ ଆରମ୍ଭ କରିବା ଦରକାର।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ଅପାତ୍ରରେ ଦାନ



ଯଦୁମଣି ପାଣିଗ୍ରାହୀ

ଯିଏ ଦାନ ପାଇବାକୁ ଯୋଗ୍ୟ ନୁହେଁ ତାକୁ ଦାନ କଲେ ସେପରି କ୍ଷେତ୍ରରେ ଅପାତ୍ରରେ ଦାନ କରାଗଲା ବୋଲି କୁହାଯାଏ। ଏଭଳି ଦାନରେ ନା ଦାତାଙ୍କର ନା ଗ୍ରହୀତାଙ୍କର, କାହାର ମର୍ଯ୍ୟାଦା ବଢ଼େ ନାହିଁ। ତେଣୁ ଏଭଳି ଦାନ ବ୍ୟର୍ଥ ଗଲା ବୋଲି ଧରି ନେବାକୁ ପଡ଼ିବ। ଅଧିକାଂଶ ସମୟରେ ଆମ ଅଜାଣତରେ ଆମେ ଏପରି ଦାନ ଦେଇ ପରେ ପଶ୍ଚାତାପ ମଧ୍ୟ କରିଥାନ୍ତି। ଆଜିକାଲି ଅଧିକାଂଶ ସୁସ୍ଥ ସବଳ ଲୋକ ନିଜର କି ନିଜ ପରିବାରର ଗୁଜୁରାଣ ମେଣ୍ଟାଇବାକୁ ନୁହେଁ ବରଂ ନିଶାପାଣି ଖାଇବାକୁ କିମ୍ବା ମଉଜମସ୍ତିରେ ଜୀବନ ଅତିବାହିତ କରିବାକୁ ଭିକ୍ଷାବୃତ୍ତିକୁ ଆପଣାଇ ନେଇଛନ୍ତି। ଏମାନେ ସଦାସର୍ବଦା କିଛି ନା କିଛି ବାହାନା ଦର୍ଶାଇ ଏମାନଙ୍କର ଅସହାୟତା ପ୍ରଦର୍ଶନ କରିବା ସହିତ ଦାତାଙ୍କୁ ଭାବପ୍ରବଣ କରି ଦେଇଥାନ୍ତି ଓ ସେମାନଙ୍କଠାରୁ କିଛି ଦାନ ହାତେଇ ନେଇଥାନ୍ତି। ଏପରି କ୍ଷେତ୍ରରେ ଦାତା ଅପାତ୍ରରେ ଦାନ କଲେ ବୋଲି କୁହାଯାଇ ପାରିବ। ଏ ସମାଜକୁ ସରସ ସୁନ୍ଦର କରି ଗଢ଼ିତୋଳିବାର ଦାୟିତ୍ୱ ଆମ ସମସ୍ତଙ୍କର। ଆଉ ଏହି ଦାୟିତ୍ୱକୁ ଯୋଗ୍ୟ ଓ ଦକ୍ଷ ଲୋକଟିଏ ହିଁ ଠିକ୍ ଭାବେ ନିର୍ବାହ କରିଥାନ୍ତି। ଅନେକ ସମୟରେ ଲୋକେ ଶିକ୍ଷକ, ଡାକ୍ତର, ପୋଲିସ ତଥା ପ୍ରଶାସନିକ କର୍ମଚାରୀ ଓ ଅଧିକାରୀଙ୍କ ଯୋଗ୍ୟତା ଏବଂ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଥାନ୍ତି। ସେସବୁ ପଦପଦବୀ ପାଇଁ ସେମାନେ କୁଆଡେ ଯୋଗ୍ୟ ନୁହନ୍ତି ବୋଲି ଅଭିଯୋଗ କରିଥାନ୍ତି। ତେଣୁ ଏମାନଙ୍କୁ ନିଯୁକ୍ତି କରି ସରକାର ଅପାତ୍ରରେ ଦାନ କରିଛନ୍ତି ବୋଲି କହି ଲୋକେ ବେଳେ ବେଳେ ବିଦ୍ରୂପ କରିଥାନ୍ତି। ପ୍ରକୃତ କଥା କହିଲେ ଯୋଗ୍ୟତା ଓ ଦକ୍ଷତା ଆଧାରରେ ପଦ ମଣ୍ଡନ କରିଥିବା ଲୋକଟି ନିଜ ଦାୟିତ୍ୱ ପ୍ରତି ଯେତିକି ସଚେତନ ଓ ସମର୍ପିତ ରହିଥାଏ, ସର୍ବୋପରି ନିଜର ଦାୟିତ୍ୱକୁ ଯେଭଳି ନିଷ୍ଠା ଓ ଆନ୍ତରିକତାର ସହିତ ସମ୍ପନ୍ନ କରିଥାଏ ତାହା ଅଯୋଗ୍ୟଙ୍କଠାରୁ କେବେ ବି ଆଶା କରାଯାଇ ପାରେନା। ଅନେକ ସମୟରେ ଗଣ୍ଡା ଗଣ୍ଡା ଦକ୍ଷ ଓ ଯୋଗ୍ୟ ଲୋକ ଥାଉଁ ଥାଉଁ ଅଯୋଗ୍ୟ ଲୋକଗୁଡାଙ୍କୁ ନିର୍ବାଚନରେ ଦଳୀୟ ପ୍ରାର୍ଥୀ କରାଯାଇଥାଏ। ଆଉ ଯେ କୌଣସି ଉପାୟରେ ହେଉ ପଛେ ଭୋଟରଙ୍କୁ ପ୍ରଭାବିତ କରିବା ଭଳି ରଣକୌଶଳ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରସ୍ତୁତ କରାଯାଏ। ଶେଷରେ ସେହି ଅଯୋଗ୍ୟ ପ୍ରାର୍ଥୀଗୁଡାକ ନିର୍ବାଚନରେ ବିଜୟୀ ହେଉଥିବାର ଦେଖାଯାଏ। ଏଭଳି କ୍ଷେତ୍ରରେ ଭୋଟରଙ୍କ ଭୋଟଦାନ ଅପାତ୍ରରେ ଗଲା ବୋଲି ମାନିନେବାକୁ ପଡିବ। ତା'ଛଡା ଏହି ନିର୍ବାଚିତ ଜନ ପ୍ରତିନିଧିଙ୍କଠାରୁ ଲୋକେ ଯେ, କି ପ୍ରକାର ସେବା ଓ ସହଯୋଗ ପାଇବେ ତାହା ତ ସମସ୍ତଙ୍କୁ ଜଣାଥିବ। ଆଜିକାଲି ବିଭିନ୍ନ ଆପରାଧିକ ମାମଲାରେ ଜେଲରେ ଥିବା ଅଭିଯୁକ୍ତମାନେ ବି ନିର୍ବାଚନରେ ପ୍ରାର୍ଥୀ ହୋଇ ଜୟଯୁକ୍ତ ହେଉଥିବାର ଏ କାନ ଶୁଣୁଛି। ଏହା ଅପାତ୍ରରେ ଦାନ ନୁହେଁ ତ ଆଉ କ'ଣ? ସରକାର ବିଭିନ୍ନ ସମୟରେ ଅନେକ ଜନ ହିତକର ଓ ଗରିବ କଲ୍ୟାଣ ଯୋଜନା ମାନ ପ୍ରଣୟନ କରୁଛନ୍ତି। ଯୋଗ୍ୟ ହିତାଧିକାରୀମାନେ ଏସବୁ ଯୋଜନାରୁ ଉପକୃତ ହେବେ ଏହା ହିଁ ଯୋଜନାର ମୂଳ ଲକ୍ଷ୍ୟ। ହେଲେ ଦେଖାଯାଉଛି ଅଯୋଗ୍ୟମାନେ ଏଥିରେ ଭାଗ ବସାଉଛନ୍ତି। ନାନାଦି କାରସାଦି କରି ଯୋଜନାରେ ନିଜକୁ ସାମିଲ କରାଉଛନ୍ତି। ଯାହାଫଳରେ ସରକାରୀ ଯୋଜନାର ସୁଫଳ ଯୋଗ୍ୟଙ୍କ ବଦଳରେ ଅପାତ୍ର ବା ଅଯୋଗ୍ୟଙ୍କ ହାତକୁ ଚାଲିଯାଉଛି।



ଏବେ ଆସନ୍ତୁ ଆଲୋଚନା କରିବା ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରେ କଳା, ସାହିତ୍ୟ, ଶିକ୍ଷକତା, ସମାଜସେବା ଆଦି କ୍ଷେତ୍ରରେ ପ୍ରଦାନ କରାଯାଉଥିବା ସମ୍ମାନ, ପୁରସ୍କାର ଓ ଉପାଧିଗୁଡିକ କଥା। ଏବେ ଏସବୁ ଯେମିତି କ୍ରୟ ବିକ୍ରୟର ସାମଗ୍ରୀ ପାଲଟିଗଲାଣି ବୋଲି ଅନେକେ ଅଭିଯୋଗ କରନ୍ତି। ଏଥିରେ ସ୍ୱଚ୍ଛତା ଓ ନିରପେକ୍ଷତା ରହୁ ନାହିଁ। ସମ୍ମାନ, ପୁରସ୍କାର ଓ ଉପାଧି ବିକଳ ଅଯୋଗ୍ୟ ବ୍ୟକ୍ତିବିଶେଷ ସମାଜରେ ନିଜର ମାନସମ୍ମାନ, ପ୍ରତିଷ୍ଠା ଓ ପତିଆରା ବଢ଼ାଇବା ଲକ୍ଷ୍ୟରେ ଯେ କୌଣସି ଅନୈତିକ ବାଟ ଆପଣାଇ ନେବାକୁ ସାମାନ୍ୟ ଲଜ୍ଜା କି ସଙ୍କୋଚବୋଧ କରୁନାହାନ୍ତି। ଆଉ ଏସବୁ ପ୍ରଦାନ କରୁଥିବା ସରକାରୀ ଏବଂ ବେସରକାରୀ ସଂସ୍ଥା ଓ ସଙ୍ଗଠନଗୁଡିକ ବି ସବୁ ନୀତି ନିୟମ ଓ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ ଏକ ଘୃଣ୍ୟ ପରମ୍ପରା ସୃଷ୍ଟି କରିବାରେ ତିଳେମାତ୍ର କାର୍ପଣ୍ୟ କରୁନାହାନ୍ତି। ଆଜିକାଲି ତ ଶହ ଶହ ଅନାମଧେୟ ସଂସ୍ଥା ଓ ସଙ୍ଗଠନ କେବଳ ସମ୍ମାନ, ପୁରସ୍କାର ଓ ଉପାଧି ପ୍ରଦାନ କରିବା ନାଁରେ ବ୍ୟବସାୟ ଚଳାଇଛନ୍ତି। ଆଉ ଏମାନଙ୍କଠାରୁ ଏସବୁ କ୍ରୟ କରିବାକୁ ଗରାଖମାନଙ୍କର ଅଭାବ ନାହିଁ। ଆବଶ୍ୟକ ଯୋଗ୍ୟତା ନ ଥାଇ ଯଦି କିଛି ଟଙ୍କା ବିନିମୟରେ ପୁରସ୍କାର, ସମ୍ମାନ କି ଉପାଧିଟିଏ ମିଳିଗଲା ତେବେ ଏଭଳି ସୁଯୋଗକୁ କିଏ ବା କାହିଁକି ହାତଛଡ଼ା କରିବ।

ଗପଟି ହେଉଛି ଇଂଲଣ୍ଡର ଜଣେ ବ୍ୟବସାୟୀ ଦିନେ ଘୋଡ଼ାରେ ବସି ନିଜ କାର୍ଯ୍ୟରେ କୌଣସି ଏକ ସ୍ଥାନକୁ ଯାଇଥିଲେ। ତେବେ ତାଙ୍କର ଫେରୁ ଫେରୁ ରାତି ହୋଇଗଲା। ଫେରିବା ରାସ୍ତାରେ ତାଙ୍କର ନଜର ପଡିଲା ଏକ ଦୋକାନ ଉପରେ, ଯେଉଁଠି ବହୁ ଲୋକ ଭିଡ ଜମାଇଥିଲେ। କାରଣ କ'ଣ ଜାଣିବାକୁ ବ୍ୟବସାୟୀ ଜଣଙ୍କ ସେହି ଦୋକାନ ପାଖକୁ ଗଲେ। ସେ ଜାଣିବାକୁ ପାଇଲେ ଯେ, ସେଠାରେ ପିଏଚ୍.ଡି. ଡିଗ୍ରୀ ବିକ୍ରି ହେଉଛି। ତାଙ୍କର ଏହା କିଣିବାକୁ ଆଗ୍ରହ ହେଲା ଓ ଆବଶ୍ୟକ ଟଙ୍କା ପୈଠ କରି ସେ ଏହା କିଣି ଘରକୁ ଫେରିଲେ। ଘରେ ନିଜ ପତ୍ନୀଙ୍କ ପାଖରେ ସେ ଏ କଥା କହିବାରୁ ଧର୍ମପତ୍ନୀ ମନଦୁଃଖ କରି କହିଲେ ନିଜ ପାଇଁ ଡିଗ୍ରୀଟିଏ କିଣି ଆଣିଲ ଅଥଚ ମୋ କଥା ଥରେ ଚିନ୍ତା କଲନି। ପତ୍ନୀଙ୍କ ମୁହଁରୁ ଏକଥା ଶୁଣି ତାଙ୍କୁ ଖୁସି କରିବା ପାଇଁ ବ୍ୟବସାୟୀ ଜଣକ ପୁଣି ସେ ଦୋକାନ ପାଖକୁ ଗଲେ ଓ ତାଙ୍କ ଧର୍ମପତ୍ନୀଙ୍କ ପାଇଁ ବି ପିଏଚ୍.ଡି. ଡିଗ୍ରୀଟିଏ କିଣି ଘରକୁ ଆଣିଲେ। ଏଥର ଧର୍ମପତ୍ନୀ ଖୁସି ହୋଇ କହିଲେ ଆମ ଦୁହିଁଙ୍କର ତ ଡିଗ୍ରୀ ମିଳିଗଲା, ହେଲେ ପ୍ରତିଦିନ ତୁମକୁ ଯିଏ ନିଜ ପିଠିରେ ବସାଇ ବିଭିନ୍ନ ସ୍ଥାନକୁ ନେଉଛି ଓ ତୁମ ବ୍ୟବସାୟରେ ସହାୟତା କରୁଛି ତା'କଥା ତ ଚିନ୍ତା କରିବା ଆବଶ୍ୟକ। ତା' କଥା ଭୁଲିଗଲେ କେମିତି ହେବ। ଏକଥା ଶୁଣି ବ୍ୟବସାୟୀ କହିଲେ ତୁମେ ଠିକ୍ କହିଛ। ଏଥର ମୁଁ ଚାଲିଲି। ସେହି ନିର୍ଦ୍ଦିଷ୍ଟ ଦୋକାନ ପାଖରେ ପହଞ୍ଚି ସେ ଯେତେବେଳେ ପୁଣି ଆଉ ଗୋଟେ ପିଏଚ୍.ଡି. ଡିଗ୍ରୀ ମାଗିଲେ ତ ଦୋକାନୀ କହିଲା ଏଥର ପୁଣି କାହା ପାଇଁ। ବ୍ୟବସାୟୀ କହିଲେ ଏଇଟା ମୋ ଘୋଡା ପାଇଁ। ଏଥର ଦୋକାନୀ କହିଲା ଦେଖ ଭାଇ, ଏଠାରେ ଘୋଡ଼ାଙ୍କ ପାଇଁ ପିଏଚ୍.ଡି. ଡିଗ୍ରୀ ମିଳେନା, ମିଳେ କେବଳ ଗଧଙ୍କ ପାଇଁ। ପ୍ରିୟ ପାଠକେ ଆପଣ ଏହାର ସତ୍ୟତା ନିରୋଳାରେ ବସି ଚିନ୍ତା କରନ୍ତୁ।

ଶଙ୍ଖିଡ଼ା, ତିହିଡ଼ି, ଭଦ୍ରକ
ମୋ-୯୯୩୭୫୬୫୫୨୭

## ଏଇ ଭାରତରେ

ଟେକ୍ନିସିଆନ ଚାକିରି ଛାଡ଼ି ଏବେ ଜଣେ ସଫଳ ଡାଏରି ବ୍ୟବସାୟୀ ହୋଇପାରିଛନ୍ତି ଉତ୍ତରାଖଣ୍ଡର ହରିଓମ୍ ନୌଟିଆଲ। ସେ 'ଧନ୍ୟ ଧେନୁ' ସଂସ୍ଥା ଗଠନ କରିଛନ୍ତି। ଏହା ମାଧ୍ୟମରେ କ୍ଷୀର ଓ ବିଭିନ୍ନ ଡାଏରି ଉତ୍ପାଦ ବିକ୍ରି କରୁଛନ୍ତି ଓ ଏଥିରୁ ବର୍ଷକୁ ୨ କୋଟି ଟଙ୍କା ଲାଭ ପାଉଛନ୍ତି। ଏହି କାର୍ଯ୍ୟରେ ସେ ଡେରାଡୁନ୍ ଆଖପାଖର ୧୫ଟି ଗାଁର ୫୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ବିଶେଷ କରି 'ଧନ୍ୟ ଧେନୁ' ଦ୍ୱାରା ଦୁଗ୍ଧଜାତ ଉତ୍ପାଦ ଯଥା ଘିଅ, ଦହି, ପନିର ସହ ୧୫ ପ୍ରକାର ଆଚାର, କ୍ୟାଣ୍ଡିଜ ଓ ୨୦ ପ୍ରକାର ଆଇସକ୍ରିମ ପ୍ରସ୍ତୁତ ହେଉଛି। ବେଙ୍ଗାଲୁରୁରୁ ଚାକିରି ଛାଡ଼ି ହରିଓମ୍ ୨୦୧୩ରେ ତାଙ୍କ ଗାଁ ବାରକୋଟକୁ ଫେରି ଗୋପାଳନ ଆରମ୍ଭ କରିଥିଲେ। ପ୍ରଥମେ ସେ ୧୦ଟି ଗାଈ ରଖି ସ୍ଥାନୀୟ ଅଞ୍ଚଳରେ କ୍ଷୀର ବିକ୍ରି କରୁଥିଲେ। ଏହି ସମୟରେ ସେ ୫୦-୬୦ ଲିଟର କ୍ଷୀର ପାଉଥିଲେ ଏବଂ ଅନେକ ଲୋକଙ୍କୁ କ୍ଷୀର ମାଗଣାରେ ଦେଉଥିବାରୁ ତାଙ୍କର ଲାଭ ପ୍ରାୟତଃ ହେଉ ନ ଥିଲା। ପରେ ହରିଓମ୍ ଅଧିକ ଗାଈ ରଖିଲେ ଏବଂ ଏବେ ଡେରାଡୁନ ଓ ଋଷିକେଶରେ ଦିନକୁ ୨୫୦ ଲିଟର କ୍ଷୀର ବିକ୍ରି କରି ୫,୦୦୦ ଟଙ୍କା ଲାଭ ପାଉଛନ୍ତି। ଏହାବ୍ୟତୀତ ସେ ତାଙ୍କ ଗାଁରେ ଦୁଗ୍ଧସଂଗ୍ରହ କେନ୍ଦ୍ର ପ୍ରତିଷ୍ଠା କରି ସରକାରୀ ସବ୍‌ସିଡିରେ କ୍ଷୀର ସଂଗ୍ରହ କରି ବିଭିନ୍ନ ଉତ୍ପାଦ ତିଆରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଡିସେମ୍ବର ୧୯୭୫

- ପର୍ତ୍ତୁଗାଲ ଶାସିତ ତିମୋରର ରାଜଧାନୀ ଡିଲିକୁ ଫେରିଟିଲିନ ବିରୋଧୀ ସୈନ୍ୟମାନେ ଦଖଲ କରି ନେଇଛନ୍ତି।
- ଲେବାନନରେ ପୁଣିଥରେ ହିଂସାକାଣ୍ଡ ଆରମ୍ଭ ହୋଇଯିବା ଫଳରେ ଅନ୍ୟୁନ ୬୦ରୁ ୭୦ ଜଣଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି।
- ମହାରାଷ୍ଟ୍ରରେ ଜାତିଭେଦ ପ୍ରଥା ରହିଥିବା ଗାଁଗୁଡ଼ିକୁ ସାହାଯ୍ୟ ବନ୍ଦ କରିଦେବା ଓ ଗ୍ରାମବାସୀଙ୍କଠାରୁ ମିଳିତ ଜରିମାନା ଆଦାୟ କରିବାକୁ ଜାତିପ୍ରଥା ବିରୋଧୀ କମିଟି ସୁପାରିଶ କରିଛନ୍ତି।

## ଚିରନ୍ତନୀ

ପୀରତି ନାମରେ କିପାଇଁ ଭୟ
କହ ଗୋ ଆଜ
ସେ ନୁହେ କୁହୁକ ଆକାଶବାଣୀ
ସେ ନୁହେ ଲାଜ।
(ପ୍ରାଚୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | | 9 | | |
| | | 6 | | 3 | 5 | 7 | | |
| 7 | 9 | | | | | | | |
| 1 | 2 | | | | 8 | | | 3 |
| | | | | | 3 | | | |
| | | 7 | | | | 6 | | |
| | | | 7 | | | | 6 | 8 |
| | | 4 | | | | | | |
| | 3 | | | | 6 | 1 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 8 | 6 | 5 | 9 | 7 | 1 | 2 |
| 1 | 9 | 5 | 7 | 2 | 3 | 6 | 4 | 8 |
| 2 | 7 | 6 | 1 | 8 | 4 | 3 | 5 | 9 |
| 7 | 1 | 9 | 5 | 4 | 2 | 8 | 6 | 3 |
| 4 | 5 | 2 | 8 | 3 | 6 | 9 | 7 | 1 |
| 6 | 8 | 3 | 9 | 1 | 7 | 5 | 2 | 4 |
| 5 | 3 | 7 | 4 | 9 | 1 | 2 | 8 | 6 |
| 9 | 6 | 4 | 2 | 7 | 8 | 1 | 3 | 5 |
| 8 | 2 | 1 | 3 | 6 | 5 | 4 | 9 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପରିବହନ ସେବା ବାଧାପ୍ରାପ୍ତ

ମହାଶୟ,

କଟକ ସଦର ଆୟଉପୁରଠାରୁ କନ୍ଦରପୁର ମଧ୍ୟରେ ଏକ କଲଭର୍ଟ ଭାଙ୍ଗି ଯାଇଥିବାରୁ ଗ୍ରାମୀଣ ପରିବହନ ସେବା(ଲକ୍ଷ୍ମୀ) ବସ୍‌ସେବା ବାଧାପ୍ରାପ୍ତ ହୋଇଅଛି। ଘର ପାଖରୁ ଯିବାକୁ ଅସୁବିଧା ହେଉଅଛି। ତୁରନ୍ତ କଲଭର୍ଟ ପୁନଃନିର୍ମାଣ ପ୍ରତି ପୂର୍ତ୍ତ ବିଭାଗ ଧ୍ୟାନଦେବା ଆବଶ୍ୟକ। ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଯାଉ। କାରଣ ବାଲିବୋଝେଇ ହାଇୱା ଗାଡ଼ି ଚଳାଚଳ ଯୋଗୁ ରାସ୍ତା ମଧ୍ୟ ଖରାପ ହେଉଛି। ଗମନାଗମନ ପ୍ରତି ପୂର୍ତ୍ତ ବିଭାଗ ଅଧିକ ଯତ୍ନବାନ ହୁଅନ୍ତୁ। ଏବେ ଯାତ୍ରୀମାନେ ଦୟନୀୟ ଭାବେ ଯାତାୟାତ କରୁଛନ୍ତି। ରୋଗୀମାନଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ତଥା ମଧ୍ୟାହ୍ନଭୋଜନ ନେଇ ଯିବାଆସିବା ଗାଡ଼ି ପ୍ରତି ଦୃଷ୍ଟି ଦିଆଯାଉ।

– ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ତ୍ରିଲୋଚନ ସାହୁଙ୍କୁ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଶନିବାର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ବିଜେତା (ବ୍ୟକ୍ତିଗତ ସ୍ତର) ଭାବେ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି (ବାମ)। ସେହିପରି ଆଞ୍ଚଳିକ ବିକାଶ ପରିଷଦର ସାଗର କୁମାର ପାତ୍ରଙ୍କୁ ବରିଷ୍ଠ ସହସମ୍ପାଦକ ଦୁର୍ଯ୍ୟୋଧନ ମିଶ୍ର 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ବିଜେତା ଭାବେ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି। ନିକଟରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ଧରିତ୍ରୀ ପରିବାରର ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

# ସୂର୍ଯ୍ୟମନ୍ଦିରରେ ଏଏସ୍ଆଇ ଏଡିଜିଙ୍କ ଅନୁଧ୍ୟାନ

## ଗର୍ଭଗୃହରୁ ବାହାରିବ ବାଲି

କୋଣାର୍କ,୭।୧୨(ଜ୍ୟୋତିରାଜ ମହାନ୍ତି)



ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି ବାହାରିବା ନେଇ ଶନିବାର ଏଏସ୍ଆଇ ଏଡିଜି ଜାନ୍‌ଭିଜ ଶର୍ମା ଅନୁଧ୍ୟାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାଇରେକ୍ଟର କନ୍‌ଜରଭେସନ ଭୀମା ଆଜମିର, ଏଏସ୍ଆଇ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଦିଲୀପ କୁମାର ଖମାରୀ, ସର୍କଲ ସୁପରିଟେଣ୍ଡେଣ୍ଟ ଡ. ଡି.ବି. ଗଡ଼ନାୟକ, ଡେପୁଟି ସୁପରିଟେଣ୍ଡେଣ୍ଟ ଚିତ୍ତରଞ୍ଜନ ଦାଶ, ଜୀବନ ପଟ୍ଟନାୟକ, ସୁଦୀପ ସେନ୍ ଓ ଆଇଆଇଟି ଚେନ୍ନାଇ, ଆଇଆଇଟି ଦିଲ୍ଲୀ, ଏକ୍ସପର୍ଟ କମିଟି, କୋର୍ କମିଟିର ବିଶେଷଜ୍ଞ ଦଳ ଉପସ୍ଥିତ ଥିଲେ। ସୂର୍ଯ୍ୟମନ୍ଦିରରେ ୪ଘଣ୍ଟାରୁ ଅଧିକ ସମୟ ରହି ତନ୍ନତନ୍ନ କରି ଅନୁଧ୍ୟାନ କରିଥିଲେ। ଉତ୍ତର ପଶ୍ଚିମ କୋଣ ହାତୀଦ୍ୱାର ନିକଟରେ ଏଡିଜିଙ୍କ ସମେତ ୧୫ଜଣିଆ ବିଶେଷଜ୍ଞ ଦଳ ଆଲୋଚନା କରିବା ପରେ ଶିଡ଼ି ସାହାଯ୍ୟରେ ମନ୍ଦିର ଚୂଡ଼ା ଉପର ବୁଲି ଦେଖିବା ସହିତ ବାଲିକଢ଼ା ପ୍ରକ୍ରିୟା, ମନ୍ଦିରର ଅବସ୍ଥିତି, ସଂରକ୍ଷଣ ଆଦି ସମ୍ପର୍କରେ ସମୀକ୍ଷା କରିଥିଲେ। ଆମ ଟିମ୍ ମନ୍ଦିର ଉପରକୁ ଯାଇ ନିରୀକ୍ଷଣ କରିଛୁ। ସମସ୍ତଙ୍କ ପରାମର୍ଶକ୍ରମେ ନିଷ୍ପତ୍ତି ନିଆଯିବ ବୋଲି ଶର୍ମା ସୂଚନା ଦେଇଛନ୍ତି।

ସୂଚନାଥାଉକି, ୨୦୨୨ ସେପ୍ଟେମ୍ବରରେ ଏଏସ୍ଆଇ ଓ ବିଡିଆର ନିର୍ମାଣ ବିଭାଗ ସୂର୍ଯ୍ୟମନ୍ଦିର ଗର୍ଭଗୃହ ଦ୍ୱାର ନିକଟରେ ପୂଜାର୍ଚ୍ଚନା କରି ଶୁଭ ଦେଇଥିଲେ। ୨୦୨୩ ଜାନୁୟାରୀରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମନ୍ଦିର ଉତ୍ତର ଓ ପଶ୍ଚିମ କୋଣରେ ଲିଫ୍ଟ ପାଇଁ ମୂଳଦୁଆ ନିର୍ମାଣ ହୋଇଥିଲା। ପରେ ଟନେଲ୍ ଓ ଲିଫ୍ଟ ନିର୍ମାଣ ନିମନ୍ତେ ଫର୍ମାଟ ଓ ଲେଆଉଟ୍ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହିଭଳି ଦକ୍ଷିଣ ପାର୍ଶ୍ୱରେ ଲୁହା ବିମ୍ ସାହାଯ୍ୟରେ ମନ୍ଦିର ଚୂଡ଼ାକୁ ପାହାଚ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି।




# ୧୦୦ ଦିନିଆ ଯକ୍ଷ୍ମା ଦୂରୀକରଣ ଅଭିଯାନ ଆରମ୍ଭ

## ଯକ୍ଷ୍ମା ମୃତ୍ୟୁ ହାର ୯୦ ପ୍ରତିଶତ ହ୍ରାସ ଲକ୍ଷ୍ୟ: ସ୍ୱାସ୍ଥ୍ୟମନ୍ତ୍ରୀ

### ୧୯ ଜିଲାରେ 'ନି-କ୍ଷୟ ମିତ୍ର' କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୭।୧୨(ବନ୍ଦନା ସେଠୀ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଶନିବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପରିସରରେ '୧୦୦ ଦିନିଆ ଯକ୍ଷ୍ମା ଦୂରୀକରଣ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ, ରାଜ୍ୟର ୧୯ଟି ଯକ୍ଷ୍ମାପ୍ରବଣ ଜିଲାରେ ଯକ୍ଷ୍ମା ରୋଗକୁ ମୂଳପୋଛ କରିବା ଲକ୍ଷ୍ୟନେଇ ଅଭିଯାନ ଆରମ୍ଭ ହୋଇଛି। ଯକ୍ଷ୍ମା ଭଳି ମାରାତ୍ମକ ରୋଗର ନିରାକରଣ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିବଦ୍ଧ। ୨୦୨୫ ଶେଷ ସୁଦ୍ଧା ଦେଶରୁ ଯକ୍ଷ୍ମା ନିରାକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତେଣୁ ୨୦୧୫ ବେସ୍‌ଲାଇନ ତୁଳନାରେ ଯକ୍ଷ୍ମା ରୋଗକୁ ୮୦ ପ୍ରତିଶତ ହ୍ରାସ କରିବା ଏବଂ ଯକ୍ଷ୍ମା ମୃତ୍ୟୁହାରକୁ ୯୦ ପ୍ରତିଶତ ହ୍ରାସ କରିବା ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଦୂରଦୂରାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ରାଜ୍ୟର ୧୯ଟି ଜିଲାରେ 'ନି-କ୍ଷୟ ମିତ୍ର' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ। ସେହି ଜିଲାଗୁଡ଼ିକ ହେଉଛି ବଲାଙ୍ଗୀର, ବରଗଡ଼, ଭଦ୍ରକ, ବୌଦ୍ଧ, କଟକ, ଦେବଗଡ଼, ଗଞ୍ଜାମ, ଜଗତସିଂହପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ପୁରୀ, ରାୟଗଡ଼ା, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯକ୍ଷ୍ମାରୋଗୀ ଓ ପରିବାରବର୍ଗଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯିବ। ଏହି ୧୦୦ ଦିନିଆ ଆକ୍ଟିଭ୍ କେସ୍ ଫାଇଣ୍ଡିଂ (ଏସିଏଫ୍) ଅଭିଯାନ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରିବା, ତୁରନ୍ତ ଚିହ୍ନଟ ସହ ଚିକିତ୍ସା ଫଳାଫଳକୁ ଉନ୍ନତ କରିବ। କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସମ୍ପର୍କିତ ବିଭିନ୍ନ ପ୍ରଚାର ପତ୍ରିକା ଉନ୍ମୋଚନ କରିବା ସହ 'ଯକ୍ଷ୍ମା ମୁକ୍ତ ଓଡ଼ିଶା ଏବଂ ଯକ୍ଷ୍ମାମୁକ୍ତ ଭାରତ' ଗଢ଼ିବା ପାଇଁ ଜନସାଧାରଣ ଓ ଦାତବ୍ୟ ଅନୁଷ୍ଠାନଗୁଡ଼ିକର ସହଯୋଗ କାମନା କରିଥିଲେ। ଯକ୍ଷ୍ମା ନିରାକରଣରେ ଉଲ୍ଲେଖନୀୟ ଅବଦାନ ପାଇଁ ଟିବି ଚାମ୍ପିୟନ ଅର୍ଜୁନ ଚରଣ ନାଥ ଏବଂ ସସ୍ମିତା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡ. ବିଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଡା. ବୃନ୍ଦା ଡି. ରାଜ୍ୟର ଯକ୍ଷ୍ମାରୋଗର ସାମ୍ପ୍ରତିକ ସ୍ଥିତି, ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶିକା ଡା. ବୃନ୍ଦା ଡି ଓ ଅନ୍ୟମାନେ ଶନିବାର ପତାକା ଦେଖାଇ 'ନି-କ୍ଷୟ ମିତ୍ର' କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ବସ୍ ଧକ୍କାରେ ୩ ବାଇକ୍ ଆରୋହୀ ମୃତ

ମାଲକାନଗିରି,୭।୧୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି-୭ ଗ୍ରାମ ନିକଟରେ ଶନିବାର ଏକ ଓଏସ୍ଆର୍‌ଟିସି ବସ୍ ଧକ୍କାରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ପିଭି ୮୬ ଗ୍ରାମର ଗୁଡ୍ଡୁ ବିଶ୍ୱାସ, ପ୍ରତାପ ବିଶ୍ୱାସ, କରନ ସେନ। ବସ୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ମାଲକାନଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଏକ ଓଏସ୍ଆର୍‌ଟିସି ବସ୍ ମାଲକାନଗିରିରୁ ପଡ଼ିଆ ଅଭିମୁଖେ ଯାଉଥିବାବେଳେ ଏମ୍‌ଭି ୭ ଗ୍ରାମ ନିକଟରେ ଥିବା ବୁଲାଣିରେ ସାମ୍ନା ପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍ ଚାଳକ ବସ୍‌କୁ ଦେଖି ଖୁବ୍ ଜୋରରେ ବ୍ରେକ୍ ଦେବାରୁ ବାଇକ୍‌ରେ ବସିଥିବା ସମସ୍ତ ୩ ଜଣ ଛିଟିକିଯାଇ ବସ୍ ଚକା ତଳେ ପଡ଼ିଥିଲେ। ଫଳରେ ବସ୍ ତାଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି।

# ଅଙ୍ଗନୱାଡି କର୍ମୀଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୭।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ମାଓବାଦୀମାନେ ଜଣେ ଅଙ୍ଗନୱାଡି କର୍ମୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଉସୁର ବ୍ଲକ୍ ତିମାପୁର ଗ୍ରାମର ଲକ୍ଷ୍ମୀ ପଦ୍ମା। ମାଓବାଦୀ ସଙ୍ଗଠନ ବିରୋଧୀ କାର୍ଯ୍ୟ ଓ ପୋଲିସକୁ ସୂଚନା ଦେଉଥିବାରୁ ପଦ୍ମାଙ୍କୁ ହତ୍ୟାକରାଯାଇଥିବା ମାଓବାଦୀମାନେ ମୃତଦେହ ନିକଟରେ ଛାଡ଼ିଯାଇଥିବା ଏକ ହାତଲେଖା ଚିଠିରେ ଉଲ୍ଲେଖ କରିଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁସାରେ, ବିଜାପୁର ଜିଲା ଉସୁର ବ୍ଲକ୍ ତିମାପୁର ଗ୍ରାମର ଅଙ୍ଗନୱାଡି କର୍ମୀ ଲକ୍ଷ୍ମୀ ପଦ୍ମା ଶୁକ୍ରବାର ରାତିରେ ନିଜ ଘରେ ଶୋଇଥିବାବେଳେ କେତେଜଣ ସଶସ୍ତ୍ର ମାଓବାଦୀ ଆସି ତାଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ମାଓବାଦୀମାନେ ଆକ୍ରମଣ କରିବା ସମୟରେ ପଦ୍ମାଙ୍କ ପୁଅ ସେମାନଙ୍କୁ ବିରୋଧ କରିଥିଲେ। ଏହାସତ୍ତ୍ୱେ ମାଓବାଦୀମାନେ ପଦ୍ମାଙ୍କୁ ହତ୍ୟାକରି ସେଠାରେ ଏକ ହାତଲେଖା ଚିଠି ଛାଡ଼ିଯାଇଥିଲେ, ଯେଉଁଥିରେ ମାଓବାଦୀ ସଙ୍ଗଠନ ବିରୋଧୀ କାର୍ଯ୍ୟ ଓ ପୋଲିସକୁ ସୂଚନା ଦେଉଥିବାରୁ ପଦ୍ମାଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖ ରହିଥିବା ସୂଚନା ମିଳିଛି। ତେବେ ଲକ୍ଷ୍ମୀଙ୍କୁ ପୂର୍ବରୁ ମଧ୍ୟ ମାଓବାଦୀମାନେ ଚେତାବନୀ ଦେଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

ସୂଚନାଥାଉ କି ଏହାର ଗୋଟିଏ ଦିନ ପୂର୍ବରୁ ମାଓବାଦୀମାନେ ବିଜାପୁରରେ ୨ଜଣ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରିଥିଲେ।

**OFFICE OF THE EXECUTIVE ENGINEER. MINOR IRRIGATION DIVISION, SERAIKELLA**

**Short e-Procurement Tender Notice**
**Two Envelope System**
**Tender Reference No:- WRD/MID /SERAIKELLA/BD/SLI-02/2024-25**

| | | |
|---|---|---|
| 1 | Name of Work: | Construction of Work of Aruwan Solar Powered Lift Irrigation Scheme under Block Kuchai, Dist :- Seraikella-Kharsawan |
| 2 | Estimated Cost (Rs.) | Rs. 1,17,79,200.00 (Rupees One Crore Seventeen Lakh Seventy Nine Thousand Two Hundred only. |
| 3 | Cost of tender document (Rs) | Rs. 10,000.00 (Ten Thousand ) only (non-refundable). |
| 4 | Earnest Money Deposit (Rs.) | Rs. 1,18,000.00 (Rupees One Lakh Eighteen Thousand only). |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publicationof Tender on website http://jharkhandtenders.gov.in) | Date: 21.12.2024 Time 2:00 PM |
| 8 | Last Date/Time for downloading of bidding documents and Submission of Tender on Website | Date: 2 8.12.2024 Time 3:00 PM |
| 9 | Submission of Tender Fee and EMD | Start Date :- 21.12.2024 Time 2:00 PM Last Date :- 28.12.2024 Time 3:00 PM |
| 10 | Technical Bid Opening Date | Date: 30.12.2024 Time : 4.00 PM |
| 11 | Officer Inviting Bids | Executive Engineer Minor Irrigation Division Seraikella |
| 12 | Contact No. of Procurement Officer e-mail of Procurement Officer | 91427-81867 |
| 13 | Help line No. of Procurement Cell | 91427-81867 |

**Note:-**
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps **(AC/DC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- **Only e-Tender will be accepted.**

Further details can be seen on website http://jharkhandtenders.gov.in

**Executive Engineer,**
**Minor Irrigation Division,Seraikella**

**PR 341463 (Water Resource)24-25*D**

# ଛାତ୍ରୀଛାତ୍ର ପ୍ରଯୁକ୍ତିବିଦ୍ୟା, ସାମାଜିକ କ୍ଷେତ୍ରକୁ ନୂଆରୂପ ଦେବେ

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ

- ୪୭ଜଣ ଗବେଷକଙ୍କୁ ଡକ୍ଟରେଟ୍, ୩ଜଣଙ୍କୁ ଗୋଲ୍ଡ ମେଡାଲ
- ୧୯ ଶିକ୍ଷାର୍ଥୀଙ୍କୁ ୟୁନିଭର୍ସିଟି ଗୋଲ୍ଡ ମେଡାଲ ପ୍ରଦାନ

ଭୁବନେଶ୍ୱର/ଜଟଣୀ (ଅନୁରାଧା ମହାରଣା/ ରବୀନ୍ଦ୍ରନାଥ ମହାକୁଡ଼),୭।୧୨




ଉତ୍ସବରେ ରାଜ୍ୟପାଳ ରଘୁବର ଦାସଙ୍କ ସହ ଅନ୍ୟ ଅତିଥିମାନେ।

ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ ଶନିବାର ଜଟଣୀସ୍ଥିତ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ଅଧ୍ୟକ୍ଷତା କରି କହିଲେ, ଏକବିଂଶ ଶତାବ୍ଦୀର ସମାଜ ଜ୍ଞାନ ଦ୍ୱାରା ପରିଚାଳିତ ହେବ। ଏଣୁ ଛାତ୍ରୀଛାତ୍ର କଠିନ ଅଧ୍ୟବସାୟ କରି ଜ୍ଞାନର ପରିସର ବିସ୍ତାରିତ କରିବା ସହିତ ନିଜ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମାବର୍ତ୍ତନ ଉତ୍ସବ ଛାତ୍ରୀଛାତ୍ରଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭର ଅବସର ଆଣେ। ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଦିଗ ଯୁବ ଶକ୍ତିର ଆକାଂକ୍ଷା ଉପରେ ସ୍ଥିର ହେବାକୁ ଯାଉଛି ବୋଲି ରାଜ୍ୟପାଳ କହିଥିଲେ। ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟ ବିଚାରପତି ସନ୍ଦୀପ ମେହତା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇସ୍ରୋର ଚେୟାରମ୍ୟାନ୍ ଡ. ଶ୍ରୀଧର ପଣିକ୍କର ସୋମନାଥ ଯୋଗଦେଇ କହିଲେ, ଆଜିର ଛାତ୍ରୀଛାତ୍ର ଆଗାମୀ ଦିନରେ ଦେଶର ନେତୃତ୍ୱ ନେବେ। ଭାରତର ପ୍ରଯୁକ୍ତିବିଦ୍ୟା ଓ ସାମାଜିକ କ୍ଷେତ୍ରକୁ ନୂଆ ରୂପ ଦେବେ। ଜ୍ଞାନ ଅନ୍ୱେଷଣରେ ଅଟଳ ରହି ଏହାକୁ ନ୍ୟାୟସଙ୍ଗତ ବିକାଶ କ୍ଷେତ୍ରରେ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡ. ସୁପ୍ରିୟା ପଟ୍ଟନାୟକ ଛାତ୍ରୀଛାତ୍ର ଓ ଗବେଷକଙ୍କ କଠିନ ପ୍ରୟାସ ଏବଂ ଦୃଢ଼ ସଂକଳ୍ପକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ୪୭ଜଣ ଗବେଷକ ଡକ୍ଟରେଟ ଉପାଧି ଗ୍ରହଣ କରିଥିଲେ। ଏଥିସହ ବିଭିନ୍ନ ପାଠ୍ୟକ୍ରମରେ ସର୍ବୋତ୍ତମ କୃତିତ୍ୱ ଲାଗି ୨୦୨୪ ବ୍ୟାଚ୍‌ର ୨,୭୩୮ଜଣ ଓ ପୂର୍ବ ବ୍ୟାଚ୍‌ର ୧୩୮ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବାବେଳେ ଫାର୍ମାସି ଶିକ୍ଷାରେ ଅର୍ପିତା ପ୍ରିୟଦର୍ଶିନୀ ପଣ୍ଡାଙ୍କୁ 'ଭିଜିଟର୍ସ ଗୋଲ୍ଡ ମେଡାଲ'ରେ ସମ୍ମାନିତ କରାଯାଇଥିଲା। ସେହିପରି ସୁବର୍ଣ୍ଣ ପ୍ରମାଣିକଙ୍କୁ 'ଧୀରେନ ପଟ୍ଟନାୟକ ଗୋଲ୍ଡ ମେଡାଲ' ଏବଂ ଅମୀଷା କରଙ୍କୁ 'ପିଟର ରେନୱିକ୍ ମେମୋରିଆଲ ଗୋଲ୍ଡ ମେଡାଲ' ପ୍ରଦାନ କରାଯାଇଥିଲା। ଏହି ବ୍ୟକ୍ତିଗତ ସମ୍ମାନ ବ୍ୟତୀତ ଶିକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଁ ୧୯ ଶିକ୍ଷାର୍ଥୀଙ୍କୁ ୟୁନିଭର୍ସିଟି ଗୋଲ୍ଡ ମେଡାଲ ଏବଂ ୪୯ଜଣଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରୋ-କୁଳପତି ଡ. ବିଶ୍ୱଜିତ୍ ମିଶ୍ର ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ କର୍ତ୍ତବ୍ୟନିଷ୍ଠା ଓ ମୂଲ୍ୟବୋଧ ସମ୍ପର୍କିତ ଶପଥପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ଉପସଭାପତି ପ୍ରଫେସର ଡି.ଏନ୍. ରାଓ, କୁଳସଚିବ ଅନିତା ପାତ୍ରଙ୍କ ସହ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କୃଷି ଅଧିକାରୀଙ୍କ ପରଲୋକ

ତିହିଡ଼ି, ୭।୧୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତ ବୁଡଙ୍ଗ ଗ୍ରାମର ଅବସରପ୍ରାପ୍ତ କୃଷି ଅଧିକାରୀ ଉଦ୍ଧବ ଚରଣ ମହାପାତ୍ର(୮୪)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ହୃଦ୍‌ରୋଗରେ ପୀଡ଼ିତ ଥିଲେ। କୃଷି ଅଧିକାରୀ ସହ ଜଣେ ବରିଷ୍ଠ ସାମାଜିକ କର୍ମୀ ଭାବେ ସେ ପରିଚିତ ଥିଲେ। ଏହାବ୍ୟତୀତ ପଞ୍ଚଜନ୍ୟ ଯୁବକ ସଂଘ ଏବଂ ବୁଡଙ୍ଗ-ହଳଧରବିନ୍ଧା ଦୁର୍ଗାପୂଜା କମିଟିର ସେ ପ୍ରଥମ ସଭାପତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ଅଧ୍ୟାପକ ସରୋଜ କୁମାର ମହାପାତ୍ର, ଅଧ୍ୟାପକ ପଙ୍କଜ କୁମାର ମହାପାତ୍ର, ବଡ଼ବୋହୂ ଶିକ୍ଷୟିତ୍ରୀ ମନୋରମା ଦାସଙ୍କ ସମେତ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

# ବେକରେ ଆଳୁ, ପିଆଜ ମାଳ ପକାଇ ପ୍ରତିବାଦ



ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବାହାରିଥିବା ପ୍ରତିବାଦ ଶୋଭାଯାତ୍ରା।

ଭଦ୍ରକ,୭।୧୨(ସନାତନ ରାଉତ)

ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ଓ ମହିଳା ହିଂସା ପ୍ରତିବାଦରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମିତିର ଶତାଧିକ ମହିଳା ବେକରେ ଆଳୁ, ପିଆଜ ମାଳ ପକାଇ ବନ୍ତଛକରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଆମ ହାଣ୍ଡିଶାଳ ହେଲା ଅଚଳ, ଅଚଳ କରିବୁ ଶାସନ କଳ, ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ କର, ମହିଳା ହିଂସା ବନ୍ଦ କର, ଆମ୍ବ ଟାକୁଆ ଖାଇ ମହିଳା ମରେ କାହିଁକି ସରକାର ଜବାବ ଦିଅ, ଶିଶୁ ବିକ୍ରି ବନ୍ଦ କର ଆଦି ନାରା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ନାରୀନେତ୍ରୀ ପ୍ରଭାତୀ ଜେନାଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସାଧାରଣ ସମ୍ପାଦିକା ସୁରଜିତା ନାୟକ, ସୀତା ଦାସ, ମମତା ଜେନା, ଶାନ୍ତିଲତା ନାୟକ, ବାସନ୍ତୀ ବେହେରା ଓ କାମିନୀ ଭୋଇ ଡବଲ ଇଞ୍ଜିନ ସରକାରଙ୍କ ବିରୋଧରେ ବକ୍ତବ୍ୟ ରଖିଥିଲେ। ସରକାର ଆଦାନୀ, ଅମ୍ବାନୀଙ୍କ ଋଣ ଛାଡ଼ କରୁଥିବା ବେଳେ ସାଧାରଣ ଲୋକଙ୍କ ଉପରେ ଦ୍ରବ୍ୟ ଓ ସେବା ଟିକସ ଆଦାୟ, ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ରୋକିବାରେ ବିଫଳ ହେଉଥିବାରୁ ସାଧାରଣ ଲୋକଙ୍କ ଜୀବନ ଜୀବିକା ବିପନ୍ନ ହୋଇଛି ବୋଲି ସେମାନେ ସମାଲୋଚନା କରି କହିଥିଲେ। ଶେଷରେ ୬ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କୁ ପ୍ରଦାନ କରିଛନ୍ତି।

# 'ଦରିଦ୍ରଙ୍କ ବନ୍ଧୁ ଥିଲେ ମୁରଲୀଧର'


ପୂର୍ବତନ ବିଧାୟକ ମୁରଲୀଧର ଜେନାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଉପସ୍ଥିତ ଅତିଥି।

ଧାମନଗର,୭।୧୨(ସନ୍ତୋଷ କୁମାର ମହାପାତ୍ର)

ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ସ୍ୱର୍ଗତ ମୁରଲୀଧର ଜେନା ଦରିଦ୍ରଙ୍କ ବନ୍ଧୁ ଓ ଜନମାନସର ନେତା ଥିଲେ ବୋଲି ୫୮ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶନିବାର ଧାମନଗର ବ୍ଲକର ଭଗବାନପୁର ନୋଡାଲ ବିଦ୍ୟାଳୟ ପରିସରରେ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଆରତିବାଳା ବସନ୍ତିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଲକ୍ଷ୍ମୀଧର ଦାଶ, ଅନ୍ୟତମ ଅତିଥି ଭାବେ ସ୍ୱର୍ଗତ ଜେନାଙ୍କ ପୁତୁରା ତଥା ବରିଷ୍ଠ ଆଇନଜୀବୀ ଅନନ୍ତ ଜେନା, ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ର, ସୁଭଦ୍ରା ପଟ୍ଟନାୟକ, ଶିକ୍ଷାବିତ୍ ଖଗେଶ୍ୱର ମହାପାତ୍ର, ଶିକ୍ଷକ ନିରାକାର ରାଉତ, ପ୍ରହ୍ଲାଦ ବେହେରା, ସଙ୍ଗୀତ ଗୁରୁ ଅନନ୍ତ ପ୍ରସାଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ ସ୍ତରରେ ଅଭିବୃଦ୍ଧି ଆଣିବା ପାଇଁ ମୁରଲୀଧର ସାଇକେଲରେ ବୁଲି ବୁଲି ଲୋକଙ୍କ ସମସ୍ୟା ବୁଝୁଥିଲେ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ଅଶୋକ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ କଳ୍ପନା କୁମାରୀ ସାହୁ, ନନ୍ଦିନୀ ନାୟକ, ଲିପିକା ପ୍ରଧାନ, ମଞ୍ଜୁଲତା ମହାପାତ୍ର, ଅଞ୍ଜୁମ ମମତାଜ, ସୌମ୍ୟ ରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

ଧାମନଗର,୭।୧୨(ଦେବେନ୍ଦ୍ର ଆନ୍ଦିଆ)

ଧାମନଗରସ୍ଥିତ ମହତାବ ସେବା ସଦନ ପରିସରରେ ଶନିବାର ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ସ୍ୱର୍ଗତ ମୁରଲୀଧର ଜେନାଙ୍କ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ସେବାସଦନ ପରିସରରେ ଥିବା ସ୍ୱର୍ଗତ ଜେନାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆଇନଜୀବୀ ଦେବାଶିଷ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ କାଦରୀ, ଏମ୍‌ପି ପ୍ରତିନିଧି ସରୋଜ କୁମାର ମହାପାତ୍ର, ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ରସାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସେବା ସମର୍ପଣ ସମ୍ପର୍କରେ କହିଥିଲେ। ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ହୃଦାନନ୍ଦ କର, ନିରାକାର ଧଳ, ଅଭିମନ୍ୟୁ ମଲ୍ଲିକ, ବ୍ଲକ ବିଜେଡି ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ରଣଜିତ ମହାନ୍ତି, ସାମାଜିକ କର୍ମୀ ବିରେନ୍ଦ୍ର କୁମାର ଜେନା, ସୁଶାନ୍ତ ରାଉତ,


ମହତାବ ସେବା ସଦନ ପରିସରରେ ଅନୁଷ୍ଠିତ ଶ୍ରାଦ୍ଧୋତ୍ସବରେ ଉପସ୍ଥିତ ଅତିଥି।

ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ମୁରଲୀଧର ଜେନା ଏବଂ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଏନ୍‌ଏସି ଉପାଧ୍ୟକ୍ଷ ଓସିମ ଏସଦାନୀ ମାନସ ରଞ୍ଜନ ସାହୁ, ମାନସ କୁମାର ରାଉତ, ଶିକ୍ଷକ ମନୋଜ ସିଂ, ସୁରେନ୍ଦ୍ର ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେବା ସଦନ ପରିଚାଳକ ବାସୁଦେବ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ ଓ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଧୂଷୁରୀ, ୭।୧୨(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକର ଧୂଷୁରୀ ଓ ବେତାଳିଗାଁଠାରେ ପୂର୍ବତନ ବିଧାୟକ ସ୍ୱର୍ଗତ ମୁରଲୀଧର ଜେନାଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଧୂଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଅଧ୍ୟାପକ ସୁରଞ୍ଜନ ପଣ୍ଡା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ଅମ୍ବୁନିଧି ପତି, ରମାକାନ୍ତ ପରିଡ଼ା, ସାଧୁ ଚରଣ ଷଡ଼ଙ୍ଗୀ, ଶିକ୍ଷକ ମଦନ ମୋହନ ସାମନ୍ତରାୟ, ବିଜୟ ମିଶ୍ର, ସୁଜାତା ମହାନ୍ତି, ଦେବେନ୍ଦ୍ର ମଲ୍ଲିକ, ଗଙ୍ଗାଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମୁରଲୀଧର ଥିଲେ ଦରିଦ୍ର ଜନତାଙ୍କ ନେତା। ସେବା ମନୋଭାବ ତାଙ୍କୁ ଅମର କରିଛି ବୋଲି ଅତିଥିମାନେ କହିଥିଲେ। ସେହିପରି ବେତାଳିଗାଁ ବଜାର ପରିସରରେ ଥିବା ମୁରଲୀଧର ସ୍ମୃତି ମଣ୍ଡପ ପରିସରରେ ନେତାଜୀ ଜୟନ୍ତୀ ସ୍ମୃତି କମିଟି ଦ୍ୱାରା ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ଶିକ୍ଷକ ଚିତ୍ରଭାନୁ ମହାନ୍ତି, ଅଧିବକ୍ତା ଦେବାଶିଷ ସାମଲ, ପୂର୍ବତନ ସମିତିସଭ୍ୟ ଗୋପାଳ ଚନ୍ଦ୍ର ମଳିକ, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକ, ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଦିବଂଗତ ବିଧାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ।

# ଲିଙ୍ଗଭିତ୍ତିକ ହିଂସା, ବାଲ୍ୟବିବାହ ବନ୍ଦ ପାଇଁ ସଚେତନତା

ଭଦ୍ରକ,୭।୧୨(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ପ୍ରଶାସନ ଓ ସୋସାଇଟି ଫର୍ ଉଇକର କମ୍ୟୁନିଟି (ଆସିଆନା)ର ମିଳିତ ଆନୁକୂଲ୍ୟରେ ସମ୍ପାଦିକା ସୋଫିଆ ସେଖ୍‌ଙ୍କ ପୌରୋହିତ୍ୟରେ ଶନିବାର ଉତ୍ତରବାହିନୀସ୍ଥିତ ସାଳନ୍ଦୀ ଡିଗ୍ରୀ କଲେଜରେ ଲିଙ୍ଗଭିତ୍ତିକ ହିଂସା ଓ ବାଲ୍ୟବିବାହ ପରିସମାପ୍ତି ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଂଯୋଜକ ପ୍ରଦ୍ୟୁମ୍ନ ରଞ୍ଜନ ରାଉତ ଯୋଗଦେଇ ବାଲ୍ୟବିବାହ ଓ ଲିଙ୍ଗଭିତ୍ତିକ ହିଂସା ରୋକିବା ପାଇଁ ସି ପୋର୍ଟାଲ, ଜରୁରିକାଳୀନ ନମ୍ବର ୧୧୨, ମହିଳା ହେଲ୍ପ ଲାଇନ ୧୮୧, ଚାଇଲ୍ଡ ହେଲ୍ପ ଲାଇନ ନମ୍ବର ୧୦୯୮କୁ କଲ୍ କରିବାକୁ ପରାମର୍ଶ ଦେବା ସହ ଏହା ବିଷୟରେ ସବିଶେଷ ଆଲୋକପାତ କରିଥିଲେ। ସାଳନ୍ଦୀ ଡିଗ୍ରୀ କଲେଜ ଅଧ୍ୟକ୍ଷା ରାଜଶ୍ରୀ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆସିଆନାର ସମ୍ପାଦିକା ସୋଫିଆ ଘରୋଇ ହିଂସା ଆଇନ ଏବଂ ଶକ୍ତି ସଦନ କାର୍ଯ୍ୟାବଳୀ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଲିପିପୁଷ୍ପା ନାୟକ, ଜ୍ୟୋତିଶ୍ରୀ ଖୁଣ୍ଟିଆ, ସବିନା ଅକ୍ତର, କାବେରୀ ଜେନା, ଶତୃଘ୍ନ ପତି ପ୍ରମୁଖ ଯୋଗ ଦେଇଥିଲେ। ମୁକ୍ତାଶ୍ରୟ କେନ୍ଦ୍ରର ସଂଯୋଜକ ସସ୍ମିତ ମହାନ୍ତି, କର୍ମକର୍ତ୍ତା ବିକାଶ ରାଉତ, ଜନ୍ମଜ୍ୟୋତି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସିଆନାର ସଂଯୋଜକ ରିଆଜ୍ ଅହମଦ ଧନ୍ୟବାଦ ଅର୍ପଣ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଆସିଆନାର କର୍ମକର୍ତ୍ତା ଓ ଅନ୍ୟମାନେ।

# ଭଦ୍ରକରେ ଜାତୀୟସ୍ତରୀୟ ବାଣିଜ୍ୟ ମେଳା



ବାଣିଜ୍ୟ ମେଳାରେ ପଡ଼ିଥିବା ଷ୍ଟଲ୍।

ଭଦ୍ରକ,୭।୧୨(ସନାତନ ରାଉତ)

ଭଦ୍ରକ କଲେଜ ପଡ଼ିଆରେ ଜାତୀୟସ୍ତରୀୟ ବାଣିଜ୍ୟମେଳା ଶୁକ୍ରବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବ୍ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ବାହାର ରାଜ୍ୟରୁ ଆସିଥିବା ଅତି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀମାନଙ୍କ ଉତ୍ପାଦିତ ବିଭିନ୍ନ ସାମଗ୍ରୀ ଦେଖିବା ପରେ ସେହି ଉତ୍ପାଦନ ଭଦ୍ରକ ଜିଲାରେ କିଭଳି ହୋଇପାରିବ, ସେଥିପାଇଁ ଜିଲାବାସୀ ଉଦ୍ୟମ କରିବେ ବୋଲି ପୌରାଧ୍ୟକ୍ଷା କହିଥିଲେ। ଅନ୍ୟତମ ଅତିଥି ଭାବେ ଡିଆଇବି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା, ଭଦ୍ରକ କଲେଜ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାଶ, ଭଦ୍ରକ ବାଣିଜ୍ୟ ମେଳାର ଅଧ୍ୟକ୍ଷ ତଥା ଓସ୍‌ମେର ସମ୍ପାଦକ ସୁଶାନ୍ତ କୁମାର ନାୟକ, ମେଳା କମିଟି ସଭାପତି ସୁରଜ କୁମାର ସାହୁ, ଆବାହକ ମନୋଜ ରାୟ, ବସନ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇ ଏହି ମେଳାରୁ ଭଦ୍ରକବାସୀ ବହୁତ କିଛି ଶିକ୍ଷା କରିବା ସହ କାମରେ ଲଗାଇ ପାରିବେ ବୋଲି କହିଥିଲେ। ସଂଯୋଜକ ଦେବୀପ୍ରସାଦ ଦାସ ସଂଯୋଜନା କରିଥିଲେ। ଏହି ଅବସରରେ ଭଦ୍ରକର ଚା' ଦୋକାନୀ ସୁମତୀ ଦାସ, ବିନାୟକ ଗ୍ରୁପ୍‌ର ମନୋଜ କୁମାର ପାଢ଼ୀ, ସଂଗୀତଜ୍ଞ ସୁବାଷ ରାମ, ସଫଳ ଉଦ୍ୟୋଗୀ ପ୍ରଫୁଲ୍ଲ ମଣ୍ଡଳ, ଶିକ୍ଷାବିତ୍ ନରେନ୍ଦ୍ର ସାହୁଙ୍କୁ ବାଣିଜ୍ୟ ମେଳା ଏବଂ ଓସ୍‌ମେ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବ୍ରାଉନସୁଗାର ଜବତ, ଯୁବକ ଗିରଫ

ଭଦ୍ରକ,୭।୧୨(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ପାଟ୍ରୋଲିଂ ବେଳେ ଚରମ୍ପା ବଉଳପୋଖରୀ ନିକଟରେ ଜଣେ ଯୁବକଙ୍କଠାରୁ ୪୧ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଏନେଇ ଶନିବାର ଗ୍ରାମାଞ୍ଚଳ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି। ଶୁକ୍ରବାର ଅପରାହ୍ନରେ ବଉଳପୋଖରୀ ଝାଟିଆ ରାସ୍ତାରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ଝାଟିଆ ଆଡ଼କୁ ଏକ ହୋଣ୍ଡା ସାଇନ୍ ବାଇକ୍‌ରେ ଆସୁଥିବା ଜଣେ ଯୁବକଙ୍କୁ ଅଟକାଯାଇଥିଲା। ଯାଞ୍ଚ କରିବା ପରେ ତାଙ୍କ ପାଖରୁ ବ୍ରାଉନସୁଗାର ବାହାରିଥିଲା। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଗିରଫ ଯୁବକ ହେଲେ ଆଗରପଡ଼ା ଥାନା ଅଧୀନ କୁଆଁସମଡ଼ିଆ ଗ୍ରାମର ଶିବଶଙ୍କର ଦାସ। ତାଙ୍କ ନିକଟରୁ ଏକ ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୭୨୭/୨୪) ରୁଜୁ କରାଯାଇ ଗିରଫ ଶିବଶଙ୍କରଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ଦିଆଯାଇଛି। ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାଶ ଓ ସବ୍‌ଇନ୍ସପେକ୍ଟର ମୋନାଲିସା ପ୍ରଧାନ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଜାତୀୟ ଜୁନିୟର ଆଥ୍‌ଲେଟିକ ମିଟ୍‌ରେ ବୀରେନ୍ଦ୍ର

ଭଦ୍ରକ, ୭।୧୨(ରବିନାରାୟଣ ଖିଲାର)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଶନିବାରଠାରୁ ଆରମ୍ଭ ହୋଇଥିବା ୩୯ତମ ଜାତୀୟସ୍ତରୀୟ ଜୁନିୟର ଆଥ୍‌ଲେଟିକ ମିଟ୍ ପାଇଁ ଓଡ଼ିଶା ଦଳରେ ଭଦ୍ରକ ଜିଲାର ବୀରେନ୍ଦ୍ର କୁମାର ସାହୁ ଲଙ୍ଗ୍‌ଜମ୍ପ ଇଭେଣ୍ଟରେ ସ୍ଥାନ ପାଇଛନ୍ତି। ରାନ୍ଦିଆ ନରସିଂହପୁର ଗ୍ରାମର ପ୍ରକାଶ ସାହୁ ଓ ମିଲିରାଣୀ ନାୟକଙ୍କ ପୁଅ ବିରେନ୍ଦ୍ର ସତ୍ୟସାଇ ସ୍କୁଲର ୧୦ମ ଶ୍ରେଣୀ ଛାତ୍ର। ସେ ଜଗନ୍ନାଥପୁରସ୍ଥିତ ଭଦ୍ରକ ଆଥ୍‌ଲେଟିକ ଏକାଡେମୀରେ



ନିୟମିତ ଅଭ୍ୟାସ ଜାରି ରଖିଥିବା ବେଳେ ଚଳିତବର୍ଷ ୧୬ ବର୍ଷରୁ କମ୍ ରାଜ୍ୟସ୍ତରୀୟ ଆଥ୍‌ଲେଟିକ ମିଟ୍‌ରେ ଲଙ୍ଗ୍‌ଜମ୍ପରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ ସୁଯୋଗ ପାଇଥିଲେ। ଜାତୀୟସ୍ତରୀୟ ଜୁନିୟର ଆଥ୍‌ଲେଟିକ ପ୍ରତିଯୋଗିତାରେ ବୀରେନ୍ଦ୍ର ସ୍ଥାନ ପାଇଥିବାରୁ ଜିଲା ଆଥ୍‌ଲେଟିକ ସଂଘର ସମ୍ପାଦକ ଧିରେନ ପଲାଇ, ଭଦ୍ରକ ଆଥ୍‌ଲେଟିକ ଏକାଡେମୀର ପ୍ରତିଷ୍ଠାତା ତଥା କ୍ରୀଡ଼ା ଶିକ୍ଷକ ମନୋଜ କୁମାର ସାହୁ, ରବିନାରାୟଣ ଓଝା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ।

# ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ କ୍ରୀଡ଼ା ପ୍ରତିଯୋଗିତା


ଛାତ୍ରୀଛାତ୍ର କ୍ରୀଡ଼ା ପ୍ରଦର୍ଶନ କରୁଛନ୍ତି।

ଭଣ୍ଡାରିପୋଖରୀ,୭।୧୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ବାର୍ଷିକ କ୍ରୀଡ଼ା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସମ୍ବଳ ଶିକ୍ଷକ ରଶ୍ମିରଞ୍ଜନ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବିଇଓ ଅଧିର କୁମାର ତରାଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ ଉମେଶ ଚନ୍ଦ୍ର ଜେନା, ବରିଷ୍ଠ ଶିକ୍ଷକ ସୁଧାଂଶୁ ମୋହନ ମିଶ୍ର, ବିଶ୍ୱରଞ୍ଜନ ଷେଣ୍ଡ, କ୍ଷୀରୋଦ କୁମାର ଜେନା, ଅକ୍ଷୟ କୁମାର ନନ୍ଦ, ଜଗନ୍ନାଥ ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଗୋଷ୍ଠୀ ସମ୍ବଳ ସହକାରୀ ଶିକ୍ଷୟିତ୍ରୀ ମନସ୍ୱିନୀ ଦାଶ ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ମାୟାଧର ଦାସ ଅତିଥି ପରିଚୟ ଓ ସନାତନ ପଣ୍ଡା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨୫୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଘର ଥାଇ ବାସହରା

## ପାରିବାରିକ କଳିରୁ ତଡ଼ିଦେଲେ

ଧୂଷୁରୀ, ୭।୧୨ (ଦୀପ୍ତି ରଞ୍ଜନ ନାୟକ)

ପାରିବାରିକ କଳିରୁ ଘରୁ ତଡ଼ିଦେଲେ। ବାତ୍ୟା ସମୟରେ ସ୍କୁଲଗୃହ ପାଲଟିଥିଲା ଆଶ୍ରୟସ୍ଥଳୀ। ଆଉ ଏବେ ଗାଁ ଲୋକଙ୍କ ଦ୍ୱାରା ତିଆରି ହୋଇଥିବା ବଖରାଏ ଅସ୍ଥାୟୀ ଘର ଅସହାୟ ୩ ପ୍ରାଣୀଙ୍କ ସାହା ଭରସା। ନିଜ ଘର ଥାଇ ମଧ୍ୟ ବାସହରା ହୋଇ ଜୀବନ କାଟୁଛନ୍ତି ଧୂଷୁରୀ ଥାନା ଅଧୀନ କଟସାହି ପଞ୍ଚାୟତ ପଥରଡିହ ଗାଁର କବିତା ମୁଦୁଲିଙ୍କ ପରିବାର। କବିତାଙ୍କ କହିବା ଅନୁଯାୟୀ, ପାରିବାରିକ କଳିକୁ କେନ୍ଦ୍ରକରି ଦେଢ଼ଶୁର ଓ ପୁତୁରାମାନଙ୍କ ତାଡ଼ନା ଯୋଗୁ ୫ବର୍ଷ ହେଲା ନିଜ ଘରର ଦାଣ୍ଡ ଦୁଆର ତାଙ୍କ ପରିବାର ଲୋକେ ଦେଖି ନ ଥିଲେ। ଝରକା ତାଡ଼ି ସେହିବାଟ ଦେଇ ଯିବାଆସିବା କରୁଥିଲେ। ଏନେଇ ନ୍ୟାୟ ନିଶାପ ପରେ ବି କୌଣସି ସୁଫଳ ମିଳିଲାନି। ଶେଷରେ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ତଥାପି


ଅସ୍ଥାୟୀ ଘର ଆଗରେ ପୁଅ ଓ ସ୍ୱାମୀଙ୍କ ସହ କବିତା ମୁଦୁଲି।

ସମାଧାନ ହୋଇପାରିଲା ନାହିଁ। ଗତ ସେପ୍ଟେମ୍ବରରେ ତାଙ୍କ ପରିବାରକୁ ଘରୁ ବାହାର କରି ଦିଆଗଲା। ଘଟଣାକୁ ୨ମାସ ବିତିଯାଇଥିବା ବେଳେ ସେ ବାରଦୁଆର ଶୁଣିପିଣ୍ଡା ହୋଇ ସ୍କୁଲ ଘରେ ସ୍ୱାମୀ ଓ ପୁଅଙ୍କ ସହ ଦିନ କାଟୁଥିଲେ। ନିକଟରେ ଗ୍ରାମବାସୀ ଆଜ୍‌ବେଷ୍ଟସ ଓ ପଲିଥିନରେ ଏକ ଅସ୍ଥାୟୀ ଘର ତିଆରି କରିଦେବାରୁ ସ୍ୱାମୀ, ସାନପୁଅଙ୍କ ସହ ସେ ଆଶ୍ରୟ ନେଇଛନ୍ତି। ତାଙ୍କ ସ୍ୱାମୀ ଲକ୍ଷ୍ମୀକାନ୍ତ ମୁଦୁଲିଙ୍କ ମାନସିକ ଭାରସାମ୍ୟ ଠିକ୍ ନ ଥିବାରୁ ସେ ରୋଜଗାର କରିପାରୁ ନାହାନ୍ତି। ୧୯ ବର୍ଷୀୟ ବଡ଼ପୁଅ ବେଙ୍ଗାଲୁରୁରେ ଠିକାଦାରଙ୍କ ଅଧୀନରେ କାମ କରି ଯାହା ରୋଜଗାର କରୁଛନ୍ତି ସେଥିରେ ପରିବାର ଚଳୁଛି। କେଉଁଦିନ ନିଜ ବାସଗୃହକୁ ଫେରିବେ, ସେ କଥା ଭାବି କବିତା ଲୁହ ଗଡ଼ାଉଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ସହ ନିଜ ବାସସ୍ଥାନରେ ରହିବାର ସୁଯୋଗ ଦିଆଯିବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି।

# ଖରିଫ୍ ଧାନ ସଂଗ୍ରହ ନେଇ ସଚେତନତା

ତିହିଡ଼ି,୭।୧୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ମଙ୍ଗଳପୁର ପଞ୍ଚାୟତରେ ଶନିବାର ଖରିଫ୍ ଧାନ ସଂଗ୍ରହ ନେଇ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। କମାରିଆସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀ ମହେଶ୍ୱର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ଗ୍ରାମସଭାରେ ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ବେପାରୀମାନଙ୍କୁ କମ୍ ମୂଲ୍ୟରେ ଧାନ ନ ବିକି ସରକାରୀ ମଣ୍ଡିରେ ବିକ୍ରି କରି ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମଙ୍ଗଳପୁର ସମବାୟ ସମିତି ସମ୍ପାଦକ ଶଙ୍କର୍ଷଣ ଜେନା ଯୋଗଦେଇ ଧାନର ନୂତନ ସହାୟକ ମୂଲ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଚାଷୀମାନେ ଏଫ୍‌ଏକ୍ୟୁ ମାନର ଧାନ ଅଖା ବସ୍ତାରେ ଦେଇ ଉଚିତ୍ ମୂଲ୍ୟ ପାଇବାକୁ ସେ ପରାମର୍ଶ ଦେଇଥିଲେ। ସରପଞ୍ଚଙ୍କ ପ୍ରତିନିଧି କମଳାକାନ୍ତ ଲେଙ୍କା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ବେଦାନ୍ତ, ଜିଆର୍‌ଏସ୍ ସୁଦର୍ଶନ ଦାସ, ଗ୍ରାମସାଥୀ ବିକର୍ତ୍ତନ ମଳିକଙ୍କ ସହ ଚାଷୀ ରମେଶ ଚନ୍ଦ୍ର ଦାସ, ଅନାଦି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗଠିତ

ତିହିଡ଼ି, ୭।୧୨ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ବାରୋ ପଞ୍ଚାୟତରେ ଶୁକ୍ରବାର ବରିଷ୍ଠ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗଠିତ ହୋଇଛି। ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ବରିଷ୍ଠ ମହିଳାମାନଙ୍କୁ ନେଇ ଚବିଶପଡ଼ା ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀର ସଭାନେତ୍ରୀ ଭାବେ ପ୍ରଭାବତୀ ନାୟକ, ଉପସଭାନେତ୍ରୀ ବାସନ୍ତୀଲତା ନାୟକ, ସମ୍ପାଦିକା ଉର୍ମିଳା ନାୟକ, ସହସମ୍ପାଦିକା ଉଷାମଣି ନାୟକ ଓ କୋଷାଧ୍ୟକ୍ଷା ଭାବେ ପବିତ୍ରା ନାୟକ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବନଲତା ନାୟକ, ସ୍ୱର୍ଣ୍ଣଲତା ନାୟକ, ସବିତା ନାୟକ, ସତ୍ୟଭାମା ମହାପାତ୍ର, ଶାନ୍ତିଲତା ବିଶ୍ୱାଳ, ଅନସୂୟା ବଳ, କନକଲତା ସାହୁ, ଜୟନ୍ତୀ ନାୟକ, ବାସନ୍ତୀ ନାୟକ, ସୁଶୀଳା ରାଉତ, ବିମଳା ମହାଳିକ ପ୍ରମୁଖ ଅଛନ୍ତି। ବୈଠକରେ ସାମାଜିକ କର୍ମୀ ନରହରି ନାୟକ, ଚନ୍ଦ୍ରମଣି ନାୟକ, ୱାର୍ଡସଭ୍ୟା ହେମଲତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମୟୂରଭଞ୍ଜ-କେନ୍ଦୁଝର ଜିଲାକୁ ଯୋଡ଼ିବ ନୂଆ ରେଳ ପ୍ରକଳ୍ପ

■୬୪୦୦ କୋଟି ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

■ଦୂରଦର୍ଶନରେ ସାନ୍ତାଳୀ ଭାଷାରେ ହେବ ଖବର ପ୍ରସାରଣ: ଅଶ୍ୱିନୀ ବୈଷ୍ଣବ

ବାରିପଦା,୭।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଶନିବାର ୩ ନୂତନ ରେଳପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ୩ ରେଳପ୍ରକଳ୍ପ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାକୁ ଯୋଡ଼ିବ। ଫଳରେ ଉଭୟ ଜିଲାବାସୀଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ଦିଗରେ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ରାଷ୍ଟ୍ରପତି କହିଛନ୍ତି।

୬୪୦୦ କୋଟି ଟଙ୍କା ବ୍ୟୟ ବରାଦରେ ହେବାକୁ ଥିବା ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁଢ଼ାମରା-ଚାକୁଲିଆ, ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳପଥ ସମେତ ରାଇରଙ୍ଗପୁରଠାରେ ଜନଜାତି ଗବେଷଣା ଏବଂ ବିକାଶ କେନ୍ଦ୍ର, ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ଓ ଉପଖଣ୍ଡ ଚିକିତ୍ସାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ କୋଠା ନିର୍ମାଣର ଶିଳାନ୍ୟାସ ରାଷ୍ଟ୍ରପତିଙ୍କ କରକମଳରେ ଅନୁଷ୍ଠିତ ହୋଇଛି।

ସୂଚନାଯୋଗ୍ୟ, ୮୬ କି.ମି. ବାଙ୍ଗିରିପୋଷି-ଗୋରୁମହିଷାଣୀ ନୂଆ ରେଳଲାଇନ ପାଇଁ ୨୫୪୯କୋଟି ଟଙ୍କା, ବୁଢ଼ାମରା-ଚାକୁଲିଆ ୬୦ କି.ମି. ରେଳପଥ ନିର୍ମାଣ ପାଇଁ ୧୬୩୯ କୋଟି ଅନୁଦାନ ରହିଛି। ଏହା ଦ୍ୱାରା ମୟୂରଭଞ୍ଜ ଏବଂ ଝାଡ଼ଖଣ୍ଡର ସିଂହଭୂମ ଜିଲାକୁ ଯୋଡ଼ିବାରେ ସହାୟକ ହୋଇପାରିବ । ସେହିପରି ୮୨ କି.ମି. ଦୀର୍ଘ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳପଥ ନିର୍ମାଣ ପାଇଁ ୨୧୦୬କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହା ମୟୂରଭଞ୍ଜ ଓ କେନ୍ଦୁଝର ଜିଲାକୁ ଯୋଡ଼ିବ।

ସମଗ୍ର ଦେଶ ଡିଜିଟାଲ ଇଣ୍ଡିଆ ଆଡକୁ ଗତି କରୁଥିବା ବେଳେ ବର୍ତ୍ତମାନ ୬ହଜାରୁ ଅଧିକ ରେଳ ଷ୍ଟେଶନରେ ୱାଇ-ଫାଇ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ସପ୍ତାହକ ମଧ୍ୟରେ ଦୂରଦର୍ଶନରେ ସାନ୍ତାଳୀ ଭାଷାରେ ଖବର ପ୍ରସାରଣ କରାଯିବ ବୋଲି ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ ତଥା ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ।

ସେହିପରି କେନ୍ଦ୍ର ସରକାରଙ୍କ ଆଞ୍ଚଳିକ ଏୟାର-କନେକ୍ଟିଭିଟି ପ୍ରୋଗ୍ରାମ(ଉଡାନ) ଅଧୀନରେ ଦାଣ୍ଡବୋଷ ଏୟାରଷ୍ଟ୍ରିପକୁ ଅର୍ନ୍ତଭୁକ୍ତ କରାଯାଇଛି। ଏହି ଯୋଜନାରେ ଦାଣ୍ଡବୋଷ ବିମାନବନ୍ଦରର ବିକାଶ ପାଇଁ ୪୫କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହି ଅର୍ଥରେ ୧୯ ସିଟର ବିମାନ ବନ୍ଦର କାର୍ଯ୍ୟ ପାଇଁ ରନୱେର ଲମ୍ବ ୮୮୪ ମିଟର ଏବଂ ଓସାର ୧୫.୨୪ ମିଟର ରହିଛି। ରାଉରକେଲା-ରାଇରଙ୍ଗପୁର, ରାଉରକେଲା-ଅମ୍ବିକାପୁର ମାର୍ଗରେ ୧୯ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରିବ। ଏହା ଦ୍ୱାରା ଅର୍ଥନୀତି ଓ ପର୍ଯ୍ୟଟନ କ୍ଷେତ୍ର ବୃଦ୍ଧି ହେବ ବୋଲି ଆଶା ପ୍ରକଟ କରାଯାଇଛି।

# ଏଲ୍ଆଇସି ଗୋଲ୍ଡେନ୍ ଫାଉଣ୍ଡେଶନ୍ ପକ୍ଷରୁ ଏସ୍ ଏଲ୍ ଏସ୍ ଟ୍ରଷ୍ଟକୁ ଆମ୍ବୁଲାନ୍ସ ପ୍ରଦାନ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସବୁଜ ପତାକା ଦେଖାଇ ଆମ୍ବୁଲାନ୍ସ ଚଳାଚଳର ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର,୭।୧୨(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି) ଗୋଲ୍ଡେନ୍ ଫାଉଣ୍ଡେଶନ୍ର କଟକ ମଣ୍ଡଳ ସହାୟତାରେ ମୟୂରଭଞ୍ଜସ୍ଥିତ ଏସ୍ ଏଲ୍ ଏସ୍ ଟ୍ରଷ୍ଟକୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଏହି ଟ୍ରଷ୍ଟର ଏକ ଦଶନ୍ଧିରୁ ଅଧିକ ସମୟ ଜିଲାରେ ବିଭିନ୍ନ କାର୍ଯ୍ୟ କରିଆସୁଛି। ବିଶେଷକରି ଜଙ୍ଗଲ ଅଞ୍ଚଳ, ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଥିବା ଆଦିବାସୀ, ହରିଜନ ଓ ଗରିବ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ଦିଗରେ କାର୍ଯ୍ୟ କରୁଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏହି ଟ୍ରଷ୍ଟକୁ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶାଗସ୍ତ ସମୟରେ ତାଙ୍କ ଦ୍ୱାରା ଏହି ଆମ୍ବୁଲାନ୍ସ ଟ୍ରଷ୍ଟର ସହନିର୍ଦ୍ଦେଶକ ସୁବୋଧ କୁମାରଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଭାରତୀୟ ଜୀବନ ବୀମା ନିଗମର ସିଇଓ ଏବଂ ଏମଡି ସିଦ୍ଧାର୍ଥ ମହାନ୍ତି, ପୂର୍ବମଧ୍ୟ କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର, କଟକ ମଣ୍ଡଳର ବିପଣନ ପ୍ରବନ୍ଧକ ଅଶୋକ କୁମାର ରାୟଙ୍କ ସମେତ ଏସ୍ ଏଲ୍ ଏସ୍ ଟ୍ରଷ୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ନାଖରା ସେତୁ ନିକଟରେ ହେବ ପଥର ପ୍ୟାକିଂ

ବିଧାୟକ ସନାତନ ବିଜୁଳିଙ୍କ ଦାବି ପରେ ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ

ବୈଶିଙ୍ଗା,୭।୧୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳୀପୁରା ପଞ୍ଚାୟତର ନାଖରା ସେତୁ ନିକଟରେ ବୁଢ଼ାବଳଙ୍ଗ ନଦୀରେ ପଥର ପ୍ୟାକିଂ ହେବ। ଏନେଇ ବଡ଼ସାହି ବିଧାୟକ ସନାତନ ବିଜୁଳି ବିଧାନସଭାରେ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ତର ରଖି ପଥର ପ୍ୟାକିଂ ପାଇଁ ପ୍ରତିଶ୍ରୁତି ଦେବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି।

ଉଲ୍ଲେଖଯୋଗ୍ୟ, ପ୍ରଖର ଜଳସ୍ରୋତ ଯୋଗୁ ନିକଟସ୍ଥ ଗ୍ରାମଗୁଡ଼ିକରେ ଥିବା ମୂଲ୍ୟବାନ ଚାଷଜମି ଜଳମଗ୍ନ ହୋଇ ପ୍ରତିବର୍ଷ ବ୍ୟାପକ ଭାବରେ ଚାଷ ନଷ୍ଟ ହେଉଥିବାରୁ ଅଞ୍ଚଳବାସୀ ଆଶଙ୍କା ମଧ୍ୟରେ ରହିଛନ୍ତି। ଏଭଳି ସ୍ଥିତିରେ ନାଖରାଠାରୁ ଖଣ୍ଡଦେଉଳା ପର୍ଯ୍ୟନ୍ତ ନଦୀ ପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକ ଆଗାମୀ କିଛିଦିନ ଭିତରେ ନଦୀ ଗର୍ଭରେ ଲୀନ ହେବାର ସମ୍ଭାବନା ରହିଥିବା ନେଇ ବିଧାୟକ ବିଜୁଳି ବିଧାନସଭାରେ ଏକ ଅଣତାରକା ପ୍ରଶ୍ନ ନଂ. ୬୬୨ରେ ଦାବି ଉପସ୍ଥାପନ କରିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବେତନଟୀ ବ୍ଲକ ଅନ୍ତର୍ଗତ ଏହି ଅଞ୍ଚଳରେ ଥିବା ନାଖରା, ମଧୁନଣ୍ଡା,ଦେଓପଡ଼ା, ଡେଁଫଉଦା, ଖଣ୍ଡଦେଉଳା ଆଦି ଗ୍ରାମଗୁଡ଼ିକ ବୁଢ଼ାବଳଙ୍ଗ ନଦୀ ଯୋଗୁ ବିପଦର ସମ୍ମୁଖୀନ ହେଉଥିବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି। ଏହି ସମସ୍ତ ଅଞ୍ଚଳରେ ଲୋକଙ୍କ ଜୀବନ ଜୀବିକା ଓ ଧନଜୀବନ ସୁରକ୍ଷା ପାଇଁ ୮ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟବରାଦ ସହ ବୈଷୟିକ ଅନୁମୋଦନ କରାଯାଇଛି। ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରାଯାଇ ପଥର ପ୍ୟାକିଂ କାର୍ଯ୍ୟ କରାଯିବ।

# କମ୍ୟୁନିଟି ଗୃହରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର



ଅଙ୍ଗନୱାଡି କେନ୍ଦ୍ର ସମସ୍ୟା ସମାଧାନ ଦାବି କରୁଥିବା ଗ୍ରାମବାସୀମାନେ।

ଡ୍ରେନ୍‌ରେ ପଡ଼ି ଆହତ ହେଉଛନ୍ତି ପିଲା

ମୋରଡ଼ା,୭।୧୨(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଧଡ଼ାସାହି ପଞ୍ଚାୟତର ଧଡ଼ାସାହି ଅଙ୍ଗନୱାଡି କେନ୍ଦ୍ରଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଉକ୍ତ ଅଙ୍ଗନୱାଡି କେନ୍ଦ୍ରରୁ ପ୍ଲାଷ୍ଟର ଖସୁଛି। ତେବେ କୁନି କୁନି ପିଲାମାନେ ଅନ୍ୟତ୍ର ବିପଦସଙ୍କୁଳ ଅବସ୍ଥାରେ ପାଠ ପଢୁଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଅଙ୍ଗନୱାଡି କେନ୍ଦ୍ରର ଏପରି ଅବସ୍ଥା ଦେଖି ସରପଞ୍ଚ ତିଳକା ହାଁସଦା ଏବଂ ଗ୍ରାମବାସୀ ଏକ ବୈଠକ କରି ଗ୍ରାମରେ ଥିବା ଏକ କମ୍ୟୁନିଟି ଗୃହରେ ଅଙ୍ଗନୱାଡି କେନ୍ଦ୍ର ଚଳାଇବାକୁ ନିଷ୍ପତ୍ତି ନେଇଥିଲେ। ଏବେ ଉକ୍ତ କମ୍ୟୁନିଟି ଗୃହରେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି। ତେବେ ଉକ୍ତ କମ୍ୟୁନିଟି ଗୃହକୁ ଲାଗି ଡ୍ରେନ୍ ଥିବାରୁ ପିଲାମାନେ ସେଥିରେ ପଡ଼ି ଆହତ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ପିଲାଙ୍କ ପ୍ରତି ବିପଦ ଥିବା ନେଇ ସରପଞ୍ଚ ହାଁସଦା, ଗ୍ରାମବାସୀ ନରେନ୍ଦ୍ର ଧୁଙ୍ଗିଆ, ବିଜୟ ଟିପିରିଆ, ଅଜିତ କୁମାର ତୁଙ୍ଗ, ବାସନ୍ତୀ ଟିପିରିଆ, ପୀତାମ୍ବର ଦାସ, ବିଷୟା ଥୟାଲ, ଧରେନ୍ଦ୍ର ଧୁଙ୍ଗିଆ ଏବଂ ଅନ୍ୟମାନେ କହିଛନ୍ତି।

ଅନ୍ୟପକ୍ଷରେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରକୁଲାଗି ଏକ ସରକାରୀ ଜାଗା ରହିଛି। ଏହି ସରକାରୀ ଜାଗା ଜବରଦଖଲରେ ଥିବାରୁ ଅଙ୍ଗନୱାଡି କେନ୍ଦ୍ର ଗୃହର ସମ୍ପ୍ରସାରଣ କାର୍ଯ୍ୟ ହୋଇ ପାରୁନାହିଁ। ଏନେଇ ପୂର୍ବରୁ ତହସିଲ ପ୍ରଶାସନଠାରେ ଲିଖିତ ଭାବେ ଅଭିଯୋଗ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରିନାହିଁ ବୋଲି ସରପଞ୍ଚ କହିଛନ୍ତି। ତୁରନ୍ତ ଉକ୍ତ ସମସ୍ୟାର ସମାଧାନ ସହିତ ଅଙ୍ଗନୱାଡି କେନ୍ଦ୍ରର ନବୀକରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ୨୦ରୁ ମୟୂରଭଞ୍ଜ ପୁସ୍ତକମେଳା

ବାରିପଦା,୭।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆସନ୍ତା ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ୧୦ ଦିନ ବ୍ୟାପୀ ମୟୂରଭଞ୍ଜ ପୁସ୍ତକମେଳା ଅନୁଷ୍ଠିତ ହେବ। ଏନେଇ କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ବାରିପଦା ଜୁବୁଲି ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବର୍ଷମାନଙ୍କ ଭଳି ଚଳିତବର୍ଷ ମଧ୍ୟ ଏହି ମେଳା ବାରିପଦା ଛଉ ପଡିଆଠାରେ ଅନୁଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରର ନାମୀଦାମୀ ପୁସ୍ତକ ପ୍ରକାଶକ ଓ ବିକ୍ରେତା ମେଳାରେ ଭାଗନେବେ। ଏତଦ୍‌ବ୍ୟତୀତ ମେଳାରେ ପାଠ୍ୟୋପକରଣର ଉପଲବ୍ଧି, ଆବଶ୍ୟକୀୟ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ବିପଣୀ ଏବଂ ନାନା ରକମର ଚଟପଟି ଓ ଖାଦ୍ୟଷ୍ଟଲ ଖୋଲାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଇଂ. ମନୋଜ ଦଳବେହେରା ସୂଚନା ଦେଇଛନ୍ତି। ପୁସ୍ତକମେଳା କମିଟିର ସଭାପତି ପଦ୍ମନାଭ ସାହୁ ପ୍ରସ୍ତୁତି ବୈଠକ ସଭାରେ ଅଧ୍ୟକ୍ଷତା କରିଥିଲେ। ଆଲୋଚନାରେ ଡ.ଶଶିଧର ବିଶ୍ୱାଳ, ସମରେନ୍ଦ୍ର ବଶା, ଅଜିତ କୁମାର କବାଟ , ଜୟନ୍ତ କୁମାର ଦ୍ୱାରୀ, ଶିଉଲାଲ ମହାନ୍ତ, ଶରତଚନ୍ଦ୍ର ନାୟକ, ପୀତାମ୍ବର ମଲ୍ଲିକ , ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, କବି ବିଷ୍ଣୁ ଶତପଥୀ, କାବେରୀ ମିଶ୍ର, ଆମୋଦ ପ୍ରଧାନ, ଶୈଳେନ୍ଦ୍ର ଜ୍ୟୋତିଷୀ, କୃଷ୍ଣ କୁମାର ଖଣ୍ଡେଲୱାଲ, ରାଜଲକ୍ଷ୍ମୀ ତ୍ରିପାଠୀ, ବିନୋଦ କୁମାର ଦାସ, ବୀଣାପାଣି ପଣ୍ଡା, ଭଗବତୀ ଦାଶ, ଅଚ୍ୟୁତ ପ୍ରସାଦ ମହାପାତ୍ର, ଅଜୟ କୁମାର ପାଳ, ଗୋପାଳ ସାଓ, ସତୀଶ ବେହେରା, ଡ. ସୁଶାନ୍ତ ବଶା ପ୍ରମୁଖ ଭାଗନେଇ ପୁସ୍ତକ ମେଳାକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ମତାମତମାନ ପ୍ରଦାନ କରିଥିଲେ।

# ବର୍ଷକରେ ଧରା ପଡ଼ିଲେଣି ୨୧ ଶିକାରୀ

## ସହାୟକ ହେଉଛି ଏଆଇ କ୍ୟାମେରା

ବାରିପଦା,୭।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ବନ ବିଭାଗ ପକ୍ଷରୁ ଅତ୍ୟାଧୁନିକ କ୍ୟାମେରାର ସହାୟତା ନିଆଯାଉଛି। ଶିକାର ଓ ଶିକାରୀଙ୍କ ଅନୁପ୍ରବେଶକୁ ରୋକିବାରେ ଏଆଇ କ୍ୟାମେରା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହି କ୍ୟାମେରା ଶିକାରୀଙ୍କ ଫଟୋ ଉତ୍ତୋଳନ କରି ବିଭାଗ ପାଖକୁ ସଙ୍ଗେସଙ୍ଗେ ପଠାଇପାରୁଛି। ଫଳରେ ଶିକାରୀଙ୍କୁ ଧରିବା ଓ ବନ୍ୟଜନ୍ତୁ ସୁରକ୍ଷା ଦେବାରେ ସଫଳତା ମିଳିପାରୁଛି । ଶିକାରୀ ଦାଉରୁ ଶିମିଳିପାଳକୁ ସୁରକ୍ଷା ଦେବା ନିମନ୍ତେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ସଫଳତା ସହ କାର୍ଯ୍ୟ କରିବାରେ ଲାଗିଛି। ଗତ ଏକ ବର୍ଷ ମଧ୍ୟରେ ୨୧ଜଣ ଶିକାରୀ ଏଆଇ କ୍ୟାମେରା ସହାୟତାରେ ଧରା ପଡ଼ିଛନ୍ତି। ଏ ନେଇ ବନ ବିଭାଗ ପକ୍ଷରୁ ୭ଟି ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି।

# ଜଙ୍ଗଲ ରାସ୍ତା ପାର୍ଶ୍ୱରୁ ମୃତଦେହ ଜବତ

ରାଇରଙ୍ଗପୁର,୭।୧୨(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଧୀନ ଦୁଲାବେଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲ ରାସ୍ତା ପାର୍ଶ୍ୱରୁ ପୋଲିସ ଏକ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୪/୨୪) ରୁଜୁ ହୋଇଛି।

# ବିଦ୍ୟୁତ୍ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ଗୋପବନ୍ଧୁ ନଗର,୭।୧୨(ଶାନ୍ତନୁ କୁମାର ମହୁଆଳ)- ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଗ୍ରାମର ନବଘନ ସିଂଙ୍କ ପୁଅ ଉତ୍କଳ ପ୍ରସାଦ ସିଂ(୩୮)ଙ୍କ ଶୁକ୍ରବାର ରାତିରେ ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ନେଇ ଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଉତ୍କଳ ପ୍ରସାଦ ପୁରୁଣା ବାରିପଦା ଇଲେକ୍ଟ୍ରି ଷ୍ଟ୍ରକଚର ଅଧୀନ କୁଆମରା ଫିଡରରେ ନିୟମିତ କର୍ମଚାରୀ ଭାବେ କାର୍ଯ୍ୟ କରିଆସୁଥିଲେ। ଖୁଣ୍ଟା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୮୨/୨୪) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନା ପଠାଇଛି।

# ଅଣ୍ଡରପାସ୍ ନିର୍ମାଣ ଦାବିକଲେ ଗ୍ରାମବାସୀ

ଈଶାଣପୁର ଗାଁକୁ ରାସ୍ତା ବନ୍ଦ, ଲୋକେ ହନ୍ତସନ୍ତ

ବୈଶିଙ୍ଗା,୭।୧୨(ରତନ ଦାଶ)

ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଉପକଣ୍ଠ ଯୁଗପୁରା ରେଳ ଷ୍ଟେଶନର ମାତ୍ର ୫୦୦ ମିଟର ଦୂରରେ ଥିବା ଈଶାଣପୁର ଗାଁ ରାସ୍ତାକୁ ରେଲୱେ ପକ୍ଷରୁ ବନ୍ଦ କରି ଦିଆଯାଇଥିବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଈଶାଣପୁର ଗ୍ରାମକୁ ସଂଯୋଗ କରୁଥିବା ୭ନଂ. ଗେଟ ନିକଟରେ ରାସ୍ତାଟିକୁ ରେଲୱେ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବା କାରଣରୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ ନିଜସ୍ୱ ଅର୍ଥରେ ୩୦୦ ମିଟର ଦୂରରେ ଥିବା ଛତର ରେଳ ଫାଟକ ପର୍ଯ୍ୟନ୍ତ ରେଳ



ଈଶାଣପୁର ଗାଁ ଲୋକଙ୍କ ସମସ୍ୟା ଅନୁଧ୍ୟାନ ପାଇଁ ଗତବର୍ଷ ଆସିଥିବା ଏମ୍ପି ପ୍ରତାପ ଷଡ଼ଙ୍ଗୀ ଓ ରେଲୱେ ଅଧିକାରୀମାନେ।

ଲାଇନ ପାର୍ଶ୍ୱରେ ମାଟି ରାସ୍ତା ତିଆରି କରି ଚଳପ୍ରଚଳ କରୁଥିଲେ। ମାତ୍ର ଏହାକୁ ମଧ୍ୟ ବେଆଇନ ଦର୍ଶାଇ ରେଳ ଅଧିକାରୀମାନେ ବିରୋଧ କରି ଆସୁଛନ୍ତି ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଚମକ ଦେଉଛନ୍ତି। ଫଳରେ ଗ୍ରାମ ଭିତରକୁ ଗାଡ଼ିମୋଟର ଚଳାଚଳ ବ୍ୟାହତ ହୋଇଛି। ଏମିତିକି ଜରୁରୀକାଳୀନ ସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ମଧ୍ୟ ଯାଇ ପାରୁନାହିଁ। ଏହାର ପ୍ରତିବାଦରେ ରେଳରୋକୋ କରାଯିବା ନେଇ ଅଧିକାରୀଙ୍କୁ ଲିଖିତ ଭାବେ ଗତବର୍ଷ ଜଣାଇ ଦିଆଯାଇଥିଲା। ବାଲେଶ୍ୱର ଏମ୍ପିଙ୍କ ଷଡ଼ଙ୍ଗୀଙ୍କ ହସ୍ତକ୍ଷେପ ପରେ ରେଳ ବିଭାଗ ଡିଆର୍ଏମ୍ ସମ୍ପୃକ୍ତ ଗ୍ରାମ ପରିଦର୍ଶନ କରି ତୁରନ୍ତ ଏଠାରେ ଏକ ଅଣ୍ଡର୍ ପାସ ରାସ୍ତା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ରେଲୱେ ଅଧିକାରୀଙ୍କ ସହ ଏମ୍ପି ଷଡ଼ଙ୍ଗୀ, ଯୁଗପୁରା ଷ୍ଟେଶନ ସୁରକ୍ଷା କମିଟିର ଅଶ୍ୱିନୀ କୁମାର ମହାରଣା, ଗିରିଶ ଚନ୍ଦ୍ର ରାଉତ, ରତିକାନ୍ତ ମହାନ୍ତଙ୍କ ସମେତ ବହୁସଂଖ୍ୟକ ମହିଳା ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହା ଭିତରେ ଦେଢ ବର୍ଷ ବିତି ଯାଇଥିଲେ ମଧ୍ୟ ଏଥିପାଇଁ ଅର୍ଥ ମଞ୍ଜୁରୀ ମିଳିନାହିଁ କିମ୍ବା କାର୍ଯ୍ୟ ଆରମ୍ଭ ହୋଇନାହିଁ। ପ୍ରତ୍ୟେକ ମୂହୁର୍ତ୍ତରେ ସମସ୍ୟାକୁ ସାମନା କରୁଛନ୍ତି ଅଞ୍ଚଳବାସୀ। ତେଣୁ ତୁରନ୍ତ ଏଠାରେ ଅଣ୍ଡରପାସ କାର୍ଯ୍ୟ ଆରମ୍ଭ କରାଯିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

# 'ବାଲେଶ୍ୱର ଲୋକ ମହୋତ୍ସବ' ଉଦ୍‌ଯାପିତ

ବାଲେଶ୍ୱର, ୭।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଆଇଟିଆଇ ପଡ଼ିଆରେ ୮ଦିନ ବ୍ୟାପୀ ଅନୁଷ୍ଠିତ 'ବାଲେଶ୍ୱର ଲୋକ ମହୋତ୍ସବ' ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଅସିତ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ସମ୍ମାନିତ ଅତିଥି ବିଧାୟକ ଅଶୋକ ଦାସ, ଏସ୍‌ପି ରାଜ ପ୍ରସାଦ, କଂଗ୍ରେସର ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ, ବିବିସିସି ବ୍ୟାଙ୍କ ଅଧ୍ୟକ୍ଷ ଗଣେଶ ମହାପାତ୍ର, ବରିଷ୍ଠ ଖବରଦାତା ବିପ୍ଳବ ମହାନ୍ତି, ଯୁବନେତା ଭାଗବତ ସାହୁ ଓ ମାନସ ଦାସପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇ ମହୋତ୍ସବ କଳା, ସଂସ୍କୃତିକୁ ଉଦ୍‌ଜୀବିତ ରଖେ। ଏହା ସ୍ମୃତି ସାଉଁଟେ ଓ ଅନୁଭୂତି ବାଣ୍ଟେ ବୋଲି ବକ୍ତବ୍ୟରେ କହିଥିଲେ। କମିଟି ସଦସ୍ୟ ଜୟରାମ ଦାସ ପ୍ରାରମ୍ଭିକ ସୂଚନା ଓ ରାଜେଶ ମହାକୁଡ଼ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବ କମିଟି ଅଧ୍ୟକ୍ଷ ବିଶ୍ୱଜିତ୍ ପରମାଣିକ, ସାଧାରଣ ସମ୍ପାଦକ ସଞ୍ଜୟ ସାମନ୍ତ, ସତ୍ୟପ୍ରକାଶ ପତି, ଜିତେନ୍ଦ୍ର ମହାଳିକ, ବିକାଶ ପାଢ଼ୀ, ସୁରେଶ ଉପାଧ୍ୟାୟ, ତାପସ ପାଣିଗ୍ରାହୀ ପ୍ରମୁଖ ଅଭିଭାଷଣ ଦେଇଥିଲେ। ସୌଭାଗ୍ୟ ମାନସ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ୮୦ ଲିଟର ମଦ ଜବତ, ୩ କୋର୍ଟଚାଲାଣ



ଖଇରା, ୭।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଖଇରା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୮୦ଲିଟର ଦେଶୀ ମଦ ଜବତ କରାଯିବା ସହ ୩ ବେପାରୀଙ୍କୁ କୋର୍ଟଚାଲାଣ କରାଯାଇଛି । ଏଥିସହ ଏକ ବାଇକ ଜବତ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ବେତଡା ଗ୍ରାମର ଯଦୁନାଥ ବେହେରା, ଜାମୁଝାଡି ଗ୍ରାମର ରମେଶ ଚନ୍ଦ୍ର ଜେନା ଓ କୁପାରୀ ଗ୍ରାମର ମୁକୁରୁ ନାୟକ । ଚଢାଉରେ ଖଇରା ଅବକାରୀ ଥାନା ଅଧିକାରୀ ସୁରଜ କୁମାର ଟିଗା, ଏଏସ୍ଆଇ ଦୁର୍ଯ୍ୟୋଧନ ବେହେରା ଓ ଦୀପିକା ପରିଡା, କନଷ୍ଟେବଳ ଦେବାଶିଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ ।

# ମେଗା ଚାରାରୋପଣ କାର୍ଯ୍ୟକ୍ରମ

ବାଲିଆପାଳ, ୭।୧୨(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ପଞ୍ଚୁପାଲି କମଳକୁମାରୀ ମହିଳା କଲେଜ ଜାତୀୟ ସେବା ଯୋଜନା ପକ୍ଷରୁ ଶନିବାର କଲେଜ ପରିସରରେ ମେଗା ଚାରାରୋପଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଅଧୀନ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ଶହେ ସ୍ୱେଚ୍ଛାସେବୀ କଲେଜ ପରିସରରେ ବିଭିନ୍ନ ଉପକାରୀ ଚାରାକୁ ରୋପଣ କରିଛନ୍ତି। କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ରାଜକିଶୋର ବାରିକ ଉଦ୍‌ଘାଟନ କରି ବକ୍ତବ୍ୟ ରଖିଥିଲେ। ପ୍ରୋଗ୍ରାମ ଅଫିସର ଡ. ଲକ୍ଷ୍ମୀକାନ୍ତ ରଥଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯକ୍ରମରେ ଅଧ୍ୟାପକ ବନମାଳୀ ପରିଡା, କୃଷ୍ଣାନନ୍ଦ ପାତ୍ର, ସୁଧୀର କୁମାର ନନ୍ଦ, ଚନ୍ଦନ କୁମାର ନନ୍ଦ, ଅଧ୍ୟାପିକା ସରୋଜିନୀ ପରିଡା ଓ ସବିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମୟୂରଭଞ୍ଜ ବାଳକ, କଟକ ବାଳିକା ଟିମ୍ ଚାମ୍ପିୟନ




ଅତିଥିଙ୍କ ଗହଣରେ ଖେଳାଳିମାନେ।

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା

ବାରିପଦା,୭।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଭୁବନେଶ୍ୱର ଏବଂ ମୟୂରଭଞ୍ଜ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ୧୭ ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ବର୍ଗର ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି ।

ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ତକତପୁର ପରିସରରେ ଏହା ଡିସେମ୍ବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱରର ସହ ନିର୍ଦ୍ଦେଶକ (ଶାରୀରିକ ଶିକ୍ଷା) ଜ୍ୟୋତିପ୍ରସାଦ ପରିଡ଼ାଙ୍କ ମାର୍ଗଦର୍ଶନରେ ଓ ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ତଥା ସାଙ୍ଗଠନିକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇ କ୍ରୀଡ଼ାବିତମାନେ ପାଠ ସହ ଖେଳୁଆଡ଼ ମନୋଭାବ ନେଇ ଜାତୀୟସ୍ତରରେ ସୁନାମ ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ନବୋଦୟ ବିଦ୍ୟାଳୟ ଶାଳବଣିର କ୍ରୀଡ଼ା ପ୍ରଶିକ୍ଷକ ଡ. ପ୍ରଦୀପ କୁମାର ଦୋରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ବାଳକ ବିଭାଗରେ ମୟୂରଭଞ୍ଜ ଓ ବାଳିକା ବିଭାଗରେ କଟକ ଜିଲା ଚାମ୍ପିୟନ ହୋଇଥିଲା। ସେହିପରି ବାଳକ ବିଭାଗରେ ଗଜପତି ଜିଲା ଓ ବାଳିକା ବିଭାଗରେ ଭୁବନେଶ୍ୱର ଟିମ୍ ରନର୍ସଅପ ହୋଇଥିଲା। ଅତିଥି ପରିଚୟ ଓ ମଞ୍ଚ ପରିଚାଳନା ପ୍ରଧାନଶିକ୍ଷକ ସୋମନାଥ ସିଂହ କରିଥିବାବେଳେ ମୟୂରଭଞ୍ଜ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଧନ୍ୟବାଦ ଦେଇଥିଲେ। ପିଇଟି ସୁଧାରଞ୍ଜନ ମହାକୁଡ଼ଙ୍କ ସଂଯୋଜନାରେ ଏମ୍‌କେସି ଉଚ୍ଚ ବିଦ୍ୟାଳୟ ବାରିପଦାର ଛାତ୍ରମାନଙ୍କର ଦ୍ୱାରା ବ୍ୟାଣ୍ଡ କାର୍ଯ୍ୟକ୍ରମ ହୋଇଥିଲା। ସ୍ୱାଗତ ସଙ୍ଗୀତ ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାରିପଦାର ଛାତ୍ରୀ ଓ ମହାରାଣୀ ତଖତକୁମାରୀ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମୟୂରଭଞ୍ଜ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକ, ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ପିଇଟି, ପୋଲିସ ଅଧିକାରୀ, ଚିକିତ୍ସା ଅଧିକାରୀ, ଦମକଳବାହିନୀ ସହଯୋଗ କରିଥିଲେ। ଗୌତମ ଦାସ ଓ ଦୀପକ ରାମ ଧାରା ବିବରଣୀ ପ୍ରଦାନ କରିଥିଲେ।

## ମୋରମ ବୋଝେଇ ଡମ୍ପର ଜବତ, ୨ ଗିରଫ

**ସୋର, ୭।୧୨(ଜନ୍ମେଜୟ ମିଶ୍ର)**

ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ବିନ୍ଧୁଠାରେ ସୋର ପୋଲିସ ପକ୍ଷରୁ ଚଢାଉ କରାଯାଇ ଏକ ବେଆଇନ ମୋରମ ବୋଝେଇ ଡମ୍ପରକୁ ଜବତ କରାଯାଇଛି। ଏହାର ଡ୍ରାଇଭର ଓ ଖଲାସୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସୋର ପୋଲିସ ପକ୍ଷରୁ ଶୁକ୍ରବାର ବିଳମ୍ବିତ ରାତିରେ ଚଢାଉ କରାଯାଇ ବଉଳଗଡିଆରୁ ମୋରମ ବୋଝେଇ କରିଆସୁଥିବା ଡମ୍ପର(ନଂ. ଓଆର ୧୬ ଡି ୨୯୬୬ ) କାଗଜପତ୍ର ଯାଞ୍ଚ କରାଯାଇଥିଲା। ଡମ୍ପର ବେଆଇନ ଭାବେ ମୋରମ ଚାଲାଣ କରୁଥିବାରୁ ଡମ୍ପର ସମେତ ଏହାର ଡ୍ରାଇଭର ନୀଳଗିରି ଥାନା ଶାଳବନ୍ଧ ଗ୍ରାମର ବୀରେନ୍ଦ୍ର ସିଂ(୩୮) ଓ ଖଲାସୀ ଦୁର୍ଗା ସିଂ (୨୪)ଙ୍କୁ ଥାନାରେ ଅଟକ ରଖିଥିଲେ। ସୋର ଥାନାରେ କେସ୍ (ନଂ. ୧୦୨୬/୨୪) ରୁଜୁ କରାଯାଇ ଉଭୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ନୀଳଗିରିକୁ ପଶିଲେ ୫୫ ଟିକିଆ ଝାଡ଼ଖଣ୍ଡୀ ହାତୀପଲ

**ନୀଳଗିରି, ୭।୧୨(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରିକୁ ପ୍ରବେଶ କରିଛନ୍ତି ୫୫ ଟିକିଆ ଝାଡ଼ଖଣ୍ଡୀ ହାତୀପଲ। ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ଗତ ୨୦୧୦ ମସିହାରୁ ଚିରାଚରିତ ଭାବେ ନୀଳଗିରିକୁ ଏହି ହାତୀପଲ ଆସୁଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଏହି ହାତୀ ଦଳ ଆସି ଓଡ଼ିଶା ସୀମା ପାରି ହୋଇ କିଛି ଦିନ ମୟୂରଭଞ୍ଜରେ ରହିଥିବା ବେଳେ ଶନିବାର ଭୋର ସମୟରେ ୫୫ ଟିକିଆ ହାତୀ ପଲ ଦଳ ଦଳ ହୋଇ ନୀଳଗିରି ରେଞ୍ଜ ଅଧୀନ ଦୁର୍ଗାଦେବୀ, ପୁନ୍ଦାଳ, କାଠପାଳ, ପାଟଣା ଅଯୋଧ୍ୟା ପିଚୁ ରାସ୍ତା ପାର କରି ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଛନ୍ତି। ହାତୀ ଆସୁଥିବା ରାସ୍ତାରେ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଏହି ହାତୀ ପଲ ମଧ୍ୟରେ ୨୬ଟି ମାଈ, ୧୩ରୁ ଅଧିକ ଦନ୍ତା ହାତୀ ଥିବା ବେଳେ ୧୬ରୁ ଅଧିକ ଛୁଆ ହାତୀ ଅଛନ୍ତି। ଛୁଆହାତୀମାନେ ବେଶୀ ଉପଦ୍ରବ କରୁଥିବା ଦେଖିବାକୁ ମିଳିଛି। ଅପରାହ୍ନ ୬ଟା ସୁଦ୍ଧା ହାତୀପଲ ଦୁଇରୁ ତିନି ଭାଗରେ ବିଭକ୍ତ ହୋଇଯାଇଥିବା ବେଳେ ହାତୀପଲ ତିନିକୋଶିଆକୁ ସଂରକ୍ଷିତ ଜଙ୍ଗଲମୁହାଁ ହେଉଥିବା ଦେଖିବାକୁ ମିଳିଛି।



ନୀଳଗିରିକୁ ପ୍ରବେଶ କରୁଛନ୍ତି ଝାଡ଼ଖଣ୍ଡୀ ହାତୀପଲ।

ଏବେ ଧାନ ଅମଳ ସମୟ ହୋଇଥିବା ଯୋଗୁ ହାତୀପଲ ଆସୁଥିବା ଖବରପାଇ ଚାଷୀକୁଳ, ଗୋପାଳପୁର ଓ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱକୁ ସଂଲଗ୍ନ ଥିବା ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କାରଣ ବନବିଭାଗ ସଂରକ୍ଷିତ ଜଙ୍ଗଲ ଚାରି ପାଖରେ ଖୋଳାଯାଇଥିବା ଟ୍ରେଞ୍ଚ, ସୌରବାଡ଼ଗୁଡ଼ିକ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ବେଳେ ଅନ୍ଧାର ରାତିରେ ଖାଦ୍ୟ ଅନ୍ୱେଷଣରେ କେତେବେଳେ ଯେ ହାତୀ ଜନବସତିମୁହାଁ ହେଇ ଧନଜୀବନ କ୍ଷତି କରିବ ତାହା କହିହେବ ନାହିଁ। ତେଣୁ ଜଙ୍ଗଲ ଚାରିପାଖରେ ଖୋଳାଯାଇଥିବା ଟ୍ରେଞ୍ଚ, ସୌରବାଡ଼ଗୁଡ଼ିକୁ ଜରୁରୀକାଳୀନ ଭିତ୍ତିରେ ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବନବିଭାଗ ଡାକବାଜି ଯନ୍ତ୍ର ମାଧ୍ୟମରେ ହାଣ୍ଡିଆ, ମହୁଲ, ମାଦକଦ୍ରବ୍ୟ ନ ରଖିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ହାତୀଙ୍କ କବଳରୁ ମଣିଷଙ୍କୁ ରକ୍ଷା ଏବଂ ମଣିଷ କବଳରୁ ହାତୀଙ୍କୁ ସୁରକ୍ଷା ପାଇଁ ଜଙ୍ଗଲ ଚତୁଃପାର୍ଶ୍ୱରେ ନୀଳଗିରି ବନବିଭାଗ ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ, ସବୁଜବାହିନୀ ଜଗି ରହିଛନ୍ତି।

## ଭାଟପଡା ୟୁପି ସ୍କୁଲକୁ ସରକାରୀ ମାନ୍ୟତା, ଅଭିଭାବକ ଆଶ୍ୱସ୍ତ

**ଖଇରା, ୭।୧୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ମାଖନପୁର ପଞ୍ଚାୟତ ଅଧୀନ ଭାଟପଡା ୟୁପି ସ୍କୁଲକୁ ଅପଗ୍ରେଡେସନ ପାଇଁ ଗଣଶିକ୍ଷା ବିଭାଗରୁ ଚିଠି (୪୨୧୧/ପିଆଇଜି/୨୪) ପହଞ୍ଚିବା ପରେ ଅଭିଭାବକ ଆଶ୍ୱସ୍ତ ହୋଇଛନ୍ତି। ଏଥିଯୋଗୁ ୬ମାସ ଧରି ଲାଗି ରହିଥିବା ଅଚଳାବସ୍ଥା ହଟିଯାଇଛି। ଆଉ ପିଲାମାନଙ୍କୁ ପାଠପଢିବା ପାଇଁ ୪କି.ମି. ଦୂରରେ ଥିବା ଅନ୍ୟ ବିଦ୍ୟାଳୟକୁ ଯିବାକୁ ପଡିବ ନାହିଁ ବୋଲି ଅଭିଭାବକମାନେ କହିଛନ୍ତି। ପୂର୍ବରୁ ଗୋଟିଏ କ୍ୟାମ୍ପସରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଥିଲା। ପ୍ରାଥମିକ ବିଦ୍ୟାଳୟ ସରକାରୀ ହୋଇଥିବା ବେଳେ ୟୁପି ସ୍କୁଲ(୬ଷ୍ଠ ଓ ୭ମ)ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ ଥିଲା। ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକ ବଦଳି ଓ ନିଯୁକ୍ତି ଲାଗୁ ନ ଥିବାରୁ ସମସ୍ତ ଶିକ୍ଷକଙ୍କ ଅବସର ପରେ ସ୍କୁଲ ଉଠିବା ଅବଶମ୍ଭାବୀ ହୋଇପଡିଥିଲା। ଏହାକୁ ଅପଗ୍ରେଡେସନ ଭିତ୍ତିରେ ସରକାରୀ କରିବାକୁ ଗ୍ରାମବାସୀ ତଥା ଖଇରା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଓସେପା ଓ ଗଣଶିକ୍ଷା ବିଭାଗକୁ ଲିଖିତ ଭାବେ ଜଣାଇଥିଲେ। ଅନୁମତିରେ ଅହେତୁକ ବିଳମ୍ବକୁ ନେଇ ଗ୍ରାମବାସୀ ଧାରଣାରେ ବସିଥିଲେ । ଅଭିଭାବକମାନେ ନିଜ ପିଲାଙ୍କ ପାଠ ପଢାକୁ ନେଇ ଅନିଶ୍ଚିତତାରେ ରହିଥିଲେ।

# 'ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ବନ୍ଦ ହେଉ'



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବାଲେଶ୍ୱର, ୭।୧୨(ବାଞ୍ଛାନିଧି ଦେ):** ବାଂଲାଦେଶରେ ସାଧୁ ଚିନ୍ମୟ ଦାସ ମହାରାଜଙ୍କୁ ଗିରଫ କରାଯିବା ଘଟଣାକୁ ନିନ୍ଦା କରାଯାଇଛି। ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ କଠୋରପନ୍ଥୀ ଇସଲାମିକ ଗ୍ରୁପ୍ ଦ୍ୱାରା ଚାଲିଥିବା ବର୍ବୋରଚିତ ଆକ୍ରମଣକୁ ବିରୋଧ କରାଯାଇଛି। ଏନେଇ ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ଶୁକ୍ରବାର ବାଲେଶ୍ୱରରେ ଏକ ପଦଯାତ୍ରା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମିଶନ ସ୍କୁଲ ପଡ଼ିଆରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଏଡିଏମ୍ ଛକ, ଷ୍ଟେଶନ ଛକ, ଫକୀରମୋହନ ଗୋଲେଇ, ଫାଣ୍ଡି ଛକ ଓ କଚେରୀ ଛକ ଦେଇ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଏକ ପ୍ରତିବାଦ ସଭା ହୋଇଥିଲା। ସନ୍ଥ ହେମଗିରି ପ୍ରଭୁ,

### ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବିଷ୍ଣୁମୋହନ ପଣ୍ଡା, ପର୍ଶୁରାମ ପରିଡ଼ା, ରଶ୍ମିରଞ୍ଜନ ଦାସ, ଶୁଭ୍ରସମ୍ବିତ ନାୟକ, ଅଦୈତ ଦାସ ପ୍ରମୁଖ ବାଂଲାଦେଶ ସରକାର ସେଠାରେ ହିନ୍ଦୁ ତଥା ହିନ୍ଦୁ ସାଧୁସନ୍ଥଙ୍କ ଉପରେ ହେଉଥିବା ହିଂସାତ୍ମକ କାର୍ଯ୍ୟପନ୍ଥା ବନ୍ଦ କରିବା, ହିନ୍ଦୁଙ୍କୁ ସୁରକ୍ଷା ଦେବା, ମନ୍ଦିରକୁ ସୁରକ୍ଷିତ ରଖିବା ଏବଂ ସାଧୁ ଚିନ୍ମୟ ଦାସଙ୍କୁ ଅବିଳମ୍ବେ ମୁକ୍ତି କରିବାକୁ ଦାବି କରିଥିଲେ। ଦୁର୍ଗାମାଧବ ରଥ ସଭା ସଞ୍ଚାଳନ କରିଥିଲେ। ସଭା ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଞ୍ଚର କାର୍ଯ୍ୟକର୍ତ୍ତା ଶ୍ୟାମାନନ୍ଦ ପ୍ରଭୁ, ବିଷ୍ଣୁମୋହନ ପଣ୍ଡା, ଉମାକାନ୍ତ ମହାପାତ୍ର, ଶ୍ରୀନିବାସ ପ୍ରଧାନ, ପ୍ରଭଞ୍ଜନ ପାଢ଼ୀ, ବିଜୟ କୁମାର ଦାସ, ହରେକୃଷ୍ଣ ଗିରି ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଇଂଲିଶ ଭାଷା ଶିକ୍ଷକ ତାଲିମ ଶିବିର

**ରେମୁଣା, ୭।୧୨(ରବୀନ୍ଦ୍ର ମହାକୁଡ଼):** ବାଲେଶ୍ୱର ଜିଲା ଅଧୀନ ରେମୁଣା ବ୍ଲକର ପ୍ରାଥମିକ ଶିକ୍ଷକମାନଙ୍କ ନିମନ୍ତେ ଅନୁଷ୍ଠିତ ୫ଦିନ ବ୍ୟାପୀ ଇଂରାଜୀ ଭାଷା ଶିକ୍ଷକ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ଭାଷା ଓ ଶିକ୍ଷକ ତାଲିମ ପ୍ରତିଷ୍ଠାନ ଭୁବନେଶ୍ୱର ତଥା ବାଲେଶ୍ୱର ଜିଲା ଶିକ୍ଷାଧିକାରୀଙ୍କ ଆନୁକୂଲ୍ୟରେ ରେମୁଣାସ୍ଥିତ ଶାସନବାଡ଼ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଶିବିରରେ ୫୬ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।

ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ମହାନ୍ତି, ବରିଷ୍ଠ ପ୍ରଶିକ୍ଷକ ଗୋପବନ୍ଧୁ ଦାସ ଓ ଜୟଚନ୍ଦ୍ର ବେହେରା ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ଓ ଇଂଲିଶ ଭାଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ତୁଳସୀ ଦାଶ ମଞ୍ଚ ସଂଯୋଜନା କରିଥିଲେ ଓ ପ୍ରଶିକ୍ଷିକା ସ୍ୱସ୍ତି ଶ୍ରୁତି ସ ଧନ୍ୟବାଦ ଅର୍ପଣ କରିଥିଲେ। ମୋଟ୍ ୨୫ଟି ଅଧିବେଶନ ମଧ୍ୟରୁ ୧୪ଟିରେ ଶିକ୍ଷକଙ୍କ ମଧ୍ୟରେ ଇଂରାଜୀ କହିବାରେ ଦକ୍ଷତା ବୃଦ୍ଧି ଓ ପଠନ ଶୈଳୀର ବ୍ୟବହାରିକ ଆବଶ୍ୟକତା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ପରବର୍ତ୍ତୀ ଅଧିବେଶନରେ ଶ୍ରେଣୀ ପାଠ୍ୟଖସଡ଼ା ପ୍ରସ୍ତୁତି ଓ ଦଳଗତ ଶିକ୍ଷା ଦେବାର ଯୋଜନା ପ୍ରସ୍ତୁତ ହୋଇଥିଲା। ୨୦୨୦ ଶିକ୍ଷାନୀତି ଆଧାରରେ ପିଲାମାନେ ବିଦ୍ୟାଳୟ ଶିକ୍ଷା ପରେ ଭଲ ଭାବରେ ଇଂଲିଶ କିପରି ବ୍ୟବହାର କରିପାରିବେ ସେଥିପ୍ରତି ଶିକ୍ଷକଙ୍କ ଭୂମିକା ଦିଗରେ ତାଲିମ ଦିଆଯାଇଥିଲା। ଇଂଲିଶ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ସୁମିତା ଦାସ ଓ ଜିଲା ଶିକ୍ଷାଧିକାରୀ ପ୍ରାଚୀତନୟା ଗିରିଙ୍କ ତତ୍ତ୍ୱାବଧାନରେ ଏହି ଶିବିର ସଂଗଠିତ ହୋଇଥିଲା।



ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଓ ପ୍ରଶିକ୍ଷକ।

## ତମାଖୁସେବନ, ବିକ୍ରୟ ରୋକିବାକୁ ପ୍ରଶାସନର ଚଢାଉ

### ଖିଲାପକାରୀଙ୍କଠାରୁ ଜରିମାନା ଆଦାୟ

**ବାଲେଶ୍ୱର, ୭।୧୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲାରେ ତମାଖୁ ସେବନ ଓ ବେଆଇନ ବିକ୍ରୀକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରୟାସ ଜାରି ରହିଛି। ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଓ ଅବକାରୀ ବିଭାଗର ଅଧିକାରୀମାନେ ମିଳିତ ଭାବେ ଏହି ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଅନେକ ଜନଗହଳି ସ୍ଥାନରେ ବିଭିନ୍ନ ସମୟରେ ଚଢାଉ କରିଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁମିତ୍ରା ଦେ, ଡା. ଅରୂପ ଅଭିଷେକ, ମୌସୁମୀ ସାମଲ ଓ ବ୍ରଜେଶ୍ୱର ନନ୍ଦ ପ୍ରମୁଖ ଚାନ୍ଦିପୁର ପୋଲିସ ସହାୟତାରେ ସ୍ଥାନୀୟ ଚାନ୍ଦିପୁର ଓ ଝଣ୍ଟୁରା ଛକରେ ଅଚାନକ ଚଢାଉ କରିଥିଲେ। ୧୦ ଜଣ ନିୟମ ଖିଲାପକାରୀଙ୍କୁ ତାଗିଦ୍ କରିବା ସହିତ ତାଙ୍କଠାରୁ ଜରିମାନା ଅର୍ଥ ଆଦାୟ କରାଯାଇଛି। ଏଥିସହ ଖାଦ୍ୟ ପଦାର୍ଥ, ତେଜରାତି, ଭେରାଇଟି ଷ୍ଟୋରରେ ଖୋଲା ଖୋଲି ଭାବରେ ତମାଖୁ ଦ୍ରବ୍ୟ ବିକ୍ରି ଉପରେ ବିକ୍ରେତାଙ୍କୁ ସଚେତନ କରାଯାଇଥିଲା। ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ଏହି ଚଢାଉ ଅଭିଯାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତମାଖୁ ନିୟନ୍ତ୍ରଣ ନିୟମାବଳୀର ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ବହୁ-ବିଭାଗୀୟ ଟାସ୍କଫୋର୍ସ କଠୋର ଅନୁଧ୍ୟାନ ଏବଂ ପ୍ରବର୍ତ୍ତନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଏବଂ ନିୟମ ଉଲ୍ଲଘଂନ ପାଇଁ କଠୋର ଦଣ୍ଡବିଧାନ ସହିତ ନିୟମିତ ଭାବେ ଏହି ଏନଫୋର୍ସମେଣ୍ଟ ଅପରେଶନ କରାଯିବ ବୋଲି ଡା. ଦେ ପ୍ରକାଶ କରିଛନ୍ତି।


**OFFICE OF THE SUPERINTENDENT PRM MCH, BARIPADA, MAYURBHANJ**

**CANCELLATION OF TENDER NOTICE**

**Notice No. 7576** **Dt.: 06.12.2024**

No. E-564: The tender floated vide Adv. No. 7546 Dt.05.12.2024 invited for "Supply & Installation of Fully Automated Analyser Machine, Fully Automated Random Access Chemiluminescence Immunoassay system and 7 Part CBC Analyser Machine to PRM Medical College and Hospital, Baripada, is hereby cancelled due to unavoidable circumstance.

**Sd./- Superintendent**
**PRM MCH, Baripada, Mayurbhanj**

OIPR-10120/11/0008/2425



GOVERNMENT OF ODISHA

**DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES**

No. 10112/SSEPD Dated: 05.12.2024

**REQUEST FOR PROPOSAL**

No. gg-119: Proposals are hereby invited from reputed agencies/private training institutions having previous experience and credible past record in the field of elderly care for conducting training and certification program on geriatric caregiving in the State. The prospective agencies are to submit the proposal in the prescribed format to reach the Department on or before 21.12.2024 upto 5.30 P.M. through Speed Post/Registered Post/Courier. The details terms and conditions of the RFP is available in the Department website www.ssepd.gov.in. The Department reserves the right to accept or reject any or all proposals without incurring any obligation to inform the affected applicant(s) of the ground.

Sd/- Director, SSEPD
RED BUILDING, LOKASEVA BHAVAN, BHUBANESWAR - 751001
Ph. No.: 0674-2390116, Fax: 0674-2390117
Email: ssepdodisha@gmail.com

OIPR-46001/11/0023/2425



**OFFICE OF THE REGULATED MARKET COMMITTEE, BETNOTI**

At/P.O. - Betnoti, Dist. - Mayurbhanj, PIN - 757025,
email - rmcbeta@nic.in

**Short Quotation Call Notice No. 53 Dated 04.12.2024**

**QUOTATION CALL NOTICE**

**No.H-63** : Quotation Call Notice for procurement of Grading equipment required for the R.M.C., Betnoti i.e. Analysis Kit Box, Sample Divider (Burner Type), Set of Sieves, Lab Enamel Plate, Parkhi & Digital Moisture Meter (with printer) along with USB & Bluetooth supported which can be paired with other devices for use in Paddy Procurement Operation. The further details of the Short Quotation Call Notice can be seen from the official website of Mayurbhanj District https://mayurbhanj.odisha.gov.in

Sd./- Sub-Collector,
Baripada-cum-Chairman,
R.M.C., Betnoti

OIPR-01556/11/0001/2425



**OFFICE OF THE DIVISIONAL FOREST OFFICER, KEONJHAR DIVISION**

Ph.: 06766-254315, e-mail: dfo.keonjhar@odisha.gov.in

Notice No. 482 Dt.05.12.2024

**TENDER CALL NOTICE**

No. MM-308: Divisional Forest Officer, Keonjhar Division is going to organise the **Regional Kalinga Herbal Fair 2024-25 probably from 03.01.2025 to 07.01.2025.** Interested Event Management Agencies having adequate eligibility are requested to apply latest by **16.00 hrs. of 13.12.2024.** For details & tender documents, please visit the website **www.odishaforest.in / https://kendujhar.odisha.gov.in / smpbodisha.in**.

Sd./- Divisional Forest Officer
Keonjhar Division

OIPR-08042/11/0020/2425



**OFFICE OF THE CHIEF CONSTRUCTION ENGINEER DHENKANAL (R&B) CIRCLE, DHENKANAL**

**Corrigendum to Bid Identification No. C.C.E. DKL (R&B) 12/2024-25**

**Letter No. 2410** **Dtd.05.12.2024**

No. B-741: The bids invited vide Bid Identification No. C.C.E. DKL (R&B) 12/2024-25 vide Letter No. 2352 Dt.29.11.2024 has been modified are as follows.

The bid document for the above notice will be available in the website **www.tendersodisha.gov.in** from **Dt.13.12.2024 to 5.00 P.M. of Dt.27.12.2024** for online bidding and shall be opened at **11.00 A.M. on Dt.30.12.2024.**

All other terms and conditions of the above tender call notice will remain unchanged.

Sd./- Chief Construction Engineer
Dhenkanal (R&B) Circle, Dhenkanal

OIPR-34132/11/0023/2425



GOVERNMENT OF ODISHA

**OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR**

No. O-795

**e-PROCUREMENT NOTICE No. Tender Online 07 JJPT of 2024-25**

| | | | |
|---|---|---|---|
| 1. | Name of work | : | Building Works |
| 2. | Total No. of work | : | 21 Nos. Building work |
| 3. | Estimated cost (Approx.) | : | Rs.41.26 to 41.27 lakhs |
| 4. | Period of Completion | : | 9 Months |
| 5. | Class of Contractors | : | B Class |

**Other details as follows:**

| | | | |
|---|---|---|---|
| a) | Procurement Officer | : | Executive Engineer, Rural Works Division, Jajpur |
| b) | Availability of tender online & submission of bid | : | 16.12.2024 at 10.00 A.M. to 30.12.2024 upto 5.00 P.M. |
| c) | Last date & time of seeking of tender clarification | : | 30.12.2024 upto 1.00 P.M. |
| d) | Opening of Technical Bid | : | 31.12.2024 at 11.30 A.M. |

Further details can be seen from the Govt. website **www.tendersodisha.gov.in**.

**Sd./- Superintending Engineer**
**R.W. Division, Jajpur**

OIPR-25047/11/0013/2425



**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**

**INVITATION FOR BIDS (IFB)**

E-mail : pwdoff_khd@yahoo.com

**Quotation Call Notice**

**Quotation Bid Identification No. S.E.-KHD-(R&B)-01/2024-25**

**Letter No. 5858 dtd. 03.12.2024**

**No.B-733** : The Superintending Engineer, Khurda (R&B) Division, Khurda on behalf of Governor of Odisha invites **Quotation rate bid** in **Double cover** system in ONLINE MODE from eligible class of contractors having valid registration certificate for execution of the Civil Works as detailed below :

| | | | |
|---|---|---|---|
| 1 | Nature of Work | : | Civil Works |
| 2 | No. of Work | : | 02 Nos. |
| 3 | Cost of Quotation bid document | : | Rs. 10000.00 (Online) |
| 4 | Class of Contractor | : | 'B' class Contractor |
| 5 | Available of Quotation Bid Documents in the website | : | From 12.00 Noon of Dt.09.12.2024 to 5.00 P.M. of Dt.16.12.2024 |
| 6 | Opening of Quotation Bids | : | Dt.17.12.2024 at 11.30 A.M. |
| 7 | Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website. | | |

**Sd./- Superintending Engineer**
**Khurda (R&B) Division, Khurda**

OIPR-34095/11/0022/2425



**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ **କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ** ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ସିବି_ଅଶୋକ ଲେଲ୍ୟାଣ୍ଡ 3718ଆଇଏଲ୍
ଗାଡ଼ି ନଂ. OD16D9833
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1045000.00

2) ମଡେଲ ନଂ. ସିବି_ମାରୁତି ସୁପର କ୍ୟାରୀ
ଗାଡ଼ି ନଂ. OD07AT3453
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 320000.00

3) ମଡେଲ ନଂ. ସିବି_ଏଲ୍‌ପିଟି_1512_ ଫୁଲି_ବିଲ୍ଟ_ଗୁଡ୍‌ସ
ଗାଡ଼ି ନଂ. OD02CC0648
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 1313961.83

4) ମଡେଲ ନଂ. ମହିନ୍ଦ୍ରା ବୋଲେରୋ ପିକ୍-ଅପ୍
ଗାଡ଼ି ନଂ. OD05BR0342
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 575000.00

**ମେସର୍ସ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ** ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ **''ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ''** ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 7 ଦିନ ମଧ୍ୟରେ ସେମାନଙ୍କର କୋଟେଶନ

**କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍**
**184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା - 751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:**
**ଜ୍ୟୋତି ରଞ୍ଜନ ମିଶ୍ର - 9583041012**
**ରବି କୁମାର ଡି - 6201641482**



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. **ETCTEECORBBS202405,** ତା. **05.12.2024**

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ର ଖୋର୍ଦ୍ଧା ରୋଡ଼, ସମ୍ବଲପୁର ଏବଂ ୱାଲ୍ଟିୟର ମଣ୍ଡଳରେ ଆଉଟସୋର୍ସିଂ ମାଧ୍ୟମରେ ଯାତାୟତର ସ୍ଥିତି ଅନ୍ତର୍ଗତ ଆବଶ୍ୟକତା ଆଧାରିତ ଧାରଣା ପଦ୍ଧତି ଦ୍ୱାରା ରେଳ ଏବଂ ୱେଲ୍ଡ ର ଅଲ୍ଟ୍ରାସୋନିକ ପରୀକ୍ଷଣ (ବି-ସ୍କାନ ଡିଜିଟାଲ ଅଲ୍ଟ୍ରାସୋନିକ ଫ୍ଲୋ ଡିଟେକ୍ଟର ରେଳ ପାଇଁ 9 ଚ୍ୟାନେଲ ଏବଂ ୱେଲ୍ଡ ପାଇଁ ଏ-ସ୍କାନ ଡିଜିଟାଲ ଅଲ୍ଟ୍ରାସୋନିକ ଫ୍ଲୋ ଡିଟେକ୍ଟର ସୁସଜ୍ଜିତ)ର ଠିକାଦାରଙ୍କ ସ୍ୱୟଂ ବି-ସ୍କାନ 9 ଚ୍ୟାନେଲ ଏବଂ ଏ-ସ୍କାନ ମେଶିନ୍ ଏବଂ ଅପରେଟର ସହିତ ରେଳ ଏବଂ ୱେଲ୍ଡ ର ଅଲ୍ଟ୍ରାସୋନିକ ପରୀକ୍ଷଣ (ସଂଶୋଧିତ-2020) ନିମନ୍ତେ ଭାରତୀୟ ରେଳ ଷ୍ଟାଣ୍ଡାର୍ଡ ବିନିର୍ଦ୍ଦେଶ ଅନୁସାର ନୂତନ ସଂଶୋଧିତ ସ୍ଲିପ୍ ଏବଂ ୟୁଏସଏଫଡି ରେଳ ଏବଂ ୱେଲ୍ଡ ର ବ୍ୟାପକ ନିର୍ଦ୍ଦେଶ ସହିତ ରିପୋର୍ଟ କରିବା ଏବଂ ରେଳ ୱେଲ୍ଡ ର ଅଲ୍ଟ୍ରାସୋନିକ ପରୀକ୍ଷଣ (ସଂଶୋଧିତ-2022) ନିମନ୍ତେ ମାନୁଆଲ ନବୀକରଣ ସଂଶୋଧିତ ସ୍ଲିପ୍ ସହିତ ପଢ଼ିବା ଆବଶ୍ୟକ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 18,39,59,370/-, EMD (₹) : 10,69,800/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.01.2025 ରିଖ 1600 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ। ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ, ଟେଣ୍ଡର ନଥିପତ୍ର ଭାଗ 2 ର ଅନୁଲଗ୍ନକ-I , ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀ ଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ଯନ୍ତ୍ରୀ ଟ୍ରାକ/ ଭୁବନେଶ୍ୱର

PR-786/P/24-25



See Career Appointment on every Wednesday & Saturday



**ଜନସାଧାରଣଙ୍କୁ ନିବେଦନ**

ଆମେ, ଫିଡର୍ସ ଇଲେକ୍ଟ୍ରିକ୍ ଆଣ୍ଡ ଇଞ୍ଜିନିୟରିଂ ଲିମିଟେଡ୍, ଓଡ଼ିଶାର କୋଏଡ଼ା, ଜିଲ୍ଲା: ସୁନ୍ଦରଗଡ଼, ଗ୍ରାମ: ସାନନ୍ଦୀପୁରରେ ବାର୍ଷିକ ୧.୫ ନିୟୁତ ମେଟ୍ରିକ ଟନ୍ ଆଇରନ୍ ଓର୍ ବେନିଫିକେସନ ପ୍ଲାଣ୍ଟ ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା, ଯାହାକୁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏବଂ ଜଳବାୟୁ ପରିବର୍ତ୍ତନ (ରାଜ୍ୟ ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ ଓଡ଼ିଶାରେ (SEIAA)) ଦ୍ୱାରା ଅନୁମୋଦିତ ହୋଇଛି। ପରିବେଶ ମଞ୍ଜୁରୀ (EC) ୨୦୨୪ ମସିହା ନଭେମ୍ବର ୬ତାରିଖରେ ପ୍ରଦାନ କରାଯାଇଛି। ପରିବେଶ ମଞ୍ଜୁରୀ (EC)ର ପରିଚୟ ସଂଖ୍ୟା EC24B0901OR5816619N ଏବଂ ଫାଇଲ ନମ୍ବର 474101/20-IND1/05-2024 ରହିଛି।

ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏବଂ ଜଳବାୟୁ ପରିବର୍ତ୍ତନ/ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ଠାରେ ଏହି ପରିବେଶ ମଞ୍ଜୁରୀ (EC) ଚିଠିର କପି ଉପଲବ୍ଧ।

**ମେସର୍ସ ଫିଡର୍ସ ଇଲେକ୍ଟ୍ରିକ୍ ଆଣ୍ଡ ଇଞ୍ଜିନିୟରିଂ ଲିମିଟେଡ୍**
**ଗ୍ରାମ:: ସାନନ୍ଦୀପୁର, କୋଇଡ଼ା, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା**



GOVT. OF ODISHA NO.A-681

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI**

AT/PO : PARALAKHEMUNDI, DIST : GAJAPATI

PHONE NO. : 06815-222365, e-mail : eemi_gajapati@yahoo.co.in

**e-Procurement Notice No. 3131 Date : 04.12.2024**

**BID IDENTIFICATION NO. MIDGJP-07/2024-25**

The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Double** Cover Syatem **in ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.

| | | | |
|---|---|---|---|
| 1 | Name of the work | : | **Construction of Check Dams under MATY Scheme-2024-25** |
| 2 | No. of works | : | **3 Nos. (Three)** |
| 3 | Estimated cost | : | **Rs. 50.00 to 62.00 Lakhs** |
| 4 | Period of completion | : | **6 (Six)** calendar months (Including Rain Season) |
| 5 | Date and time of availability of bid documents in the portal | : | From **10.30 Hours of 10.12.2024 to 17.00 Hours of 20.12.2024** |
| 6 | Last date/time for receipt of bids in the portal | : | **17.30 Hours of 20.12.2024** |
| 7 | Date of opening of Bid | : | **11.00 Hours** on **21.12.2024** |
| 8 | Name and address of the Officer inviting Bid | : | Superintending Engineer, Minor Irrigation Division, Gajapati, At/Po - Paralakhemundi, Dist. - Gajapati, PIN - 761200 |

Further details can be seen from the e-procurement portal https://tendersodisha.gov.in

**Sd./- 04.12.2024**
**Er. Kiran Kumar Subudhy**
**Superintending Engineer**
**MI Division, Gajapati**
**Paralakhemundi**

OIPR-32013/11/0013/2425



**OFFICE OF THE SUPERINTENDING ENGINEER MINOR IRRIGATION DIVISION, GANJAM-II, BERHAMPUR**

E-mail: mi2_exe.engr@yahoo.co.in, Ph. No.: 0680-2290475

No. A-684 **GOVERNMENT OF ODISHA**

**e-PROCUREMENT NOTICE**

**Bid Identification No. GMID-II/07/2024-25**

**Ltr. No. 4350** **Date: 04.12.2024**

| | | |
|---|---|---|
| Name of Work | : | Civil Construction Works |
| No. of Works | : | 5 (Five) Nos. |
| Estimated Cost | : | Rs.30.11 lakh to 82.93 lakh |
| Tender Paper Cost | : | Rs.10000.00 (for estimated cost above 50.00 lakh) Rs.6000.00 (for estimated cost below 50.00 lakh) |
| Period of Completion | : | 03 (Three) Calendar Months |
| Class of Contractor | : | "C" & "B" |
| Availability of bid documents | : | From 10.12.2024 at 10.00 A.M. to 19.12.2024 upto 5.00 P.M. in website **(www.tendersorissa.gov.in)** |
| Perid of Receipt of bid through Online | : | From 10.12.2024 at 10.00 A.M. to 19.12.2024 upto 5.00 P.M. through Online |
| Mode of Payment | : | Online |
| Date of Opening of Bid documents for Double Cover System | : | 20.12.2024 at 11.30 A.M. (Technical Bid Opening) Date of Financial Bid opening Cover-II will be intimated through Online |
| Date of Lottery (if required) | : | Shall be intimated through website and E-mail specified for the purpose in e-tendering process |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) of Class-II or Class-III |

The detail tender call notice can also be seen in the DOWR website: **http://dowrorissa.gov.in**

| | | |
|---|---|---|
| Name & Address of the OIT | : | Superintending Engineer M.I. Division, Ganjam-II, Infront of Depaul School, Engineering School Road, Berhampur, Dist.: Ganjam, PIN - 760010 |
| E-mail | : | **mi2_exe.engr@yahoo.co.in** |
| Further details can be seen from the E-Procurement market place | : | **http://tendersorissa.gov.in** |

**Sd./- Superintending Engineer**
**M.I. Division, Ganjam-II, Berhampur**

**OIPR-32043/11/0009/2425**



ମହାରାଷ୍ଟ୍ର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଓ ଶିବସେନା(ୟୁବିଟି) ବିଧାୟକ ଦଳ ନେତା ଆଦିତ୍ୟ ଠାକ୍‌ରେ ପରସ୍ପର ସହ କରମର୍ଦ୍ଦନ କରୁଛନ୍ତି।

# ଏମ୍‌ଭିଏ ଛାଡ଼ିଲା ସମାଜବାଦୀ ପାର୍ଟି

## ସାମ୍ପ୍ରଦାୟିକ ବିଚାରଧାରା ସହ ଏସ୍‌ପି ରହିପାରିବ ନାହିଁ: ଅବୁ ଆଜ୍‌ମି

ମୁମ୍ବାଇ,୭।୧୨

ମହାରାଷ୍ଟ୍ରର ବିରୋଧୀ ମେଣ୍ଟ ମହା ବିକାଶ ଅଘାଡ଼ି (ଏମ୍‌ଭିଏ)ରୁ ଓହରିଯିବା ପାଇଁ ସମାଜବାଦୀ ପାର୍ଟି (ଏସ୍‌ପି) ଶନିବାର ନିଷ୍ପତ୍ତି ନେଇଛି। ବାବ୍ରି ମସ୍‌ଜିଦ ଭଙ୍ଗକୁ ନେଇ ଶିବସେନା(ୟୁବିଟି) ନେତା ଉଦ୍ଧବ ଠାକ୍‌ରେଙ୍କ ଜଣେ ଘନିଷ୍ଠ ସହଯୋଗୀ ବିବାଦୀୟ ମନ୍ତବ୍ୟ ଦେବା ପରେ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ବିଧାନସଭା ନିର୍ବାଚନ ପରାଜୟ ପରେ ଏମ୍‌ଭିଏକୁ ଏହା ଆଉ ଏକ ଝଟକା ହୋଇଛି।

ବାବ୍ରି ମସ୍‌ଜିଦ ଭଙ୍ଗର ୩୨ତମ ବାର୍ଷିକୀରେ ଶିବସେନା (ୟୁବିଟି) ନେତା ମିଲିନ୍ଦ ନର୍ଭେକର ମସ୍‌ଜିଦର ଏକ ଫଟୋ ପୋଷ୍ଟ କରି ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ଏକ ଉଦ୍ଧୃତାଂଶ ଲେଖିଥିଲେ, ଯେଉଁଥିରେ ଲେଖାଥିଲା, ଯେଉଁମାନେ ଏହା କରୁଛନ୍ତି, ସେମାନଙ୍କ ପାଇଁ ମୁଁ ଗର୍ବିତ। ଉକ୍ତ ପୋଷ୍ଟରେ ଉଦ୍ଧବ ଠାକ୍‌ରେ, ଆଦିତ୍ୟ ଠାକ୍‌ରେ ଏବଂ ନର୍ଭେକରଙ୍କ ଫଟୋ ମଧ୍ୟ ରହିଥିଲା। ମହାରାଷ୍ଟ୍ର ବିଧାନସଭାରେ ଏସ୍‌ପିର ୨ ଜଣ ବିଧାୟକ ରହିଛନ୍ତି। ଶନିବାର ବିଧାନସଭାରେ ଶପଥ ଗ୍ରହଣରୁ ଏମ୍‌ଭିଏ ଦଳଗୁଡ଼ିକ ଦୂରେଇ ରହିଥିବାବେଳେ ଏସ୍‌ପି ସଦସ୍ୟମାନେ ବିଧାୟକ ଭାବେ ଶପଥ ନେଇଛନ୍ତି। ସାମ୍ପ୍ରଦାୟିକ ବିଚାରଧାରା ସହ



ଅବୁ ଅସିମ୍ ଆଜ୍‌ମି

ସମାଜବାଦୀ ପାର୍ଟି କଦାପି ରହିପାରିବ ନାହିଁ। ସେଥିପାଇଁ ଆମେ ଏମ୍‌ଭିଏରୁ ଦୂରେଇଗଲୁ ବୋଲି ଏହାର ରାଜ୍ୟ ସଭାପତି ଅବୁ ଅସିମ୍ ଆଜ୍‌ମି କହିଛନ୍ତି।

ସୂଚନାଯୋଗ୍ୟ, ବାବ୍ରି ମସ୍‌ଜିଦ ଭଙ୍ଗାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଅଭିନନ୍ଦନ ଜଣାଇ ଶିବସେନା (ୟୁବିଟି) ଖବରକାଗଜରେ ଏକ ବିଜ୍ଞାପନ ଛାପିଥିଲା। ଏଥିସହିତ ଉଦ୍ଧବଙ୍କ ଘନିଷ୍ଠ ସହଯୋଗୀ ମସ୍‌ଜିଦ ଭଙ୍ଗାକୁ ପ୍ରଶଂସା କରି ଏକ୍ସ'ରେ ପୋଷ୍ଟ କରିଥିଲେ। ଆଜ୍‌ମୀ କହିଛନ୍ତି, ସେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସହ ଏନେଇ କଥା ହୋଇଥିଲେ। ଏମ୍‌ଭିଏର କୌଣସି ବ୍ୟକ୍ତି ଯଦି ଏଭଳି ଭାଷା ବ୍ୟବହାର କରେ, ତେବେ କାହିଁକି ଆମେ ସେମାନଙ୍କ ସହ ରହିବୁ ବୋଲି ଆଜମି କହିଛନ୍ତି। ସୂଚନାଯୋଗ୍ୟ, ମହାରାଷ୍ଟ୍ରରେ କଂଗ୍ରେସ ୧୬ ଆସନରେ, ଶିବସେନା (ୟୁବିଟି) ୨୦ ଏବଂ ଏନ୍‌ସିପି (ଏସ୍‌ପି) ୧୦ ଆସନ ଜିତିଥିଲାବେଳେ ଏସ୍‌ପି ୨ ଆସନ ଜିତିଥିଲା।

**ଏଏସ୍‌ଓ ଚାକିରି କେଳେଙ୍କାରୀ**

# ଲାଞ୍ଚର ପ୍ରମାଣ ଖୋଜିଲା ବିଜେଡି

## ସତ ନ ହୋଇଥିଲେ ବାଧୁଛି କାହିଁକି, କହିଲା ଭାଜପା

ଭୁବନେଶ୍ୱର, ୭।୧୨(ଅନିଲ ଦାସ)

ଗତ ସରକାର ସମୟରେ ଏଏସ୍‌ଓ ଚାକିରି ପାଇଁ ହୋଇଥିବା ଲାଞ୍ଚ କାରବାର ଅଭିଯୋଗକୁ ନେଇ ବିଜେଡି ବିଧାନସଭାରେ ଶନିବାର ତୁମ୍ଭିତୋଫାନ କରିଛି। ଘଟଣାର ତଦନ୍ତ କରିବା ସହ ଏ ନେଇ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ ବୋଲି ଦାବି କରିଛି। ଅନ୍ୟପକ୍ଷରେ କଂଗ୍ରେସ ଆଦାନୀକୁ ଜମି ଯୋଗାଇବା ଓ ଲାଞ୍ଚ କାରବାରକୁ ନେଇ ସରକାରଙ୍କୁ ଘେରିଛି। ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁ ବିଧାନସଭାର ଦିନ ତମାମ କାର୍ଯ୍ୟକ୍ରମ ବରବାଦ ହୋଇଯାଇଛି।

ଶନିବାର ୧୦ଟା ୩୦ ମିନିଟ୍‌ରେ ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଭାଜପା ସଭ୍ୟ ମାନସ ଦତ୍ତ ପଚାରିଥିବା ବାଲେଶ୍ୱର ରିଂରୋଡ୍ ସ୍ଥିତି ସମ୍ପର୍କିତ ପ୍ରଶ୍ନର ଉତ୍ତରଦେବାକୁ ସେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ କହିଥିଲେ। ହଟ୍ଟଗୋଳ ମାଧ୍ୟମରେ ମନ୍ତ୍ରୀ ଉତ୍ତର ପଢ଼ିଥିଲେ। ଏହି ସମୟରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଓଡ଼ିଶା ସାର୍ବଜନୀନ ପରୀକ୍ଷା(ଅନୁଚିତ ସାଧନର ନିବାରଣ) ବିଲ୍ ଆଲୋଚନା ବେଳେ ଗତ ସରକାର ସମୟରେ ଏଏସ୍‌ଓ ଚାକିରି ପାଇଁ ଟଙ୍କା କାରବାର ସଂକ୍ରାନ୍ତ ଅଭିଯୋଗକୁ ନେଇ ଆପତ୍ତି ଉଠାଇଥିଲେ। ଫଳରେ ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ଏଥିସହିତ ଏ ସମ୍ବନ୍ଧରେ ସିଏମ୍ ବିବୃତି ଆମର ଦାବି କହି ସ୍ଲୋଗାନ ଦେବାରୁ ଗୃହ କମ୍ପି ଉଠିଥିଲା। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବାଚସ୍ପତି ବିଜେଡି ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ବାଚସ୍ପତିଙ୍କୁ ଅଣଦେଖା କରି ବିଜେଡି ସଦସ୍ୟମାନେ ଗୃହରେ ପ୍ରବଳ ହୋହଲ୍ଲା କରିଥିଲେ। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟ୍‌ରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା କହିଥିଲେ, ଗତକାଲି ମୁଖ୍ୟମନ୍ତ୍ରୀ ବିଲ୍ ଆଲୋଚନା ବେଳେ କହିଥିଲେ ୨୦ରୁ ୩୦ ଲକ୍ଷ ଟଙ୍କାରେ ଏଏସ୍‌ଓ ଚାକିରି ମିଳୁଥିଲା। ତାଙ୍କ ପାଖରେ ପ୍ରମାଣ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଯଦି ପ୍ରମାଣ ଅଛି ତେବେ ସରକାରଙ୍କ ପାଖରେ ଭିଜିଲାନ୍ସ, ସିବିଆଇ ଏବଂ ବିଭିନ୍ନ ତଦନ୍ତକାରୀ ଏଜେନ୍ସି ଅଛନ୍ତି। ସରକାର ଏହାର ତଦନ୍ତ କରନ୍ତୁ। ୬ ମାସ ହେବ କାହିଁକି ବସିଛନ୍ତି। ଶସ୍ତା ବକ୍ତବ୍ୟ ଦେଲେ ଚଳିବ ନାହିଁ। ଏଭଳି ମନ୍ତବ୍ୟ ଚାକିରି ପାଇଥିବା ମେଧାବୀ ପିଲା ଏବଂ ଯେଉଁମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି ସେମାନଙ୍କ ମାନସିକ ସ୍ଥିତି ଉପରେ ଖରାପ ପ୍ରଭାବ ପକାଇବ ବୋଲି ପ୍ରମିଳା କହିଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ ଓ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ଦାବି କରିଥିଲେ।

ଅନ୍ୟପକ୍ଷରେ ଭାଜପା ସଭ୍ୟ ସନ୍ତୋଷ ଖଟୁଆ ଏହାର କଡ଼ା ଜବାବ ଦେଇଛନ୍ତି। ସେ କହିଛନ୍ତି, ଗତ ସରକାର ସମୟରେ ନିଯୁକ୍ତି କ୍ଷେତ୍ରରେ ବହୁ ଅନିୟମିତତା ହୋଇଛି। ଆଗକୁ ଯେପରି ସେଭଳି କିଛି ହେବନାହିଁ ସେ ନେଇ ରାଜ୍ୟ ସରକାର ଆଇନ ଆଣିଛନ୍ତି। ସେମାନେ କହିଦିଅନ୍ତୁ ଆମର ଭୁଲ୍ ହୋଇଛି। ତାଙ୍କ ବଣିକ ୨୫ ଲକ୍ଷ ନୁହଁ, ୩୦ ଲକ୍ଷ ଟଙ୍କା ନେଉଥିଲେ। ସତ କହିଦିଅନ୍ତୁ। ପୂର୍ବ ସରକାର ପିଲାମାନଙ୍କ ଭବିଷ୍ୟତକୁ ଧୂଳିସାତ୍ କରିଛନ୍ତି। ବିଧାନସଭାରେ ଏହା କଳା ଅକ୍ଷରରେ ଲେଖାଯିବ। ୨୫ ଲକ୍ଷ ଟଙ୍କା ନେବା ସତ ହୋଇ ନ ଥିଲେ ବାଧୁଛି କାହିଁକି ବୋଲି ସେ କହିଛନ୍ତି।

ବିଜେଡି ସଭ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ପରିସ୍ଥିତି ବଦଳି ଯାଇଥିଲା। ବିଜେଡି ସଦସ୍ୟମାନେ ନିଜ ସିଟ୍‌ରେ ଚୁପ୍‌ଚାପ ବସିଥିବା ବେଳେ କଂଗ୍ରେସ ଆଦାନୀକୁ ଜମି ଯୋଗାଣ ଓ ଲାଞ୍ଚ କାରବାର ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଥିଲା। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ କହିଥିଲେ, କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଆଦାନୀକୁ ସୁରକ୍ଷା ଦେଉଛନ୍ତି। ଆଦାନୀ ଓଡ଼ିଶାର ଗନ୍ଧମାର୍ଦ୍ଦନ ପର୍ବତ ପାଖରେ ଜମି କିଣିଲାଣି। ସରକାର ଏହାର ଜବାବ ଦିଅନ୍ତୁ ଦାବି କରି ହଟ୍ଟଗୋଳ କରିଥିଲେ। ହୋହଲ୍ଲା ମଧ୍ୟରେ ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଛି। କଂଗ୍ରେସ ବିଧାୟକମାନେ ଆଦାନୀ ପ୍ରସଙ୍ଗରେ ନିଜ ଆସନରେ ଠିଆ ହୋଇ ବ୍ୟାନର ପ୍ରଦର୍ଶନ କରିଥିଲେ। ବାଚସ୍ପତି ଗୃହ କାର୍ଯ୍ୟକୁ ଆଗକୁ ନ ବଢ଼ାଇ ଆସନ୍ତା ସୋମବାର ପୂର୍ବାହ୍ନ ୧୦ଟା ୩୦ ଯାଏ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି।

# ପ୍ରଭାତ ବିଶ୍ୱାଳ ବନାମ ନୟନ ମହାନ୍ତି

କଟକ,୭।୧୨ (କାର୍ତ୍ତିକ ସାହୁ)

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର କଟକ ରେଳ ଷ୍ଟେଶନର ଦ୍ୱିତୀୟ ପ୍ରବେଶ ପଥକୁ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ସଭାରେ ବିଜେଡି ନେତା ତଥା ବିଧାୟକ ସୌଭିକ୍ ବିଶ୍ୱାଳ କହିଛନ୍ତି, ତାଙ୍କ ବାପା ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଉଦ୍ୟମକ୍ରମେ ରାଜପଥରୁ ରେଳଷ୍ଟେଶନ ସଂଯୋଗୀ ରାସ୍ତା ପାଇଁ ଜମି ଅଧିଗ୍ରହଣ ସମ୍ଭବ ହୋଇଥିଲା। ଡ. ବିଶ୍ୱାଳ ନିରନ୍ତର ଭାବେ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସହ ଯୋଗାଯୋଗ କରି ଅଧିଗୃହୀତ ହେବାକୁ ଥିବା ଜମିର ମାଲିକଙ୍କୁ ବୁଝାଇ ଏହି ମହତ୍ କାର୍ଯ୍ୟ କରିପାରିଛନ୍ତି। ଏଥିସହ ନବୀନ ପଟ୍ଟନାୟକ ଜମି ଅଧିଗ୍ରହଣ ପାଇଁ ଆବଶ୍ୟକ ମୋଟା ଅଙ୍କର ଅର୍ଥ ଯୋଗାଇ ଦେଇଥିଲେ। ସୌଭିକ୍‌ଙ୍କ ଏଭଳି କଥାରେ ତାଙ୍କ ସମର୍ଥକମାନେ କରତାଳି ଦେଇ ମାହୋଲକୁ ଉଷ୍ମ କରିଦେଇଥିଲେ। ସୌଭିକ ବକ୍ତବ୍ୟ ପ୍ରଦାନ କରି ଫେରିବା ପରେ ଭାଜପା ନେତା ତଥା କଟକ ଏମ୍‌ପି ଭର୍ତ୍ତୃହରି ମହତାବ ବିଧାୟକ ସୌଭିକ୍‌ଙ୍କ କାନ୍ଧ ଥାପୁଡ଼ାଇ ଦେଇ ପୋଡ଼ିୟମ ନିକଟକୁ କହିବାକୁ ଯାଇଥିଲେ। ସେ ସୌଭିକ୍‌ଙ୍କ ଶ୍ରେୟ ହାତେଇ ନେବା ଉଦ୍ୟମକୁ ଲିଭାଇବାର ଚେଷ୍ଟା କରିଥିଲେ। ଭାଜପା ନେତା ନୟନ କିଶୋର ମହାନ୍ତିଙ୍କ ଉଦ୍ୟମକ୍ରମେ ଏହି ଅଞ୍ଚଳର ଯାହା କିଛି ଉନ୍ନତି ହେଉଛି ବୋଲି ସେ କହିଥିଲେ। ଜମି ଅଧିଗ୍ରହଣ ସିନା ହୋଇଗଲା, ହେଲେ କିଛି ଆଗେଇ ପାରି ନ ଥିଲା। ମୋହନ ମାଝୀଙ୍କ ସରକାର ଆସିବା ପରେ ୨ୟ ପ୍ରବେଶ ପଥ କାମ ହେଲା ବୋଲି କହିବାରୁ ପୁଣି ତାଳିରେ ସଭାସ୍ଥଳ କମ୍ପିଥିଲା।



କଟକ ରେଳ ଷ୍ଟେଶନ ୨ୟ ପ୍ରବେଶ ଦ୍ୱାର ଉଦ୍‌ଘାଟନୀ ସଭାରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏବଂ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ।

# ନବରଙ୍ଗପୁରକୁ ସରକାର ଉପେକ୍ଷା କରୁଛନ୍ତି: ରମେଶ



ଖବରଦାତା ସମ୍ମିଳନୀରେ ବିଜେଡି ନେତା ରମେଶ ମାଝୀ ଓ ଅନ୍ୟମାନେ।

ନବରଙ୍ଗପୁର,୭।୧୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁରକୁ ଭାଜପା ସରକାର ସବୁ କ୍ଷେତ୍ରରେ ଉପେକ୍ଷା କରୁଥିବା ଅଭିଯୋଗ ଆଣିଛି ବିଜେଡି। ଏକ ଖବରଦାତା ସମ୍ମିଳନୀ କରି ଶନିବାର ଜିଲା ବିଜେଡି ସଭାପତି ତଥା ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝି ଭାଜପା ଉପରେ ବର୍ଷିଛନ୍ତି।

୮୫ କେନ୍ଦ୍ରୀୟ ବିଦ୍ୟାଳୟ ଓ ୨୮ ନବୋଦୟ ବିଦ୍ୟାଳୟ ପାଇଁ ଅନୁମୋଦନ ମିଳିଛି। ଓଡ଼ିଶାରେ ୮ କେନ୍ଦ୍ରୀୟ ଓ ୨ଟି ନବୋଦୟ ବିଦ୍ୟାଳୟ ହେବ। କିନ୍ତୁ ନବରଙ୍ଗପୁରରେ ଏଥିମଧ୍ୟରୁ ଗୋଟିଏ ବି ବିଦ୍ୟାଳୟ ପ୍ରତିଷ୍ଠା ହେବ ନାହିଁ। ନବରଙ୍ଗପୁର ଜିଲା ପ୍ରତି ଭାଜପା ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଜିଲା ବିଜେଡି ସଭାପତି ଅଭିଯୋଗ କରିଛନ୍ତି। ସେହିଭଳି ମଣ୍ଡେଇକୁ ଭାଜପା ପ୍ରଚାର ମଞ୍ଚ କରିଛି ବୋଲି ରମେଶ ମାଝି କହିଛନ୍ତି।

ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇରେ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଉଥିଲା। ଚଳିତ ଥର କିନ୍ତୁ ନିମନ୍ତ୍ରଣ ନ କରି ଅପମାନିତ କରାଯାଇଥିବା ଅଭିଯୋଗ ହୋଇଛି। ସେହିଭଳି ପୂର୍ବରୁ ଖବରଦାତାମାନଙ୍କୁ ମଞ୍ଚ ସମ୍ମୁଖ ଭାଗରେ ସ୍ଥାନ ଦିଆଯାଉଥିଲା। ଏଥର ବହୁ ଦୂରରେ ଚେୟାର ପକାଯିବା ସହ ସେମାନଙ୍କୁ ଫଟୋ ଓ ଭିଡିଓ ଉତ୍ତୋଳନରେ ସମସ୍ୟା କରାଗଲା। ସ୍ଥାନୀୟ କଳାକାରଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ଉଦ୍‌ଘାଟନୀ ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆସିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏପରି ହେଲା ନାହିଁ। ଉପମୁଖ୍ୟମନ୍ତ୍ରୀ ଆସିଥିଲେ ସୁଭଦ୍ରା ଯୋଜନା ଓ ଅନ୍ୟ କିଛି ଯୋଜନା ସମ୍ପର୍କରେ କହିଥାନ୍ତେ। ଯଦି ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ଆସିବେ ତେବେ ଜିଲାଭିତ୍ତିକ ନିଯୁକ୍ତି ଉପରେ ଟିପ୍ପଣୀ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି। ଭାଜପା ନିର୍ବାଚନବେଳେ ୩ହଜାର ଟଙ୍କା ଭତ୍ତା ପ୍ରତିଶ୍ରୁତି ଦେଇଥିଲା। ପରବର୍ତ୍ତୀ ସମୟରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ହିଁ କେବଳ ଏହାର ଲାଭ ପାଇବେ ବୋଲି କହିଥିଲା। ସେହିଭଳି ୮୦ ପ୍ରତିଶତ ଦିବ୍ୟାଙ୍ଗଙ୍କୁ ୩ ହଜାର ୫ ଶହ ଟଙ୍କା ଦିଆଯିବ ବୋଲି କହିଲେ। ଶିକ୍ଷାମନ୍ତ୍ରୀ ମଦମୁକ୍ତ କରାଯିବ ବୋଲି କହିଥିଲେ, ତାଙ୍କ ପ୍ରତିଶ୍ରୁତି ଗଲା କୁଆଡ଼େ ବୋଲି ବିଜେଡି ପ୍ରଶ୍ନ କରିଛି।

ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଗ୍ରାମାଞ୍ଚଳରେ ଲୋକେ କମ୍ ଦରରେ ଧାନ ବିକ୍ରି କରିଛନ୍ତି। ନୂଆ ସରକାର ଆସିବା ପରେ ଡିପିସି ହୋଇପାରି ନ ଥିବାରୁ ବିକାଶ କାର୍ଯ୍ୟ ହେଉନାହିଁ। ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଏକ ପ୍ରହସନ ବୋଲି ଡାବୁଗାଁ ବିଧାୟକ ମନୋହର ରନ୍ଧାରି କହିଛନ୍ତି। ମାଗଣାରେ ୩୦୦ ୟୁନିଟ୍ ବିଦ୍ୟୁତ୍ ଯୋଗାଣ କେବେ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ସୁଭଦ୍ରା ଯୋଜନା ପ୍ରହସନରେ ଚାଲିଛି, ମୁଣ୍ଡ ପିଛା ଆୟ କମିଛି। ଦରଦାମ ବୃଦ୍ଧି ପାଇଛି। ରୋଷେଇଘରକୁ ମାଡ଼ ହେଉଛି ବୋଲି ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ କହିଛନ୍ତି। ଚାଷୀଙ୍କୁ ଟୋକନ ମିଳୁନାହିଁ। ଏଫ୍‌ଏକ୍ୟୁ ନାମରେ ମେଶିନ ଲଗାଇ ଚାଷୀଙ୍କୁ ହନ୍ତସନ୍ତ କରିବାକୁ ଚକ୍ରାନ୍ତ ଚାଲିଛି ବୋଲି ବିଜେଡି ନେତା ସରୋଜ ପତ୍ର କହିଛନ୍ତି। ମହିଳା ବିଜେଡି ଜିଲା ସଭାନେତ୍ରୀ ମଞ୍ଜୁଳା ମାଝୀ, ନଗର ସଭାପତି ପ୍ରମୋଦ ରଥ ଉପସ୍ଥିତ ଥିଲେ।

# ବିଜେଡି ଲୋକଙ୍କୁ ଭ୍ରମିତ କରୁଛି: ବଳଭଦ୍ର

ନବରଙ୍ଗପୁର,୭।୧୨ (ସଦାଶିବ ପ୍ରହରାଜ)

ବିଜେଡିର ଖବରଦାତା ସମ୍ମିଳନୀ ପରେ ସ୍ଥାନୀୟ ଏକ ଲଜ୍‌ରେ ଭାଜପା ମଧ୍ୟ ଖବରଦାତା ସମ୍ମିଳନୀ କରିଛି। ଭାଜପା ବିଜେଡିକୁ କଡ଼ା ସମାଲୋଚନା କରିଛି। ୨୪ ବର୍ଷରେ ଯେଉଁ ସରକାର କିଛି କରିପାରିଲା ନାହିଁ ସେମାନେ ୬ ମାସର ସରକାରଙ୍କ ପ୍ରତି ଭ୍ରାନ୍ତ ଧାରଣା ସୃଷ୍ଟି କରାଉଛନ୍ତି ବୋଲି ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି କହିଛନ୍ତି।

ଭାଜପା ସରକାର ଆସିବା ପରେ ନବରଙ୍ଗପୁର ଜିଲାରେ ୮ଟି ଏକଲବ୍ୟ ବିଦ୍ୟାଳୟ ସ୍ଥାପନ ପାଇଁ ଅନୁମୋଦନ ମିଳିଛି। ରାଇଘର ବ୍ଲକ୍‌ରେ ୨ଟି ଏକଲବ୍ୟ ବିଦ୍ୟାଳୟ, ଭଣ୍ଡାରିଗୁଡା ଓ ବେହେଡ଼ାରେ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ହେବ। ରାଇଘର, ଝରିଗାଁ, ତେନ୍ତୁଳିଖୁଣ୍ଟି ଓ କୋଷାଗୁମୁଡ଼ାରେ ମଡେଲ ଡିଗ୍ରୀ କଲେଜ ଖୋଲାଯିବ। ଶିକ୍ଷାର ଗମ୍ଭୀରତା ବିଷୟରେ ବିଜେଡି ଜାଣିବା ଆବଶ୍ୟକ ବୋଲି ଏମ୍‌ପି ବଳଭଦ୍ର କହିଛନ୍ତି। ସୌର ଘର ମାଧ୍ୟମରେ ୩ ଶହ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ ପାଇଁ କୁହାଯାଇଥିଲା। ତାହାକୁ ବିଜେଡି ଓଲଟା ବୁଝି ଲୋକଙ୍କୁ ଭ୍ରମିତ କରୁଛି। ବିଜେଡି ଧାନକିଣାରେ ଚାଷୀଙ୍କୁ ୧୦୦ ଟଙ୍କା ବୋନସ ଦେଇପାରିଲା ନାହିଁ। ଭାଜପା ଧାନ କୁଇଣ୍ଟାଲ ପିଛା ଚାଷୀଙ୍କୁ ୩୧ ଶହ ଟଙ୍କା ଦେବ। ୨୩ଶହ ଟଙ୍କା ଏମ୍‌ଏସ୍‌ପି ଓ ୮ଶହ ଟଙ୍କା ବୋନସ୍ ଦିଆଯିବ। ମୁଖ୍ୟମନ୍ତ୍ରୀ ସୋହେଲାଠାରେ ଏହାର ଉଦ୍‌ଘାଟନ କରିବେ। ଏ ସମ୍ପର୍କରେ ଜାଣିବା ପରେ ବିଜେଡି ସହ୍ୟ କରିପାରୁନାହିଁ ବୋଲି ଭାଜପା କହିଛି। ଚାଷୀଙ୍କୁ ଟୋକନ ଦିଆଗଲାଣି। ସୁଭଦ୍ରା ଯୋଜନାରେ ୧ କୋଟି ମହିଳା ଉପକୃତ ହେବେ। ରାଜ୍ୟଭିତ୍ତିକ ନିଯୁକ୍ତି ବିଜେଡି ସମୟରେ ହୋଇଥିଲା। ତେଣୁ ଜିଲାଭିତ୍ତିକ ନିଯୁକ୍ତି ସମ୍ପର୍କରେ ସେମାନେ ଟିପ୍ପଣୀ ଦେବା ଅଧିକାର ନାହିଁ ବୋଲି ଭାଜପା କହିଛି। ୨୪ ବର୍ଷର ସରକାର ଲୋକଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ସ୍ୱଚ୍ଛଳ କରିଥିଲେ ଲୋକେ ଆମ୍ବଟାକୁଆ ଖାଇ ନ ଥାନ୍ତେ ବୋଲି ବଳଭଦ୍ର କହିଛନ୍ତି। ରବିବାର ମଣ୍ଡେଇ ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଉଭୟ ନବରଙ୍ଗପୁର ଆସିବେ। ୨୪ ବର୍ଷରେ ବିଜେଡି ମୁଖ୍ୟମନ୍ତ୍ରୀ ମଣ୍ଡେଇକୁ କାହିଁକି ଆସି ନ ଥିଲେ ବୋଲି ଭାଜପା ପ୍ରଶ୍ନ କରିଛି। ଓଡ଼ିଶାରେ ଆଉ ବିଜେଡିର ସ୍ଥାନ ନାହିଁ ବୋଲି ଏମ୍‌ପି ବଳଭଦ୍ର ମାଝୀ କହିଛନ୍ତି। ରେଳ ପ୍ରକଳ୍ପ ପାଇଁ ୮ ବର୍ଷ ପରେ ମଧ୍ୟ ବିଜେଡି ଇଞ୍ଚେ ଜମି ଦେଲା ନାହିଁ। କେନ୍ଦ୍ର ସରକାର ଭଦ୍ରାଚଳମରୁ ଜୁନାଗଡ଼ ଭାୟା ମାଲକାନଗିରି, ଜୟପୁର, ନବରଙ୍ଗପୁର ୪୬୦ କି.ମି. ରାସ୍ତାକୁ ଯୋଡ଼ିବେ; ଯାହାକି ଦେଶର ତୃତୀୟ ସର୍ବବୃହତ୍ ଲମ୍ବା ରେଳପଥ ହେବ ବୋଲି ବଳଭଦ୍ର କହିଛନ୍ତି। ନବରଙ୍ଗପୁର ଜିଲା ବିକାଶରେ ବିଜେଡିର କୌଣସି ଭୂମିକା ନାହିଁ। ସବୁ କ୍ଷେତ୍ରରେ ପଛରେ ରହିଛି। ଇଥାନଲ ପ୍ରକଳ୍ପ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୫ଶହ କୋଟି ଟଙ୍କା ଘୋଷଣା କରିଥିଲେ। ବିଜେଡି ସରକାର ଇଞ୍ଚେ ଜମି ଦେଇପାରିଲେ ନାହିଁ। ଫଳରେ ଶିଳ୍ପ ପ୍ରତିଷ୍ଠାରୁ ନବରଙ୍ଗପୁର ଜିଲା ବଞ୍ଚିତ ହେଲା ବୋଲି ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଶୋଇ କହିଥିଲେ। ନବରଙ୍ଗପୁର କଲେଜ ଏବେ ଯାଏ କାହିଁକି ସରକାରୀ ହୋଇନାହିଁ ବୋଲି ବରିଷ୍ଠ ନେତା ପ୍ରହଲ୍ଲାଦ ତ୍ରିପାଠୀ ବିଜେଡିର ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀଙ୍କୁ ପ୍ରଶ୍ନ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ମହିଳା ସଭାନେତ୍ରୀ ଶର୍ମିଷ୍ଠା ଦେଓ , ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଦାଶ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏମ୍‌ପି ବଳଭଦ୍ର ମାଝୀ ଓ ଅନ୍ୟ ଭାଜପା ନେତା।

# କଟକ ରେଳଷ୍ଟେସନରେ ମିଳିବ ବିଶ୍ୱସ୍ତରୀୟ ସୁବିଧା

## ଷ୍ଟେସନର ଦ୍ୱିତୀୟ ପ୍ରବେଶ ଦ୍ୱାର ଉଦ୍‌ଘାଟିତ

କଟକ,୭।୧୨(କାର୍ତ୍ତିକ ସାହୁ)

କଟକ ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହା କେବଳ ଟ୍ରେଲର ମାତ୍ର। ରେଳେ ଅପର ପାର୍ଶ୍ୱରେ ଚାଲିଥିବା ମୂଳ ପ୍ରକଳ୍ପ ୩୦୩ କୋଟି ଟଙ୍କାର। ଉକ୍ତ ନିର୍ମାଣ କାର୍ଯ୍ୟ ଶେଷ ହେଲେ କଟକ ରେଳ ଷ୍ଟେସନ ୟୁରୋପ ଭଳି ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। କଟକ ରେଳ ଷ୍ଟେସନର ୨ୟ ପ୍ରବେଶ ଦ୍ୱାର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, କେନ୍ଦ୍ର ସରକାରଙ୍କ ଅମୃତ ଷ୍ଟେସନ ଯୋଜନା ଅଧୀନରେ କଟକ ରେଳଷ୍ଟେସନର ବିକାଶ କାର୍ଯ୍ୟ ଚାଲିଛି। ପୂର୍ବାପେକ୍ଷା ଷ୍ଟେସନ ଭବନ ସହିତ ଏହି ନୂତନ ପ୍ରବେଶ ଦ୍ୱାର ଯାତ୍ରୀଙ୍କ ଯାତାୟାତକୁ ସୁଗମ କରିବ। ଏଠାରେ ଉପଲବ୍ଧ ଆଧୁନିକ ସୁବିଧା, ନିରାପତ୍ତା ଏବଂ ପରିସେବା ପ୍ରଦାନ କରିବାକୁ ସ୍ଥିର ହୋଇଛି। ଏଥିସହ ୨ୟ ପ୍ରବେଶ ଦ୍ୱାର ଜାତୀୟ ରାଜପଥ ପାର୍ଶ୍ୱରୁ ଆସୁଥିବା ଯାତ୍ରୀଙ୍କ ପାଇଁ ସହଜ ହେବ। ଏହାଦ୍ୱାରା କଟକ ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ସୁବିଧା ସହିତ ଏକ ଆଧୁନିକ ପରିବହନ ହବ୍‌ରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ସରକାରଙ୍କ ରେଳପଥ ବିକାଶ ଉପରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ସରକାର ଓଡ଼ିଶାରେ ରେଳର ବିକାଶ ପାଇଁ ୭୩,୦୦୦ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରିଛି। ଗତ ୬ ମାସରେ ୨୦ ହଜାର କୋଟି ଟଙ୍କାର ପ୍ରକଳ୍ପ କରାଯାଇସାରିଲାଣି। ଅଟଳ ବିହାରୀ ବାଜପେୟୀଙ୍କ ସରକାର ରାଜପଥକୁ ୪ ଲେନ୍ କରିଥିଲେ। ସେହିପରି ଭାବେ ମୋଦି ସରକାର ରେଳପଥକୁ ୪ ଲେନ୍ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ୩ ଲେନ୍ ରେଳପଥ ପାଇଁ ଅର୍ଥ ଅନୁମୋଦନ ହୋଇସାରିଛି। କୋଲକାତାରୁ ଚେନ୍ନାଇକୁ ଏହି ୩ ଲେନ୍ ରେଳପଥ ହେବ। ଏଥିସହ ଏହି ଦଶନ୍ଧି ମଧ୍ୟରେ ୪ ଲେନ୍ ରେଳପଥ ପାଇଁ ଶୁଭ ଥିଏଚି। ଫଳରେ ଲୋକଙ୍କ ଆବଶ୍ୟକତା ମେଣ୍ଟାଇବା ପାଇଁ ବହୁତ ନୂଆ ଟ୍ରେନ୍ ଚଳାଇ ହେବ। ଆଗାମୀ ଦିନରେ କଟକ ଦେଇ ଅଧିକରୁ ଅଧିକ ଟ୍ରେନ୍ ଚଳାଚଳ କରିବାର ଯୋଜନା ରହିଛି। ଭାଜପା ସରକାର ନିର୍ବାଚନୀ ପ୍ରତିଶ୍ରୁତିକୁ ପୂରା କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଜୟ କୁମାର ଦଳବେହେରା, ସୌମିକ ବିଶ୍ୱାଳ, ଶାରଦା ପ୍ରଧାନ, ଭାଜପା ନେତା ନୟନ କିଶୋର ମହାନ୍ତି, ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ର ଡିଆରଏମ୍ ହେବେଶ୍ ବାଡ଼ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସ୍ୱାଗତ ଭାଷଣ ଦେଇଥିଲେ।



କଟକ ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶ ଦ୍ୱାର ଉଦ୍‌ଘାଟନୀ ସଭାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦ୍‌ବୋଧନ ଦେଉଛନ୍ତି।

# ପ୍ରଥମ ଥର ଠାବହେଲା ପିଡ୍ ଏଭୋକେଟ୍

## ଶୀତଋତୁରେ ସୁବର୍ଣ୍ଣପୁରକୁ ବଢୁଛି ପକ୍ଷୀଙ୍କ ଆଗମନ

ସୋନପୁର,୭।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ପାରଦ ଯେତିକି ଖସେ ସେତିକି ନୂଆ ଅତିଥି ପକ୍ଷୀଙ୍କ ଆଗମନ ବଢେ। ଆଉ ଏହି ଅତିଥିଙ୍କୁ ମହାନଦୀ କିଛି ମାସ ନିଜର କରିନିଏ। ସୁବର୍ଣ୍ଣପୁର ସହର ସ୍ଥିତ ମହାନଦୀର ଲଙ୍କେଶ୍ୱରୀ ଗଡ ନିକଟରେ ପିଡ୍ ଏଭୋକେଟ୍ ଭଳି ବିରଳ ପକ୍ଷୀ ଠାବ କରାଯାଇଛି। ପକ୍ଷୀପ୍ରେମୀ ଜ୍ୟୋତିରାଦିତ୍ୟ ପିନାକୀ ପଣ୍ଡା ଓ ସିଦ୍ଧାର୍ଥ ସଞ୍ଜୀବ ପାଣିଗ୍ରାହୀ ଲଙ୍କେଶ୍ୱରୀ ଗଡ଼ରେ ଗୋଟିଏ ପିଡ୍ ଏଭୋକେଟ୍ ବିଚରଣ କରୁଥିବାର ଶନିବାର ଠାବ କରିଥିଲେ। ତେବେ ସୁବର୍ଣ୍ଣପୁର ଜିଲାରେ ପ୍ରଥମ ଥର ପାଇଁ ଏହି ପକ୍ଷୀ ରେକର୍ଡ କରାଯାଇଛି। ଏହି ପକ୍ଷୀ ମୁଖ୍ୟତଃ ୟୁରୋପୀୟ ଦେଶଗୁଡ଼ିକରେ ଦେଖାଯାଆନ୍ତି। ଥଣ୍ଡା ବଢିଲେ ସେମାନେ ଆଫ୍ରିକା ଓ ଦକ୍ଷିଣ ଏସିଆ ଦେଶଗୁଡିକୁ ଚାଲିଆସନ୍ତି। ଓଡ଼ିଶାରେ ଚିଲିକାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏହି ପକ୍ଷୀ ଦେଖାଯାଆନ୍ତି ବୋଲି ଜ୍ୟୋତିରାଦିତ୍ୟ ପିନାକୀ ପଣ୍ଡା କହିଛନ୍ତି। କଳା ଓ ଧଳା ରଙ୍ଗର ଏହି ପକ୍ଷୀ ଖୁବ୍ ଆକର୍ଷଣୀୟ। ଏହି ସୁନ୍ଦର ପ୍ରଜାତିର ପକ୍ଷୀଙ୍କୁ ଦେଖି ପକ୍ଷୀପ୍ରେମୀ ଖୁବ୍ ଉତ୍ସାହିତ ହୋଇଛନ୍ତି। ଏଯାଏଁ ଏ ଜିଲାରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ପ୍ରଜାତିର ଦେଶୀ ବିଦେଶୀ ପକ୍ଷୀ ଠାବ ହୋଇ ସାରିଲେଣି।


ମହାନଦୀର ଲଙ୍କେଶ୍ୱରୀ ଗଡ ନିକଟରେ ପିଡ୍ ଏଭୋକେଟ୍।


## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA

E_Mail ID: serwcbaripada@gmail.com, Ph.No-06792-261343/261344, Gangraj, Baripada
Office Order No.3578/ Dt.04.12.2024 //

**1st Corrigendum to National Competitive Bidding e-Procurement Notice No.3532/Road Work, Dt.25.11.2024 (NCB No-360)**

**No.O-791:** Due to unavoidable circumstances the important dates of tendering process for road works are being changed as follows.

| Procurement Officer | Bid Identification No. | Availability of tender On-line for bidding: From | | To | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| | | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| Chief Construction Engineer, Rural Works Circle, Baripada | Road Online N.C.B. No- 360 | 05.12.2024 at 11.00 AM | 20.12.2024 At 11.00 AM | 20.12.2024 upto 5.00 PM | 06.01.2025 upto 5.00 PM | 19.12.2024 upto 5.00 PM | 04.01.2025 upto 5.00 PM | 21.12.2024 upto 11.00 AM | 07.01.2025 upto 11.00 AM | Will be intimated later | Will be intimated later |

All other terms and conditions remain unchanged.

Sd./- Er. A.K. Nayak
Chief Construction Engineer, R.W. Circle, Baripada
OIPR-25130/11/0006/2425

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL

No.O-779
E-Mail:sencrwangul@yahoo.co.in, Ph:06764-236404

No.2941 Dt.4.12.24

**Tender Call Notice for Building Work in Odisha**
**Bid Identification No. Building Online AGL-17/2024-25**

1.Name of the Work : Building Work, 2. Total No. of Work: 1 No. 3. Estimated Cost: Rs.136.13 Lakh Approx. 4. Class of Contractor: 'B' & 'A' Class, 5. Period of Completion: 18 (Eighteen) Calendar Months, 6. Other details:

| Procurement Officer | Bid Identification No. | Availability of Tender on-line for bidding: From | To | Last Date & Time of seeking tender clarification | Date & Time of opening of tender: Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Engineer, Rural Works Circle, Angul | Building Online- AGL-17/2024-25 | 11.12.24 at 10.00 A.M. | 26.12.24 upto 5.00 P.M. | 24.12.24 upto 1.00 P.M. | 27.12.24 at 11.00 A.M. | Will be intimated later on |

(1) For detailed Notice inviting Tenders, Please visit to the website www.tendersorissa.gov.in

OIPR-25180/11/0022/2425
Sd./- Chief Engineer, Rural Works Circle, Angul

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL

No.2960// Dt.5.12.24//

**1st Corrigendum to Bid Identification No. Road Online-AGL-13/2024-25**

**No.O-797:** Due to some unavoidable circumstances the last date of Online for bidding and opening of the date has been extended as follows in respect of the tender for Road works invited in Tender Call Notice Bid Identification No. Road Online-AGL-13/2024-25 by the Procurement Officer, Chief Construction Engineer, Rural Works Circle, Angul.

| Availability of Tender On-line for bidding: From | To | Date & Time of Opening Technical Bid |
|---|---|---|
| 1 | 2 | 3 |
| 28.11.2024 at 10.00 A.M. | 27.12.2024 upto 5.00 P.M. | 30.12.2024 at 11.00 AM |

All other terms and conditions remain unchanged.

Sd./- Chief Engineer,
Rural Works Circle, Angul
OIPR-25180/11/0020/2425

## ODISHA PUBLIC SERVICE COMMISSION
### NOTICE

No.7023/ PSC, Dt.06.12.24

**TIME TABLE FOR**
**ODISHA CIVIL SERVICES PRELIMINARY EXAMINATION-2023**

**No.D-204:** It is for information of all concerned that, the Commission has decided to conduct the Odisha Civil Services Preliminary Examination-2023 on **15.12.2024 (Sunday)** in the five zones i.e. Balasore, Berhampur, Bhubaneswar, Cuttack & Sambalpur, pursuant to Advt. No. 20 of 2023-24 as per the following time table:-

| Date | Timing | Subject | No. of objective type questions with multiple choice answers | Subject Code No. to be filled up in the OMR answer sheet |
|---|---|---|---|---|
| 15.12.2024 (Sunday) | 10.00 A.M. to 12.00 P.M. | General Studies (Paper-I) | 100 | 01 |
| | 1.30 P.M. to 3.30 P.M. | General Studies (Paper-II) | 80 | 02 |

**N.B.:-** All the candidates belonging to PwD category will be given 40 minutes extra in each sitting i.e. 10.00 A.M. to 12.40 P.M. & 1.30 P.M. to 4.10 P.M.

2. **"Admission certificates"** and **"Instructions to candidates"** of all the admitted candidates will be available in the website of Commission **w.e.f. 07.12.2024.** The candidates are advised to visit the website of the Commission at http://opsc.gov.in to download their "Admission Certificate" & "Instructions to Candidates".

OIPR-12002/11/0103/2425
Sd./- Secretary

## State Health Assurance Society
## Health & Family Welfare Department, Govt. of Odisha

Bhubaneswar- 751007, District- Khorda (Odisha)
Phone No.- 0674-2570500, Email ID- hr.recruitmentshas@gmail.com

Adv. No.: 04/2024 Date: 07.12.2024

**WALK-IN-INTERVIEW**

**No.E-563** : Walk-in-Interview shall be conducted as scheduled below for the post of Fraud Redressal Officer under **State Health Assurance Society, Odisha** on contractual basis with monthly consolidated remuneration as noted and subject to renewal as per Society terms and conditions. The post is purely temporary and co-terminus with the scheme.

| Sl. No | Name of the Post | No. of Vacancy | Consolidated Remuneration | Date of Registration & Walk-in-Interview |
|---|---|---|---|---|
| 01 | Fraud Redressal Officer | 01 | Rs. 1,50,000/- | 20.12.2024 |

Interested candidates can log on to **www.nhmodisha.gov.in** for details of vacancy, eligibility criteria, age, application form etc. **Candidates fulfilling the eligibility criteria may appear for registration on the date as mentioned against the post. Registration timing shall be from 10.30 A.M. to 12 Noon only on Walk-in-Interview date**. No application will be received after scheduled date & time of registration.

**Venue:- State Health Assurance Society, A1 Block, 2nd Floor, Toshali Bhawan, Satya Nagar, Unit-9, Bhubaneswar - 751007, District- Khordha , Odisha.**

Sd./- Chief Executive Officer
State Health Assurance Society, Odisha
OIPR-10170/11/0006/2425

## OFFICE OF THE PANCHAYAT SAMITI, BANPUR

Letter No.10343/Dt.03.12.2024

**CORRIGENDUM**

**No.i-346:** In partial modification to this office order No.10246, dated 25.11.2024, It is hereby informed that the date of availability of e-Tender for online bidding & Opening of e-Tender shall be read as 10.12.2024 to 24.12.2024 & 26.12.2024 respectively.
The all other text in the NIT remain unchanged.

Sd./-Block Development Officer, Banpur
OIPR-19081/11/0004/2425

## ODISHA TOURISM DEVELOPMENT CORPORATION LIMITED

(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
INVITATIONS FOR BIDS (IFB)

No.CAD-

Letter No.2147 Dt.06.12.2024

**1st Corrigendum to Tender Call Notice No. BP-I/12/2024-25 dt.04.12.2024**

The Tender Call Notice No. BP-I/12/2024-25 Date 04.12.2024 was published in "The Times of India", "Dharitri" and "Prameya" on 05.12.2024.

The tender for the work-Installation of Street Light in Existing Light post at Panthanivas Barkul invited vide Tender Call Notice No. BP-I/12/2024-25 Date 04.12.2024 published in "The Times of India", "Dharitri" and "Prameya" on 05.12.2024 is hereby rescheduled.

**The scheduled dates for the tender for above work is hereby rescheduled as follows :**

Download of Bid documents scheduled from **Dt.10.12.2024 to 11.30 Hours of Dt.19.12.2024.**
1. **Online** bids shall be received till **11.30 Hours of Dt.19.12.2024**.
2. The technical bids will be opened at **12.00 Hours of Dt.19.12.2024** in the office of the Executive Engineer, O.T.D.C. Ltd., Bhubaneswar.
All other terms & conditions remain unchanged.

Sd./-
Executive Engineer
O.T.D.C. Ltd., Bhubaneswar
OIPR-37002/11/0039/2425

## ODISHA PUBLIC SERVICE COMMISSION CUTTACK
### NOTICE

No.7040/P.S.C., Dt. 06.12.2024
(1E-01-2024-25)(DR-II)
Website - http://www.opsc.gov.in

**No.D-205** : Basing on the written examination held on 11.08.2024, **71(40-w)** candidates have been provisionally qualified for document verification and interview scheduled to be held on **19.12.2024** & **20.12.2024** for recruitment to the posts of **Assistant Horticulture Officer** (Group-B), under A & FE Department, pursuant to Advt. No. 17 of 2023-24.

The list of roll nos. of 71 qualified candidates is available in the website of the Commission **http://www.opsc.gov.in**.

Detailed program of the document verification and interview will be notified in due course.

The candidates are advised to visit the website of the Commission at http://www.opsc.gov.in regularly for further information in this regard.

OIPR-12002/11/0104/2425
Sd./- Secretary

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL

No.2965// Dt.5.12.24//

**2nd Corrigendum to Bid Identification No. Road Online-AGL-12/2024-25**

**No.O-796:** Due to some unavoidable circumstances the last date of Online for bidding and opening of the date has been extended as follows in respect of the tender for Road works invited in Tender Call Notice Bid Identification No. Road Online-AGL-12/2024-25 by the Procurement Officer, Chief Construction Engineer, Rural Works Circle, Angul.

| Availability of Tender On-line for bidding: From | To | Date & Time of Opening Technical Bid |
|---|---|---|
| 1 | 2 | 3 |
| 21.11.2024 at 10.00 A.M. | 27.12.2024 upto 5.00 P.M. | 30.12.2024 at 11.00 AM |

All other terms and conditions remain unchanged.

Sd./- Chief Engineer,
Rural Works Circle, Angul
OIPR-25180/11/0021/2425

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, CUTTACK

At/Po- Nuabazar, Dist-Cuttack-753004, Phone-0671-2443399
email id- serw_ctc@yahoo.com

**Repair and Maintenance of Rural Roads Under PMGSY**
**e-Procurement Notice**
**Lr No.3386, Dtd.04.12.2024**

**No.O-783:** The Chief Construction Engineer, R.W.Circle, Cuttack on behalf of Odisha State Rural Road Agency invites percentage rate bids in electronic tendering system for **Repair/Maintenance of the Rural roads Constructed under Pradhan Mantri Gram Sadak Yojana** in the districts of **Cuttack & Jagatsinghpur for 7 (Seven)** number of packages with estimated cost totaling to Rs 5.73 Cr including maintenance for five year from the eligible contractors registered with **State PWD/CPWD / MES / Railways.** The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement.dtd 10.12.2024 (dd/mm/yyyy)

**Availability of Bid Documents and mode of submission:** The bid document is available online and should be submitted online in **http://www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying, Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **C.C.E., R.W. Circle**, Cuttack, on a date not later than three working days after the opening of technical qualification, part of the Bid, either by registered post or by hand, failing which the bids shall be declared non-responsive.

Last Date/Time for receipt of bids through e-Procurement 24.12.2024 (dd/mm/yyyy) upto 5.00 PM (time)

For further details please log on to http://www.pmgsytenders.gov.in.

Sd./- Chief Construction Engineer
R.W.Circle, Cuttack
OIPR-25097/11/0008/2425

## OFFICE OF THE SUPERINTENDING ENGINEER, RWS&S DIVISION, BHUBANESWAR

E-Mail : eebbsrrwss@gmail.com

**Quotation Call Notice No. 09 of 2024-25**

**No.O-798** : Executive Engineer, RWS&S Division, Bhubaneswar on behalf of the Governor of Odisha invities quotations in sealed covers for the following work as stated below from Authorised Dealer / Distributor / Supplier under following terms and conditions.

| | | |
|---|---|---|
| 1 | Nature of work | Supplying all Materials and installation of Trinocular Microscope (01 No.) built in led illumination with plan acromatanti fungal 4X, 10X, 20X, 40X, 100X, two 10X widefield eye pieces - FN 20, aluminium die cost, fixed quadruple nose piece with inward tilt, abbe type with aperature iris diaphragm N.A 1.25 condernser, mechanical stage, coaxial coarse & fine focusing, supporting voltage supply upto 240v AC of make "OLYMPUS" power pvt. ltd. with NABL certification for calibration. Model No.-CX-23 TR LED |
| 2 | No. of Item | 01 (one) |
| 3 | Time for completion | 15 (fifteen) days |
| 4 | Cost of bidding document | Rs. 600.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.09.12.2024 (10.00 A.M.) to Dt.18.12.2024 (1.00 P.M.) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.20.12.2024 up to 1.00 P.M. |
| 7 | Date & time of opening of Quotation | Dt.20.12.2024 at 4.00 P.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

OIPR-25011/11/0003/2425
Sd./- Executive Engineer,
RWS&S Division, Bhubaneswar

## GOVERNMENT OF ODISHA
## ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT, ODISHA

OFFICE OF THE PROJECT ADMINISTRATOR
INTEGRATED TRIBAL DEVELOPMENT AGENCY, RAIRANGPUR

**e-Procurement Notice**
**Bid Identification No.01/ITDA (RRP) 2024-25**

No.5690// 2024-ITDA, RRP Dated, 05.12.2024

**No.CAD-1821:** Bid documents consisting of works, Tender Value, Cost of Tender Paper, Bid Security, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. "www.tendersodisha.gov.in."

| | | | |
|---|---|---|---|
| 01. | Name of the Work | : | Civil Works as mentioned in DTCN |
| 02. | No. of Works | : | 8 (Eight) Numbers only |
| 03. | Estimated Cost | : | Rs.7.00 Lakhs to Rs.86.00 Lakhs |
| 04. | Period of Completion | : | 2 to 6 (Two to Six) Calendar Months as per work category |
| 05. | Date & Time of availability of bid document in the portal | : | 07.12.2024 at 10.00 A.M. to 26.12.2024 05.30 hours |
| 06. | Last date for receipt of bids in the portal | : | 26.12.2024 till 5.30 hours |
| 07. | Bid received Online shall be opened on | : | 27.12.2024 at 11.00 hours onwards |
| 08. | Name and address of the Officer Inviting Bid | : | Project Administrator, I.T.D.A. Rairangpur |

Further details can be seen from the "www.tendersodisha.gov.in"

Sd./- Project Administrator
I.T.D.A., Rairangpur
OIPR-19080/11/0002/2425

## OFFICE OF THE DIRECTOR-CUM-MEDICAL SUPERINTENDENT, MENTAL HEALTH INSTITUTE, S.C.B. MEDICAL COLLEGE HOSPITAL, CUTTACK

Telephone : 0671-2414359, Email - mhi.cuttack@gmail.com

**TENDER CALL NOTICE**

**No.E-562:** Sealed tenders are invited from interested outsourcing agencies/firm/company or private individuals to run **Mess-cum-Canteen** in the premises of Mental Health Institute, SCB Medical College Hospital, Cuttack - 753007 as per the terms & conditions laid down in the tender paper. The tender will be opened on scheduled date and time in the office of the undersigned in presence of the bidders or their authorized representatives. The bidders may download the Tender Documents directly from the website **www.scbmch.in** and also can be obtained from the office of the Director-cum-Medical Superintendent, Mental Health Institute, SCB Medical College Hospital, Cuttack. The cost of tender paper is Rs.1,000/- (Non-refundable) by cash payment or bank draft/demand draft in favour of **"Director-cum-Medical Superintendent, Mental Health Institute, SCB Medical College Hospital, Cuttack"** payable at Cuttack from any Nationalized Bank. Any tender received after the due date and time will be rejected and return to the sender un-opened. The tender will be received through **Speed Post/Regd.** Post only. The authority reserves the right to reject any / all the tenders without assigning any reasons thereof.

1. Date of sale of tender paper - **09.12.2024 to 30.12.2024**
2. Last date of receipt of tender paper - **31.12.2024 up to 5.30 P.M.**
3. Date & Time of opening of technical bid - **02.01.2025 at 3.30 P.M.**
4. Place of opening of tender - Office of the Director-cum-Medical Superintendent, Mental Health Institute, S.C.B, Medical College Hospital, Cuttack-753007.

Sd./- Director-cum-Medical Superintendent,
Mental Health Institute
SCB Medical College Hospital, Cuttack
OIPR-10051/11/0014/2425

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜସ୍ୱ ଆଦାୟରେ ରେଲୱେର ନୂଆ ମାଇଲଖୁଣ୍ଟ

## ଆଇସିସି ଦ୍ୱାରା ୨ୟ ରେଳ ଇଣ୍ଡିଆ ସମ୍ମିଳନୀ

ନୂଆଦିଲ୍ଲୀ,୭।୧୨ (ଅଭୟ ଦାଶ)

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ(ଆଇସିସି)ର ବହୁ ପ୍ରତୀକ୍ଷିତ ତଥା ୨ୟ ରେଳ ଇଣ୍ଡିଆ ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ନୂଆଦିଲ୍ଲୀଠାରେ ଆୟୋଜିତ ଏହି ଜାତୀୟ ସମ୍ମିଳନୀରେ 'ରେଲୱେ ଇନ୍ ମୋସନ୍: ଭିଜନ ୨୦୩୦ ରୁ ବିକଶିତ ଭାରତ ୨୦୪୭' ଶୀର୍ଷକ ଦ୍ୱିତୀୟ ରେଳ ଇଣ୍ଡିଆ ଫୋରମ୍ ଆୟୋଜିତ ହୋଇଯାଇଛି। ଏହି ଅବସରରେ ରେଳ ମନ୍ତ୍ରଣାଳୟ ଅଧୀନରେ ଥିବା ଗତିଶକ୍ତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ମନୋଜ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡ. ସୁରେନ୍ଦ୍ର କୁମାର ଅହିରୱାର, ଆଇସିସି ଅଧ୍ୟକ୍ଷ ତଥା ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ, ଆଇସିସି ଜାତୀୟ ରେଳ କମିଟିର ଅଧ୍ୟକ୍ଷ ତଥା ଜୁପିଟର ୱାଗନ୍ସର ନିର୍ଦ୍ଦେଶକ ବିକାଶ ଲୋହିଆଙ୍କ ସମେତ ବିଶିଷ୍ଟ ନୀତି ନିର୍ଦ୍ଧାରକ, ଶିଳ୍ପପତି ତଥା ବୈଷୟିକ ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରମାନେ ମଧ୍ୟ ଏକତ୍ରିତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ଆଧୁନିକ, ସ୍ଥାୟୀ ଏବଂ ସୁଦୃଢ଼ ରେଳ ଇକୋସିଷ୍ଟମ ନିର୍ମାଣ ଉପରେ ବିସ୍ତୃତ ଆଲୋଚନା ସହ ଅତିଥିମାନେ ନିଜର ବିଚାର ଉପସ୍ଥାପନ କରିଥିଲେ।



ଏ ସମ୍ପର୍କରେ ଆଇସିସି ଅଧ୍ୟକ୍ଷ ତଥା ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଥିଲେ, ରାଜସ୍ୱ ଆଦାୟରେ ରେଲୱେ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଗତ ଆର୍ଥିକ ବର୍ଷ ସୁଦ୍ଧା ରେଲୱେ ୨.୫୬ ଲକ୍ଷ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଥିଲାବେଳେ ୧,୩୨,୦୦୦ କି.ମି.ରୁ ଅଧିକ ରେଳ ଲାଇନ୍ ବିଛାଇଛି। ଏହାସହ ଭାରତ ହେଉଛି, ବିଶ୍ୱର ଚତୁର୍ଥ ବୃହତମ ରେଳ ନେଟ୍‌ୱର୍କ ଏବଂ ଏଥିରେ ୧.୨ ମିଲିୟନ ଲୋକଙ୍କୁ ନିଯୁକ୍ତି ମିଳିଛି। ଫଳରେ ଭାରତୀୟ ରେଳବାଇ ଦେଶର ଦ୍ୱିତୀୟ ବୃହତମ ନିଯୁକ୍ତିଦାତାରେ ମଧ୍ୟ ପରିଣତ ହୋଇଛି। ସେହିଭଳି ୨୦୪୭ ସୁଦ୍ଧା ଭାରତ ୪୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବା ଦିଗରେ ଅଗ୍ରସର ହେଉଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଉତ୍ପାଦନ ଶିଳ୍ପ, ବାଣିଜ୍ୟ ଓ ପରିବହନ ଦ୍ରୁତଗତିରେ ବୃଦ୍ଧି ସହ ଅଧିକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ଏବଂ ନୂତନ ଉତ୍ପାଦନ ସ୍ଥାନଗୁଡ଼ିକୁ ସଂଯୋଗ କରିବାକୁ ପଡ଼ିବ। ଏହାବ୍ୟତୀତ ମାଲ ପରିବହନରେ ରେଳବାଇର କ୍ଷମତା ବଢ଼ାଇବା ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ଏହି ପ୍ରୟାସକୁ ପ୍ରୋତ୍ସାହିତ କରିବ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

ସେହିଭଳି ଏହି ଫୋରମରେ ଅତିଥିମାନେ ସୁରକ୍ଷା ଏବଂ ସଷ୍ଟେନେବିଲିଟିକୁ ପ୍ରାଥମିକତା ଦେଇ ରେଳଯାତ୍ରୀଙ୍କ ଅନୁଭୂତିକୁ ଉନ୍ନତ କରିବା ବିଷୟରେ ମଧ୍ୟ ଆଲୋଚନା କରିଥିଲେ।

# ପୋର୍ଟଫୋଲିଓରେ ବୃହତ୍ ସମ୍ପ୍ରସାରଣ




ନୂଆଦିଲ୍ଲୀ,୭।୧୨

ଇଷ୍ଟମ୍ୟାନ୍ ଅଟୋ ଆଣ୍ଡ ପାୱାରର ନୂତନ ଅଫର ସହିତ ଇନ୍‌ଭର୍ଟର ବ୍ୟାଟେରି ପୋର୍ଟଫୋଲିଓରେ ଏକ ବୃହତ୍ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ୧୭୦ରୁ ଅଧିକ ଏସ୍‌କେୟୁ ସହିତ ଇଷ୍ଟମ୍ୟାନ୍ ବ୍ରାଣ୍ଡ ଅଧୀନରେ ୧୦୦ରୁ ଅଧିକ ଏବଂ ଏଡିଡିଓ ବ୍ରାଣ୍ଡ ଅଧୀନରେ ୭୦ରୁ ଅଧିକ ନୂଆ ମଡେଲ ଏଥିରେ ଉପଲବ୍ଧ ହେଉଛି। ସେହିଭଳି ଏହା ଇଷ୍ଟମ୍ୟାନ୍‌କୁ ଇନ୍‌ଭର୍ଟର ବ୍ୟାଟେରି ବଜାରରେ ଅଗ୍ରଣୀ ଭାବେ ଅବସ୍ଥାପିତ କରୁଛି, ଯାହା ସବୁଠାରୁ ବଡ଼ ପୋର୍ଟଫୋଲିଓ, ସର୍ବୋଚ୍ଚ କ୍ଷମତା ଏବଂ ଶିଳ୍ପରେ ସବୁଠାରୁ ଲମ୍ବା ୱାରେଣ୍ଟି ପ୍ରଦାନ କରି ପ୍ରତ୍ୟେକ ଶକ୍ତି ଆବଶ୍ୟକତା ପାଇଁ ୱାନ୍-ଷ୍ଟପ୍ ସମାଧାନ ପ୍ରଦାନ କରୁଛି। ଏହି ସମ୍ପ୍ରସାରିତ ପୋର୍ଟଫୋଲିଓରେ ୧୦୦ଏଏଚ୍‌ଠାରୁ ଆରମ୍ଭକରି ୪୦୦ଏଏଚ୍ ପର୍ଯ୍ୟନ୍ତ ବ୍ୟାପକ କ୍ଷମତା ସାମିଲ ରହିଛି, ଯାହା କି ଭାରତରେ ପ୍ରଥମ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ଆବାସିକ, ବାଣିଜ୍ୟିକ କିମ୍ବା ଶିଳ୍ପ ପ୍ରତ୍ୟେକ ବ୍ୟବହାର ପାଇଁ ଆବଶ୍ୟକ ଶକ୍ତି ସମାଧାନ ସୁନିଶ୍ଚିତ କରୁଛି। ଇଷ୍ଟମ୍ୟାନ୍ ସମଗ୍ର ରେଞ୍ଜରେ ଉତ୍ପାଦ ଉପଲବ୍ଧ କରାଉଛି, ଏପରିକି ଏହାର ଶିଳ୍ପ ଅଗ୍ରଣୀ ୱାରେଣ୍ଟି ସହିତ ଭାରତୀୟ ଇନ୍‌ଭର୍ଟର ବ୍ୟାଟେରି ବଜାରରେ ମଧ୍ୟ ବିଶ୍ୱସନୀୟତା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଗ୍ରାହକମାନେ ୩୬ ମାସରୁ ଆରମ୍ଭକରି ୨୪୦ମାସ (୨୦ବର୍ଷ) ପର୍ଯ୍ୟନ୍ତ ୱାରେଣ୍ଟି ସହିତ ମାନସିକ ଶାନ୍ତି ଉପଭୋଗ କରିପାରିବେ, ଯାହା ଏହାର ଉତ୍ପାଦ ଗୁଣବତ୍ତା ଉପରେ ଇଷ୍ଟମ୍ୟାନର ଅତୁଟ ବିଶ୍ୱାସକୁ ପ୍ରଦର୍ଶିତ କରୁଛି। ସେହିପରି ଉଚ୍ଚ କ୍ଷମତାସମ୍ପନ୍ନ ସମାଧାନରେ ଇଷ୍ଟମ୍ୟାନ ପ୍ରିମିୟମ ସିରିଜ୍ ସବୁଠାରୁ ଆଗରେ ରହିଛି, ଯେଉଁଥିରେ ଅଭିନବ ୪୦୦ଏଏଚ୍ ବ୍ୟାଟେରି ଏବଂ ୨୫୦ଏଏଚରୁ ୪୦୦ଏଏଚ୍ ପର୍ଯ୍ୟନ୍ତ ମଡେଲ ସାମିଲ ରହିଛି। ଏହି ଶୃଙ୍ଖଳା ବିଶେଷକରି ଦୃଢ଼ ଏବଂ ବିଶ୍ୱସନୀୟ ପାୱାର ବ୍ୟାକ୍‌ଅପ୍ ଆବଶ୍ୟକ କରୁଥିବା ଉଚ୍ଚ ଚାହିଦା ପ୍ରୟୋଗଗୁଡ଼ିକର ଆବଶ୍ୟକତାକୁ ପୂରଣ କରିଥାଏ। ବଜାରର ବିବିଧ ଆବଶ୍ୟକତାକୁ ଚିହ୍ନଟକରି ଇଷ୍ଟମ୍ୟାନ୍ ତା'ର ପୋର୍ଟଫୋଲିଓକୁ ବଜେଟ ସଚେତନ ଉପଭୋକ୍ତାଙ୍କ ପାଇଁ ସ୍ମାର୍ଟ ସିରିଜ୍, ମୂଲ୍ୟ ଖୋଜୁଥିବା ଗ୍ରାହକଙ୍କ ପାଇଁ ନିୟମିତ ସିରିଜ୍ ଏବଂ ଶୀର୍ଷସ୍ତରୀୟ ପ୍ରଦର୍ଶନ ଏବଂ ବୈଶିଷ୍ଟ୍ୟଗୁଡ଼ିକୁ ପ୍ରାଥମିକତା ଦେଉଥିବା ଲୋକଙ୍କ ପାଇଁ ପ୍ରିମିୟମ ସିରିଜ୍‌ରେ ବିଭକ୍ତ କରିଛି। ଏଡିଡିଓ ବ୍ରାଣ୍ଡ ଅଧୀନରେ ମଧ୍ୟ ଏହି ସୁବିଧାଗୁଡ଼ିକ ଉପଲବ୍ଧ ରହିଛି।

# ୱିଣ୍ଟଗାର୍ଡ ରେଞ୍ଜର ଶୁଭାରମ୍ଭ

ନୂଆଦିଲ୍ଲୀ,୭।୧୨

ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ସହାୟକ ସଂସ୍ଥା ତଥା ଡଲାର ପ୍ରୋଟେକ୍ଟ ବ୍ରାଣ୍ଡ ଅନ୍ତର୍ଗତ ୱିଣ୍ଟଗାର୍ଡ ରେଞ୍ଜର ଅନାବରଣ ସହ ଉତ୍ପାଦ ପରିସରକୁ ବିସ୍ତାର କରାଯାଇଛି। ୱିଣ୍ଟଗାର୍ଡ କଲେକ୍ସନରେ ଶୀତବସ୍ତ୍ରର ଏକ ବହୁମୁଖୀ ପରିସର ସାମିଲ ରହିଛି, ଯାହା ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ ହୋଇଛି। ଏପରିକି ଏହା ଶୀତଳ ପବନ ଏବଂ ହାଲୁକା ଶୀତରୁ ଉନ୍ନତ ସୁରକ୍ଷା ପ୍ରଦାନ କରିଥାଏ। ୱିଣ୍ଟଗାର୍ଡ କଲେକ୍ସନରେ କ୍ରସ୍ ଟିପ୍ସୁ, ବଟର ଏନ୍‌ଏସ୍, ମାଇକ୍ରୋ ପା, ମାଇକ୍ରୋ ଟିପ୍ସୁ, ସାଣ୍ଡୱିଚ୍ ଭଳି ସାମଗ୍ରୀ ବ୍ୟବହାର ହୋଇଛି, ଯାହା ଏକ ସ୍ଥିର ଏବଂ ଆଧୁନିକତା ବଜାୟ ରଖିବା ସହିତ ସ୍ଥାୟିତ୍ୱ, ନମନୀୟତା ଏବଂ ସର୍ବୋଚ୍ଚ ତାପ ନିୟନ୍ତ୍ରଣକୁ ସୁନିଶ୍ଚିତ କରିଥାଏ। ଏ ସମ୍ପର୍କରେ ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଥିଲେ, ଆମେ ସବୁବେଳେ ଆମର ଗ୍ରାହକଙ୍କୁ ଉପଯୁକ୍ତ କାର୍ଯ୍ୟକ୍ଷମ ତଥା ଫ୍ୟାଶନ ଉପଯୋଗୀ ଉତ୍ପାଦ ଯୋଗାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଆମର ୱିଣ୍ଟଗାର୍ଡ କଲେକ୍ସନ ଶୀତ ଏବଂ ପବନରୁ ଉଚ୍ଚ-ଗୁଣାତ୍ମକ, ସର୍ବ-ପାଣିପାଗ ସୁରକ୍ଷା ପ୍ରଦାନ କରିବା ସହିତ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଏକ ଅନ୍ ଟ୍ରେଣ୍ଡ ଲୁକ୍ ସୁନିଶ୍ଚିତ କରିଥାଏ। ସେହିପରି ଏହି ନୂତନ କଲେକ୍ସନରେ ଆଧୁନିକ, କାର୍ଯ୍ୟକ୍ଷମ ଡିଜାଇନ ବୈଶିଷ୍ଟ୍ୟ ସାମିଲ ରହିଛି।


**OPPORTUNITY For EXPORT to USA**

An American Company is looking for Stock Point Partner (Export only) in various parts of India for selected Indian made products including Indian cultural items on partnership for Export to USA.
No prior knowledge required for Export of similar kind of products.
Interested person whatsapp your details or send email along with location.
Last Date of application December 10th, 2024.
WhatsApp: +1(209)5612202
Email: info@indianculturecraft.com



## ବଜାଜ୍ ଫିନ୍‌ସର୍ଭର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୭।୧୨

ବଜାଜ୍ ଫିନ୍‌ସର୍ଭ ଏଏମ୍‌ସି (ବଜାଜ ଫିନ୍‌ସର୍ଭ)ର ନୂତନ ଉତ୍ପାଦ 'ବଜାଜ ଫିନ୍‌ସର୍ଭ ହେଲ୍‌ଥକେୟାର ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ହୋଇଥିଲାବେଳେ ସ୍ୱାସ୍ଥ୍ୟ ଓ ସୁସ୍ଥତା ସହ ଜଡ଼ିତ କ୍ଷେତ୍ରଗୁଡ଼ିକ ଉପରେ ନିବେଶକରି ଦୀର୍ଘାବଧି ଅଭିବୃଦ୍ଧି ସୃଷ୍ଟି କରିବାକୁ ଫଣ୍ଡ ଲକ୍ଷ୍ୟ ରଖିଛି। ଏହି ଫଣ୍ଡ ସବ୍‌ସ୍କ୍ରିପଶନ ନିକଟରେ ଖୋଲିଥିବାବେଳେ ନୂତନ ଫଣ୍ଡ ଅଫରର ଅବଧି ୨୦୨୪ ଡିସେମ୍ବର ୨୦ରେ ଶେଷ ହେବ।


## ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଁପଙ୍କଜ କୁମାର କର
MA, M.Phil, M.Ed, LLB
ଜୟପୁର, ସାକ୍ଷୀଗୋପାଳ
ଆବିର୍ଭାବ : ୨୧.୦୨.୧୯୫୨
ତିରୋଧାନ : ୧୦.୧୨.୨୦୨୧

ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ

ପତ୍ନୀ-ବିଦ୍ୟୁତ୍‌ପ୍ରଭା କର, ପୁତ୍ର-ଶିଶିର କୁମାର କର, କନ୍ୟା-ମଞ୍ଜୁଶ୍ରୀ ପାଣି, ନାତି-ପୂର୍ଣ୍ଣାୟନ, ବନ୍ଧୁ ଓ କର ପରିବାରବର୍ଗ।

ଧ-୬୭୬୮୩



# Classified Everyday

**0674-2580101, 2549949**



MATRIMONIAL

## GROOM WANTED

ବୟସ 26 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7077016578. D-75354

Beautiful Karan girl 1995, 5'4" MSc. (Zoology), B.Ed. "SUNASANSAR". 9937512659. D-76221

Brahmin girl 1995, 5'4". B.Tech (Burla, PAPC, IIM, Bangalore Serving Software Engineer PWC "SUNASANSAR". 9937512659. D-76222

ମା'ଙ୍କ ସଙ୍ଗେ ରହୁଥିବା ବିଧବା Bank Clerk 33 ବୟସ୍କା ବଙ୍ଗାଳୀ ଝିଅଙ୍କ ଯେକୌଣସି ଜାତିର ପୁଅ ଦରକାର। (Urgent). 6371298869. D-2181



REAL ESTATE

## SALE

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769.** D-1891

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-2189

**Duplex and Apartment sale near Kalinga Nagar DAV School, Bhubaneswar. 9777433701.** D-76212

Farm house 8000sqft. Land with cottage 450sqft. Club house gated society before Athagarh 50 Lakhs. 9040075409. D-2186

**Plots for sale near Trisulia, CISF Campus CDA, Rera Approved. (RP/07/2023/01069). (www.rera.odisha.gov.in). Contact- 7008513309.** D-2158


ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧାଥାଇ 2BHK @ 4500000/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75583

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512.** D-2188

**4 BHK luxurious flat for sale at Unit-3, Kharavelanagar, back side of Ram Mandir handover within 2 months. Please contact: 9438362399.** D-2127

**Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987.** D-76220

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 8917622925. D-2173




CONSTRUCTION

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd. 9439856856.** D-1953

## BUSINESS

ଓଡ଼ିଶା ପରିବହନର ସୀକୃତିପ୍ରାପ୍ତ VLTD (GPS) DEVICE ର ଜିଲ୍ଲା ସ୍ତରରେ Fitment Center ପାଇଁ ଯୋଗାଯୋଗ କରନ୍ତୁ। Mob- 7008533430. D-2166




Autometic mineral water plant existing sales 800box at Khordha Industrial Estate, also available 7500sqft. RCC building for commercial activity. 9438283062. D-2183

Suitable for commercial / office, Plot No.11, Saptasati Vihar, behind Saptasati Temple, Pandra Highway facing, Ground floor, Parking, 1st & 2nd floor- 1720 sqft. each, Lift available. Contact: 9825060176 / 8480897047/ 9998011384 (Whatsapp only). D-2079

**On Nandan Vihar main road nearer to KIIT University Area, Bhubaneswar suitable for resident, Tutorial, Offices and other institutions. 9078831520, 9438058383.** D-2176




Newly open full body massage relax with new lady therapist. 7750040475. D-76176

**Full body massage experience, good looking therapist @999 (Bhubaneswar). 9078484455.** D-2144

Newly open full body massage relax with new lady therapist. M-7205354089. D-76035

## AFFIDAVIT

By virtue of an affidavit sworn before the Executive Magistrate, Hemgir, I Barsharani Panda, D/o- Laxmikant Panda, R/o- Village- Ankelbira, P.S.- Hemgir, Dist.- Sundargarh declare that at the time of Aadhaar update my name is wrongly updated as Shrabani Panda and DOB is 11.03.2006 instead of Barsharani Panda and DOB is 10.07.2006. That both the names is a one and same person and actual date of birth is 10.07.2006. D-2182

I, KRITTI PRANGYA PARAMANIK, Daughter of KAILASH PARAMANIK, aged about 19 Years of Village- Sanaraipada, P.O.- Kotapur, Via- Dharmasala, District.- Jajpur by virtue of an affidavit sworn in before the E.M., Dharmasala, dated 26.11.24, I have changed my name to KRITTI PRANGYA PARAMANIK from KIRITTI PRANGYA PARAMANIK. Henceforth, I shall be known as KRITTI PRANGYA PARAMANIK for all purposes. D-2184

By virtue of an affidavit sworn before Executive Magistrate, Bhubaneswar dated 06.12.24. I Dipak Kumar Behera, At- Jagannathpur, P.O.- Kusubenti, P.S.- Brahmagiri, Dist.- Puri, Odisha, PIN- 752011 declare that I have changed my name from Deepak Behera to Dipak Kumar Behera. Henceforth, I shall be known as Dipak Kumar Behera for all purposes. D-2178

I, Babi Barik my daughter name is wrongly mentioned as Barik Priyanka Trilochan inplace of Priyanka Barik in her Aadhaar Card. I made affidavit to correct facts by concern authorities. D-2179

By virtue of affidavit No.- 3392, dtd.3.12.2024 before the Executive Magistrate, Jajpur Road, I, Sanapala Narayana Murty, S/o- Sanapala Daleppa of Yethuralla-padu, Andhrapradesh-532474 at present Mahatabnagar, Gosala, Jajpur Road, Dist.-Jajpur hereby declare that my son name has changed from Sanapala Yaswanth to Yaswanth Sanapala. Henceforth, my son will be known as Yaswanth Sanapala for all purposes.
Sanapala Narayana Murty D-2187

## LEGAL NOTICE

DIST-BALANGIR,
IN THE COURT OF
SENIOR CIVIL JUDGE,
TITILAGARH
CIVIL SUIT NO.
116/2021

Bandita Mahapatra ....Plaintiff
Vrs
Sushanta Mahapatra ....Defendant

To,
Susanta Mahapatra, S/o- Late Rabi Shankar Mahapatra, resident of ward No.- 1, At/P.O./P.S.-Kantabanji, Dist.- Balangir.

Where as, Bandita Mahapatra has instituted a suit against you for dissolution of her marriage with you by a decree of divorce.

You are hereby summoned to appear before the Court on Dt. 06.01.2025 to answer the claim and produce documents upon which you intend to rely, indefult the suit will be heard and determined in your absence.

Given under my hand and the seal for the Court This the 26th day of November 2024.

Sd./- CIVIL Judge, Sr. Division, TITILAGARH
D-2185

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜେଲ ଗଲେ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଏସିଏଫ୍

## ପ୍ରାୟ ୧୬୪ ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି ଠାବ

ସମ୍ବଲପୁର,୭।୧୨(ପ୍ରମୋଦ ବହିଦାର)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ସହକାରୀ ବନ ସଂରକ୍ଷକ(ଏସିଏଫ୍) ରେବତୀ ରମଣ ଜୋଷୀଙ୍କୁ ଗିରଫ କରିଛି ଭିଜିଲାନ୍ସ ବିଭାଗ। ଶନିବାର ତାଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ସନ୍ଧ୍ୟାରେ ସମ୍ବଲପୁର ଭିଜିଲାନ୍ସ ଏସ୍‌ପି ସରୋଜ ସାମଲ ତାଙ୍କ କାର୍ଯ୍ୟାଳୟରେ ଖବରଦାତାମାନଙ୍କୁ ସୂଚନା ଦେଇ କହିଛନ୍ତି, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ବିଭାଗ ପକ୍ଷରୁ ଶୁକ୍ରବାର ଏସିଏଫ୍ ଜୋଷୀଙ୍କ ବରଗଡ଼ ଜିଲା ପଦ୍ମପୁରରେ ପୈତୃକ ଗୃହ ସହ ୯ଟି ସ୍ଥାନରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ତାଙ୍କ ନାମରେ ୩.୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି, ଯାହା ତାଙ୍କ ଆୟ ସୀମାରୁ ୧୬୪ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି। ତେବେ ଏତେ ପରିମାଣର ସମ୍ପତ୍ତିର ଉତ୍ସ ସମ୍ପର୍କରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

ଭିଜିଲାନ୍ସ ବିଭାଗ ପକ୍ଷରୁ ଠାବହୋଇଥିବା ଅଇଁଠାପାଲିରେ ତାଙ୍କ ନାମରେ ଥିବା ପ୍ରାୟ ୯ ହଜାରରୁ ଊର୍ଦ୍ଧ୍ୱ ବର୍ଗଫୁଟ୍‌ର ଏକ ୩ମହଲା କୋଠା, ସମ୍ବଲପୁର-ଝାରସୁଗୁଡ଼ା ରାସ୍ତାର ମାଲିପାଲିଠାରେ ଗୋଟିଏ ଏକ ମହଲା ବିଶିଷ୍ଟ ବ୍ୟବସାୟିକ କୋଠା, ବରଗଡ଼ ଜିଲା ପଦ୍ମପୁରର ଥିବା ଗୋଟିଏ ଏକ ମହଲା କୋଠାଘର, ଭୁବନେଶ୍ୱର ଓ ସମ୍ବଲପୁରରେ ୩ଟି ୨ ବିଏଚ୍‌କେ ଫ୍ଲାଟ୍, ସମ୍ବଲପୁରରେ ଏକ ୩ ବିଏଚ୍‌କେ ଫ୍ଲାଟ୍,


ଏସିଏଫ୍ ରେବତୀ ରମଣ ଜୋଷୀଙ୍କୁ କୋର୍ଟ ଚାଲାଣ କରାଯାଉଛି।

ଭୁବନେଶ୍ୱର, ସମ୍ବଲପୁର ଓ ବରଗଡ଼ ଜିଲାରେ ମୋଟ ୧୦ଟି ଘରଡିହ, ୩୧ ଲକ୍ଷ ୩୧ ହଜାର ୮୪୯ ଟଙ୍କାର ବୀମା ଓ ବ୍ୟାଙ୍କ ଜମାଖାତା ଠାବ କରାଯାଇଛି। ତାଙ୍କ ନାମରେ ଥିବା ୧୦ଟି ବିଭିନ୍ନ ବ୍ୟାଙ୍କ ଜମାଖାତାକୁ ଅଚଳ(ଫ୍ରିଜ୍) କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ସାମଲ କହିଛନ୍ତି। ଏସିଏଫ୍ ଜୋଷୀଙ୍କ ଘରୁ ଠାବ ହୋଇଥିବା ପ୍ରାୟ ୧୫୦ ଗ୍ରାମ ଓଜନର ବିଭିନ୍ନ ପ୍ରକାର ସୁନା ଅଳଙ୍କାର, ସାଢ଼େ ୩ ଶହ ଗ୍ରାମ ଓଜନର ରୁପା ଅଳଙ୍କାର, ପ୍ରାୟ ୯.୧୩ ଲକ୍ଷ ଟଙ୍କା ମୂଲ୍ୟର ଏକ ବାଇକ୍ ଓ ଘରକରଣା ସାମଗ୍ରୀର ତାଲିକା ପ୍ରସ୍ତୁତ କରାଯାଇଛି। ସେହିପରି ତାଙ୍କ ସମ୍ବଲପୁରସ୍ଥିତ ସରକାରୀ ବାସଭବନରୁ ଜବତ ହୋଇଥିବା ୧୪ ଲକ୍ଷ ୭୧ ହଜାର ୨୦୦ ଟଙ୍କାର ନଗଦ ରାଶି କେଉଁ ସୂତ୍ରରୁ ତାଙ୍କ ନିକଟକୁ ଆସିଥିଲା ସେ ଦିଗରେ ତଦନ୍ତ କରାଯାଉଛି। ଏ ଦିଗରେ ଅଧିକ ତଦନ୍ତ ପୂର୍ବକ ତାଙ୍କୁ ପଚରାଉଚରା ପାଇଁ ରିମାଣ୍ଡରେ ଆଣିବା ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ପ୍ରୟାସ କରାଯାଉଛି। ଏହାବ୍ୟତୀତ ସାଇବର ବିଶେଷଜ୍ଞଙ୍କ ଦ୍ୱାରା ତାଙ୍କ ଦ୍ୱାରା ଠୁଳ ହୋଇଥିବା ସମ୍ପତ୍ତିର ଉତ୍ସ ଖୋଜିବା ସହ ମୂଲ୍ୟାୟନ କରାଯିବ ବୋଲି କହିଛନ୍ତି ଭିଜିଲାନ୍ସ ଏସ୍‌ପି ସାମଲ।

# ଅପରାଧୀଙ୍କୁ ପୋଲିସ ଏନ୍‌କାଉଣ୍ଟର

ସମ୍ବଲପୁର, ୭।୧୨(ପ୍ରମୋଦ ବହିଦାର)

■ଖସିଯିବାକୁ ଉଦ୍ୟମ କରି ପୋଲିସ ଉପରକୁ ଗୁଳିଚାଳନା କରିଥିଲେ
■ଚାରମାଲ ଗ୍ରୀଡ୍ ଡକାୟତି ଘଟଣାର ମୁଖ୍ୟ ଅଭିଯୁକ୍ତ

ସମ୍ବଲପୁର ଜିଲା ଚାରମାଳ ଥାନା ଅନ୍ତର୍ଗତ ଜାତୀୟ ରାଜପଥ-୫୫ ପାର୍ଶ୍ୱସ୍ଥ ନିର୍ମାଣାଧୀନ ଗ୍ରୀଡ୍ ଡକାୟତି ଘଟଣାର ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ କରାଲି ପୋଲିସ ଏନ୍‌କାଉଣ୍ଟରରେ ଗୁରୁତର ହୋଇଛନ୍ତି। ତାଙ୍କୁ ଭିମ୍‌ସାରରେ ଭର୍ତ୍ତି କରାଯାଇଥିବା ଜିଲା ପୋଲିସ ମୁଖ୍ୟାଳୟରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ମିଳିତ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଏସ୍‌ପି ମୁକେଶ ଭାମୁ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ ଚାରମାଲ ଗ୍ରୀଡ୍ ଡକାୟତି ଘଟଣାର ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ କରାଲି ରେଙ୍ଗାଲି ଥାନା ଅନ୍ତର୍ଗତ ଗୁମଲେଇ ଅଞ୍ଚଳରେ ଥିବା ନେଇ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଉକ୍ତ ସୂଚନା ଆଧାରରେ ପୋଲିସର ଏକ ସ୍ୱତନ୍ତ୍ର ଦଳ ଶନିବାର ସର୍ଚ୍ଚ ଅପରେଶନ ଆରମ୍ଭ କରି ସଞ୍ଜୀବ ଲୁଚି ରହିଥିବା ଠିକଣାରେ ଚଢ଼ାଉ କରିଥିଲା। ଏହା ଦେଖି ସଞ୍ଜୀବ ଫେରାର ହେବାକୁ ଉଦ୍ୟମ କରିଥିଲେ। ରାମ୍ପେଲା ଛକ ନିକଟରେ ପୋଲିସ ତାଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ଆତ୍ମସମର୍ପଣ କରିବା ପରିବର୍ତ୍ତେ ସେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ତାଙ୍କ ଗୁଳି ଲକ୍ଷ୍ୟଭ୍ରଷ୍ଟ ହୋଇଥିଲେ ହେଁ ଆତ୍ମରକ୍ଷା ପାଇଁ ପୋଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଗୁଳି ସଞ୍ଜୀବଙ୍କ ଡାହାଣ ଗୋଡ଼ର ଆଣ୍ଠୁ ତଳେ ବାଜିଥିଲା। ପୋଲିସ ତାଙ୍କୁ କାବୁ କରି ରେଙ୍ଗାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭିମ୍‌ସାର ସ୍ଥାନାନ୍ତର କରିଛି। ବର୍ତ୍ତମାନ ସେ ବିପଦମୁକ୍ତ ଥିବା ପୋଲିସ କହିଛି। ସମ୍ବଲପୁର ସହିତ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ର ବିଭିନ୍ନ ଥାନାରେ ସଞ୍ଜୀବଙ୍କ ନାମରେ ଚୋରି, ଡକାୟତି, ଠକେଇ ଆଦି ଏକାଧିକ ଆପରାଧିକ ମାମଲା ରହିଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ, ସମ୍ବଲପୁର ଜିଲା ଚାରମାଳ ଥାନା ଅନ୍ତର୍ଗତ ଜାତୀୟ ରାଜପଥ-୫୫ ପାର୍ଶ୍ୱରେ ନିର୍ମାଣାଧୀନ ଗ୍ରୀଡ଼ସ୍ଥଳରେ ନଭେମ୍ବର ରାତିରେ ଏକ ବଡ଼ଧରଣର ଡକାୟତି ହୋଇଥିଲା। ୧୨ରୁ ୧୩ଜଣ ଡକାୟତ ଦଳ ନିୟୋଜିତ ସୁରକ୍ଷା କର୍ମୀଙ୍କ ସହିତ ୮ଜଣ ଶ୍ରମିକଙ୍କୁ ଏକ କୋଠରିରେ ବନ୍ଦ କରି ଅନେକ ମୂଲ୍ୟବାନ ନିର୍ମାଣ ସାମଗ୍ରୀ ଲୁଟି ନେଇଥିଲେ।

# ସ୍ୱାମୀଙ୍କୁ ହତ୍ୟାକଲେ ସ୍ତ୍ରୀ

## ପାରିବାରିକ ହିଂସା ନେଲା ଉଗ୍ରରୂପ

ପାରଳାଖେମୁଣ୍ଡି,୭।୧୨(ଗିରିଧାରୀ ପରିଛା)

ପାରିବାରିକ ହିଂସାକୁ କେନ୍ଦ୍ର କରି ସ୍ତ୍ରୀ ସ୍ୱାମୀଙ୍କୁ ହତ୍ୟା କରିବା ପରି ଅଭାବନୀୟ ଘଟଣା ଶୁକ୍ରବାର ବିଳମ୍ବିତ ରାତିରେ ପାରଳାଖେମୁଣ୍ଡି ଜଙ୍ଗମସାହିରେ ଦେଖିବାକୁ ମିଳିଛି । ମୃତକ ହେଲେ ବିଜୟ କୁମାର। ତାଙ୍କୁ ସ୍ତ୍ରୀ ଶାରଦା ହତ୍ୟା କରିଥିବା ଜଣାପଡିଛି। ବିଜୟଙ୍କ ବାପା ଡିଲେଶ୍ୱରଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାପଡିଛି, ଜଙ୍ଗମ ସାହିରେ ରହୁଥିବା ବିଜୟ ଓ ତାଙ୍କ ସ୍ତ୍ରୀ ଶାରଦାଙ୍କ ମଧ୍ୟରେ ସବୁବେଳେ ଝଗଡା ଲାଗି ରହୁଥିଲା। ଶୁକ୍ରବାର ମଧ୍ୟ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ବିଜୟଙ୍କ ମାଆ ବାପା କିଛି କାମରେ ଗାଁକୁ ଯାଇଥିଲେ। ଏହାର ସୁଯୋଗ ନେଇ ଝଗଡା ପରେ ଶୋଇଥିବା ବିଜୟଙ୍କୁ ଶାରଦା ହତ୍ୟା କରିଥିଲେ। ଶନିବାର ସକାଳୁ ମାଆବାପା ଗାଁରୁ ଘରକୁ ଫେରିଥିଲେ। ପୁଅ ଘୋଡାଇ ହୋଇ ଶୋଇଥିବା ଦେଖି ସେମାନେ ପୁଅକୁ ଉଠେଇଥିଲେ। କିନ୍ତୁ ସେ ଆଉ ଉଠି ନ ଥିଲେ। ବୋହୁ ଶାରଦାଙ୍କୁ ପଚାରିବାରୁ ସେ କିଛି ଠିକ୍ ଭାବେ କହି ପାରି ନ ଥିଲେ। ସାହିପଡିଶା ପରିଜନ ମିଶି ମୃତଦେହ ଶେଷକୃତ୍ୟ ନିମନ୍ତେ ନେବାକୁ ପ୍ରସ୍ତୁତି ଚଳାଇଥିବା ସମୟରେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ହୋଇଥିବା ଦେଖି ଡିଲେଶ୍ୱର ପୋଲିସକୁ ଖବର ଦେଇଥିଲେ।


ବିଜୟ କୁମାର

ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ମଧ୍ୟ ଘଟଣାର ତଦନ୍ତ କରିଛି । ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଶୁକ୍ରବାର ରାତିରେ ଝଗଡା ହୋଇଥିଲା। ପରେ କୌଣସି ଧାରୁଆ ଅସ୍ତ୍ରରେ ସ୍ତ୍ରୀ ସ୍ୱାମୀଙ୍କ ଅଚେତ ଅବସ୍ଥାରେ ଆକ୍ରମଣ କରି ଛାତିରେ କ୍ଷତାକ୍ତ କରିବା ସହ ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ବୋଲି ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି। ଏ ନେଇ ପାରଳାଖେମୁଣ୍ଡି ଥାନାରେ ନଂ.୩୭୪/୨୪ରେ ଏକ ମାମଲା ରୁଜୁ ହୋଇଛି। ଶାରଦାଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ସମ୍ପର୍କରେ ଅନେକ ତଥ୍ୟ ମିଳିପାରିବ ବୋଲି ଭୂପତି କହିଛନ୍ତି।

# ଛିନ୍‌ତାଇ ପରେ ବାଂଲାଦେଶ ଚାଲାଣ କରୁଥିଲେ ମୋବାଇଲ

## ତିନିପାହାଡ଼ି ଗ୍ୟାଙ୍ଗର ୩ ସଦସ୍ୟ ଗିରଫ, ୧୭ ମୋବାଇଲ ଜବତ

ଭୁବନେଶ୍ୱର,୭।୧୨
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରୁ ମୋବାଇଲ୍ ଛିନ୍‌ତାଇ, ଚୋରି ପରେ ବାଂଲାଦେଶକୁ ଚାଲାଣ କରୁଥିବା ତିନିପାହାଡ଼ି ଗ୍ୟାଙ୍ଗର ୩ ସଦସ୍ୟଙ୍କୁ ଲିଙ୍ଗରାଜ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ତିନିପାହାଡ଼ ଥାନା ଅଞ୍ଚଳର ବିକାଶ ଶର୍ମା, ରାମ ପ୍ରସାଦ ସୋନି ଏବଂ ପ୍ରଦୀପ କୁମାର। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୧୭ଟି ମୋବାଇଲ ଓ କିଛି ଟଙ୍କା ଜବତ ହୋଇଛି। ଏନେଇ ଜୋନ୍-୨ ଏସିପି କୃଷ୍ଣଚନ୍ଦ୍ର ପଲେଇ ଶନିବାର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ସାଧାରଣତଃ ଟ୍ରେନ ଯୋଗେ ଭୁବନେଶ୍ୱର ଆସିବା ପରେ ଏଠାରେ ଫୁଟପାଥ୍, ଷ୍ଟେଶନ, ବସ୍ ଷ୍ଟପରେ ରହି ଏକୁଟିଆ ଯାଉଥିବା ଲୋକ, ଜନଗହଳି ପୂର୍ଣ୍ଣସ୍ଥାନ କିମ୍ବା କୃତ୍ରିମ ଗହଳି କରି ସୁନା ଚେନ, ମୋବାଇଲ ଆଦି ଲୁଟି ନେଇ ଫେରାର ହୋଇଯାଇଥାନ୍ତି। ଏହାପରେ ଚୋରା ଜିନିଷକୁ ଟ୍ରେନ୍ ଯୋଗେ ଝାଡ଼ଖଣ୍ଡ ଯିବାପରେ ସେଠାରୁ ବାଂଲାଦେଶ ଚାଲାଣ କରିଥାନ୍ତି। ଏନେଇ ଅଭିଯୁକ୍ତଙ୍କ ବିରୋଧରେ ଲିଙ୍ଗରାଜ ଥାନାରେ ୨ଟି ମାମଲା ରୁଜୁ ହେବାପରେ ପୋଲିସ ତଦନ୍ତ କରି ସେମାନଙ୍କୁ ଧରିଥିଲା। ୩ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ଲିଙ୍ଗରାଜ ଥାନା ସାମନ୍ତରାପୁର ଭୁଆଁସୁଣୀ ପାର୍କ ପାଖରେ ଧରାପଡିଥିବା ୩ ଯୁବକ ସନ୍ଦେହଜନକ ଅବସ୍ଥାରେ ବୁଲିବା ସହ କୌଣସି ଅପରାଧ କରିବାକୁ ଯୋଜନା କରୁଥିବା ବିଶେଷ ସୂତ୍ରରୁ ଖବର ପାଇ ସ୍ଥାନୀୟ ପୋଲିସ ଚଢ଼ାଉ କରିଥିଲା। ଏହାପରେ ଯାଞ୍ଚ କରିବାରୁ ଅଭିଯୁକ୍ତମାନେ ଅଣ୍ଟାରେ ଲୁଚାଇ ରଖିଥିବା ମୋବାଇଲ ମିଳିଥିଲା। ଉକ୍ତ ମୋବାଇଲକୁ ବିଭିନ୍ନ ସ୍ଥାନରୁ ଚୋରି କରିଥିବା ସ୍ୱୀକାର କରିବା ପରେ ପୋଲିସ ସମସ୍ତଙ୍କୁ ଗିରଫ କରିଥିଲା।



# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

## ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା

ଜଗତ୍‌ସିଂହପୁର, ୭।୧୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ୨୦୨୧ରେ ଅପହରଣ ସହ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଏହାର ବିଚାର କରି ଅଭିଯୁକ୍ତ ବାଲିକୁଦା ଅପଣ୍ଡରା ଗ୍ରାମର ସାଗର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୧୨ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏଥିସହ ପୀଡ଼ିତାଙ୍କୁ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୦୨୧ ଜାନୁଆରୀ ୧୪ ସନ୍ଧ୍ୟାରେ ସମ୍ପୃକ୍ତା ନାବାଳିକା ସଉଦା କିଣିବାକୁ ଦୋକାନକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରବର୍ତ୍ତୀ ସମୟରେ ଜଣାଯାଇଥିଲା ଯେ ନାବାଳିକାଙ୍କୁ ସାଗର ବାଇକରେ ଅପହରଣ କରି ତାଙ୍କ ଘରେ ରଖି ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ମା' ରଘୁନାଥପୁର ଥାନାରେ ୨୦୨୧ ମାର୍ଚ୍ଚ ୩ରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୩୨/୨୧) ରୁଜୁକରି ତଦନ୍ତ କରିଥିଲା। ଏହି ମାମଲାରେ ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି ।

# ୧.୨୩ କୋଟି ଠକେଇ ମାମଲା, ପଶ୍ଚିମବଙ୍ଗରୁ ପୂର୍ବତନ ମ୍ୟାନେଜର ଗିରଫ

ଭୁବନେଶ୍ୱର,୭।୧୨(ସୂର୍ଯ୍ୟକାନ୍ତ ବେହେରା)

## ବହୁ କାଗଜ ପତ୍ର, ନକଲି ଚିଠି ଆଦି ଜବତ

କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ୧.୨୩ କୋଟି ଟଙ୍କାର ଠକେଇ ମାମଲାରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ପୂର୍ବତନ ମ୍ୟାନେଜରଙ୍କୁ ପଶ୍ଚିମବଙ୍ଗ ବର୍ଦ୍ଧମାନରୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ସର୍କଲ ଅଫିସର ପୂର୍ବତନ ମ୍ୟାନେଜର ବିନୟ ସୋନ୍‌କର। ଇଓଡବ୍ଲ୍ୟୁ ଗିରଫ ପରେ ପ୍ରଥମେ ପଶ୍ଚିମବଙ୍ଗ ପୂର୍ବ ବର୍ଦ୍ଧମାନର ଏଲ୍.ଡି. ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ପାଖରେ ବିନୟଙ୍କୁ ହାଜର କରିଥିଲା। ଏହାପରେ ସେଠାରୁ ଟ୍ରାଞ୍ଜିଟ ରିମାଣ୍ଡରେ ଓଡ଼ିଶା ଆଣି ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବିନୟଙ୍କଠାରୁ ବହୁ କାଗଜପତ୍ର, ନକଲି ଚିଠି, ଭାଉଚର, ବ୍ୟାଙ୍କ ଆକାଉଣ୍ଟର ଷ୍ଟେଟ୍‌ମେଣ୍ଟ, ବିଭିନ୍ନ ରେଜିଷ୍ଟାର ଆଦି ଜବତ ହୋଇଛି। ଉକ୍ତ ବ୍ୟାଙ୍କର ମୁଖ୍ୟ ପରିଚାଳକ ମ୍ରିନାଲ କାନ୍ତି ମହାନ୍ତିଙ୍କ ଲିଖିତ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେହିପରି ଅଭିଯୁକ୍ତ ୨୦୨୨ ରେ ପଶ୍ଚିମବଙ୍ଗ ହୁଗୁଳିର ରିଶ୍ରା ମୋରେକପୁର ବ୍ରାଞ୍ଚରେ ସେଇ ସମାନ ଧରଣର ଠକେଇ କରି ୮୦ ଲକ୍ଷ ହଡ଼ପ କରିଥିଲେ, ଯାହାଫଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଚାକାରିରୁ ବାହାର କରି ଦେଇଥିଲେ।

ଅଭିଯୋଗଅନୁସାରେ ବିନୟ ବାଲେଶ୍ୱର ସର୍କଲ ଅଫିସରେ ୩୧।୮।୨୦୨୦ ରୁ ୪।୬।୨୦୨୨ ପର୍ଯ୍ୟନ୍ତ ମ୍ୟାନେଜର ଥିଲେ। ଏହାସହ ସାଧାରଣ ସେବା ପ୍ରଶାସନ ବିଭାଗ (ଜିଏସ୍‌ଏଡି) ଏବଂ କ୍ରେଡିଟ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟ ଫର୍ ମାଇକ୍ରୋ ଏବଂ ସ୍ମଲ ଏଣ୍ଟରପ୍ରାଇସ(ସିଜିଟିଏମ୍‌ଏସ୍‌ଇ) ଦାୟିତ୍ୱରେ ମଧ୍ୟ ରହିଥିଲେ। ତେଣୁ ଏହି ସମୟ ମଧ୍ୟରେ ବିନୟ ଲୋକଙ୍କ ନାମରେ ଋଣ ନାଁରେ ନକଲି ଲେଟର ପ୍ରସ୍ତୁତି ସହ ପର୍ଯ୍ୟାୟକ୍ରମେ ଜାଲିଆତିକରିଅନଧୀକୃତ ୨୬ ଆକାଉଣ୍ଟକୁ ୧ କୋଟି ୨୩ ଲକ୍ଷ ୧୨ ହଜାରରୁ ଅଧିକ ଟଙ୍କା ପଠାଇ ହଡ଼ପ କରିଥିଲେ। ଫଳରେ ବ୍ୟାଙ୍କର ବହୁତ କ୍ଷତି ଘଟିଛି। ଏସମ୍ପର୍କରେ ଲୋକମାନେ ଜାଣିବା ପରେ ବ୍ୟାଙ୍କ ମ୍ୟାନେଜରଙ୍କୁ ଦାୟୀ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମ୍ରିନାଲ କାନ୍ତ ମହାନ୍ତି ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ ।

# ଘରଭଡ଼ା ନାଁରେ ଡେଣ୍ଟିଷ୍ଟଙ୍କୁ ଠକିଲେ ଦଲାଲ

ଭୁବନେଶ୍ୱର,୭।୧୨(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ଘର ଭଡ଼ା ଖୋଜିବାକୁ ଜଣେ ଡେଣ୍ଟିଷ୍ଟ ଠକାମିର ଶିକାର ହୋଇଛନ୍ତି। ସେ ହେଲେ ଯାଜପୁରର ଜ୍ୟୋତିପ୍ରକାଶ ସାହୁ। ଜଣେ ଦଲାଲ ଭଡ଼ା ଘର ନାଁରେ ୧୭ ହଜାର ଟଙ୍କା ଠକିନେବା ସହ କୌଣସି ଟଙ୍କା ଫେରାଉ ନ ଥିବା ଜ୍ୟୋତି ଅଭିଯୋଗ କରିଛନ୍ତି। ଏପରିକି ଟଙ୍କା ମାଗିଲେ ଦଲାଲ ଜଣଙ୍କ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ସେ କହିଛନ୍ତି।

ସୂଚନାନୁସାରେ ରାଜ୍ୟ ବାହାରୁ ଦନ୍ତଚିକିତ୍ସା ପାଠ ପଢ଼ି ଜ୍ୟୋତି ଭୁବନେଶ୍ୱର ଇନ୍‌ଫୋସିଟି ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଇଣ୍ଟର୍ନଶିପ କରିବାକୁ ଆସିଥିଲେ। ଭଡ଼ା ଘର ପାଇଁ ଜ୍ୟୋତି ରାସ୍ତା ପାର୍ଶ୍ୱରେ ଲାଗିଥିବା ଏକ ଟୁଲେଟ ପୋଷ୍ଟରକୁ ଦେଖି ସେହି ନମ୍ବରରେ ଯୋଗାଯୋଗ କରିଥିଲେ। ସେହି ନମ୍ବରରେ କଲ୍ କରିବା ପରେ ଦଲାଲ ସହ ନନ୍ଦନବିହାର ଯାଇ ଦୁଇ ମାସର ଅଗ୍ରିମ ଟଙ୍କା ଫୋନ ପେରେ ଦେଇଥିଲେ। ଏହାପରେ ଦଲାଲ ଦେଖାଇଥିବା ଘରେ ଜ୍ୟୋତି ବ୍ୟାଗ୍ ରଖିବା ପରେ ଘର ମାଲିକ ଏହା କମର୍ସିଆଲ ଉଦ୍ଦେଶ୍ୟରେ ବୋଲି କହିଥିଲେ। ଏହାପରେ ଜ୍ୟୋତି ଟଙ୍କା ପଠାଇଥିବା ଦଲାଲଙ୍କୁ ଫୋନ କରିବାରୁ ସେ ଟଙ୍କା ଫେରସ୍ତ କରି ନ ଥିଲେ। ଏନେଇ ଜ୍ୟୋତିରଞ୍ଜନ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିବାକୁ କହିଥିଲେ ମଧ୍ୟ ରିପୋର୍ଟ ଲେଖା ହେଲା ବେଳକୁ ଥାନାରେ ଏତଲା ଦେଇ ନ ଥିବା ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କୁଳ କନ୍ୟା କି କାଳୀ
ତୀର୍ଥ ପାଣି କି ଗୋଳି ?**

ଉଚ୍ଚବଂଶୀୟା କନ୍ୟା ଯେତେ ଶ୍ୟାମଳୀ ହେଲେ ମଧ୍ୟ ସେ ଆଦୃତା ବା ଗ୍ରହଣୀୟା ହୋଇଥାଏ। ସେହିପରି ତୀର୍ଥ ଜଳ ଗୋଳିଆ ହେଲେ ବି ତାକୁ ପବିତ୍ର ବୋଲି ମନେ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାନ୍ଥ ଧଇଲି କି ବାଡ଼ ଧଇଲି
କପାଳେ ଥିଲାକୁ ପୁଅ ପାଇଲି ।**

ପୁଅ ଝିଅ ଉଭୟେ ସମାନ ହୋଇଥିବାସ୍ଥଳେ ଅନେକ ପିତାମାତା ପୁତ୍ର ପ୍ରାପ୍ତିର ଆଶା ରଖିଥାନ୍ତି। ବୃଦ୍ଧାବସ୍ଥାରେ ଟିକିଏ ସାହାଭରସା ମିଳିବା ଆଶାରେ ପୁଅଟିଏ ପାଇବା ପାଇଁ ବ୍ୟାକୁଳ ହୋଇପଡ଼ନ୍ତି। ବହୁ ପୂଜାର୍ଚ୍ଚନା କରି ତଥା କଷ୍ଟ ସ୍ୱୀକାର କରି ଭାଗ୍ୟବଳରେ ପୁତ୍ରଲାଭ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ପୂର୍ବତନ ଅବକାରୀ ଡେପୁଟି କମିଶନରଙ୍କୁ ୨ ବର୍ଷ ଜେଲଦଣ୍ଡ

କଟକ,୭।୧୨ (କାର୍ତ୍ତିକ ସାହୁ)

ସମ୍ବଲପୁର ନର୍ଥ ଡିଭିଜନର ପୂର୍ବତନ ଡେପୁଟି କମିଶନର ସ୍ୱୟଂମ୍ଭୁ ପ୍ରସାଦ ମିଶ୍ର କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଶନିବାର ଦଣ୍ଡିତ ହୋଇଛନ୍ତି। ଅଦାଲତ ତାଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ପାଇଁ ଦଣ୍ଡାଦେଶ କରିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ନାମରେ ଓଡ଼ିଶା ଭିଜିଲାନ୍ସ ମାମଲା ରୁଜୁ କରିଥିଲା। ତାଙ୍କର ପେନ୍‌ସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ଏବେ ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ପହଞ୍ଚିବ ବୋଲି ସୂଚନା ଦେଇଛି। ଭିଜିଲାନ୍ସର ପୂର୍ବତନ ଇନ୍ସପେକ୍ଟର ଏମ୍.ଡି. ବରାଳ ମାମଲାର ତଦନ୍ତ କରିଥିଲେ। ସ୍ପେଶାଲ ପିପି ବୀରେନ୍ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ପ୍ରବାସୀ ଭାରତୀୟ ଦିବସ ପାଇଁ ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର,୭।୧୨(ସୂର୍ଯ୍ୟକାନ୍ତ ବେହେରା)

## ହୋଟେଲରେ କଡ଼ାକଡ଼ି ଯାଞ୍ଚ ସହ ଅତିଥିଙ୍କ ସମ୍ପୂର୍ଣ୍ଣ ବିବରଣୀ ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର ଜନତା ମଇଦାନରେ ୨୦୨୫ ଜାନୁଆରୀ ୮ ରୁ ୧୦ ପର୍ଯ୍ୟନ୍ତ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ବରିଷ୍ଠ ମନ୍ତ୍ରୀ, ଅତିଥି, ପ୍ରବାସୀ ଭାରତୀୟ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ଯୋଗଦେବେ। ତେଣୁ ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ତଥା ସୁଚାରୁରୂପେ ଆୟୋଜନ କରିବା ନେଇ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଶନିବାର ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ କରିବାକୁ ଡିଜିପି ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଜନତା ମଇଦାନସ୍ଥିତ କାର୍ଯ୍ୟକ୍ରମସ୍ଥଳରେ ଭିଭିଆଇପିଙ୍କ ନିମନ୍ତେ ସୁରକ୍ଷା ବ୍ୟବସ୍ଥା, ଭିଭିଆଇପି, ଅତିଥି, ପ୍ରବାସୀ ଭାରତୀୟ, ସ୍ଥାନୀୟ ଦର୍ଶକମାନଙ୍କ ବସିବା ବ୍ୟବସ୍ଥା,


ଡିଜିପି ୱାଇ.ବି. ଖୁରାନିଆଙ୍କ ଅଧ୍ୟକ୍ଷତାରେ ବସିଥିବା ପ୍ରସ୍ତୁତି ବୈଠକ।

ଯାନବାହନ ପାର୍କିଂ ସ୍ଥଳ, ଉତ୍ସବ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ସହ ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ହୋଟେଲରେ ଅତିଥିଙ୍କ ସୁରକ୍ଷିତ ରହଣି ପାଇଁ ସମସ୍ତ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପ୍ରବାସୀ ଭାରତୀୟମାନେ ଓଡ଼ିଶାର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବାକୁ ଯିବାକୁ ଥିବାରୁ ଭୁବନେଶ୍ୱର, କଟକ ଓ ପୁରୀ ଆଦିରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ସଂକ୍ରାନ୍ତରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସେହିପରି ରାଜଧାନୀ ଭୁବନେଶ୍ୱର ସମେତ କଟକ, ପୁରୀ, କେନ୍ଦ୍ରାପଡ଼ା ଆଦି ଜିଲାରେ ଥିବା ହୋଟେଲଗୁଡ଼ିକରେ ନିୟମିତ କଡ଼ାକଡ଼ି ଯାଞ୍ଚ ସହ ଅତିଥିଙ୍କ ସମ୍ପୂର୍ଣ୍ଣ ବିବରଣୀ ସମ୍ପର୍କରେ ସମସ୍ତ ତଥ୍ୟ ପୋଲିସ ନିକଟରେ ରହିବା ଆବଶ୍ୟକ ଏବଂ ଏହାର ଠିକ ତଦାରଖ କରିବାକୁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ସମୟ ମଧ୍ୟରେ ସହରଗୁଡିକରେ ସିସିଟିଭି ବ୍ୟବସ୍ଥାର ସୁପରିଚାଳନା, ଟ୍ରାଫିକ ବନ୍ଦୋବସ୍ତକୁ ଶୃଙ୍ଖଳିତ କରିବା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା।

ଉକ୍ତ ବୈଠକରେ (ଗୋଇନ୍ଦା) ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଧୁନିକୀକରଣ) ଏସ୍. କେ. ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଡି.ଆଇଜି(କେନ୍ଦ୍ରାଞ୍ଚଳ) ଚରଣ ସିଂ ମୀନା, ଭୁବନେଶ୍ୱର ଡିସିପି ପିନାକ ମିଶ୍ର, ଏସ୍‌ପି(ରାଜ୍ୟ ମୁଖ୍ୟାଳୟ) ବାତୁଲା ଗଙ୍ଗାଧର, କଟକ ଡିସିପି ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଡ୍ ସପ୍ଲିମେଣ୍ଟ କେତେ ସୁରକ୍ଷିତ...





ସୁସ୍ଥ ରହିବା ଲାଗି ସନ୍ତୁଳିତ ତଥା ବିଭିନ୍ନ ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ ବିଭିନ୍ନ ଖାଦ୍ୟ ଖାଇବା ନିହାତି ଆବଶ୍ୟକ। ହେଲେ ଆଜିର ଯୁବପିଢ଼ି ଅସନ୍ତୁଳିତ ଖାଦ୍ୟାଭ୍ୟାସ ଭିତରେ ଶରୀରରେ ଦେଖାଦେଉଥିବା ଭିଟାମିନ୍, ମିନେରାଲ୍ସ, ପ୍ରୋଟିନ୍ ଭଳି ପୋଷକତତ୍ତ୍ୱର ଅଭାବ ଭରଣା କରିବା ଲାଗି ହେଉ ଅବା ମୋଟା କିମ୍ବା ପତଳା ହେବା ଲାଗି ମିଳୁଥିବା ବିଭିନ୍ନ ଫୁଡ୍ ସପ୍ଲିମେଣ୍ଟ ଖାଇବାକୁ ଆଦୌ ପଛାଉ ନାହାନ୍ତି। ହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ଏଭଳି ସପ୍ଲିମେଣ୍ଟ ଖାଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇପାରେ...

ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ପ୍ରତ୍ୟେକ ମଣିଷ ଶରୀରରେ ଆବଶ୍ୟକ ପରିମାଣର କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଭିଟାମିନ୍, ମିନେରାଲ ଏବଂ ଅନ୍ୟ ପୋଷକତତ୍ତ୍ୱ ଆବଶ୍ୟକ। ଯାହାକି ମିଳିଥାଏ ପୁଷ୍ଟିକର ଖାଦ୍ୟରୁ। ହେଲେ ବର୍ତ୍ତମାନର ଫାଷ୍ଟଫୁଡ୍, ଜଙ୍କଫୁଡ୍ ଏବଂ ଅନ୍ୟାନ୍ୟ ଅସନ୍ତୁଳିତ ଖାଦ୍ୟରୁ ଶରୀରକୁ ଠିକ୍ ଭାବରେ ସମସ୍ତ ପୋଷକ ତତ୍ତ୍ୱ ମିଳିପାରୁ ନାହିଁ। ଯେଉଁଥିପାଇଁ ଅନେକେ ବିଭିନ୍ନ ଭିଟାମିନ୍ ସପ୍ଲିମେଣ୍ଟ ନେଉଛନ୍ତି। କେବଳ ଏତିକି ନୁହେଁ ବିଭିନ୍ନ ବିଜ୍ଞାପନରେ ପ୍ରଭାବିତ ହୋଇ କିମ୍ବା ଅନ୍ୟ କାହାଠୁ ଶୁଣି କିଏ ଷ୍ଟ୍ରେସ୍ ରିଲିଫ୍ ଓ ନିଦ ପାଇଁ ତ କିଏ ମୋଟାହେବା ଲାଗି ଆଉ ପୁଣି କିଏ ଫ୍ୟାଟ୍‌ବର୍ନ କରି ପତଳା ହେବାଲାଗି ସପ୍ଲିମେଣ୍ଟ ନେଉଥିବାର ଦେଖିବାକୁ ମିଳୁଛି। ହେଲେ କୌଣସି ସପ୍ଲିମେଣ୍ଟ ଡାକ୍ତରଙ୍କ ବିନା ପରାମର୍ଶରେ ଖାଇବା ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ତେଣୁ ସୁସ୍ଥ ରହିବା ଲାଗି କୌଣସି ଫୁଡ୍ ସପ୍ଲିମେଣ୍ଟ ନେବା ପୂର୍ବରୁ କେତେକ ଦିଗ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ...

**ଉପୁଜାଏ ସ୍ୱାସ୍ଥ୍ୟ ସମସ୍ୟା:** କଥାରେ ଅଛି ଅତି ସର୍ବତ୍ର ବର୍ଜୟେତ୍। ଅର୍ଥାତ୍ କୌଣସି ଜିନିଷ ଆବଶ୍ୟକରୁ ଅଧିକ ଖରାପ। ଖାଦ୍ୟ ବଦଳରେ ଅଧିକ ଫୁଡ୍ ସପ୍ଲିମେଣ୍ଟ ଖାଇବା ବିଶେଷ କରି ବିନା ଡାକ୍ତରୀ ପରାମର୍ଶରେ ଖାଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ। ୱାର୍ଲ୍ଡ ହେଲ୍‌ଦ ଅର୍ଗାନାଇଜେଶନ (ହୁ) ଅନୁଯାୟୀ ଅଧିକ ଭିଟାମିନ୍ ସପ୍ଲିମେଣ୍ଟ ଗ୍ରହଣ କରିବା ଦ୍ୱାରା ବିଭିନ୍ନ ରୋଗ ସହିତ ହୃଦ୍‌ରୋଗ, ହୃଦ୍‌ଘାତ ଏବଂ ପ୍ରି ମ୍ୟାଚୁର ଡେଥ୍ ବା ଅକାଳ ମୃତ୍ୟୁ ପରି ସମସ୍ୟା ଦେଖାଯାଇଥାଏ।

**ଖାଦ୍ୟର ବିକଳ୍ପ ନୁହେଁ ସପ୍ଲିମେଣ୍ଟ:** ଏକ ଗବେଷଣା ରିପୋର୍ଟ ମୁତାବକ ଆମେରିକାର ସମୁଦାୟ ଅଧିବାସୀଙ୍କ ମଧ୍ୟରୁ ୫୨% ସପ୍ଲିମେଣ୍ଟ, ୩୧% ମଲ୍ଟି ଭିଟାମିନ୍, ୧୯% ଭିଟାମିନ୍ ଡି, ୧୪% କ୍ୟାଲ୍‌ସିୟମ ଓ ୧୨% ଭିଟାମିନ୍ ସି ଟ୍ୟାବଲେଟ୍ ନିଅନ୍ତି। ସପ୍ଲିମେଣ୍ଟ କେବେ ବି ପୁଷ୍ଟିକର ଖାଦ୍ୟରୁ ମିଳୁଥିବା ପୋଷକତତ୍ତ୍ୱ ସହ ସମାନ ନୁହେଁ। ଖାଦ୍ୟ ଯେତିକି ପରିମାଣରେ ପୋଷକତତ୍ତ୍ୱ ଯୋଗାଇଥାଏ, ଏହି ଟ୍ୟାବଲେଟ୍ ସେତିକି ଯୋଗାଇପାରେ ନାହିଁ। ଯାହା ଖାଇବା ଦ୍ୱାରା ଶରୀର ପାଇଁ ହାନିକାରକ ହୋଇଥାଏ।

**ନିଅନ୍ତୁ ଡାକ୍ତରଙ୍କ ପରାମର୍ଶ:** ଯଦି ଶରୀରରେ କୌଣସି ପୋଷକ ଅଭାବ ଜନିତ ସମସ୍ୟା ଉପୁଜେ କେବେ କେଉଁ ସପ୍ଲିମେଣ୍ଟ ନିହାତି ଜରୁରୀ ସେ ସମ୍ପର୍କରେ ଡାକ୍ତରଙ୍କ ପରାମର୍ଶ ନେବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ କାହାକୁ ପଚାରି କିମ୍ବା କୌଣସି ବିଜ୍ଞାପନ ଦେଖି ଅଯଥା ଭିଟାମିନ୍ ସପ୍ଲିମେଣ୍ଟ ଗ୍ରହଣ କରିବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ। ବିଶେଷକରି ଅନ୍ୟ କୌଣସି ରୋଗ ପାଇଁ ଔଷଧ ସେବନ କରୁଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସପ୍ଲିମେଣ୍ଟ ଗ୍ରହଣ କରନ୍ତୁ। କାରଣ କେତେକ ଭିଟାମିନ୍ ସପ୍ଲିମେଣ୍ଟ ଅନ୍ୟ ଔଷଧ ସହ ମିଶି ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିଥା'ନ୍ତି। ତେଣୁ ଡାକ୍ତର ଯେଉଁ ସପ୍ଲିମେଣ୍ଟ ଯେତିକି ଦିନ ପାଇଁ ଲେଖିବେ ସେତିକି ହିଁ ସେବନ କରନ୍ତୁ।

**ଖାଦ୍ୟକୁ ଦିଅନ୍ତୁ ଗୁରୁତ୍ୱ:** ବର୍ତ୍ତମାନ ଅଧିକାଂଶ ଯୁବପିଢି ପାଠପଢା, ଜବ୍ ଆଦିର ବ୍ୟସ୍ତତା ଭିତରେ ଖାଦ୍ୟପେୟରେ ଅବହେଳା କରୁଛନ୍ତି। ଅନେକେ ଭାତ, ଡାଲି, ତରକାରୀ ଭଳି ପାରମ୍ପରିକ ଖାଦ୍ୟ ବଦଳରେ ଫାଷ୍ଟଫୁଡ୍, ରେଡି ଟୁ ଇଟ୍ ଭଳି ଖାଦ୍ୟ ଅଧିକ ଖାଉଛନ୍ତି। କେବଳ ଏତିକି ନୁହେଁ ଅନେକେ ମଲ୍ଟି ଭିଟାମିନ୍ ସପ୍ଲିମେଣ୍ଟ ସେବନ କରି ନିଜ ଖାଦ୍ୟପେୟ ପ୍ରତି ଧ୍ୟାନ ଦେଉ ନାହାନ୍ତି। ହେଲେ ଏହାଦ୍ୱାରା ଶରୀରକୁ ଆବଶ୍ୟକ ମାତ୍ରାରେ ପୋଷକତତ୍ତ୍ୱ ମିଳି ପାରୁନାହିଁ। ଫଳସ୍ୱରୂପ ଭିଟାମିନ୍ ଡେଫିସିଏନ୍ସି ବା ଭିଟାମିନ୍ ଅଭାବ ଜନିତ ରୋଗ ଦେଖାଦେବାର ଆଶଙ୍କା ବଢୁଛି। ତେଣୁ ହେଲ୍‌ଦି ଫୁଡ୍ ଖାଇବା ସହ ଫିଟ୍ ରହିବା ପାଇଁ ହେଲ୍‌ଦି ଡାଏଟ୍ ପ୍ଲାନ ମଧ୍ୟ ଗ୍ରହଣ କରନ୍ତୁ।





**ଗୁରୁତର ହୋଇପାରେ ପାର୍ଶ୍ୱପ୍ରତିକ୍ରିୟା:** ଯୁବପିଢି ସେମାନଙ୍କ ଫିଜିକାଲ୍ ଫିଟ୍‌ନେସକୁ ନେଇ ସର୍ବଦା ସଜାଗ। ଅଧିକ ମୋଟା ହେଲେ କିମ୍ବା ଆବଶ୍ୟକରୁ ଅଧିକ ପତଳା ହେଲେ ଏହା ସେମାନଙ୍କ ବ୍ୟକ୍ତିତ୍ୱରେ ଆଞ୍ଚ ଆଣୁଛି। ଯେଉଁଥିଲାଗି ଅନେକେ ଜିମ୍ ଯିବା ସହ ବିଭିନ୍ନ ଫୁଡ୍ ସପ୍ଲିମେଣ୍ଟ ଖାଇବା ଏବଂ ହେଲଥ୍ ଡ୍ରିଙ୍କ୍ ପିଉଥିବାର ଦେଖିବାକୁ ମିଳୁଛି। ବର୍ତ୍ତମାନ ମାର୍କେଟ୍‌ରେ ଅନେକ ଫେକ୍ କମ୍ପାନିର ନିମ୍ନମାନର ଫୁଡ୍ ସପ୍ଲିମେଣ୍ଟ ମଧ୍ୟ ମିଳୁଛି। ଏକ ଗବେଷଣା ରିପୋର୍ଟ ମୁତାବକ ୱେଟ୍‌ଲସ୍, ଏନର୍ଜି, ବଡିବିଲ୍ଡିଂ, ଇମ୍ୟୁନିଟି ବୁଷ୍ଟର ଭଳି ସପ୍ଲିମେଣ୍ଟ ନେବା ଦ୍ୱାରା କାହା କାହା ଠାରେ ପାର୍ଶ୍ୱପ୍ରତିକ୍ରିୟା ଦେଖା ଦେଉଛି। ଏମିତିକି ଏହା କେତକଙ୍କ ଠାରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର କାରଣ ବି ସାଜୁଛି।

ତେଣୁ ସୁସ୍ଥ ରହିବା ଲାଗି ସର୍ବଦା ସନ୍ତୁଳିତ ତଥା ପୁଷ୍ଟିକର ଖାଦ୍ୟ ଖାଇବା ସହ ପ୍ରଚୁର ପାଣି ପିଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କୌଣସି ସପ୍ଲିମେଣ୍ଟ ନେବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ।






## ଯୁଥ୍ ଆଲର୍ଟ

# ଶୀତରେ ଅଧିକ ପରିସ୍ରା ଲାଗୁଥିଲେ

ଶୀତଦିନେ ଅନେକଙ୍କୁ ଅଧିକ ପରିସ୍ରା ଲାଗିଥାଏ। ବିଶେଷଜ୍ଞଙ୍କ ମତରେ ଏଦିନେ ଶରୀରରୁ ଖରାଦିନ ଭଳି ଝାଳ ବାହାରୁ ନ ଥିବାରୁ ଅଧିକ ପାଣି ପରିସ୍ରା ଆକାରରେ ନିଷ୍କାସନ ହୋଇଥାଏ। ହେଲେ ଆବଶ୍ୟକତାଠାରୁ ଅଧିକ ଏପରି ହେବା ବି ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ...

⏩ଶୀତ ଦିନେ ବର୍ଷର ଅନ୍ୟଦିନ ଅପେକ୍ଷା ଅଧିକ ପରିସ୍ରା ଲାଗିବା ଏକ ସାଧାରଣ ପ୍ରାକୃତିକ ପ୍ରକ୍ରିୟା। ହେଲେ ବାରମ୍ବାର ଏମିତିକି କେହି କେହି ଏଦିନେ ପ୍ରତି ଘଣ୍ଟାରେ ପରିସ୍ରା ଯାଉଥିବା ଦେଖିବାକୁ ମିଳିଥାଏ, ଯାହାକି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସଙ୍କେତ ହୋଇପାରେ। କିଜୀର ଜଣେ ୟୁରୋଲୋଜି ଡାକ୍ତର ଅମରେନ୍ଦ୍ର ପାଠକଙ୍କ ରିପୋର୍ଟ ମୁତାବକ ଘଣ୍ଟାରେ ଥରେ ପରିସ୍ରା ଲାଗିବା ଅର୍ଥ ଫ୍ରିକ୍ୱେଣ୍ଟ ୟୁରିନେଶନ୍। ଏଦିନେ ଥଣ୍ଡାରୁ ଆରାମ ମିଳିବା ଲାଗି ଅଧିକ ଚା, କଫି ପିଇବା ଦ୍ୱାରା ମଧ୍ୟ ଏପରି ହୋଇଥାଏ।

⏩ମଣିଷର ପରିସ୍ରା ଥଳିର ୩୦୦ମିଲି. ରୁ ୪୦୦ମିଲି. ପର୍ଯ୍ୟନ୍ତ ପରିସ୍ରା ଧାରଣ କ୍ଷମତା ରହିଥାଏ। ହେଲେ ବେଳେବେଳେ କୌଣସି କାରଣରୁ ଏହା ସମ୍ୱେଦନଶୀଳ ହୋଇଯାଏ। ଫଳରେ ୧୦୦ମିଲି ପାଣି ରହିଲେ ମଧ୍ୟ ପରିସ୍ରା ଲାଗେ, ଯାହାକୁ ଓଭରଆକ୍ଟିଭ୍ ବ୍ଲାଡର ବି କୁହାଯାଏ। ଏଭଳି ହେଉଥିଲେ ଭବିଷ୍ୟତରେ ପ୍ରୋଷ୍ଟେଟ୍ ସମସ୍ୟା ଉପୁଜିପାରେ। ତେଣୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଏହାର ସମାଧାନ କରିବା ଆବଶ୍ୟକ।





⏩ସେହିପରି ବାରମ୍ବାର ପରିସ୍ରା ଲାଗିବା ବି କେତେବେଳେ ଡାଇବେଟିସ୍ ବା ହାଇ ସୁଗାର ସମସ୍ୟାର ଲକ୍ଷଣ ହୋଇପାରେ। ତେଣୁ ଏପରି ହେଉଥିଲେ ଅବହେଳା ନ କରି ଡାକ୍ତରଙ୍କ ପରାମର୍ଶ କ୍ରମେ ରକ୍ତ ପରୀକ୍ଷା କରାଇନେବା ଆବଶ୍ୟକ। ନଚେତ୍ ପରିସ୍ରାରେ ସୁଗାର ଆସିବା ଦ୍ୱାରା ୟୁରିନ୍ ଇନ୍‌ଫେକ୍ସନ ମଧ୍ୟ ହୋଇପାରେ।

⏩ହୃଦ୍ କିମ୍ବା ହାଇ ବ୍ଲଡପ୍ରେସର୍ ସମସ୍ୟା ଥିଲେ, ଏହାକୁ ରୋକିବା ପାଇଁ ଖାଉଥିବା ଔଷଧ କାହା କାହାଠାରେ ଅଧିକ ପରିସ୍ରାର କାରଣ ହୋଇପାରେ। ଏହାକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଆବଶ୍ୟକ।

## ଏ ସପ୍ତାହର ପ୍ରଶ୍ନ

୧– ଓରେଶ୍ନିକ୍ ହାଇପରସୋନିକ୍ ମିସାଇଲ.......... ଦେଶ ନିର୍ମାଣ କରିଛି ?
୨– ଅଷ୍ଟମୁଦୀ ହ୍ରଦ ............. ରାଜ୍ୟରେ ଅବସ୍ଥିତ ?
୩– ନିକଟରେ ପବ୍ଲିକ୍ ବ୍ରୋଡକାଷ୍ଟର ........... ପକ୍ଷରୁ ଓଟିଟି ପ୍ଲାଟଫର୍ମ 'ୱେଭ୍ସ'ର ଶୁଭାରମ୍ଭ କରାଯାଇଛି ?
୪– ........... ଜନଜାତି ହୋଜାଗିରି ଫୋକ୍ ଡାନ୍ସ କରିଥାନ୍ତି ?
୫– ଆର୍ମି ଡେ' ପରେଡ ୨୦୨୫ .......... ସହରରେ ଅନୁଷ୍ଠିତ ହେବ ?

## ଗତ ଥରର ଉତ୍ତର

୧ ଅର୍ବିଟାଲ୍
୨ ଜମ୍ମୁ ଏବଂ କାଶ୍ମୀର
୩ ନାଗାଲାଣ୍ଡ
୪ ମୋବିଲିଟୀ ଆରେଞ୍ଜମେଣ୍ଟ ଫର୍ ଟ୍ୟାଲେଣ୍ଟେଡ୍ ଅର୍ଲି ପ୍ରଫେଶନାଲ୍ସ ସ୍କିମ୍
୫ ସୋଲୋମନ୍ ଆଇସଲାଣ୍ଡ

## ଉତ୍ତରଦାତା


ପ୍ରଦୀପ କୁମାର ନାଏକ, ବଳାଙ୍ଗୀର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


ସ୍ମିତା ନାୟକ, ଭଞ୍ଜନଗର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ଲମ୍ବା ମେଟ୍ରୋ ନେଟ୍‌ୱର୍କ



୧– ସାଂଘାଇ ମେଟ୍ରୋ, ଚାଇନା ........................................ ୮୩୧ କିମି.
୨– ବେଜିଂ ସବ୍‌ୱେ, ଚାଇନା ........................................ ୬୬୯.୪ କିମି.
୩– ଗୁଆଙ୍ଗଝୋ ମେଟ୍ରୋ, ଚାଇନା.................................. ୬୨୧.୦୫ କିମି.
୪– ଲଣ୍ଡନ ଅଣ୍ଡରଗ୍ରାଉଣ୍ଡ, ୟୁକେ .................................... ୪୦୨ କିମି.
୫– ନ୍ୟୁୟର୍କ ସିଟି ସବ୍‌ୱେ, ଆମେରିକା ................................ ୩୯୯ କିମି.
୬– ଦିଲ୍ଲୀ ମେଟ୍ରୋ, ଭାରତ ........................................ ୩୫୦.୪୨ କିମି.
୭– ମସ୍କୋ ମେଟ୍ରୋ, ଋଷିଆ........................................ ୪୫୬ କିମି.
୮– ଉହାନ ମେଟ୍ରୋ, ଚାଇନା ........................................ ୪୮୬.୩ କିମି.
୯– ସେଉଲ୍ ମେଟ୍ରୋ, ସାଉଥ କୋରିଆ.............................. ୩୪୦.୪ କିମି.ଶ
୧୦– ମାଡ୍ରିଡ୍ ମେଟ୍ରୋ, ସ୍ପେନ୍ ........................................ ୨୯୩ କିମି.

## ଜାଣନ୍ତୁ ଦୁନିଆ

# ଅଜବ ନିୟମ

ବିଭିନ୍ନ ସ୍ଥାନରେ ସାମାଜିକ ସୁରକ୍ଷା ଦୃଷ୍ଟିରୁ କିଛି ନା କିଛି ନିୟମ ରହିଥାଏ, ଯାହାକୁ ସମସ୍ତେ ମାନିବାକୁ ବାଧ୍ୟ। ହେଲେ କେତେକ ସ୍ଥାନରେ ଏଭଳି କିଛି ଅଜବ ନିୟମ ରହିଛି, ଯାହା ବିଷୟରେ ଜାଣି ଆଶ୍ଚର୍ଯ୍ୟ ହେବେ। ଏହାକୁ ଉଲ୍ଲଂଘନ କଲେ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...

**ମହିଳା ଯିବା ମନା:** ଦକ୍ଷିଣ–ପଶ୍ଚିମ ଜାପାନର ଓକିନୋସିମା ଏପରି ଏକ ସ୍ଥାନ, ଯାହାକୁ ପବିତ୍ର ବୋଲି ବିଚାର କରାଯାଏ। କିନ୍ତୁ ଏହି ପବିତ୍ର ସ୍ଥାନରେ କୌଣସି ମହିଳା ପ୍ରବେଶ କରିବାର ଅନୁମତି ନାହିଁ। ମହିଳାଙ୍କୁ ଅନୁମତି ନ ମିଳିବାର କାରଣ, ଏହି ଦ୍ୱୀପକୁ ଆରମ୍ଭରୁ ମହିଳାଙ୍କ ପାଇଁ ଅସୁରକ୍ଷିତ ବୋଲି ଧରାଯାଏ। ଅନ୍ୟ ଏକ କାରଣ, ପୁରୁଷମାନେ ଏଠାରେ ଉଲଗ୍ନ ଅବସ୍ଥାରେ ବୁଲୁଥିବାରୁ ମହିଳାଙ୍କୁ ଅନୁମତି ନାହିଁ ବୋଲି ମଧ୍ୟ କୁହାଯାଏ। ଏହି ଦ୍ୱୀପକୁ ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ ଭାବେ ମାନ୍ୟତା ମିଳିଛି। ପୁରୁଷମାନେ ଏହି ସ୍ଥାନକୁ ଯିବା ପାଇଁ ଉଲଗ୍ନ ହୋଇ ସମୁଦ୍ରରେ ଗାଧୋଇବାକୁ ପଡିଥାଏ। ବର୍ଷକୁ ମାତ୍ର ୨୦୦ ଜଣ ପୁରୁଷ ସେଠାକୁ ଯିବାର ଅନୁମତି ରହିଛି।

**ବୁଦ୍ଧଙ୍କ ଟାଟୁ କଲେ ଶ୍ରୀଲଙ୍କା ଯିବା ମନା:** ଟାଟୁ କରିବା ଅନେକଙ୍କୁ ବହୁତ ପସନ୍ଦ। ହେଲେ କେବେ ଭାବିଛନ୍ତି ଟାଟୁ କଲେ କୌଣସି ଦେଶକୁ ଯିବା ମନା ହୋଇପାରେ। କଥାଟି ସତ। ଯେଉଁ ପର୍ଯ୍ୟଟକଙ୍କ ହାତ କିମ୍ବା ଶରୀରର କୌଣସି ସ୍ଥାନରେ ବୁଦ୍ଧଙ୍କ ଟାଟୁ ଥିବା ଦେଖାଯାଏ, ତେବେ ସେମାନଙ୍କୁ ଶ୍ରୀଲଙ୍କା ଯିବା ମନା। କେବଳ ଏତିକି ନୁହେଁ ସେଠାରେ ବୁଦ୍ଧଙ୍କ ଷ୍ଟାଚ୍ୟୁ ସହିତ ସେଲ୍‌ଫି ଉଠାଇବା ମଧ୍ୟ ମନା।



**କିଣି ଖାଇବା ମନା :** ପାକିସ୍ତାନରେ ରମ୍‌ଜାନ ମାସକୁ ସବୁଠୁ ପବିତ୍ର ମାସ ବୋଲି ଗ୍ରହଣ କରାଯାଇଥାଏ। ତେଣୁ ଏହି ମାସରେ ବାହାରୁ କୌଣସି ଖାଦ୍ୟ କିଣି ଖାଇବା ମନା। କାରଣ ଏପରି କରିବାକୁ ସେଠାରେ ଏହାକୁ ଅପରାଧ ବୋଲି ଧରାଯାଏ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି କେବଳ ମୁସଲମାନ ନୁହନ୍ତି, ସେଠାରେ ରହୁଥିବା ଅନ୍ୟ ଧର୍ମାବଲମ୍ବୀଙ୍କ ପାଇଁ ମଧ୍ୟ ନିୟମ ଲାଗୁ ହୋଇଥାଏ। ଯାହାକୁ ଉଲଂଘନ କଲେ ଜରିମାନା କିମ୍ବା ଦଣ୍ଡ ମଧ୍ୟ ଭୋଗିବାକୁ ପଡିପାରେ।



# ଅବହେଳିତ ଟେଣ୍ଟେଇନାଳୀ ଜଳପ୍ରପାତ

କେନ୍ଦୁଝର,୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)



**■ପରିତ୍ୟକ୍ତ ଅବସ୍ଥାରେ ପିଣ୍ଡି, କଂକ୍ରିଟ୍ ବେଞ୍ଚ**

**■ରାସ୍ତା, ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଦାବି**

କେନ୍ଦୁଝର ଜିଲାରେ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ଜଳପ୍ରପାତ ଭରି ରହିଛି। ସେଥି ମଧ୍ୟରୁ କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଟେଣ୍ଟେଇନାଳୀ ଜଳପ୍ରପାତ ଅନ୍ୟତମ। ୧୦୦ ଫୁଟ ଉଚ୍ଚ ପାହାଡ଼ ଉପରୁ ଖସୁଥିବା ଝରଣା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ମାତ୍ର ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇ ନ ଥିବା ଉକ୍ତ ସ୍ଥାନ ଅବହେଳିତ ଅବସ୍ଥାରେ ରହିଛଇ। ଜଳପ୍ରପାତ ସ୍ଥଳକୁ ଭଲ ରାସ୍ତା ନାହିଁ। ସ୍ଥାନୀୟ ପ୍ରଶାସନ ପକ୍ଷରୁ କରାଯାଇଥିବା ସୌନ୍ଦର୍ଯ୍ୟକରଣ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଗଲାଣି। ଫଳରେ ପର୍ଯ୍ୟଟକମାନେ ବହୁ ଅସୁବିଧା ଭୋଗୁଛନ୍ତି। ଅନେକ ଅସନ୍ତୋଷ ପ୍ରକାଶ କରି ପର୍ଯ୍ୟଟନ କ୍ଷେତ୍ରରୁ ମୁହଁ ଫେରାଉଥିବା ଜଣାପଡ଼ିଛି। ପ୍ରକାଶ ଯେ, ତେଲକୋଇ ମୁଖ୍ୟାଳୟଠାରୁ ମାତ୍ର ୧୪ କିମି ଦୂର ଉଚ୍ଚ ପାହାଡ଼ ଓ ଜଙ୍ଗଲ ଘେରା ଜୁଆଙ୍ଗ ଅଧ୍ୟୁଷିତ ଟେଣ୍ଟେଇନାଳୀ ଗ୍ରାମ ନିକଟରେ ଏହି ଜଳପ୍ରପାତ ରହିଛି। ଗ୍ରାମ ନାମାନୁସାରେ ଏହାର ନାମକରଣ ହୋଇଥିବା କୁହାଯାଏ। ଟେଣ୍ଟେଇନାଳ ଉପରେ ଜଳପ୍ରପାତ ରହିଥିବା ବେଳେ ତେଲକୋଇ ବ୍ୟତୀତ ଆଖପାଖ ବ୍ଲକ୍ ତଥା ପଡ଼ୋଶୀ ଜିଲାରୁ ପର୍ଯ୍ୟଟକ ଆସି ଝରଣା, ଜଳପ୍ରପାତ, ଜଙ୍ଗଲ ପରିବେଶ ବୁଲି ଦେଖିବା ସହ ଭୋଜିଭାତ କରି ଖୁସିରେ ଫେରିଥାନ୍ତି। ବର୍ଷା ଦିନରେ ପାହାଡ଼କୁ ଛୁଇଁ ଗତିଶୀଳ ବାଦଲର ଦୃଶ୍ୟ ପ୍ରକୃତି ପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ତିନି ପାଖରେ ପାହାଡ଼ ରହିଥିବା ବେଳେ ପାହାଡ଼ର ବଡ ଖୋଲରେ ଜଳପ୍ରପାତ ରହିଛି। ପ୍ରାୟ ୧୦୦ ଫୁଟ ଉଚ୍ଚରୁ ଝରଣା ପାଣି ଗଦ ଗଦ ହୋଇ ତଳକୁ ଖସି ଜଳପ୍ରପାତ ସୃଷ୍ଟି କରିଛି। ଏହା ନିକଟକୁ ଯିବାକୁ ହେଲେ ଛୋଟ ଛୋଟ ନାଳ ପାର ହେବାକୁ ପଡ଼ିଥାଏ। ଗ୍ରାମ ପର୍ଯ୍ୟନ୍ତ ଥିବା ରାସ୍ତା ବି ବିପଦପୂର୍ଣ୍ଣ ଭାବେ ରହିଛି। ଗ୍ରାମଠାରୁ ପ୍ରାୟ ଅଧ କି.ମି. ଥିବା ଏହି ଜଳପ୍ରପାତକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ କଂକ୍ରିଟ ପାହାଚ କରାଯାଇଥିଲେ ମଧ୍ୟ ସେସବୁ ଅଧାପନ୍ତରିଆ ହୋଇ ପଡ଼ିଛି। ବହି ଯାଉଥିବା ଝରଣାର ପାଣିକୁ ଅବରୋଧ କରି ଏକ ଡ୍ୟାମ ନିର୍ମାଣ ଚାଲିଛି। କିନ୍ତୁ ତାହା ମଧ୍ୟ ସରୁ ନ ଥିବାରୁ ନାନା ସମସ୍ୟା ସୃଷ୍ଟି ହେଉଛି। ସେହିପରି ଜଳପ୍ରପାତ ତଳେ ଭୋଜିଭାତ କରିବା ସହ ବସିବା ପାଇଁ ପିଣ୍ଡି ଓ କଂକ୍ରିଟ ବେଞ୍ଚ ନିର୍ମାଣ ହୋଇଛି। କିନ୍ତୁ ସେସବୁ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ରହିଛି। ରାସ୍ତା ଭଲ ନ ଥିବାରୁ ଦୁର୍ଘଟଣା ଆଶଙ୍କା ରହୁଛି। ରହିବା ପାଇଁ ବ୍ୟବସ୍ଥା ନାହିଁ କି ବିଦ୍ୟୁତ୍ ନାହିଁ। ଏଣୁ ଅପରାହ୍ନ ଗଡ଼ିଲେ ହାତୀ, ଭାଲୁ ଆଦି ଭୟ ରହୁଛି। ଏହି ସ୍ଥାନର ବିକାଶ ପାଇଁ ସେଭଳି ପଦକ୍ଷେପ ନିଆଯାଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ଏହାର ବିକାଶ ହେଲେ ଅଞ୍ଚଳର ବିକାଶ ହେବା ସହ ଜୁଆଙ୍ଗ ଜନଜାତିଙ୍କ ରୋଜଗାର ବଢ଼ିବ। ସେମାନଙ୍କ ସାମାଜିକସ୍ଥିତିରେ ସୁଧାର ଆସିବ ବୋଲି ସ୍ଥାନୀୟ ସାମାଜିକକର୍ମୀ ଚିନ୍ମୟ ସାହୁ ମତବ୍ୟକ୍ତ କରୁଛନ୍ତି। ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପ୍ରଦାନ କରି ଏହାର ବିକାଶ କରାଗଲେ ଜିଲା ବ୍ୟତୀତ ବାହାର ଜିଲାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିବେ। ପ୍ରଶାସନ ଏହାର ବିକାଶ ଦିଗରେ ପଦକ୍ଷେପ ନେବା ଉଚିତ ବୋଲି ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ ଦାବି କରିଛନ୍ତି।

## ୧୪ ଲକ୍ଷ ଟଙ୍କା, ୧୬ ଗ୍ରାମ ୫୨୦ ମିଲିଗ୍ରାମ ସୁନା ମିଳିଲା



**ମା' ତାରିଣୀଙ୍କ ହୁଣ୍ଡି ଗଣତି**

ଘଟଗାଁ, ୭।୧୨(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ହୁଣ୍ଡି ଶନିବାର ଖୋଲାଯାଇ ଗଣତି କରାଯାଇଥିଲା। ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡିରୁ ୧୪ ଲକ୍ଷ ୧୫ ହଜାର ୩୨୦ ଟଙ୍କା, ୧୬ ଗ୍ରାମ ୫୨୦ ମିଲିଗ୍ରାମ ସୁନା ଓ ୬୧୩ ଗ୍ରାମ ୨୬୦ ମିଲିଗ୍ରାମ ରୁପା ମିଳିଥିବା ଜଣାଯାଇଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜିନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ଉପେନ୍ଦ୍ର ନାୟକ, ରାଜେଶ କାହାଲିଙ୍କ ଉପସ୍ଥିତିରେ ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ପରମେଶ୍ୱର ବଳ, ସନାତନ ନାଏକ ତରଣୀସେନ ରାଉତ, ତୁଷାରକାନ୍ତ ରାଉତ ହରିହର ମହାନ୍ତ ନାରାୟଣ ମୁଖି, ଗଗନ ବେହେରା, ପିତାମ୍ବର ଗିରି ଚକ୍ରଧର ନାଏକ, ସନିଆ ମୁଖି ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ପିନାକେଶ୍ୱର ମହାନ୍ତ, ବିଦ୍ୟୁତପ୍ରଭା ଦେହୁରୀ, ସିପୁନ ସାହୁ ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

## ସାଇବର କ୍ରାଇମ ସମ୍ପର୍କରେ ସଚେତନ କରିବାକୁ ପରାମର୍ଶ

କେନ୍ଦୁଝର,୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

**କେନ୍ଦୁଝର ଗସ୍ତରେ ପଶ୍ଚିମାଞ୍ଚଳ ଡିଆଇଜି**

ପଶ୍ଚିମାଞ୍ଚଳ ଡିଆଇଜି ୩ ଦିନିଆ କେନ୍ଦୁଝର ଗସ୍ତରେ ଆସି ଜିଲାର ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଏହି ଅବସରରେ ଡିଆଇଜି ବ୍ରିଜେଶ କୁମାର ରାୟ ଜିଲାର ବିଭିନ୍ନ ଥାନା ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ବୁଝିଛନ୍ତି। ଆମ ପୋଲିସ ସମିତି ଗଠନ, ବିଭିନ୍ନ ଗ୍ରାମ ଏବଂ ପଞ୍ଚାୟତକୁ ଯାଇ ଲୋକଙ୍କ ସହଯୋଗ ନେବା ଏବଂ ଟ୍ରାଫିକ ନିୟମ, ସାଇବର କ୍ରାଇମ ଉପରେ ସଚେତନତା ମୂଳକ ପଦକ୍ଷେପ ନେବାପାଇଁ ପରାମର୍ଶ ଦେଇଥିବା ଶନିବାର ଟାଉନ ଥାନା ପରିସରରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଆଗକୁ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ ଦୃଷ୍ଟିରୁ ସୁରକ୍ଷାକୁ କିଭଳି କଡ଼ାକଡ଼ି କରାଯିବ। ଜିଲାରେ ଏକ ସ୍ୱତନ୍ତ୍ର ସାଧନ ବ୍ୟବସ୍ଥା କରାଯିବାକୁ ମୁଖ୍ୟାଳୟକୁ ପରାମର୍ଶ ଦେଇଥିଲେ। ସେହିପରି କେନ୍ଦୁଝରରେ ପ୍ରସ୍ତାବିତ ଟ୍ରାଫିକ ପୋଲିସ ଷ୍ଟେଶନ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି କହିଥିଲେ। ସେହିପରି ପ୍ରତ୍ୟେକ ଥାନା ଅଞ୍ଚଳରେ ଲୋକଙ୍କୁ ସାଇବର କ୍ରାଇମ, ଗୁଣିଗାରେଡ଼ି, ଠକେଇ ଆଦି ଉପରେ ସଚେତନ କରିବାକୁ କୁହାଯାଇଛି। ଥାନା ଅଧିକାରୀମାନେ ଏହି କାମ କରିବେ। ସମସ୍ତ ଥାନାଗୁଡ଼ିକୁ ସୁଦୃଢ଼ କରିବା ସହ ଲୋକାଭିମୁଖୀ କରିବା ନେଇ ପଦକ୍ଷେପ ନିଆଯାଉଛି। ମାଓ ଘଟଣା ଘଟିବା ପୂର୍ବରୁ କେନ୍ଦୁଝର ଓ ରାଉରକେଲା ପୋଲିସ ଜିଲାରେ ମାଓ କାର୍ଯ୍ୟକଳାପ ଉପରେ ସତର୍କତା ନଜର ରଖାଯାଇଛି। ଲୋକଙ୍କ ପାଖରେ ପୋଲିସ କିପରି ସହଜରେ ପହଞ୍ଚି ପାରିବ ସେ ନେଇ ଆମ ପୋଲିସ ସଭା ପୁଣି ଚାଲୁ କରାଯିବ ବୋଲି କହିଛନ୍ତି। ଏହି ସମୟରେ ଜିଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଉପସ୍ଥିତ ରହିଥିଲେ।

## କାଶିଆ ମାଇନ୍ସ ପକ୍ଷରୁ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ




କାର୍ଯ୍ୟକ୍ରମରେ ଉପସ୍ଥିତି ସ୍ଥାନୀୟ ଜନ ପ୍ରତିନିଧି, ଖଣି ଅଧିକାରୀମାନେ।

ଯୋଡ଼ା, ୭।୧୨(ମାନସ ମହାନ୍ତି)

ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ ନେତୃତ୍ୱରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର କାଶିଆ ମାଇନ୍ସ ଓ ଡୋଲାମାଇଟ ମାଇନ୍ସ ପକ୍ଷରୁ ୨୬ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମ୍‌ଇଏମ୍‌ଏସ୍) ସପ୍ତାହ ୨୦୨୪-୨୫ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ଡିଜିଏମ ବୋରା ବିଦ୍ୟାସାଗର, ସମ୍ମାନିତ ଅତିଥିଭାବେ ଓଏମ୍‌ସିର ସିନିୟର ମ୍ୟାନେଜର (ଜିଓଲୋଜିଷ୍ଟ) ରାଧେଶ୍ୟାମ ସାହୁ ଓ ଶିବା ସିମେଣ୍ଟର ଡେପୁଟି ମ୍ୟାନେଜର(ମାଇନ୍ସ) ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇଥିଲେ। କାଶିଆ ମାଇନ୍ସର ୟୁନିଟ୍ ମୁଖ୍ୟ ପ୍ରମୋଦ ପାତ୍ର, ଏଚ୍‌ଆର ଆଣ୍ଡ ଇଏସ୍ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି ଓ କାଶିଆ ମାଇନ୍ସ ମ୍ୟାନେଜର ରଞ୍ଜିତ ଚୌଧୁରୀ ପ୍ରମୁଖ ଉପସ୍ଥିତି ଥିଲେ। ଏ ଅବସରରେ କାଶିଆ ମାଇନ୍ସ ଓ ସିଏସ୍‌ଆର ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସ୍ଲୋଗାନ ଲିଖନ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ସହଭାଗୀ ଏବଂ କର୍ମଚାରୀ ସାମିଲ ହୋଇଥିଲେ।

## ବାର୍ଷିକ ଖଣି ସୁରକ୍ଷା ସପ୍ତାହର ପ୍ରାକ୍ ଚୂଡ଼ାନ୍ତ ଉତ୍ସବ

ବଡ଼ବିଲ,୭।୧୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲରେ ଶନିବାର ସ୍ଥାନୀୟ ସୀତାରାମ ରୁଙ୍ଗଟା ପୌର ଟାଉନହଲଠାରେ ବାର୍ଷିକ ମେଟାଲିଫେରସ୍ ଖଣି ସୁରକ୍ଷା ସପ୍ତାହର ପ୍ରାକ୍ ଚୂଡ଼ାନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ରିଜନ-୨ର ଖଣି ସୁରକ୍ଷା ନିର୍ଦ୍ଦେଶକ ପ୍ରଫୁଲ୍ଲ ରଞ୍ଜନ ଠାକୁର, ଉପ ନିର୍ଦ୍ଦେଶକ ଉଲିମେଲା ଶିବ ଶଙ୍କର, ହିରକ ମଜୁମଦାର, ସୁନିତ୍ ପଟେଲ, ଅନନ୍ତ ଶଙ୍କର ମହାପାତ୍ର ଓ ବିଧୁଭୂଷଣ ସାହୁ ପ୍ରମୁଖ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ଖଣି ସୁରକ୍ଷା ଦିଗରେ କମ୍ପାନୀଗୁଡ଼ିକ ଆହୁରି ସଚେତନ ହେବା ଆବଶ୍ୟକ ଓ ସେଥି ନିମନ୍ତେ ଅଧିକରୁ ଅଧିକ ଜ୍ଞାନକୌଶଳ ଅବଲମ୍ବନ କରିବାକୁ କହିଥିଲେ। ଖଣି ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ସହ ପାରିପାର୍ଶ୍ୱିକ ଉନ୍ନତି ଓ ବିଭିନ୍ନ କ୍ଷେତ୍ରରେ ଉନ୍ନତିରେ ସହାୟକ ହୋଇଥାଏ। ହେଲେ ଖଣିକାର୍ଯ୍ୟକୁ ପରିବେଶ ଅନୁକୂଳ, ପ୍ରାକୃତିକ ଉତ୍ସଗୁଡ଼ିକର ସୁରକ୍ଷାକୁ ନିଶ୍ଚିତ କରିବା ଖଣି କମ୍ପାନୀଗୁଡ଼ିକର ଦାୟିତ୍ୱ ବୋଲି ଅତିଥିମାନେ କହିଥିଲେ। ଉତ୍ସବରେ ଭୁବନେଶ୍ୱର ରିଜନ-୨ ଅଧୀନରେ ଥିବା ୧୦ ଜିଲାରୁ ମୋଟ ୪୬ ଟି ଖଣି କମ୍ପାନୀର ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଖଣି ସୁରକ୍ଷା ଦିଗରେ ଖଣି କମ୍ପାନୀଗୁଡ଼ିକ ନେଇଥିବା ପଦକ୍ଷେପ ଯଥା, ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ, ଇନୋଭେସନ ଓ ଡିଜିଟାଇଜେଶନ, ସଚେତନତାର ପ୍ରଚାର ପ୍ରସାର, ନ୍ୟୁନଦୁର୍ଘଟଣାହାର, ମେକାନିକାଲ ମେଣ୍ଟେନାନ୍ସ, ଏସ୍‌ଏମ୍‌ପି, ସୁରକ୍ଷା ଓ ସତର୍କତା ଅବଲମ୍ବନ ଆଦିରେ ଉତ୍କୃଷ୍ଟ ଥିବା ଯୋଗୁ ସାନିନ୍ଦପୁର ଆଣ୍ଡ ବକ୍ସାଇଟ ମାଇନ୍ସ, ଓରାଘାଟ ଆଇରନ ମାଇନ୍ସ, ମହୁଲସୁଖା ଆଇରନ ଆଣ୍ଡ ମାଙ୍ଗାନିଜ ମାଇନ୍ସ ପୁରସ୍କୃତ ହୋଇଥିଲେ।

## ମହୁମାଛି ଆକ୍ରମଣରେ ଜଣେ ଗୁରୁତର

ପାଟଣା,୭।୧୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା କେନ୍ଦେଇପଶି ମୁଖ୍ୟ ରାସ୍ତାର ପାଟଣା ବଜାର ବେହେରା ହାର୍ଡ ୱେୟାର ନିକଟରେ ଶନିବାର ମହୁମାଛି ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ସଅଁରାପଶି ଗ୍ରାମର ଶିକ୍ଷକ ଘନଶ୍ୟାମ ମହାନ୍ତ। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡା. ଯାଜ୍ଞସେନୀ ମହାନ୍ତଙ୍କ ବାପା ବୋଲି ଜଣାପଡ଼ିଛି। ଘନଶ୍ୟାମ ପ୍ରାତଃ ଭ୍ରମଣ କରି ଘରକୁ ଫେରୁଥିବା ସମୟରେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ସେ ସମୟରେ ହାର୍ଡ ୱେୟାର୍ ଦୋକାନ ମାଲିକ କାବୁଲି ବେହେରା ଉପସ୍ଥିତ ବୁଦ୍ଧି ଖାଟାଇ ଫିନାଇଲ ବାଲଟିରେ ଗୋଳାଇ ଘନ ଶ୍ୟାମଙ୍କ ଉପରକୁ ପକାଇଥିଲେ। ଫିନାଇଲ ବାସ୍ନାରେ ମହୁମାଛି ଛାଡ଼ି ଚାଲିଯାଇଥିଲେ। ପରେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା।

## ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ଚାମ୍ପିୟନ

ପାଟଣା,୭।୧୨(ବୀରକିଶୋର ଦାଶ)

**ଆନ୍ତଃ ମହାବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା**

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣାର ଛାତ୍ରୀଛାତ୍ର ଆନ୍ତଃ ମହାବିଦ୍ୟାଳୟ ଦୌଡ଼ କୁଦ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି। ଏନେଇ ଶନିବାର ପାଟଣା ମହାବିଦ୍ୟାଳୟ ପରିସରରେ ସଫଳ କ୍ରୀଡ଼ାବିତଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର ସାହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିରେନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଅଶ୍ୱିନୀ ସାହୁ, ଡେମନଷ୍ଟ୍ରେଟର ରଜତ ଦାଶ ପ୍ରମୁଖ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ଅଧୀନ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଏମ୍‌ପିସି ମହାବିଦ୍ୟାଳୟରେ ୨ଦିନ ଧର ଅନୁଷ୍ଠିତ ହୋଇଥିଲା। ମୋଟ ୩୫ଟି ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣାର ୮ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ବିଭିନ୍ନ ଇଭେଣ୍ଟରେ ଉଚ୍ଚମାନର କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଚଳିତ ଥରକୁ ମିଶାଇ ପାଟଣା ମହାବିଦ୍ୟାଳୟ ୧୦ମ ଥର ପାଇଁ ଚାମ୍ପିୟନ ଆଖ୍ୟା ଲାଭ କରିଛି।

## ବାଂଲାଦେଶରେ ସଂଖ୍ୟାଲଘୁ ଲୋକଙ୍କ ସୁରକ୍ଷା ଦାବି କଲେ ନାଗରିକ ସୁରକ୍ଷା ମଞ୍ଚ

ଭୋଗରାଇ, ୭।୧୨(ପ୍ରଦୀପ ଦାସ)

ବାଂଲାଦେଶରେ ବହୁ ହିନ୍ଦୁ ମନ୍ଦିରକୁ ମୌଲବାଦୀମାନେ ଭାଙ୍ଗି ଚୁରମାର୍ କରିବା ସହିତ ହିନ୍ଦୁଙ୍କୁ ଆକ୍ରମଣ କରିବା, ବିନା କାରଣରେ ଇସ୍କନର ସନ୍ନ୍ୟାସୀ ଚିନ୍ମୟକୃଷ୍ଣ ଦାସଙ୍କୁ ଗିରଫ କରିବା ପ୍ରତିବାଦରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ପସରବିନ୍ଧା ଆଉସା ଛକଠାରେ ଶନିବାର ଅପରାହ୍ନରେ ଏକ ପଥପ୍ରାନ୍ତ ସଭା ଓ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ବାଂଲାଦେଶ ସରକାରଙ୍କୁ ସମାଲୋଚନା କରାଯିବା ସହିତ ସନ୍ନ୍ୟାସୀ ଚିନ୍ମୟ ଦାସଙ୍କୁ ବିନା ସର୍ତ୍ତରେ ଅବିଳମ୍ବେ ଖଲାସ କରିବା ଓ ସେଠାରେ ହିନ୍ଦୁମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଏବଂ ବାଲେଶ୍ୱର ଜିଲା ସମୁଦ୍ରକୂଳରେ ରହିଥିବା ବେଆଇନ ବାଂଲାଦେଶୀଙ୍କୁ ଓଡ଼ିଶାରୁ ହଟାଇଦେବାକୁ ଓଡ଼ିଶା ସରକାର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ପସରବିନ୍ଧା ସରପଞ୍ଚ ସୁମନ୍ତ କୁମାର ବେହେରା, ସାମାଜିକ କର୍ମୀ ପଙ୍କଜ କୁମାର ଜେନା, ବେଣୁଧର ରଞ୍ଜିତ, ରାଜୀବ ଜେନା, ଅମୂଲ୍ୟ ଘଡ଼ାଇ, ବିନୟ ପାତ୍ର, ଶକ୍ତିଧର ନାୟକ ଓ ରାଜଗୋପାଳ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କଟକଣା ଉଚ୍ଛେଦ ଦାବିରେ ସୁବର୍ଣ୍ଣରେଖା ଟିପ୍ପର, ଟ୍ରାକ୍ଟର ସଂଘ ପକ୍ଷରୁ ବୈଠକ

ବାଲିଆପାଳ, ୭।୧୨(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ଟିପ୍ପର ଓ ଟ୍ରାକ୍ଟର ମହାସଂଘ ଅନୁକୂଲ୍ୟରେ ଗାଡ଼ି ମାଲିକଙ୍କ ଉପରେ ହେଉଥିବା ମାତ୍ରାଧିକ କଟକଣା ଉଚ୍ଛେଦ ଦାବିରେ ଗୁରୁବାର ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସୁବର୍ଣ୍ଣରେଖା ଟିପ୍ପର ଓ ଟ୍ରାକ୍ଟର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୌମ୍ୟଦୀପ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକର ଟିପ୍ପର ଓ ଟ୍ରାକ୍ଟର ସଂଘ କର୍ମକର୍ତ୍ତା ଯୋଗଦେଇ ଟିପ୍ପର ଓ ଟ୍ରାକ୍ଟରରେ ଚିପ୍ସ, ମେଟାଲ, ବାଲି, ଗୋଡ଼ି, ମାଟି ଆଦି ପରିବହନ ସମୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ଗାଡ଼ି ମାଲିକଙ୍କ ଉପରେ ସରକାରଙ୍କ ମାତ୍ରାଧିକ କଟକଣା ଜାରି ବିଷୟରେ ଆଲୋଚନା କରାଯାଇ ତାର ଆଶୁ ସମାଧାନ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବାଲିଆପାଳ ଥାନା ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁଙ୍କୁ ମଧ୍ୟ ଦାବିପତ୍ରର ଏକକିତା ନକଲ ପ୍ରଦାନ କରାଯାଇଥିଲା। ତେବେ ପ୍ରଶାସନ ଯଦି ଉକ୍ତ ଦାବିକୁ ନ ମାନନ୍ତି ତା'ହେଲେ ଆଗାମୀ ଦିନରେ ଟିପ୍ପର ଓ ଟ୍ରାକ୍ଟର ମହାସଂଘ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଭାସ୍କରଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ଜେନା, ଜ୍ୟୋତିଷ ପିଳା, ପ୍ରଦୀପ କର, ସୁଶାନ୍ତ ଦାସ ଓ କାଶୀନାଥ ଲେଙ୍କାଙ୍କ ସହିତ ବହୁ ଗାଡ଼ି ମାଲିକ ବୈଠକରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ନିୟମିତ ହେଲେ ୫୫ କନିଷ୍ଠ ଶିକ୍ଷକ

ପାଟଣା,୭।୧୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ କାର୍ଯ୍ୟରତ ଥିବା ୫୫ଜଣ କନିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକ(ଶିକ୍ଷା ସହାୟକ)ଙ୍କୁ ଶନିବାର ନିୟମିତ ସହକାରୀ ଶିକ୍ଷକଭାବେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ସମ୍ମାନିତ ଅତିଥିଭାବେ ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସେଠୀ, ପାଟଣା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କମଳାକାନ୍ତ ପତି, ଓଷ୍ଟା ବ୍ଲକ ସଂଘ ସମ୍ପାଦକ ଭବାନୀ ଶଙ୍କର ମହାନ୍ତ, ବ୍ଲକ୍ ଜିଲା ପରିଷଦ ଶିକ୍ଷକ ସଂଘ ସଭାପତି ପ୍ରମୋଦ ମହାନ୍ତ, ସିଆରସିସି ଜ୍ୟୋର୍ତିମୟୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ଯୋଡ଼ା,୭।୧୨(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ ଆଦର୍ଶ ଶିକ୍ଷକଭାବେ ପରିଚିତ ପଦ୍ମନାଭ ତ୍ରିପାଠୀ(୫୨)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ବାଲେଶ୍ୱର ଜିଲା ଔପଦା ବ୍ଲକ୍ ବୀଣାଗିଆ ଶାସନରେ ଜନ୍ମ ଗ୍ରହଣ କରିଥିବା ବେଳେ ଯୋଡ଼ାରେ ରହି ଉଚ୍ଚ ଶିକ୍ଷା ଲାଭ ପରେ ବିଭିନ୍ନ ସ୍କୁଲରେ ଶିକ୍ଷକତା କରିଥିଲେ। ଗଣିତ ଶିକ୍ଷକ ଭାବେ ବେଶ ପ୍ରସିଦ୍ଧ ଲାଭ କରିଥିଲେ। ଶତାଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ବୁଦ୍ଧିଜୀବୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଡ଼ା ଶାସ୍ତ୍ରୀନଗରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କର ଅନ୍ତିମ ସମୟରେ ତାଙ୍କ ସ୍ତ୍ରୀ, ପୁଅ, ଝିଅଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ମରଶରୀରକୁ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ମାଟି, ବାଲି ଚୋରା ଚାଲାଣ: ୧୧ ଯାନ ଜବତ

ଜଳେଶ୍ୱର, ୭।୧୨(ରବିନାରାୟଣ ପାତ୍ର)

ଜଳେଶ୍ୱରର ରାଇବଣିଆ ଅଞ୍ଚଳରୁ ବ୍ୟାପକ ମାଟି, ମୋରମ ଓ ସୁବର୍ଣ୍ଣରେଖା ନଦୀପଠାରୁ ବ୍ୟାପକ ବାଲି ବେଧଡକ ଚୋରାଚାଲାଣ ହେଉଥିବାରୁ ଏହାକୁ ଦୃଢହସ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି ହୋଇଆସୁଥିଲା। ଫଳରେ ଜଳେଶ୍ୱର ପୋଲିସ ଗତ ୨ ଦିନ ମଧ୍ୟରେ ୧୧ଟି ଡମ୍ପର ଓ ଗୋଟିଏ ଜେସିବି ଜବତ କରି ୬୦ନଂ. ଜାତୀୟ ରାଜପଥ ଜଳେଶ୍ୱର କୋର୍ଟ ସମ୍ମୁଖରେ ପଡିଆରେ ରଖିଛି । ଗତ କିଛିଦିନ ଧରି ରାଇବଣିଆଗଡ ଅଞ୍ଚଳରୁ ମାଟି ଓ ମୋରମ୍ ଚୋରାରେ ଚାଲାଣ ହେଉଥିବା ଦେଖିବାକୁ ମିଳୁଥିଲା। ଏବେ ପୋଲିସ ଓଡି୦୧୨ଏଚ୍-୬୮୭୭ ଜେସିବି, ଓଡି୨୨ଟି-୪୪୫୧, ଓଡି୦୧ଏୟୁ-୩୧୬୪, ଓଡି୦୫ବିକେ-୫୮୪୮, ଡବ୍ଲ୍ୟୁବି୩୧ଏ-୩୪୭୧, ଡବ୍ଲ୍ୟୁବି୩୧ଏ-୩୬୫୧, ଓଡି୦୧ଏପି-୦୦୭୮, ଓଡି୦୫ବିକେ-୫୮୦୩, ଡବ୍ଲ୍ୟୁବି୩୩ଇ-୨୩୨୪, ଡବ୍ଲ୍ୟୁ୩୩ଡି-୭୫୫୩, ଡବ୍ଲ୍ୟୁ୩୩ଇ-୬୧୦୫ ଡମ୍ପର ଜବତ ହୋଇଛି। ଫଳରେ ଚୋରା ବାଲି, ମାଟି ମାଫିଆଙ୍କ ମଧ୍ୟରେ ଛନକା ପଶିଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ମାଇନିଂ ବିଭାଗର ସହଯୋଗରେ ଏପରି ଚଢାଉ ଆରମ୍ଭ ହୋଇଥିବା କୁହାଯାଇଛି।

## ନିୟମିତ ଆସୁନାହାନ୍ତି ଶିକ୍ଷକ, ଶିକ୍ଷାଦାନ ବ୍ୟାହତ

ଛେନାପଦି,୭।୧୨(ନିରାକାର ପରିଡା)


**ଶାଳନିଆଁ ପ୍ରାଥମିକ ବିଦ୍ୟାଳୟ**



ଛାତ୍ରୀଛାତ୍ରମାନେ ବାହାରେ ବୁଲୁଛନ୍ତି।

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳନିଆଁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନିୟମିତ ଭାବେ ଆସୁନାହାନ୍ତି। ପ୍ରତ୍ୟେକ ଦିନ ଶିକ୍ଷକ ଅଭାବ ଲାଗି ରହୁଥିବାରୁ ପାଠପଢ଼ାରେ ବାଧା ଉପୁଜୁଛି। ଶନିବାର ୪ ଶିକ୍ଷକଙ୍କ ମଧ୍ୟରୁ ୨ ଜଣ ଅନୁପସ୍ଥିତ ରହିଥିଲେ। ଫଳରେ ପିଲା ବାହାରେ ବୁଲୁଥିବାର ଅଭିଭାବକ ଦେଖିଥିଲେ। ଏ ନେଇ ଅସନ୍ତୋଷ ପ୍ରକାଶ ପରିବା ସହ ପ୍ରଧାନଶିକ୍ଷୟିତ୍ରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ବିଦ୍ୟାଳୟରେ ୮ ଟି ଶ୍ରେଣୀରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୮ ଟି ଶ୍ରେଣୀ ପାଇଁ ୪ ଜଣ ଶିକ୍ଷକ ନିଯୁକ୍ତି ରହିଛନ୍ତି। ମାତ୍ର ଅଧିକାଂଶ ସମୟରେ ଜଣେ ୨ ଜଣ ଶିକ୍ଷକେ ସ୍କୁଲ ଆସି ନ ଥାନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥାଏ। ଶନିବାର ୨ ଜଣ ଶିକ୍ଷକ ଆସିଥିବା ବେଳେ ପ୍ରାର୍ଥନା ପରେ ଶିକ୍ଷାଦାନ ନ ହେବାରୁ ଛାତ୍ରୀଛାତ୍ର ବାହାରେ ବୁଲିଥିଲେ। ଅଭିଭାବକମାନେ ଏହା ଦେଖି ସ୍କୁଲରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିବା ବେଳେ ବୁଧବାର ୩ ଜଣ, ଗୁରୁବାର ୨ ଜଣ ଓ ଶନିବାର ୨ ଜଣ ଶିକ୍ଷକ ଅନୁପସ୍ଥିତ ଥିବା ଜାଣିବାକୁ ପାଇଥିଲେ। ବାରମ୍ବାର ଶିକ୍ଷକ ଅନୁପସ୍ଥିତ ଯୋଗୁ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନଷ୍ଟ ହେଉଛି ବୋଲି ଅଭିଭାବକ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପେରେଇ କହିଛନ୍ତି, ଶିକ୍ଷକମାନେ ବିନା ଛୁଟିରେ ଅନୁପସ୍ଥିତ ରହୁଛନ୍ତି। ମୁଁ କ'ଣ କରିପାରିବି ବୋଲି କହି ଅସହାୟ ପ୍ରକାଶ କରିଥିଲେ। ଏବିଇଓ ପ୍ରମୋଦ ନାୟକ କହିଛନ୍ତି, ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୮ ଡିସେମ୍ବର, ୨୦୨୪ | Bhubaneswar, Sunday, 8 December, 2024

# ଭାରତର ସଙ୍କଟ ବଢ଼ିଲା

## ଦିବାରାତ୍ର ଟେଷ୍ଟ

## ଟ୍ରାଭିସ୍ ହେଡ୍‌ଙ୍କ ଶତକ


ଟ୍ରାଭିସ୍ ହେଡ୍

**ଆଡିଲେଡ୍,୭।୧୨(ପି.ଟି.)**

ଆଡିଲେଡ୍‌ରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଦିବାରାତ୍ର ଟେଷ୍ଟରେ ଭାରତୀୟ ଦଳର ସଙ୍କଟ ବଢ଼ିଛି। ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ ୫ ଉଇକେଟ ହରାଇ ୧୨୮ ରନ୍ କରିଛି। ହାତରେ ୫ ଉଇକେଟ ବାକି ରହିଥିବା ବେଳେ ଭାରତୀୟ ଦଳ ୨୯ ରନ୍ ପଛରେ ରହିଛି। ପ୍ରଥମ ଦିନରେ ଭାରତୀୟ ଦଳ ୧୮୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଟ୍ରାଭିସ୍ ହେଡ୍‌ଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ୩୩୭ ରନ୍ କରିବା ସହ ୧୫୭ ରନରେ ଆଗୁଆ ରହିଥିଲା।

ପ୍ରଥମ ଦିନର ଅସମାପ୍ତ ସ୍କୋର ୮୬/୧ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ଦଳୀୟ ସ୍କୋର ୯୧ ରନ୍‌ରେ ଓପନର ନାଥାନ ମ୍ୟାକ୍‌ସୁଇନି ୩୯ ରନ୍ କରି ଯଶପ୍ରୀତ୍ ବୁମ୍‌ରାଙ୍କ ବଲରେ ଆଉଟ ହୋଇଥିଲେ। ନିର୍ଭରଯୋଗ୍ୟ ଷ୍ଟିଭ୍ ସ୍ମିଥ୍ ୨ ରନ୍ କରି ବୁମ୍‌ରାଙ୍କ ତୃତୀୟ ଶିକାର ହୋଇଥିଲେ। ତେବେ ବିଗତ କିଛି ବର୍ଷ ହେବ ଭାରତ ପାଇଁ ଦୁଃସ୍ୱପ୍ନ ପାଲଟିଥିବା ଟ୍ରାଭିସ୍ ହେଡ୍ ପୁନର୍ବାର ଚମତ୍କାର ବ୍ୟାଟିଂ କରିଥିଲେ। ମିଚେଲ ମାର୍ଶ(୯), ଆଲେକ୍ସ କେରୀ(୧୫), ପ୍ୟାଟ୍ କୁମିନ୍ସ(୧୨)ଙ୍କୁ ସାଥୀ କରି ସେ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ୧୪୧ ବଲ୍ ଖେଳି ୧୭ ଚୌକା ଓ ୪ ଛକା ସହାୟତାରେ ସେ ୧୪୦ ରନ୍ କରି ଭାରତୀୟ ବୋଲରଙ୍କ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍ନସ ଲାବୁଶେନ୍ ୬୪ ରନ୍ କରିଥିଲେ। ଲାବୁଶେନ୍ ୧୨୬ ବଲ ଖେଳି ୯ ଚୌକା ମାରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସିରାଜ ୪ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀତୀଶ ରେଡ୍ଡୀ ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୫୭ ରନ୍ ପଛରେ ରହିବା ପରେ ଉଭୟ ଓପନରଙ୍କ ନିକଟରୁ କିଛି ଚମତ୍କାର ଆଶା କରୁଥିଲେ ଭାରତୀୟ ଫ୍ୟାନ୍। ତେବେ ଲୋକେଶ ରାହୁଲ ମାତ୍ର ୭ ରନ୍ କରି ମ୍ୟାଚ୍‌ର ଚତୁର୍ଥ ଓଭରରେ ପ୍ୟାଟ୍ କୁମିନ୍ସଙ୍କ ବଲରେ ଆଉଟ ହୋଇଥିଲେ। ଅନ୍ୟତମ ଓପନର ଯଶସ୍ୱୀ ଜୟସ୍ୱାଲ(୨୪) ଓ ଶୁବମାନ ଗିଲ୍(୨୮) କାଉଣ୍ଟର ଆଟାକ କରି ରନ୍ ଗତି ବଢ଼ାଇବାକୁ ପ୍ରୟାସ କରିଥିଲେ। ଜୟସ୍ୱାଲ ୩୧ ବଲ୍ ଖେଳି ୪ ଚୌକା ସହିତ ୨୪ ରନ୍ କରି ସ୍କଟ ବୋଲାଣ୍ଡଙ୍କ ବଲରେ ଆଉଟ ହୋଇଥିଲେ। ଶୁବମାନ ଗିଲ୍ ମଧ୍ୟ ୩୧ ବଲ୍‌ରୁ ୩ ଚୌକା ସହ ୨୮ ରନ୍ କରି ଷ୍ଟାର୍କଙ୍କ ବଲରେ ବୋଲ୍ଡ ହୋଇଥିଲେ।

ତେବେ ଦୁଇ ସିନିୟର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ରହିଥିଲା। କୋହଲି ଆଉଥରେ ବିଫଳ ହୋଇ ୧୧ ରନ୍‌ରେ କଟ ବିହାଇଣ୍ଡ ହୋଇଥିଲେ। କ୍ରମାଗତ ଭାବରେ ଅଫ୍ ଷ୍ଟମ୍ପ ବାହାର ବଲ୍ ଖେଳିବାରେ ସେ ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ମିଡିଲ ଅର୍ଡରରେ ବ୍ୟାଟିଂ କରିଥିବା ରୋହିତ ଶର୍ମା ମଧ୍ୟ ବିଫଳ ହୋଇ ଭାରତର ଚିନ୍ତା ବଢ଼ାଇଥିଲେ। ମାତ୍ର ୬ ରନ୍ କରି ରୋହିତ ଆଉଟ ହେବା ସହ ଭାରତ ୧୦୫ ରନ୍‌ରେ ୫ ଉଇକେଟ ହରାଇଥିଲା। ପରେ ରିଷଭ ପନ୍ତ ୨୮ ଓ ନୀତୀଶ ରେଡ୍ଡୀ ୧୫ ରନ୍‌ରେ ଅପରାଜିତ ରହିଥିବା ବେଳେ ଭାରତ ୨୪ ଓଭରରେ ୫ ଉଇକେଟ ହରାଇ ୧୨୮ ରନ୍ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ପ୍ୟାଟ୍ କୁମିନ, ସ୍କଟ୍ ବୋଲାଣ୍ଡ ଦୁଇଟି ଲେଖାଏ ଓ ମିଚେଲ ଷ୍ଟାର୍କ ଗୋଟିଏ ଉଇକେଟ ନେଇଛନ୍ତି।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ ୧୮୦/୧୦।
ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୮୭.୩ ଓଭରରେ ୩୩୭/୧୦(ଟ୍ରାଭିସ୍ ହେଡ୍–୧୪୦, ମାର୍ନସ ଲାବୁଶେନ୍–୬୪, ନାଥାନ ମ୍ୟାକସୁଇନି–୩୯, ଯଶପ୍ରୀତ୍ ବୁମ୍‌ରା–୪/୬୧, ମହମ୍ମଦ ସିରାଜ–୪/୯୮, ନୀତୀଶ ରେଡ୍ଡୀ–୧/୨୫)।
ଭାରତ ଦ୍ୱିତୀୟ ଇନିଂସ ୨୪ ଓଭରରେ ୧୨୮/୫ (ଶୁବମାନ ଗିଲ୍–୨୮, ରିଷଭ ପନ୍ତ–୨୮*, ଯଶସ୍ୱୀ ଜୟସ୍ୱାଲ–୨୪, ପ୍ୟାଟ୍ କୁମିନ୍ସ–୨/୩୩, ସ୍କଟ ବୋଲାଣ୍ଡ–୨/୩୯, ମିଚେଲ୍ ଷ୍ଟାର୍କ–୧/୪୯)।

## ଶେଷ ୨ ଟେଷ୍ଟ ଖେଳିବେ ଶାମି

**ନୂଆଦିଲ୍ଲୀ,୭।୧୨(ପି.ଟି.)**

ଭାରତୀୟ ପେସ୍ ବୋଲର ମହମ୍ମଦ ଶାମି ବର୍ଡର–ଗାଭାସ୍କର ଟ୍ରଫିର ଅନ୍ତିମ ୨ ମ୍ୟାଚ୍ ଖେଳିବେ। ଦିନିକିଆ ବିଶ୍ୱକପ ପରେ ଗୋଇଠି ଅସ୍ତ୍ରୋପଚାର କାରଣରୁ ଶାମି କ୍ରିକେଟରୁ ଦୂରେଇ ରହିଥିଲେ। ରିହାବ ପରେ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ତାଙ୍କୁ ଦଳରେ ସ୍ଥାନ ମିଳି ନ ଥିଲା। ପ୍ରଥମେ ବେଙ୍ଗଲ ପକ୍ଷରୁ ଏକ ରଣଜୀ ଟ୍ରଫି ମ୍ୟାଚ୍ ଖେଳିଥିବା ବେଳେ ପରେ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ଖେଳିଥିଲେ। ଶାମିଙ୍କ ଭାରତୀୟ ଦଳର କିଟ୍ ବ୍ୟାଗ ବର୍ତ୍ତମାନ ସୁଦ୍ଧା ଅଷ୍ଟ୍ରେଲିଆରେ ପହଞ୍ଚି ସାରିଛି। ତେବେ ଶାମିଙ୍କୁ ଏ ଯାଏ ନ୍ୟାଶନାଲ କ୍ରିକେଟ ଏକାଡେମୀ ପକ୍ଷରୁ ଫିଟ୍‌ନେସ ସାର୍ଟିଫିକେଟ ମିଳି ନାହିଁ। ତେବେ କିଟ୍ ପହଞ୍ଚି ସାରିଥିବାରୁ ଶାମିଙ୍କୁ ଫିଟ୍‌ନେସ ସାର୍ଟିଫିକେଟ ମିଳିବା ଆପାତତଃ ନିଶ୍ଚିତ ହୋଇଯାଇଛି।

## କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ


କିଟ୍ ଚେସ୍ ମହୋତ୍ସବରେ ଅନୁଷ୍ଠିତ ଏକ ମ୍ୟାଚ୍।

**ଭୁବନେଶ୍ୱର, ୭।୧୨ (ବିଜୟ ରଣା)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୫ତମ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବର କାଟେଗୋରି 'ଏ'ର ୭ମ ରାଉଣ୍ଡ ଏବଂ କାଟେଗୋରି 'ସି'ର ୪ର୍ଥ ରାଉଣ୍ଡ ଖେଳ ଶେଷ ହୋଇଛି। ଶନିବାର ଖେଳ ଶେଷସୁଦ୍ଧା କାଟେଗୋରି 'ଏ'ରେ ଭାରତର ଆଇଏମ୍ ଆରୋନ୍ୟକ ଘୋଷ ଓ କୌସ୍ତୁଭ କୁଣ୍ଡୁ ପ୍ରତ୍ୟେକ ୬ ପଏଣ୍ଟ ସହ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରୁଷିଆର ଜିଏମ୍ ସାଭଚେଙ୍କୋ ବୋରିସ, ଭିଏତ୍‌ନାମର ଜିଏମ୍ ଏନ୍‌ଗୁୟେନ ଭାନ୍ ହୁଇ ଏବଂ ବେଲାରୁଷର ପୋଦୋଲଚେଙ୍କୋ ଏଭଜେନି ପ୍ରମୁଖ ସମାନ ୬ପଏଣ୍ଟ ଲେଖାଏ ଅର୍ଜନ କରି ଯଥାକ୍ରମେ ୩ୟରୁ ୫ମ ସ୍ଥାନ ଅଧିକାର କରିଛନ୍ତି। କାଟେଗୋରି 'ଏ' ଖେଳ ସୋମବାର ଶେଷ ହେବ। ଏଥିରେ ମୋଟ ୩୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ବ୍ୟବସ୍ଥା ରହିଛି।

ସେହିପରି କାଟେଗୋରି 'ସି'ର ୪ର୍ଥ ରାଉଣ୍ଡ ଖେଳ ଶେଷସୁଦ୍ଧା ପ୍ରଥମ ୧୦ ସ୍ଥାନରେ ୪ ପଏଣ୍ଟ ସହ ସମସ୍ତ ଭାରତୀୟ ଖେଳାଳି ରହିଛନ୍ତି। ପ୍ରଥମ ୫ ସ୍ଥାନରେ ରହିଥିବା ଖେଳାଳିମାନେ ହେଲେ ଗେଗୋର ସଂସ୍କାର, ମୟଙ୍କ ସଂସ୍କାର ହେଦାଉ, ସିଦ୍ଧାର୍ଥ ଚନ୍ଦ୍ର, ଆୟୁଶ୍ରୀ ସରକାର ଓ ପାଣିଗ୍ରାହୀ କୌଶିକ୍। ସେହିପରି କାଟେଗୋରି 'ସି' ଖେଳ ମଧ୍ୟ ସୋମବାର ଶେଷ ହେବ। ଏଥିପାଇଁ ମୋଟ ପୁରସ୍କାର ରାଶି ୧୫ ଲକ୍ଷ ଟଙ୍କା ରଖାଯାଇଛି। ଏହି କାଟେଗୋରିରେ ମୋଟ ୪୪୩ ଖେଳାଳି ଅଂଶଗ୍ରହଣ କରିଛନ୍ତି। ତନ୍ମଧ୍ୟରେ ଓଡ଼ିଶାର ୨୭୦ ଖେଳାଳି ରହିଛନ୍ତି। ଏଥିରେ ୫ଟି ଦେଶ ଯଥା ସାଇପ୍ରସ, ନେପାଳ, କେନିଆ, ଶ୍ରୀଲଙ୍କା ଓ ଭାରତର ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି।

## କିଟ୍ ମହିଳା ଦଳର ବୃହତ୍ ବିଜୟ

### ରାଜ୍ୟ ସିନିୟର ସଫ୍ଟବଲ

**ଭୁବନେଶ୍ୱର,୭।୧୨(ସରୋଜ ଜେନା)**

ଓଡ଼ିଶା ସଫ୍ଟବଲ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଟକର ସତ୍ୟବ୍ରତ ଷ୍ଟାଡିୟମରେ ୨୩ତମ ରାଜ୍ୟ ସିନିୟର ସଫ୍ଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିନର ଖେଳ ଶନିବାର ଶେଷ ହୋଇଛି। ଦ୍ୱିତୀୟ ଦିନରେ କିଟ୍ ମହିଳା ଦଳ ବୃହତ ବିଜୟ ହାସଲ କରିଛି। ମହିଳା ବର୍ଗରେ ଯାଜପୁର ୧୧–୦ରେ ସୁନ୍ଦରଗଡକୁ ପରାସ୍ତ କରିଥିବା ବେଳେ କିଟ୍ ୨୧–୧ରେ କଟକକୁ ଓ ପୁରୀ ୭–୦ରେ କିଟ୍‌କୁ ପରାସ୍ତ କରିଥିଲା। ପୁରୁଷ ବର୍ଗରେ ସମୁଦାୟ ୧୪ ମ୍ୟାଚ୍ ଖେଳା ଯାଇଥିଲା। ପୁରୁଷ ବର୍ଗ ମ୍ୟାଚ୍‌ରେ ନୟାଗଡ ୧୨–୬ରେ ସୁନ୍ଦରଗଡକୁ, ନୟାଗଡ ୧୧–୧ରେ ଭଦ୍ରକକୁ, ଖୋର୍ଦ୍ଧା ୮–୭ରେ ଯାଜପୁରକୁ, ପୁରୀ ୯–୦ରେ କଟକକୁ, ପୁରୀ ୧୦–ରେ ରାଉରକେଲାକୁ, କିଟ୍ ୧୪–୦ରେ ସୁନ୍ଦରଗଡକୁ, କିଟ୍ ୧୫–୦ରେ ଭଦ୍ରକକୁ, ଢେଙ୍କାନାଳ ୧୫–୫ରେ କେନ୍ଦୁଝରକୁ, ଭୁବନେଶ୍ୱର ୧୧–୦ରେ କଟକକୁ, ସୁନ୍ଦରଗଡ ୧୧–୦ରେ ଭଦ୍ରକକୁ, ସୋଆ ୫–୧ରେ ପୁରୀକୁ, ସୋଆ ୧୧–୦ରେ ଢେଙ୍କାନାଳକୁ,ପୁରୀ ୧୫–୦ରେ କେନ୍ଦୁଝରକୁ ଓ କଟକ ୧୨–୦ରେ ରାଉରକେଲାକୁ ପରାସ୍ତ କରିଥିଲା।


ରାଜ୍ୟ ସିନିୟର ସଫ୍ଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଅନୁଷ୍ଠିତ ଏକ ମ୍ୟାଚ୍।

## ଗତିକୃଷ୍ଣ ପଣ୍ଡା ମେମୋରିଆଲ୍ ଫୁଟ୍‌ବଲ

### ଶିବଶକ୍ତି କ୍ଲବ ବିଜୟୀ

**ଭୁବନେଶ୍ୱର, ୭।୧୨(ସରୋଜ ଜେନା)**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଗତିକୃଷ୍ଣ ପଣ୍ଡା ମେମୋରିଆଲ୍ ବି ଡିଭିଜନ୍ ଫୁଟବଲ୍ ଲିଗ୍ ଶନିବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଶିବଶକ୍ତି କ୍ଲବ ୨–୦ ଗୋଲରେ କଳିଙ୍ଗ ସ୍ପୋର୍ଟିଙ୍ଗକୁ ପରାସ୍ତ କରିଥିଲା। ଶିବଶକ୍ତି କ୍ଲବ ପକ୍ଷରୁ ରାକେଶ ସେଠୀ(୭ ମିନିଟ) ଓ କାଲୁଶ୍ରୀଜନ ମାଝୀ (୧୬ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିଜୟୀ ଦଳର ମନୋଜ କୁମାର ମୁର୍ମୁଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ(ବିଏଏ) ସଭାପତି ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବ ପ୍ରସାଦ ପଣ୍ଡା, ବିଷ୍ଣୁ ପ୍ରସାଦ ପଣ୍ଡା ଓ ବିଏଏର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୂର୍ବତନ ଫୁଟବଲର ଦେବ ସିଂ ଓ ଫାଓ ସଭାପତି ସମୀର ଦେଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା।


ମୁଖ୍ୟ ଅତିଥି ଓ ଅନ୍ୟମାନଙ୍କ ସହ ପରିଚିତ ହେଉଛନ୍ତି ଉଭୟ ଦଳର ଖେଳାଳି।

## ଇନ୍ଦୁ ଚାଣ୍ଡୋକଙ୍କ ଦେହାନ୍ତ

**ଚେନ୍ନାଇ, ୭।୧୨ (ପି.ଟି.)**

ଫେଡେରେଶନ ଅଫ୍ ମୋଟର ସ୍ପୋର୍ଟ୍ସ କ୍ଲବ୍ସ ଅଫ୍ ଇଣ୍ଡିଆ (ଏଫ୍‌ଏମ୍‌ଏସ୍‌ସିଆଇ)ର ପ୍ରତିଷ୍ଠାତା ସଦସ୍ୟ ଇନ୍ଦୁ ଚାଣ୍ଡୋକଙ୍କର ଏଠାରେ ଶନିବାର ପରଲୋକ ହୋଇଛି। ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଦେଶରେ ମୋଟର ସ୍ପୋର୍ଟ୍ସର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ତାଙ୍କର ବିଶେଷ ଭୂମିକା ରହିଛି। ଇନ୍ଦୁଙ୍କ ଜନ୍ମ କୋଲକାତାରେ ହୋଇଥିଲା। ପରେ ସେ ମାଡ୍ରାସରେ ଯାଇ ବାସ କରୁଥିଲେ। ୧୯୫୩ରେ ସେ ମାଡ୍ରାସ ମୋଟର ସ୍ପୋର୍ଟ୍ସ କ୍ଲବ (ଏମ୍‌ଏମ୍‌ଏସ୍‌ସି)ର ସହ ପ୍ରତିଷ୍ଠାତା ଥିଲେ। ପରେ ସେ ୧୯୭୧ରେ ଏଫ୍‌ଏମ୍‌ଏସ୍‌ସିଆଇର ସହ ପ୍ରତିଷ୍ଠାତା ହେବା ସହ ୧୯୭୮ରୁ ୧୯୭୯ ପର୍ଯ୍ୟନ୍ତ ଏହାର ସଭାପତି ଭାବେ କାର୍ଯ୍ୟ କରିଥିଲେ। ସେ ଆହୁରି ମଧ୍ୟ ଚେନ୍ନାଇ ଉପକଣ୍ଠସ୍ଥିତ ଶ୍ରୀପେରୁମ୍ବୁଦରୁ ନିକଟରେ ରହିଥିବା ମାଡ୍ରାସ ଇଣ୍ଟରନ୍ୟାଶନାଲ ସର୍କିଟ (ମାଡ୍ରାସ ମୋଟର ରେସ୍ ଟ୍ରାକ୍)ର କ୍ରୟ ଏବଂ ବିକାଶ ପାଇଁ ଉଦ୍ଦିଷ୍ଟ ଟ୍ରଷ୍ଟର ଜଣେ ଅନ୍ୟତମ ପ୍ରମୁଖ ଅଂଶୀଦାର ରହିଥିଲେ। ଇନ୍ଦୁ ୬ଦଶନ୍ଧି ଧରି ମୋଟର ସ୍ପୋର୍ଟ୍ସ ସହିତ ଜଡ଼ିତ ଥିଲେ। ପ୍ରଥମେ ସେ ଜଣେ ପ୍ରତିଯୋଗୀ ଏବଂ ପରେ ଜଣେ ଆୟୋଜକ ଭାବେ ସୂଚାରୁ ରୂପେ ତାଙ୍କ ଦାୟିତ୍ୱ ତୁଲାଇଥିଲେ। ଭାରତରେ ମୋଟର ସ୍ପୋର୍ଟ୍ସରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ 'ଗଡ୍‌ଫାଦର ଅଫ୍ ମୋଟର ସ୍ପୋର୍ଟ୍ସ' ବୋଲି କୁହାଯାଇଥାଏ।

## ଜାତୀୟ ସ୍ଲିଙ୍ଗଶଟ୍ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୭।୧୨(ସରୋଜ ଜେନା)**

ମହାରାଷ୍ଟ୍ରର ଶିରିଡିରେ ହେବାକୁ ଥିବା ଜାତୀୟ ସ୍ଲିଙ୍ଗଶଟ୍ (ବାଟୁଳି) ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ରବିବାରଠାରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଓଡ଼ିଶା ପୁରୁଷ ସିନିୟର ଦଳରେ ସନ୍ତୋଷ କୁମାର ମହାରଣା, ଶୁଭେନ୍ଦୁ କୁମାର ଲେଙ୍କା, ଶକ୍ତି ବେହେରା, ପ୍ରଫୁଲ୍ଲ ଦାସ, ଆଶିଷ ମହାନ୍ତି ଓ ସପନ କୁମାର ମିଶ୍ର ସ୍ଥାନ ପାଇଛନ୍ତି।

## ଲାଣ୍ଡୋ ନୋରିସଙ୍କୁ ପୋଲ୍ ପୋଜିଶନ

**ଆବୁଧାବି, ୭।୧୨ (ଏପି)**

ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ସିଜନ ଶେଷ ଫର୍ମୁଲା ୱାନ ରେସ୍ ଆବୁଧାବି ଗ୍ରାଁପ୍ରି ପାଇଁ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ନୋରିସଙ୍କ ଟିମ୍‌ମେଟ୍ ଓସ୍କାର ପିଆଷ୍ଟ୍ରି ଦ୍ୱିତୀୟ ହୋଇଥିବା ବେଳେ ଫେରାରିର କାର୍ଲୋସ ସେଞ୍ଜ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୭ଥର ଫର୍ମୁଲା ୱାନ ଚାମ୍ପିୟନ ଲୁଇସ୍ ହାମିଲଟନ ରବିବାର ଗ୍ରୀଡ୍‌ର ୧୮ତମ ସ୍ଥାନରୁ ରେସ୍ ଆରମ୍ଭ କରିବେ। ଶନିବାର ଫାଇନାଲ କ୍ୱାଲିଫାଇଂ ଲାପ୍‌ରେ ଦୁର୍ଘଟଣା ପାଇଁ ତାଙ୍କୁ ପେନାଲ୍ଟି ହୋଇଥିଲା। ମର୍ସିଡିଜ ଟିମ୍ ସହିତ ତାଙ୍କର ଏହା ହେଉଛି ଶେଷ ରେସ୍। ଏହି ଟିମ୍ ସହିତ ସେ ୧୨ବର୍ଷ ରହିଆସିଥିଲେ ଏବଂ ୬ଥର ଡ୍ରାଇଭର୍ସ ଟାଇଟଲ ଜିତିଥିଲେ। ୨୦୨୫ ସିଜନରେ ସେ ଫେରାରି ଟିମ୍ ତରଫରୁ ରେସ୍ କରିବେ। କ୍ୱାଲିଫାଇଂରେ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ନିକୋ ହକେନବର୍ଗ (ହାସ୍), ମାକ୍ସ ଭର୍ଷ୍ଟାପେନ (ରେଡ୍‌ବୁଲ୍), ପିଏରେ ଗାସ୍‌ଲି (ଅଲ୍‌ପାଇନ୍), ଜର୍ଜ ରସେଲ (ମର୍ସିଡିଜ୍), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ), ଭାଲ୍‌ଟେରୀ ବୋଟାସ (ସୌବେର) ଓ ସର୍ଗିଓ ପେରେଜ)।

## ବିଶ୍ୱ ଚେସ୍ ଚାମ୍ପିୟନଶିପ

## ଦଶମ ରାଉଣ୍ଡ ମ୍ୟାଚ୍ ଡ୍ର

**ସିଙ୍ଗାପୁର, ୭।୧୨(ପି.ଟି.)**

ସିଙ୍ଗାପୁରରେ ଚାଲିଥିବା ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ର ଦଶମ ରାଉଣ୍ଡ ମ୍ୟାଚ୍ ଡ୍ର'ରେ ଶେଷ ହୋଇଛି। ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଓ ଡିଫେଣ୍ଡିଂ ଚାମ୍ପିୟନ ଡିଙ୍ଗ ଲିରେନଙ୍କ ମଧ୍ୟରେ ଏହା ଲଗାତର ସପ୍ତମ ମ୍ୟାଚ୍, ଯାହା ଡ୍ର'ରେ ଶେଷ ହୋଇଛି। ଦଶମ ରାଉଣ୍ଡରେ ଗୁକେଶ କଳା ଗୋଟିରେ ଖେଳୁଥିବା ବେଳେ ଡିଙ୍ଗ ଲିରେନ୍ ଫେଭରିଟ୍ ରହିଥିଲେ। ତେବେ ଚମତ୍କାର ପ୍ରଦର୍ଶନ ସହ ଗୁକେଶ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଥିଲେ। ଗୁକେଶ ଲଣ୍ଡନ ସିଷ୍ଟମ ଗେମ୍ ଖେଳିଥିଲେ। ମାତ୍ର ୩୬ ମୁଭ ପରେ ଉଭୟ ଖେଳାଳି ଡ୍ର ପାଇଁ ସହମତି ପ୍ରକାଶ କରିଥିଲେ। ସପ୍ତମ ରାଉଣ୍ଡ ଖେଳ ସମାପ୍ତ ହୋଇଥିବା ବେଳେ ଉଭୟ ଖେଳାଳି ୫ ପଏଣ୍ଟ ଲେଖାଏ ଅର୍ଜନ କରିଛନ୍ତି। ଉଭୟ ଖେଳାଳି ଗୋଟିଏ ଲେଖାଏ ବିଜୟ ଓ ୪ଟି ଲେଖାଏ ଡ୍ର ସହିତ ସମାନ ସ୍ଥିତିରେ ରହିଛନ୍ତି। ଉଭୟ ଖେଳାଳିଙ୍କ ମଧ୍ୟରେ ଯିଏ ପ୍ରଥମେ ୭.୫ ପଏଣ୍ଟ ହାସଲ କରିବେ ସେ ଏହି ସମ୍ମାନଜନକ ଟାଇଟଲ ଜିତିବାର ଗୌରବ ଅର୍ଜନ କରିବେ।

## ୧୦୦ ମିଟର ଫାଇନାଲରେ ଜୟରାମ

### ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ

**ଭୁବନେଶ୍ୱର,୭।୧୨(ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ଶନିବାରଠାରୁ ୩୯ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେଏହି ପ୍ରତିଯୋଗିତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଶନିବାର ୧୦୦ ମିଟର ସ୍ପ୍ରିଣ୍ଟରେ ଓଡ଼ିଶାର ଦଣ୍ଡପତି ମୃତି ଜୟରାମ ପ୍ରଥମ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ହିଟ୍ସରେ ଜୟରାମ ୧୦.୬୮ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ପ୍ରଥମେ ୨୦ ବର୍ଷରୁ କମ୍ ୧୦ ହଜାର ମିଟର ରେସ୍ ଅନୁଷ୍ଠିତ ହୋଇଥିଲା। ୧୦ ହଜାର ମିଟର ରେସ୍ ମଧ୍ୟ ପ୍ରଦେଶର ବିନୋଦ ସିଂ ୨୯:୪୩.୩୯ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନରେ ରହିଥିଲେ। ସେହିପରି ମହିଳା ୫ ହଜାର ମିଟର ରେସ୍‌ରେ ମହାରାଷ୍ଟ୍ରର ପ୍ରାଚୀ ଦେବକାର ୧୭:୨୨.୭୯ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୨୦ ବର୍ଷରୁ କମ୍ ମହିଳା ୧୦୦ ମିଟର ସ୍ପ୍ରିଣ୍ଟରେ ଗୁଜରାଟର ସାକ୍ଷୀ ଚଭନ ୧୧.୮୬ ସେକେଣ୍ଡର ଟାଇମିଂ ସହ ହିଟ୍ସରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

ପୁରୁଷ ୨୦ ବର୍ଷରୁ କମ୍ ଲଙ୍ଗଜମ୍ପରେ ରାଜସ୍ଥାନର ମନଦୀପ ସିଂ ୭.୩୮ ମିଟର ଜମ୍ପ ସହ ପ୍ରଥମ ସ୍ଥାନରେ ରହିଥିଲେ। ସେହିପରି କେରଳର ମହମ୍ମଦ ହୁସେନ ଓ ଉତ୍ତର ପ୍ରଦେଶର ମହମ୍ମଦ ତୌସିଫ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ୨୦ ବର୍ଷରୁ କମ୍ ମହିଳା ଡିସ୍କସ ଥ୍ରୋରେ ରାଜସ୍ଥାନର ନୀତିକା କୁମାର ୪୮.୩୧ ମିଟର ଦୂରତା ସହ ପ୍ରଥମ ସ୍ଥାନ ହାସଲ କରିଥିଲେ। ଅନ୍ୟ ପକ୍ଷରେ ଏସିଆନ ୨୦ ବର୍ଷରୁ କମ୍ ରୌପ୍ୟ ପଦକ ବିଜୟିନୀ ପଞ୍ଜାବର ଅମାନତ କାମ୍ବୋଜ ୧୮ବର୍ଷରୁ କମ୍ ମହିଳା ଡିସକସ୍ ଥ୍ରୋ ଇଭେଣ୍ଟରେ ଏକ ଦଶନ୍ଧିର ପୁରୁଣା ମିଟ୍ ରେକର୍ଡକୁ ଭଙ୍ଗ କରି ଦୃଷ୍ଟି ଆକର୍ଷଣ କରିଛନ୍ତି। ୧୭ ବର୍ଷୀୟା ଅମାନତ ୫୨.୫୪ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏଥି ସହିତ ସେ ୨୦୧୨ରେ ନଭଜିତ୍ ଧିଲୋଁ (୪୯.୫୪ ମିଟର)ଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୁଣା ମିଟ୍ ରେକର୍ଡକୁ ଭଙ୍ଗ କରି ଦେଇଛନ୍ତି।



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୩୯ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ୨୦ ବର୍ଷରୁ କମ୍ ମହିଳା ୧୦୦ ମିଟର ରେସ୍‌ରେ ଭାଗନେଇଥିବା ପ୍ରତିଯୋଗୀମାନେ। (ଫଟୋ– ବିକାଶ ନାୟକ)

## ଓଡ଼ିଶା ଦଳରେ ଏଏମ୍‌ଏନ୍‌ଏସ୍ ଏଚ୍‌ପିସିର ୧୧ ଖେଳାଳି

**ଭୁବନେଶ୍ୱର,୭।୧୨(ସରୋଜ ଜେନା)**

ଉତ୍ତରପ୍ରଦେଶର ଆଲିଗଡ଼ଠାରେ ଅନୁଷ୍ଠିତ ଜୁନିୟର ଜାତୀୟ ଖୋ ଖୋ ଚମ୍ପିଅନଶିପ–୨୦୨୪ରେ ଓଡ଼ିଶା ବାଳକ ଓ ବାଳିକା ଦଳ ରନରଅପ୍ ରହିଥିଲେ। ନଭେମ୍ବର ୨୫–୨୯ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଏମ/ଏନଏସ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି)ର ୧୧ ଜଣ ଆଥଲେଟ ଓଡ଼ିଶାର ପ୍ରତିନିଧି କରିଥିଲେ। ବାଳକ ଦଳରେ ଏଚ୍‌ପିସିର ସୁନୀଲ ପାତ୍ର, କୁନା ବେହେରା ଓ ଯଶୱନ୍ତ ଯାଦବ ସାମିଲ ଥିବା ବେଳେ ଓଡ଼ିଶା ବାଳିକା ଦଳରେ ଅର୍ଚ୍ଚନା ପ୍ରଧାନ, ହରପ୍ରିୟା ଭୂୟାଁ, ସବିତା ମୁର୍ମୁ, ବାସନ୍ତୀ ନାଗ, ଲିସାରାଣୀ ରାଇତା, ଆଶିକା କୁଜୁର, କେ.ରମ୍ୟା ଓ ଶୁଭଶ୍ରୀ ମଲ୍ଲିକ ସାମିଲ ଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ